ମଣ୍ଡୂକ ବୋଲନ୍ତି ଭେକକୁ ମଣ୍ଡୂକ ବୋଲାଇ ପୁଣି ପଣ୍ଡିତ ।
କାଳିକା ବୋଲାଇ ମେଘସମୂହ, ଯେ କାଳିକା ଚଣ୍ଡିକା, ଜାଣ ।
ଜନକ ବୋଲନ୍ତି ତାତକୁ ; ଜନକ ନୃପତିଭେଦରେ ଯେନ ।
ପେଚକ ହସ୍ତିଲାଙ୍ଗୁଳ, ଯେ ପେଚକ ବୋଲାଇ ବାୟସାରାତି ।
ଉଲୂକ ବୋଲାଇ ଦିବାନ୍ଧ, ଉଲୂକ ଭାରତଯୋଦ୍ଧାରେ ବର୍ତ୍ତି ।
କୂପକ ବୋଲି କୁତୁପରେ, ତୈଳକୁ, କୂପକ ଗୁଣବୃକ୍ଷକ ।
ତାରକ ମନ୍ତ୍ର, ତାରକ ଦୈତ୍ୟଭେଦେ, ପୁଣି ତାରକ ନାବିକ ।

ତାରକା ନାମ କହଇ କନୀନିକା, ତାରକା ତାରା ବୋଲାଇ ।
ଅଲୋକ ଶବ୍ଦ ଦ୍ୟୋତରେ, ଲୋଚନରେ, ବନ୍ଦଭାଷଣେ ବର୍ତ୍ତଇ ।
ବାହ୍ଲିକ ବୋଲାଇ କୁଙ୍କୁମ, ବାହ୍ଲିକ ହିଙ୍ଗୁ, ସେ ବାହ୍ଲିକ ଦେଶ ।
ବର୍ତ୍ତିକ ନେତ୍ରରୋଗନାଶ ଔଷଧ, ବର୍ତ୍ତିକ ପକ୍ଷିବିଶେଷ ।
କଳଙ୍କ ବୋଲି ଲାଞ୍ଛନକୁ, କଳଙ୍କ ବୋଲି ସେ ଅପବାଦକୁ ।
ସୂଚକ ଶବ୍ଦ ଶୁନରେ ପ୍ରବର୍ତ୍ତଇ, ସୂଚକ ବୋଲି ଖଳକୁ ।
ପୃଥୁକ ଶବ୍ଦ ପୃଥୁକାରେ, ଚିପିଟେ, ପୃଥୁ ନୃପଭେଦେ, ଜାଣ ।
ଖନକ ବୋଲାଇ ଇନ୍ଦୁର, ଖନକ ସନ୍ଧିଚୋରରେ ପୁଣ ।
ନାୟକ ବୋଲି ଶ୍ରେଷ୍ଠକୁ, ପୁରୁଷକୁ ; ଶାୟକ ଖଡ୍ଗ, ଶର ।
ବଞ୍ଚକ ଶବ୍ଦ ଶୃଗାଳରେ ପ୍ରବର୍ତ୍ତେ, ବଞ୍ଚକ ନାସ୍ତିକ ନର ।
ଜମ୍ବୁକ ବୋଲି ଶୃଗାଳକୁ, ନୀଚକୁ, ଜମ୍ବୁକ ଜଳେଶ୍ୱର ।
କଞ୍ଚୁକ ନାମ ସର୍ପଚର୍ମେ, ଔଷଧେ, କଞ୍ଚୁକ ବାରବାଣର ।
ଚଷକ ନାମ କୃଷକେ, ପ୍ରବର୍ତ୍ତଇ ଚଷକ ସେ ମଦ୍ୟପାତ୍ର ।
କୀଚକ ବଂଶଭେଦେ ଅଛି, କୀଚକ ବିରାଟଶାଳକ ଶବ୍ଦ ।
କୁଳିକ ନାମ ନାଗଭେଦେ, କୁଳିକ ଉତ୍ତମକୁଳରେ ଭଣି ।
ନରକ ନାମ ଭୂମିପୁତ୍ର, ଦୈତ୍ୟରେ, ନରକ ନିରୟେ ଗଣି ।
ତକ୍ଷକ ବୋଲାଇ ବର୍ଦ୍ଧକି, ତକ୍ଷକ ଅଷ୍ଟକୁଳନାଗେ ସେନ ।
କଣ୍ଟକ ବୋଲାଇ କ୍ଷୁଦ୍ରଶତ୍ରୁ, ରୋଗ, କଣ୍ଟକ ଲଗ୍ନକୁ ଗଣି ।
ଇକ୍ଷ୍ୱାକୁ ବୋଲାଇ କ୍ଷୁଦ୍ରତୁମ୍ବିକା, ସେ ସୂର୍ଯ୍ୟବଂଶନରେଶ୍ୱର ।
ଆତଙ୍କ ବୋଲାଇ ରୋଗସନ୍ତାପକୁ, ଆତଙ୍କ କାମୁକ, କ୍ରୂର ।
ଚୌରିକ ସୁବର୍ଣ୍ଣ, ଚୌରିକ ଚୌର୍ଯ୍ୟ, ସେ ଚୌରିକ ବୋଲାଇ ଶ୍ୱାନ ।
କରକ ଦାଡ଼ିମ୍ବ, କମଣ୍ଡଳୁ ବାଣ, ନାରିକେଳଫଳ ସେନ ।
ଦେଶକୁ, ଶ୍ରେଷ୍ଠକୁ, ଔଷଧିକ, ବୃକ୍ଷଭେଦକୁ, ବୋଲି ତିଳକ ।
ବୃନ୍ଦ, ରୋମାଞ୍ଚ, ହରିତାଳ, ପ୍ରସ୍ତର, କ୍ରମେ ବୋଲନ୍ତି ପୁଲକ ।
ପୁଷ୍ପକ କୁବେରରଥ, ନେତ୍ରରୋଗ, ପୁଷ୍ପକ ରଥ କଙ୍କଣ ।
ପୁଷ୍ପକ ଶକଟ, ପୁଷ୍ପକ କଳକା, ପୁଷ୍ପକ ସେ ରସାଞ୍ଜନ ।
ବାଳିକା ବୋଲାଇ ପତ୍ରକାହାଳ, ସେ ବାଳିକା କର୍ଣ୍ଣଭୂଷଣ ।
ବାଳିକା ବୋଲନ୍ତି ବାଳାକୁ, ବାଳିକା ବାଲୁକା, ଏଳାରେ, ସେନ ।
ରସିକା ରତିବରକ୍ଷଣା ରମଣୀ, ଇକ୍ଷୁଲତା, ଗୁଡ଼ଫଳ ।
ତଲ୍ଲକ ଅମ୍ଲାନ, କନ୍ଦୁକ ସେ ଅନୁରାଗୀ, ସୁରଙ୍ଗହୁଲୁକ ।
ରୁଚକ ବୀଜପୂର, ଦନ୍ତୀ, କପୋତ ; ପୁତ୍ରିକା ପିତୁଳୀ, ସୁତା ।
ଭ୍ରମକ ରୋଗ, ବଡ଼ାଳ ; ହେମ, ଧୂର୍ତ୍ତ, ଜମ୍ବୁକେ, ହ୍ରସ୍ୱଇ ସୁକ୍ତା ।
କନକ ସୁବର୍ଣ୍ଣ, କନକ ଚମ୍ପାୟେ, କନକ ନାଗକେଶର ।
କନକ ପୁଂନାଗ, କନକ ସୁନାରୀ, ପୁଣି କନକ ଧୁସ୍ତୁର ।

ପ୍ରିୟକ, ମୃଗ ପ୍ରିୟକ ଯେ କଦମ୍ବ, ପ୍ରିୟକ ପ୍ରିୟଙ୍ଗୁ ହୋଇ ।
ପ୍ରିୟକ, ପୀତ, ଶାଳତରୁ, ପ୍ରିୟକ ଚନ୍ଦନଠାରେ ପ୍ରବର୍ତ୍ତଇ ।
କଟକ ସମୁଦ୍ରଲବଣ, ବଳୟ, ଦ୍ୱିରଦଦନ୍ତମଣ୍ଡଳ ।
ସାନୁନିତମ୍ବ, ରାଜଧାନୀ, ଏତେକ କଟକଶବ୍ଦ ମଣ୍ଡଳ ।
କୌଶିକ ବିଶ୍ୱାମିତ୍ର, ଇନ୍ଦ୍ର, ନକୁଳ, ପୁଣି ପେଚକ, ଗୁଗ୍ଗୁଳ :
ଶସ୍ତ୍ରବୈଦ୍ୟ ନାମ କୌଶିକ କୌଶିକ, ନଦୀ, ଚଣ୍ଡୀ ନାମ ଭାଲ ।
ମାତୃକା କହ ମାଇକାଙ୍କୁ ; ପୂର୍ଣ୍ଣିମା ସପ୍ତକା ନଦୀଭେଦକୁ ।
ଯମକ ବୋଲି ସଂଯମକୁ, ଯମଳ, ପୁଣି ଶବ୍ଦାଳଙ୍କାରକୁ ।
ରୂପକ ବୋଲି ମୂର୍ତ୍ତିକି, ନାଟକକୁ, କାବ୍ୟାଳଙ୍କାରେ ରୂପକ ।
ମଲ୍ଲିକା ହଂସ, ଭୂଷଣଶୂନ୍ୟ, ଗଣିକା ବେଶ୍ୟା, ଯୂଥିକାକୁ, ଲେଖ ।
ପଦ୍ମକ ହିଁ ପଦ୍ମକାଷ୍ଠ, ହସ୍ତୀମଦବିନ୍ଦୁ, ଯେ ବିନ୍ଦୁପଦ୍ମକ ।
ପ୍ରତ୍ୟଙ୍ଗ, ପ୍ରତିକୂଳ, ବିଲୋମ, ଏ ତିନିଙ୍କି ବୋଲି ପ୍ରତୀକ ।
ପଲ୍ୟଙ୍କ ବୋଲି ମଞ୍ଚକୁ, ପର୍ଯ୍ୟଙ୍କକୁ, ପଲ୍ୟଙ୍କ ଯେ ପର୍ଯ୍ୟସ୍ତିକା ।
କେତନ, ସୌଭାଗ୍ୟ, ନାଟକାଙ୍ଗ, ସେନା ତିନିଙ୍କି ବୋଲି ପତାକା ।
ବଳାହକ ବୋଲି ଜଳଦ, ମେଘକୁ, ଅଶ୍ୱଭୁଜାନାଗେ ପୁଣ ।
ନଗଯୋଷ, ଦୈତ୍ୟ, ଇନ୍ଦ୍ରାର, ଅସୁର ବଳାହକ ନାମ ଜାଣ ।
କପର୍ଦ୍ଦକ ବୋଲେ ଧୂର୍ଜ୍ଜଟିଜଟାକୁ, ବରାଟକେ, ସବିନଇ ।
ବିନାୟକ କହ ତାର୍କ୍ଷ୍ୟ, ଗୁରୁଜନକୁ, ବିନାୟକ ଗଣେଶ୍ୱର ।
ବରାଟକ କହ କପର୍ଦ୍ଦିକ, ପୁଣି ବରାଟକ ବୀଜକୋଷ ।
ଶରଟ, ମୟୂର, ତରଣୀପୃଷ୍ଠଙ୍କୁ, ଭୂଜବାକ ହଂକଭେଦ ।
ପୃଥ୍ୱୀ, ଅମ୍ଳାନହସ୍ତୀ, କୁଲୁଙ୍କକ, ଶୋଣରେ, ଯେ କୁରୁବକ ।
କୌଲେୟକ ଶ୍ୱାନକୁଳ, କୁଳୀନ ; ଯେ ମଣିଭେଦେ ଗୋମେଦକ ।
ଜୈବାତୃକ ବୋଲି ଚନ୍ଦ୍ରଙ୍କୁ, ଭୂଷଣକୁ, ଦୀର୍ଘାୟୁଷ୍କ ସର୍ବମତେ ।
ଭୟାନକ ବ୍ୟାଘ୍ର, ରାହୁ, ଭୟଙ୍କର, ଅଛୁ ନବରସଗତେ ।
ମଣ୍ଡଳକ ବମ୍ଭ, ବୃନ୍ଦାରକ, ଶ୍ରେଷ୍ଠ, ମଣ୍ଡଳକ, ଶୋଭା ସୁର ।
ପୁଣ୍ଡରୀକ ନାମ କହେ ପଦ୍ମ, ବ୍ୟାଘ୍ର, ଅନଳକୋଣ, କୁଞ୍ଜର ।
ମାଣବକ ବୋଲି ବାଳକୁ, ଇନ୍ଦ୍ରକୁ, ମାଣବକ ଅର୍ଦ୍ଧହାର ।
ବୈତାଳିକ ବୋଲି ଶିଳ୍ପୀ, ବେତାଳକୁ, ବୈତାଳିକ ବୋଧକର ।
କନ୍ଦୁକ ବୋଲି ଗୃହବଟ୍ଟୁକୁ, ଯେ ପଟ୍ଟନନ୍ଦକକୁ, କହ ।
ଶାଳାବୃକ ନାମ ଶୃଗାଳ, କୁକ୍କୁର, ବାନରେ, ଗାଳକ, କହ ।
କର୍ତ୍ତୃଣକ ବୋଲି ସ୍ଥୂଳଗକୁ, ଗଜ, ବ୍ୟବହାରଣୀ, କ ଗଣେ ।
ସୌଗନ୍ଧିକବୋଲି କହ୍ଲାର, ପଦ୍ମକୁ, ଗନ୍ଧଦ୍ରବ୍ୟରେ, ପାଷାଣେ ।
ଅନୂରକ ନାମ କହେ କହାପ୍ରର, କରଜସାତେ, ଯେ ସନେ ।
ସ୍ୱବସନ୍ତ ବୋଲି ମାଧବୀଲତାକୁ, ଅଦ୍ଭୁତ ମଦନୋତ୍ସବେ ।

ଇତ କାନ୍ତ

ଖ ଶବ୍ଦ ବର୍ତ୍ତେ ଇନ୍ଦ୍ରିୟେ, ସୁଖେ, ସ୍ୱର୍ଗେ, ଅଛଇ କ୍ଷିତ, ଗଗନେ ।
ଶଙ୍ଖ ସଂଖ୍ୟାରେ କପାଳ, ଅସ୍ଥି, କମ୍ବୁ, ନଖ, ଦୈତ୍ୟ, ଅଭିଧାନେ ।
ଶିଖୀ ବୋଲନ୍ତି ଅଗ୍ନିକି, ମୟୂରକୁ ; ନଖ କରରୁହ, ଶୁକ୍ତି ।
ନଖୀ ଗନ୍ଧଦ୍ରବ୍ୟ, ନଖୀ ସିଂହ, ଶ୍ୱାନ, ନଖୀ ତପସ୍ୱୀ, ବୋଲନ୍ତି ।
ଶାଖା ବୋଲି କହି ଦ୍ରୁମଶାଖା, ପକ୍ଷ, ବାହୁକ, ବେଦଭାଗକୁ ।
ଶିଖା ବୋଲଇ କାକପକ୍ଷୀ, ଶିଖା ଯେ ଜ୍ୱାଳାକୁ, କେକପୁଚ୍ଛକୁ ।
ବୋଲନ୍ତି ଲେଖ ଦେବତାଙ୍କୁ, ପଂକ୍ତିକ ; ମୁଖ ପ୍ରାରମ୍ଭେ, ବଦନେ ।
ବମୁଖ କହି ଶୃଗାଳରେ, ଛୁଣ୍ଡରେ, ଗଡଭେଦନେ, ନର୍ତ୍ତନେ ।
ବିଶିଖ ବୋଲି ଶରକୁ, ଅମରକୁ ; ବିଶାଖା ଗୋପୀ, ନକ୍ଷତ୍ର ।
ବୈଶାଖ ମନ୍ଥନଦଣ୍ଡ, ଯେ ବୈଶାଖ ମାସଭେଦେ ହୋଏ ମୁକ୍ତ ।
ବଶାଖ ବୋଲାଇ ତର୍କିକୁ, ପୁଣି ଯେ ବିଶାଖ ଯେ ମହାସେନ ।
ସୁମୁଖ ବୋଲି ଯେ ଗରୁଡ଼କୁ କହି ନାଗ ପ୍ରଭେଦରେ ସେନ ।
ଅଗ୍ନିମୁଖ ବୋଲି ଦେବତା, ବିପ୍ରଙ୍କୁ, ଅଗ୍ନିମୁଖ ଭଲ୍ଲାତକ ।
ଶିଲୀମୁଖ ବୋଲି ଭ୍ରମରକୁ ଶିଲୀମୁଖ ବୋଲିଏ ଶାୟକ ।
ଇନ୍ଦୁଲେଖା ବୋଲି ଶଶିକଳାକୁ ଯେ ସୋମଲତାକୁ ଅଛଇ ।
ସର୍ବତୋମୁଖ ବୋଲନ୍ତି ମହାଦେବ, କ୍ଷେତ୍ରଜ୍ଞ, ଅକାଶ, ବାଉ ।

ଘଡ ଶାନ୍ତ

ଗୋ ବୋଲି ଜଳକୁ, ନେତ୍ର, ପୃଥ୍ୱୀଙ୍କ, ନାରାଚକୁ, ସୁରଭିଙ୍କ ।
ନାଗ ବୋଲନ୍ତି ପର୍ବତକୁ, ବୃକ୍ଷକୁ, ନଗ ବୋଲି ଏ ଦୁହିଙ୍କି ।
ଅଙ୍ଗ ବୋଲନ୍ତି ଶରୀରକୁ, ଦେଶକୁ ; ଖଡ୍ଗ ଗଣ୍ଡକ, କୃପାଣ ।
ସୂର୍ଯ୍ୟ, ଶଶ, ଦେବ, ନାରାଚ, ବିହଙ୍ଗ, ଖଗ ବୋଲି ଏତେ ଜାଣ ।
ପୂଗ ବୋଲି ଯେ କ୍ରମୁକକୁ, ବୃନ୍ଦକୁ ; ତ୍ୟାଗ ଯେ ଦାନ, ବର୍ଜ୍ଜନ ।
ଭୃଙ୍ଗ ବୋଲନ୍ତି ପୁଂନାଗକୁ, ଉଛଳୁ ; ଇଙ୍ଗ ଯେ ଅଦ୍ଭୁତ, ଜ୍ଞାନ ।
ଭଗ ବୋଲନ୍ତି ସ୍ୱର୍ଗକୁ ମାହାତ୍ମ୍ୟକୁ ଶାଓଁଙ୍କ ଯୋନିଙ୍କ ପୁଣ ।
ଭଗ ବୋଲନ୍ତି ସର୍ଗଚକ୍ର, ବୀର୍ଯ୍ୟକୁ, ଭଗ ସୌଭାଗ୍ୟ, ନିର୍ବାଣ ।
ଭଙ୍ଗ ବୋଲାଇ ବିପର୍ଯ୍ୟୟ, ଲହରୀ, ରୋଗଭେଦେ ଅଛି ଭଙ୍ଗ ।
ନୃତ୍ୟ, ସମର, ଲୋହିତବର୍ଣ୍ଣ, ଧାତୁଭେଦକୁ କହନ୍ତି ରଙ୍ଗ ।
ରାଗ ଅନୁରାଗ, ଲୋହିତବର୍ଣ୍ଣ, ଯେ କେଦାର ଆଦିକ କହି ।
ଭୋଗ ଶବଦ ସୁଖ, ଧନ, ଶରୀର, ଫଣାଠାରେ ପ୍ରବର୍ତ୍ତଇ ।
ଭୃଗୁ ନାମରେ ଯେ ମୁନିଏ ଅଛନ୍ତି ଭୃଗୁ ଶୃଙ୍ଗ ସାନୁମାନ ।
ମୃଗ ବୋଲି ଶିଶୁ, କୁରଙ୍ଗ, ନକ୍ଷତ୍ର, କବଭେଦେ, ପୁଣି ସେନ ।
ଲିଙ୍ଗ ଅସ୍ମିଭେଦେ ବ୍ୟାକରଣେ କହି ଶମ୍ଭୁ ; ଶେଫଚିହ୍ନେ ବର୍ତ୍ତେ ।
ଶୃଙ୍ଗୀ ଗୋମୁଗାଦ, ପର୍ବତ, ସୁବର୍ଣ୍ଣ, ମୀନ, ଔଷଧ ବୋଲନ୍ତି ।

CENTRAL LIBRARY

ଯୁଗ ସମ୍ବାଦ, ରଥ, ଅଙ୍ଗେ କହନ୍ତି ଯୁଗଳ ବୋଲାଇ ଯୁଗ ।
ଭବ ବୋଇ କହି ଶିବଙ୍କୁ ଜନ୍ମକୁ ; ଗାଥା ଯୂଥ ବୋଲ ବର୍ଗ ।
ବଙ୍ଗ ବୋଲି ରଙ୍ଗ, ମାରଣେ, ପ୍ରଦେଶେ, କାର୍ପାସେ, ବାର୍ତ୍ତାକୀବୃକ୍ଷେ ।
ଫଲ୍ଗୁ ଉତ୍ପଳ ସୁନ୍ଦର ଫଲ୍ଗୁ ସାନନଦୀକି ବୋଲି ପ୍ରତ୍ୟକ୍ଷେ ।
ନାଗ ବୋଲନ୍ତି ଯେ କରୀକୁ, କୃଷ୍ଣକୁ ନାଗ ମାତଙ୍ଗ, ଉରଗ ।
ଶୃଙ୍ଗ କହି ଭୃଗୁନ୍ଦ୍ରକୁ, ଶିଖରକୁ, ପଦ୍ମ, ବିଷାଣ ଯେ ଶୃଙ୍ଗ ।
ଅପାଙ୍ଗ ବୋଲନ୍ତି ବରୁଣଲୋଚନକୁ ପୁଣ୍ଡ୍ରତା ପୁଣି ଅପାଙ୍ଗ ।
ଆଶୁଗ କାଣ୍ଡ, ପବନ ; ଉଚ୍ଚାରତା, କ୍ରମୁକ ଫଳ ଉଦ୍ବେଗ ।
କଳଙ୍କ ଭୂମି, କର୍ଣ୍ଣାଳୁ, ଯେ ଧୂମ୍ୟାଟ, କୃଟକ, ପୃଷ୍ଠକରଜ ।
କଳିଙ୍ଗ ବୋଲି ନଦୀ, ଦେଶ, କଳିଙ୍ଗ ଭୁଜଙ୍ଗମ, ମତ୍ତଗଜ ।
ପରାଗ ବୋଲାଇ ପୁଷ୍ପରାଗ, ପୁଷ୍ପରେଣୁ, ଧୂଳି, ଗନ୍ଧସାର ।
ବଲଙ୍ଗ ବୋଲାଇ ଭଗ, ଗୁଦ, ଗୁଡ଼ବକ ଯେ, ଲୁଣ୍ଠିର, ଶିର ।
ପନ୍ନଗ ଅଶ୍ୱ, ଔଷଧିଭେଦେ ଅଶ୍ୱ, ଶିହ୍ଲରେ, ଭଗ, ଭୁଜଙ୍ଗ ।
ପତ୍ରାଙ୍ଗ ରକ୍ତଚନ୍ଦନ, ନଦୀଭେଦେ, ସ୍ୱପଚ ଗଜ, ମାତଙ୍ଗ ।
ରଥାଙ୍ଗ ବୋଲନ୍ତି ଚକ୍ର, ଚକ୍ରବାକ : ମୃଦଙ୍ଗ ମୁରଜ, ଘୋଷ ।
ପ୍ଲବଗ ମର୍କଟ, ମଣ୍ଡୂକ, ସାରଥି, ନାବିକ, ଦବସନ୍ଦଣ ।,
ପୁନ୍ନାଗ ବୋଲନ୍ତି ସୁଚେଶେ, ଦାରକେ, ପାଣ୍ଡୁ, ନାଶେ, ଜାତୀଫଳେ ।
ପୁନ୍ନାଗ ଦେବବଲ୍ଲଭଠରୁ, ନରଶ୍ରେଷ୍ଠ ନାମ ସବୁକାଳେ ।
ପତଙ୍ଗ ବୋଲନ୍ତି ସୂର୍ଯ୍ୟଙ୍କୁ ପକ୍ଷିକି ଶଲଭକୁ ବୁଧଜନ ।
ସଙ୍ଗର, ଶଙ୍କର, ସଙ୍କଲ, ସଂଯୋଗ ; ଯୋଗ ପୁଣି ନଥ୍ବନ ।
ପଦ୍ମ, ମୃଗ, ଶଙ୍ଖ, ରଜନୀ, ଚନ୍ଦ୍ରମା, ଧନୁ, ସୁବର୍ଣ୍ଣ, ଚାତକ ।
ହଂସ, ମନ୍ମଥକୁ, ଯେମନ୍ତ ଶାରଙ୍ଗ ନାମ କହନ୍ତି ଏତେକ ।
ଲକ୍ଷ୍ମୀଙ୍କ ବଦ୍ରୁମ, ମଙ୍ଗଳ, କାମୀ, ଯେ ହେମାଙ୍ଗ ଗରୁଡ଼ କଥ
ଉପସର୍ଗ ଶବ୍ଦ ଲହରପ୍ରେ, ଲହକଲ୍ଲୋଳେ ପୂର୍ଣ୍ଣ ଏ ସିନ୍ଧୁ ।
ଭ୍ରୂଭଙ୍ଗ ବୋଲି ବୈଧବ୍ୟଜନରେ ସ୍ତ୍ରୀଙ୍କ ନୃପନାଶକୁ ।
କଥାପ୍ରସଙ୍ଗ ବୋଲନ୍ତି ବସବୈଦ୍ୟ ଅଦ୍ଭୁର ଯେ ବାଦଶକୁ ।

ଘଭ ଶାବ

ଅଘ ବୋଇ କଂସମଣ୍ଡଳକୁ ପାପକୁ ପୂଜାବଶ୍ୟ ମୂଲ୍ୟ ।
ବ୍ୟାଘ୍ର ବୋଲନ୍ତି ଶାର୍ଦ୍ଦୂଳକୁ ଶ୍ରେଷ୍ଠକୁ ଯେମନ୍ତ ଦେବ ବଳ ।
ମୁଦ୍ର ବୋଲନ୍ତି ଯେ ଦେହଜାନଳକୁ, ମୁଣ୍ଡ ଅଗ୍ରି, ଅସ୍ତ୍ର ନାମ ।
ଶୀଘ୍ର ବୋଇ କୃଷ୍ଣାଗୁରୁକୁ ବେଗକୁ ଔଷଧିଭେଦେ ଜାଣିମ ।
ଅନଘ ବୋଇ ନିଷ୍ପାପକୁ ଶୋଭନକୁ ; ଅଘ ପ୍ରସାଦ, କ୍ରୋଧ ।
ମହାମୂଲ୍ୟରେ ନାସ୍ତ୍ରକଠାରେ ବଂଶ ମହାର୍ଘ ଶବ୍ଦ ପ୍ରଗିତ ।

ପଲ୍ଲବ ଅଛି ଶବ୍ଦରେ ଯୋଗରେବେ ; ପଲ୍ଲବ କାତକଲଣ ।
ନବୋଢ ବୋଲନ୍ତି ଶୀଘ୍ରସମସ୍ତଙ୍କୁ ସ୍ୱେଦଜଳଧାରେ ସ୍ନାସ ।

ଅଥ ତାନ୍ତ

କେତ ବୋଲି ଗୃହଧୂଙ୍କୁ କେଶଙ୍କୁ ; କାତ ନେତ୍ରରୋଗ, ମଣି ।
ଚକ୍ରୀଷ ବୋଲି ଦ୍ୱୀପ, ପର୍ବତ, ବହୁଗବଶେଷଙ୍କୁ ଲୋକେ ଗଣି ।
କୃତ ଭୃଗୁ, ଉରଜ, କଠିନ, କୈତବ ; ଚର୍ଚ୍ଚା ଯେ ଚନ୍ଦ୍ରା, ପୂଜନ ।
କାଞ୍ଚୀ ବୋଲି ପୁର, ମେଖଳାଦାମଙ୍କୁ ବୋଲନ୍ତି ସୁବୁଦ୍ଧିଜନ ।
ଦ୍ୟୁତ ଚର୍ମ, ଗୃହଚ୍ଛିଦ୍ରଙ୍କୁ ବୋଲନ୍ତି ; ଶାଠ ବାମନ, ପାମର ।
ଭୂତ ଦୀପ୍ତି ; ଶୋଭା, କାନ୍ତି, ଅଭିଳାଷ, ବଡ ବାଣୀ, ବୃକ୍ଷ, ଖାର ।
ଖାତ ବୋଲନ୍ତି ସ୍ତମ୍ଭଙ୍କୁ ତରଙ୍ଗଙ୍କୁ ; ମୋକ୍ଷ, ଶାଳ୍ମଳୀ, କଦଳୀ ।
ଶୁତ ଶ୍ରୀଷମଙ୍କୁ ପର୍ବଙ୍କୁ ଶୁତ ଅଗ୍ନିକ ଶୁକ୍ରଙ୍କୁ ଛଳ ।
ଶୁତ ବୋଲି ପର୍ବତେକ ରାକ୍ଷସେକ ଶୁତ ବଜ୍ରଙ୍କୁ କହନ୍ତି ।
ଶୁତ ନାମ କହେ ଶୃଙ୍ଗାର, ଅସାଢ଼, ଶୁତ ଷଡ୍ରାତ୍ମଧେ ବର୍ତ୍ତି ।
କଣାତ ବୋଲନ୍ତି ପୁଷ୍ପବଲ୍ଲୀଲତା, ଗୁଞ୍ଜ, ସଙ୍କଟ ସହିତେ ।
କବଚ ବୋଲି ସେନାଙ୍କୁ ପର୍ଯ୍ୟଟଙ୍କୁ ମଦ୍ୟଭାଣ୍ଡଙ୍କୁ ଯୁଗତେ ।
ପ୍ରପଞ୍ଚ ବୋଲି ବିସ୍ତରଙ୍କୁ ବସ୍ତାରଙ୍କୁ ; ନମୁଚ ଅସୁର ସାର ।
ମଣ୍ଡିତ କରଣ ; ସପ୍ତଋଷି, ଜାଣ ବଧଞ୍ଚୀ ବୀଣା କହ୍ଲାର ।
ମାଶ୍ଚିତ କଲ୍ଲୋଳ, ଯାଜକ, ଦ୍ୱିଜ ଯେ ମାତ୍ସ୍ୟ ଲୁଗଣ ଅସୁର ।
ସଂକୋଚ ବୋଲି ଯେ ବନ୍ଧ, କୁଙ୍କୁମଙ୍କୁ ; କରଣ୍ଡ ବସ୍ତ୍ର, ଶ୍ରୀଧର ।

ଅଥ ଛାନ୍ତ

ଅଚ୍ଛ ବୋଲି ସ୍ଫଟିକଙ୍କୁ ଭଲ୍ଲୁକଙ୍କୁ ; ଗୁଚ୍ଛ ଯେ ସ୍ତବକ ହାର ।
ସ୍ୱଚ୍ଛ ନିର୍ମଳ, ଅଭିମୁଖ ; ମ୍ଲେଚ୍ଛ ଯେ ଅପଭାଷଣ, ପାମର ।

ଅଥ ଜାନ୍ତ

ଜ୍ୟା ବୋଲନ୍ତି ସରସ୍ୱତୀଙ୍କି ନଦୀଙ୍କୁ ପିଣାକଙ୍କୁ ଗଗନଙ୍କୁ ।
ଜ୍ୟା ବୋଲି ପୃଥ୍ୱୀକି ଜ୍ୟା ବୋଲି ଗୁଣଙ୍କୁ କହେ ଅଣିମ ମନଙ୍କୁ ।
ଅଜ ବୋଲନ୍ତି ବିଷ୍ଣୁ, ଶିବ, ବିଧାତା, ଛାଗ, ସୂର୍ଯ୍ୟବଂଶନୃପ ।
ରାଜା ନୃପତି, ଚନ୍ଦ୍ରଙ୍କୁ, କହି ରାଜା କ୍ଷତ୍ରିୟ, ଯକ୍ଷକଲାପ ।
ବଜ୍ର ବୋଲି ହୀରା, କୁଠାର ; କୁଜ ଯେ ମଙ୍ଗଳ, ନାରକାସୁର ।
ବାଜୀ ବୋଲନ୍ତି ଯେ ଅଶ୍ୱଙ୍କୁ ପକ୍ଷିକି ବାଜ ବୋଲାଇ ଯେ ଶର ।
ଊର୍ଜ୍ଜ ବୋଲି କାର୍ତ୍ତିକଙ୍କୁ, କାନ୍ତି, ଉତ୍ସାହଙ୍କୁ, ବଳ, ପ୍ରାଣ ଦେବ ।
କଞ୍ଜ ବୋଲି ଯେ କରଣ୍ଡ କୁନ୍ତଳଙ୍କୁ ସୁଧାଙ୍କୁ ପଦ୍ମଙ୍କୁ ଯେନ ।
କୁଞ୍ଜବୋଲନ୍ତି ନକୁଞ୍ଜଙ୍କୁ ଦନ୍ତଙ୍କୁ କୁଞ୍ଜ ବୋଲି ହସ୍ତିରଦେ ।
ଦ୍ୱିଜ ବୋଲନ୍ତି ବଣ୍ଟର, ଦନ୍ତଙ୍କୁ ; ଯେ କୁହୁ ଲୁବ୍ଧ ବୃକ୍ଷବେଦେ ।

ଦ୍ୱିଜ ବୋଲନ୍ତି ବ୍ରାହ୍ମଣ, କ୍ଷତ୍ରି, ବୈଶ୍ୟ ଦ୍ୱିଜ ବିହଙ୍ଗ, ରଦନ ।
ଧ୍ୱଜ ବୋଲିଛି ଯେ ସ୍ୱସ୍ତିକ, ପତାକା, ଖଟ୍ୱାଙ୍ଗ, ଚିହ୍ନ, ମେହନ ।
ରଜ ଶବ୍ଦ ରେଣୁ, ରାଗ, ଶାନ୍ତି, ବ୍ରଜ, ଗୁଣାନ୍ତରେ ପ୍ରବର୍ତ୍ତଇ ।
ରଜ୍ଜୁ ବୋଲି ବେଣ, ଦାମେ ; ପ୍ରଜା ବୋଲି ଲୋକ, ସନ୍ତାନଙ୍କୁ କହି ।
ବୀଜ ବୋଲନ୍ତି ଯେ ହେତୁଙ୍କୁ, ବୀର୍ଯ୍ୟଙ୍କୁ, ବୀଜ ଅଙ୍କୁର କାରଣ ।
ସ୍ୱଜ ବଥ, ବୁଦ୍, ସ୍ୱଜ ବୋଲି ସ୍ୱେଦ, ଶୋଣିତ, ପୁତ୍ରଙ୍କୁ ଗଣି ।
ବାଜ ଅଛି ପକ୍ଷିଭେଦେ ବାଜ ବୋଲି ପକ୍ଷନସ୍ୱନ ବେଗଙ୍କୁ ।
ଖଞ୍ଜ ପଙ୍ଗୁ, ଖଣ୍ଡ, ଗିର, ଖଞ୍ଜ ବୋଲି ଛନ୍ଦ, କୁଟିଳ, ଅଙ୍କଙ୍କୁ ।
ଅଣ୍ଡଜ ବୋଲି ମୃଗମଦେ, ସରଟେ, ଭୁଜଙ୍ଗମେ, ଖଗେ, ଝଷେ ।
ଅଙ୍ଗଜ ବୋଲି ରୁଧିରେ, ପଞ୍ଚଶରେ, ପୁତ୍ରଠାରେ, ପୁଣି କେଶେ ।
ପଦ୍ମ ଚନ୍ଦ୍ର ଶଙ୍ଖ ବୃକହିଁ ଜଳ ଏ ପାଞ୍ଚ ବୋଲନ୍ତି ଅମ୍ବୁଜ ।
ଦେଶବିଶେଷ ଶଙ୍ଖ ହସ୍ତିଭେଦରେ ବୋଲନ୍ତି ଅଛି କାମ୍ବୋଜ ।
କାମ୍ବୋଜ ବୋଲି ନାଗରଙ୍ଗପାଦପେ ସୋମବଲ୍ଲେ ଅଭ୍ୟନ୍ତରେ ।
ବୋଲି କରଜ, କରଞ୍ଜଙ୍କୁ ନଖଙ୍କୁ ; ବାହୁଜ କ୍ଷତ୍ରିୟେ କରେ ।
ପରଞ୍ଜ ଶବ୍ଦ ତୈଳଯନ୍ତ୍ରେ କ୍ଷୁରକାଫଳେ ଫେନଲେ କହନ୍ତି ।
ଗିରିଜା ବୋଲି ପାର୍ବତୀ ମାତୁଲଙ୍ଗେ ହିମଜା କାନ୍ତି ପାର୍ବତୀ ।
କାଶ୍ମୀରଜ ନାମ ବହିଲ କୁଙ୍କୁମ, କୁଷ୍ଠ, ଅତିବିଷାବୃକ୍ଷ ।
ଜଘନ୍ୟଜ ବୋଲି କନିଷ୍ଠେ କୁଷ୍ଟେଲେ ଅଛି ଉଦକେ ପ୍ରତ୍ୟକ୍ଷେ ।
ଯମ ଯୁଧିଷ୍ଠିର ବୁଧ ଏ ତିନିହେଁ ବୋଲନ୍ତି ଯେ ଧର୍ମରାଜ ।
ଭୃଙ୍ଗରାଜ ବୋଲି ମାର୍କବ ଭ୍ରମର ପକ୍ଷିବିଶେଷରେ ହେଜ ।
ବୋଲିଛି ଯକ୍ଷରାଜ ଧନପତି ଯେ ମନ୍ତ୍ରୀ କନକବର୍ଜନ ।
ଭରଦ୍ୱାଜ ବୋଲି ମୁନିଏ ଅଛନ୍ତି ବ୍ୟାଘ୍ରାଟ, ବିହଙ୍ଗ ପୁନଃ ।
ଦ୍ୱିଜରାଜ ସୁଧାକିରଣ, କୁବେର, ରାଜରାଜ ଚକ୍ରବର୍ତ୍ତୀ ।
କ୍ଷୀରବୃକ୍ଷ ସିନ୍ଧୁଲବଣ, ମୁକ୍ତା, କ୍ଷୀରବୃକ୍ଷ ବଣାପତି ।

ଇତି ଜାନ୍ତ

ଝଂଝା ବୋଲି କହି ଧ୍ୱନିବିଶେଷଙ୍କୁ ପୁଣି ପବନଭେଦଙ୍କୁ ।
ଅମ୍ବୁକଣବର୍ଷଣଠାରେ ଦେଇ ପୁଣି ଝଂଝା ଶବଦଙ୍କୁ ।

ଇତି ଝାନ୍ତ

ଅଜ୍ଞା ବୋଲି ଅବଧାନଙ୍କୁ ସନ୍ଦେଶେ ବହୁତଙ୍କ ପ୍ରଯୋଜନେ ।
ସଂଜ୍ଞା ବୋଲନ୍ତି ନାମଙ୍କୁ ଗାୟତ୍ରୀକି ରବିପତ୍ନୀକି ଚେତନେ ।
ଅଜ୍ଞ ବୋଲି ଜଡ଼ ମୂର୍ଖଙ୍କୁ ; ରାଜ୍ଞୀ ଯେ ରାଜପତ୍ନୀ ସୂର୍ଯ୍ୟଭାର୍ଯ୍ୟା ।
କୃତଜ୍ଞ କୁକ୍କୁର ମର୍ଯ୍ୟାଦା ; ସର୍ବଜ୍ଞ ଶିବ ବୁଧ କରି ହେଜ ।

ଇତି ଜ୍ଞାନ୍ତ

ରିଷ୍ଟ ବୋଲନ୍ତି ଶୁଭଦକୁ କ୍ଷେମକୁ ଇଷ୍ଟ ଯାଗ ଅଭିଳାଷ ।
କୂଟ ଗଜଗଣ୍ଡ ଶ୍ରୋଣୀ କଟୂରସ ଲତାଭେଦ ଗ୍ରାମ୍ୟଭାଷ ।
କୂଟ କପଟ, ଗିରିଶୃଙ୍ଗ ; ବୋଲାଇ କୁଟୀ ମୁଷ୍ଟିପଟ ବାସ ।
କୋଟୀ ଅଛୁ ଧନୁଅଗ୍ରରେ ସଂଖ୍ୟାରେ ବୃଷ୍ଟିପ୍ରକ୍ଷେ କଟାକ୍ଷ ।
କୁଟ୍ଟ ବୋଲନ୍ତି ଗୃହକୁ ଉଦରକୁ ବୀରମାନଙ୍କ ଆସନେ ।
ପଟ ବୋଲି ଯେ ପିଆଲପାଦପକୁ ଚକ୍ରପଟକୁ ବସନେ ।
ଘଟ ଶରୀର କୁମ୍ଭ ଘଟ ବୋଲାନ୍ତି ଲଗୁଡର ମୂଳ ବେଳ ।
ତ୍ୱଷ୍ଟା ବୋଲି ଦେବଶିଳ୍ପିକି ଗ୍ରୀଷ୍ମକୁ ଅଦତ୍ୟକୁ ପୁଣି ସେନ ।
ପଟୁ ବୋଲି ନୀରୋଗକୁ ଚତୁରକୁ ପଟୋଳକୁ ଲବଣକୁ ।
ପଟୁ ବୋଲି କମ୍ବଳକୁ ଚକ୍ଷୁଣକୁ ଦେବଗଣ ପାଷାଣକୁ ।
ଯଷ୍ଟି ବୋଲନ୍ତି ଭୁଜକୁ ଲଗୁଡକୁ ପୁଣି ଯଷ୍ଟି ଶସ୍ତ୍ରହାର ।
ବଟ ବୋଲାନ୍ତି ଯେ ଶିଖଣ୍ଡୀ, ଲବଣ, ଶିତ୍ତ୍ୱ, ମୂଷିକ, ଖଦର ।
ହୃଷ୍ଟ ରୋମାଞ୍ଚିତ, ବର୍ଦ୍ଧିତ, ହରଷ ; ସ୍ଫୁଟ ଯେ ପ୍ରଫୁଲ୍ଲ ବ୍ୟକ୍ତ ।
ମୁକ୍ତି ନାସ୍ତିକ ପାଦସ୍ଫୋଟ କର୍କଟୀଠାରେ ସ୍ଫୁଟ ଶବ୍ଦ ବ୍ୟକ୍ତ ।
ସୃଷ୍ଟି ବୋଲି ନିର୍ମିତକୁ ସ୍ୱଭାବକୁ ; ସଟା ଯେ ଜଟା କେଶର ।
ଋଷ୍ଟି ବୋଲି କୃପାଣକୁ ଅଶୁଭକୁ ନଟାବସ୍ତୁ ବୈଶ୍ୱାନର ।
ଦୃଷ୍ଟି ବୋଲନ୍ତି ଲୋଚନକୁ ବୁଦ୍ଧିକୁ ଦୃଷ୍ଟି ଦୃଷ୍ଟି ବୋଲନ୍ତି ଦର୍ଶନେ ।
ବୃଷ୍ଟି ବୋଲନ୍ତି ବର୍ଷଣ, ଘର୍ଷଣକୁ ଶରେ କ୍ଷେପ୍ୟେ ଘଟେ ଘନେ ।
ଅବଟ ବୋଲନ୍ତି କୁହରକୁ ପୁଣି ଗର୍ତ୍ତ କୂପରେ ଅଖିଳେ ।
କର୍କଟ ବୋଲି ରାଶି ପକ୍ଷିଭେଦରେ କୁଳୀର ଶାଲ୍ମଳୀଫଳେ ।
ଅରିଷ୍ଟ ବୋଲାଇ ଲସୁନ ଫେନିଲ କାକ କଙ୍କ ଷଣ୍ଡାସୁର ।
କୁକ୍କୁଟ ନିଷାଦ ତାମ୍ରଚୂଡ଼ ତୃଣ ଉଲ୍କା ଯେ ଶୂଦ୍ରକୁମର ।
କରଟ ଗଜଗଣ୍ଡ ଯେ ନନ୍ଦ୍ୟଜୀବ କୁସୁମ୍ଭ ଯେ ବାଦ୍ୟଭେଦ ।
ଧାରାଟ ଚାତକ ତୁରଙ୍ଗ ; ଜଳାଟ୍ୟ ବ ପୁଣି ବଷଦୈବିଦ୍ୟ ।
ବିକୁଟ ବୋଲନ୍ତି ପିଜ୍ଜଲବଣକୁ, ବିକୁଟ ପଦଦାଣ୍ଡରେ ।
ବିକୁଟା ଶବ୍ଦ ବୃତପ୍ତ ଶୂର୍ପଣଖାରେ ବିବୃଦ୍ଧାରେ ମଲ୍ଲିକାରେ ।
କର୍ଣ୍ଣାଟ ନାମ ଗାୟକ ଚକ୍ରକର ; ମର୍କଟ ଲତା ବାନର ।
ଶୈଳାଟ ବୋଲନ୍ତି ଦେବଳ, ସିଂହ, ଶୁକ୍ଳକାଚ, ଯେ ଅବର ।
ପତିତ ବ୍ରାହ୍ମଣୀପୁତ୍ର ଯେ କାମୁକ ଦାସୀ ଜନ କୁଣ୍ଡଳଟ ।
ପ୍ରିୟ ବଲ୍ଲଭକୁ ବେଶ୍ୟାକୁ ସମସ୍ତେ ବୋଲନ୍ତି ଯେ କାମୁକଟ ।
ପୁରସ୍ପୃଷ୍ଟ ପରଭୃତ, ବାରନାରୀ ; ଶିପିବିଷ୍ଟ ଖଳ, ଶିବ ।
ଦଶନ ଦଷ୍ଟ ବୋଲାଇ ଯେ ଦଂଷ୍ଟ୍ରାଗ୍ର ଅହୁର ଅଧରସ୍ଥ ।

କଣ୍ଠ ବୋଲନ୍ତି ଗଳାକୁ ସ୍ୱରକୁ, କଣ୍ଠ ଯେ କର୍ମଣ୍ୟ ମୁଖୀ ।
ଜ୍ୟେଷ୍ଠ ବୋଲକର ଶ୍ରେଷ୍ଠେ ଅତିବୃଦ୍ଧେ ମାସାନ୍ତରେ ପୁଣି ଲେଖି ।
ଜ୍ୟେଷ୍ଠା ବୋଲାଇ ପଲ୍ଲୀ ଏକ ନକ୍ଷତ୍ର ଷଷ୍ଠୀ ତଥି କାତ୍ୟାୟନୀ ।
ଦାରୁହରିଦ୍ରାକୁ ମାନ ପ୍ରକର୍ଷକୁ କାଳେ ଦଗେ କାଷ୍ଠା ଯେନ ।
ଶଠ ବୋଲନ୍ତି ଯେ ମଧ୍ୟସ୍ଥ ପୁରୁଷ ଧୂର୍ତ୍ତ ଧୁସ୍ତୁର ସହିତେ ।
ବଣ୍ଠ ବାମନକୁ ଅସ୍ପୃଷ୍ଟ ; ଗୋଷ୍ଠି ଯେ ସଭା ସଂଲାପ ସୁଗତେ ।
କମଠ କଚ୍ଛପ ଭାଣ୍ଡଭେଦେ ଅଛି, କର୍ମଠ ଶିଳ୍ପ ଚତୁରକ ।
କପିଷ୍ଟ ମର୍କଟ ତାମ୍ରକୁ ବୋଲନ୍ତି ; ବୈକୁଣ୍ଠ କୃଷ୍ଣ ଯେ ଶକ୍ର ।
କରଠ କର୍କଶ ପାଣ୍ଡୁରେ କହନ୍ତି ଧୂମ୍ରକୁ କହନ୍ତି ପୁଣି ।
କଳଧ୍ୱନି, ହଂସେ ପାରାବତେ ପିକେ କଳକଣ୍ଠ ବୋଲି ଗଣି ।
ଚଟକ, ମୟୂର, ଖଞ୍ଜନ, ମହେଶ, ଦାତ୍ୟୂହ, ଯେ କାଳକଣ୍ଠ ।
ଜମ୍ବୀର, କପିତ୍ଥ, ନାରଙ୍ଗ, ଭୁରଙ୍ଗ ଏ ସ୍ୱରବେ ଦନ୍ତଶଠ ।
କାଳପୃଷ୍ଠ କହି କଙ୍କବକଙ୍କୁ, ପୁଣି କର୍ଣ୍ଣ ଶରାସନେ ।
ଧୂତକଣ୍ଠ ବୋଲି ବନ କପୋତକୁ, ପୁଣି ପ୍ରକାଶ ଖଞ୍ଜନେ ।
ନୀଳକଣ୍ଠ କହି ହାର ସୁକ୍ଷ୍ମଗଳେ, ହରକଣ୍ଠ ବନସ୍ପେସ୍ପେ ।
ପୂତକାଷ୍ଠ ବୋଲି ସରଳଦ୍ରୁମକୁ, ଦେବଦାରୁବୃକ୍ଷେ କହେ ।

ଣାନ୍ତ ଠାର

କାଣ୍ଡ ତରୁସ୍କନ୍ଧ, ଦଣ୍ଡ, ସ୍ତମ୍ଭ, ନିୟୁଲେଦ, ଭାଗ, ଶର, ନୀର ।
କୁଣ୍ଡ ଅଗ୍ନିକୁଣ୍ଡ, ଦେବଜଳାଶୟ, ଜାରଜାତକ କୁମର ।
କୁଣ୍ଡୀ ନଈ, କମଣ୍ଡଳୁ ଯେ ବୋଲାଇ ; କ୍ଷେଡ଼ ନା ଧ୍ୱନିବିଶେଷ ।
କ୍ଷେଡ଼ା କୁଟିଳ, ଲୋହିତବର୍ଣ୍ଣ, ବିଷ, ଶଳାକା, ଯେ ସିଂହଘୋଷ ।
କୋଡ଼ ଶିଉକୋଠ, ପାଦପ, ଅବଟ, କୋଡ଼ ଉତ୍ସଙ୍ଗ ବକ୍ଷେ ।
ଖଣ୍ଡ ବୋଲି ଇକ୍ଷୁବିକାରେ ସକଳେ ମଣି, ଦୋଷେ ପୁଣି କହେ ।
ଗଣ୍ଡ ଗଣ୍ଡକ, ଚିହ୍ନ, ଯୋଗ ପ୍ରଭେଦ କପୋଳ, ହସ୍ତ, ଭୂଷଣ ।
ଜଳ-ଜନ୍ମସ୍ଥାନ ତଳକୁ ପୁଣି ଯେ ଗଣ୍ଡ ବୋଲକର ଜାଣ ।
ଗୁଡ଼ ଗୋଲକ, ମତ୍ତଗଜ, ସନ୍ନାହ ; ଗୁଡ଼ ଯେ ଇକ୍ଷୁବିକାର ।
ଗଡ଼ ମୀନ, ଦୁର୍ଗ, ଗଣ୍ଡାନାଭି, ବୃତ୍ତ, ପାମର, ଜାତଭେଦର ।
ଚଣ୍ଡ ଉଗ୍ରଭୀ, ତୀକ୍ଷଣ, ଦୈତ୍ୟଭେଦେ ; ଚଣ୍ଡ ଯମ ପରୁଷଜନେ ।
ଦଣ୍ଡ ଲଗୁଡ଼ ପ୍ରକାଣ୍ଡ ବ୍ୟୂହ ଭେଦ କାଳ ମନ୍ଥନ ଯେ ସୈନ୍ୟେ ।
ଚଣ୍ଡୀ କାତ୍ୟାୟନୀ କୋପବତୀନାରୀ ; ପାଣ୍ଡୁ ନୃପ, ଶ୍ୱେତଭେଦ ।
ଷଣ୍ଡ କ୍ଲୀବ ଧୀର ; ନଦ୍ୟାଦିଙ୍କେ ପାଦେ ପ୍ରବର୍ତ୍ତିତ କାଣ୍ଡପଦ ।
ମୁଣ୍ଡ ଶତ୍ରୁଭେଦ ମୂର୍ଦ୍ଧା ମୁଣ୍ଡିତ, ମୁଣ୍ଡ ଅଛି ଦୈତ୍ୟାନ୍ତରେ ।
ଷଣ୍ଡ ବୋଲନ୍ତି ଯେ ପଦ୍ମସମୂହକୁ, ଷଣ୍ଡ ଶଢ ଗୋପତିରେ ।

ବ୍ୟାଡ଼ ହିଂସ୍ରପଶୁ, ସର୍ପ, ପଣ୍ଡିତା, ଯେ ବଧବା, ମୂଷିକପର୍ଣ୍ଣୀ ।
ଷଢ଼ ନବଢ଼ ଦେହମାତ୍ର ଶିଳ୍ପକ ପଣ୍ଡ ବୋଲି କହ ସେହ ।
କୁଷ୍ମାଣ୍ଡ ମାସ୍ୱା, ସ୍ତ୍ରୀ, କର୍ଜାବୁ ; କୋଦଣ୍ଡ ଧନୁ ଭ୍ରୂ, ଭୂଷଣ ଷଢ଼ ।
ଦାଣ୍ଡ ଦେଶଭେଦ ମୁଖ୍ୟ ଯେ ବାଇଡ଼ ବଶ ମନ୍ତ୍ର ମରକତ ।
ଦଣ୍ଡତ୍ରୀ ତମ୍ବ ଚମ୍ପାବୃକ୍ଷ ; କରୁଣ୍ଡି ସେଫାଳିକା, ସିନ୍ଦୁବାର ।
ପଟଣ୍ଡ ବୋଲି ଦୁକ୍ନହ ପତାପକୁ ପୁଣି ଶ୍ୱେତକରବୀର ।
ମାର୍ତ୍ତଣ୍ଡ କୋଡ଼, ଅଦତ୍ୟ, ଭୃଙ୍ଗଙ୍ଗ, ଯେ ମାର୍ଗ ରୋମସ୍ ମଣ୍ଡନ ।
କରଣ୍ଡ ଶମ୍ଭୁ ଶାରକା ମୂଳଶାଖା ଅସ୍ଥିକୁ ପ୍ରକାଣ୍ଡ ଭାଳ ।
ଚନ୍ଦ୍ରବାଡ଼ ବୋଲି କମଣ୍ଡଳୁ, ଲକ୍ଷବାଡ଼ ଲୋକାଲୋକ ଗିରି ।
ଦେବବାଡ଼ ବୋଲି ଶକ୍ର ବୃନ୍ଦାବନେ ଦେବଦାଡ଼ ଖଗ୍ରଖଗ୍ର ।

ଉତ ଚାନ୍ଦ

ଦୃଢ଼ ବୋଲି ସ୍ଥୂଳେ, ନଡ଼ାନ୍ଧେ, ପ୍ରବାଦେ, ଦୃଢ଼ ପୁଣି କଳକଣ୍ଠ ।
ଷୋଡ଼ା ଷୋଡ଼ଶୀ କ୍ରିୟାମା ; ଗୂଢ଼ ବୋଲି ଗମ୍ଭୀର ହୃଦୟରେ ଭକ୍ତ ।
ମୂଢ଼ ମୂର୍ଖ, ବାଳଶୁକ, ଶୁଷ୍କଶୋଷ ; ବାଢ଼ ପ୍ରତାଙ୍କ ଯେ ଦୃଢ଼ ।
ବ୍ୟୂଢ଼ ପୃଥୁଳ ସମୂହକୁ ବୋଲନ୍ତି ; ମୂଢ଼ତ ଘନ ପ୍ରଣିଢ଼ ।
ବୃଢ଼ ଦଣ୍ଡ ମାସ ମଳୟ ପର୍ବତ ପୂର୍ଣ୍ଣିମା ଏତେ ଆଷାଢ଼ ।
କନ୍ଦୁଢ଼ ବୋଲି ଅଙ୍କୁରତ ଜାତକୁ ; ଗର୍ଦ୍ଦିତ ଗୁପ୍ତ ବଗୁଢ଼ ।

ଉଣ ଚାନ୍ଦ

ଅଣବ୍ରୀହିଭେଦେ ସୂକ୍ଷ୍ମେ କହ ; ବଣୀ ବଣ ନୃପ ଏକ ବେଣୁ ।
କଣା ପିପ୍ପଳୀ ଜୀରକ ମକ୍ଷିକା ଯେ କୁମ୍ଭୀରରେ ପୁଣି ଜାଣୁ ।
କଣ ଲବ ଧାନ୍ୟ ଅଂଶକୁ ବୋଲନ୍ତି ; କାଣ କାକ ଏକନେତ୍ର ।
ପ୍ରାଣ ବୋଲନ୍ତି ବୋଳ, ଜଳ, ଅନଳ, ଜୀବ, ଦେହସ୍ଥ ମାରୁତ ।
ଦ୍ରୋଣ କାକଭେଦେ, ଦ୍ରୋଣ ଅଶ୍ୱତ୍ଥ୍ୟ ; ଯେ ବାଣ କଳସୁତ ଶର ।
ବାଣା ବହୁମୂଲ୍ୟ ଶାଳ କ୍ରିଣ୍ଟି ; କ୍ଷଣ ଶିବସୈନ୍ୟ ଯେ ଉତ୍ସବ ।
ଘୃଣ ସିଛେନା ବବେକ ପ୍ରଧାନ ଯେ ; ଘାଣା ବସୁକା ବଦ୍ଧ୍ୟତ ।
ରଣ କ୍ୱଣ କ୍ୱଣ ସମର , ଲୁଣ ଯେ ଶିଶୁ ଶବ୍ଦ ଏ ବୋଲନ୍ତି ।
ବେଣୀ କେଶବେଶ ନଦ୍ୟାଗ୍ରରେ ପୁଣି ଖଣ୍ଡଖଣ୍ଡ ପାଦପରେ ।
ଶ୍ରେଣୀ ପଂକ୍ତି ସିଢ଼ୀ ; ମଣି ବୋଲନ୍ତି ଯେ ମୁକ୍ତା ଆଦ ନୃପାଗ୍ରରେ ।
ଦ୍ରୋଣୀ କାଷ୍ଠାମ୍ବୁବାହିନୀ କୁଲ୍ୟାତ ; ବାଣୀ ଭାଷା ସରସ୍ୱତୀ ।
କର୍ଣ୍ଣ ରବିସୁତ ଶ୍ରୁତିକ କହନ୍ତି ; ବର୍ଣ୍ଣ ଲିପି ଜାତି ବାନ୍ତି ।
କୃଷ୍ଣ ବୋଲନ୍ତି ଶ୍ୟାମବର୍ଣ୍ଣ ଅର୍ଜୁନ କାକ ; ବିଷ୍ଣୁ ବ୍ୟାସସୁତ ।
କୃଷ୍ଣା ଦ୍ରୌପଦୀ ଭଷଣା ଦ୍ରାକ୍ଷା ; ନାଳୀବର୍ଣ୍ଣ ଯେ ଜଳ ବକ୍ଷିପ୍ତ ।

ତୀକ୍ଷ୍ଣ ସମୁଦ୍ରଲବଣ ଖଡ୍ଗ ଲୌହ ; ବସ୍ତୁ ଶବ୍ଦ ଯେ ପଦାର୍ଥ ।
କୃଷ୍ଣ ଯାଦବ ପାଷଣ୍ଡ ତଣ୍ଡ ମେଘ ଏହିଠାରେ ହୋଏ ଅର୍ଥ ।
ଅରୁଣ ବୋଲଇ ସୂର୍ଯ୍ୟ ସାରଥି ଯେ ରକ୍ତବର୍ଣ୍ଣ ଅଳ୍ପ ।
କୃପଣ କର୍ମ୍ମ କୁତ୍ସିତକୁ ବୋଲନ୍ତି ; କୃପାଣ ଖଡ୍ଗ ଛୁରି ।
କାରଣ ହେତୁ କର୍ମ୍ମକର୍ତ୍ତା ; କାୟସ୍ଥ ବନ୍ଧି ଅବ ଏ କରଣ ।
ଅରୁଣା ବୋଲଣ ନିବସ ମଞ୍ଜିଷ୍ଠା ନିବୃତା ଶ୍ୟାମାଲତାଗଣ ।
ତରଣି ଭାନୁ କୁମାରୀ ନାବ କାମ ; କରୁଣା କୃପାଦ୍ରଭେଦ ।
ପ୍ରାକାର ବେଷ୍ଟନ କନ୍ୟାଦବରଣେ ପ୍ରସିଦ୍ଧ ବରଣ ଶବ୍ଦ ।
ବରୁଣ ଜଳେଶ୍ୱରଙ୍କ ପାଣୀ ; ବାରୁଣୀ ପଶ୍ଚିମ ଯେ ସୁରା ଦୂର୍ବା ।
ପଟୋଳ ମୂଳେ ବଲ୍ମୀକେ ବନ୍ଧଙ୍ଗରେ ରମଣ ପଦ ଯୋନବା ।
ଲକ୍ଷ୍ମଣ କଳଙ୍କ ରାମଭ୍ରାତ କୁରୁରାଜସୁତ ସୁଲକ୍ଷଣ ।
ଲକ୍ଷଣ ସାମ୍ୟ ; ମନୋହାରୀ ଲକ୍ଷ୍ମଣା ବୋଲି ବରାଟକୁ ଅଣ ।
ଶ୍ରବଣ ବୋଲନ୍ତି କର୍ଣ୍ଣ ନକ୍ଷତ୍ରକୁ ; ଶ୍ରାବଣ ପାଷଣ୍ଡ ମାସ ।
ଶ୍ରୀପର୍ଣ୍ଣୀ ବୋଲି କାଶ୍ମୀର ଅଗ୍ନିମନ୍ଥ ପଦ କୁମ୍ଭିକାକୁ ଭାଷ ।
ଧାରଣ ଗ୍ରହଣଯାନ୍ତ୍ରରେ ଲୃପଭେଦେ ; ସରଣୀ ଯେ ମାର୍ଗ ପଙ୍କ୍ତି ।
ସୁଷେଣ ବୋଲନ୍ତି କରମର୍ଦ୍ଦତରୁ କେଶବ ସୁଗ୍ରୀବମନ୍ତ୍ରୀ ।
ସୁପର୍ଣ୍ଣ କହି ସ୍ୱର୍ଣ୍ଣଚୂଡ଼ ଗରୁଡ଼େ କୃତମାଳପାଦପକୁ ।
ହରଣୀ ବୋଲି ହରଣୀଙ୍କ ମୃଗୀଙ୍କ କମ୍ବୁନଦ ପ୍ରତିମାକୁ ।
ଶୀଳୁଷୀ ଅଗୁରୁ ନବୋଢରମଣୀ ; ମୃଗ ପାଣ୍ଡୁର ହରଣ ।
ଶୃଙ୍ଗ ଗିରିଶୃଙ୍ଗ ଅଜସିଦ୍ଧ କ୍ଷୀରକାକୋଲୀ ନାଗ ବିଷାଣ ।
ବ୍ରାହ୍ମଣୀ ଦ୍ୱିଜପତ୍ନୀ ଭାର୍ଗୀ : ଭୂଦେବ ଦେବଭାଗ ଯେ ବ୍ରାହ୍ମଣ ।
ସିନ୍ଧୁ ସୈନ୍ଧବ ବୈଦ୍ୟଭେଦ ସମୁଦ୍ର ଭେଦରେ ଅଛି ଲବଣ ।
ବସ୍ତୁ ଅଗ୍ନିକୁ ନାରାୟଣ ; ଅସୁର ମହାଦେବ ବରହାଣ ।
ରକ୍ତରେଣୁ ବୋଲି ପଳାଶକଳୀଙ୍କ ସିନ୍ଦୁରରଜକୁ ପୁଣ ।
ଚୂଡ଼ାମଣି ବୋଲି ଶିରୋରତନକୁ, ପୁଣି କାକଚଞ୍ଚାଫଳେ ।
ଅଶ୍ୱିନୀ ଆଦ ନକ୍ଷତ୍ରକୁ ଦୁର୍ଗାଙ୍କୁ ଦାକ୍ଷାୟଣୀ ବୋଲି ବୋଲେ ।
ତୈଳପର୍ଣ୍ଣୀ ଶବ୍ଦ ମଳୟଜେ, ସିହ୍ଲ, କରେ, ଶ୍ରୀବାସେ ପ୍ରବର୍ତ୍ତେ ।
ଶିଖରିଣୀ ରୋମାବଳୀ ନାରୀରତ୍ନ ପୁଣି ମଲ୍ଲିକା ପ୍ରବର୍ତ୍ତେ ।

ରତ ଶାନ୍ତ

ରତ ବୋଲି ଗୁଳ ସଂଖ୍ୟାକୁ ମଦନବନ୍ଧକ ସୁରତକ ।
ରତ ଅନୁରାଗ ପ୍ରୀତ ; ରତ ବୋଲି ସୁରତ ଗୁହ୍ୟ ଦୁହିଁକି ।
ଖଣ୍ଡ ଲବଣ ଧୂସର ବର୍ଣ୍ଣ ଏହି ତନଙ୍କୁ ବୋଲନ୍ତି ଧୂର୍ତ୍ତ ।
ଚନ୍ଦ୍ରମଣି, ସୂର୍ଯ୍ୟମଣି, ପ୍ରାଣନାଥ, ଲୌହ, ଯେଉ ଏତେ କାନ୍ତ ।

କାନ୍ତ ବୋଲନ୍ତି ପ୍ରତ୍ୟଙ୍ଗ, କାନ୍ତି ; ଯେ ପ୍ରସାଦ ଯଶ ଏ ଖ୍ୟାତି ।
କ୍ଷିତି ନିବାସ, ଯେ କ୍ଷିତି କ୍ଷୟ ନାମ କାଳଭେଦେ, ଅଛି କ୍ଷିତି ।
ହେତୁ ଯଜ୍ଞ ମୂଳ, କାନ୍ତି ଶୋଭା ଦ୍ୟୁତି, କେତୁ ଯେ ପତାକା ଗ୍ରହ ।
କୃତି କରଣ ହିଂସା ଚର୍ମ୍ମ କୃତ୍ତିକାତାରା କୃତ୍ତେ କୃତି କହ ।
ଗୁପ୍ତି ବଚନ କାର୍ଯ୍ୟ ଗ୍ରନ୍ଥ, ଗମନ ଜନପଥ ଇତ ପଥ ।
ସୂତ ଜଳ ଆଜ୍ୟ, ସୁମନା ସଗୋଷ୍ଠ ଜଳ୍ପ ଜନ ନାମ ଜାତ ।
ଧାତା ବିଧାତା ପାଳକ, ତ୍ରେତାଯୁଗନାମ ଅଗ୍ନି ଏସ୍ୟ ହୋଇ ।
ଦନ୍ତ ଶୃଙ୍ଗ କ୍ଷାନ୍ତି ଦଶନ ଏ ତିନି ଦନ୍ତ ଗିରି ଶଙ୍କେ କହ ।
ଦାନ୍ତ ଦଶିତ କ୍ଲେଶ ସହ, ଦତ ଯେ ଖଣ୍ଡନ ବୈଦ୍ୟଜନନୀ ।
ଦୀପ୍ତି ବିଭାସିତ ଦର୍ପ୍ପ, ଜ୍ୱଳିତ ଯେ ଦ୍ୱିଜ ଶୋଭା ରଶ୍ମି ଦେନ ।
ଧାତୁ ବୟସ ଶବ୍ଦ ଯୋନି ଗୈରିକ ମନଃଶିଳାଦି ସହିତ ।
ପ୍ରୀତି ସୁଗାନ୍ଧରେ ମୋଦକୁ କହନ୍ତି ସୁରପତି ନାମ ଉକ୍ତ ।
ପତି କହି ସାମନ୍ତକୁ ବଲ୍ଲଭକୁ, ପତି ବୋଲାଇ ପଦାତି ।
ଭୀତ କୃତ୍ୟ ଭୟ ଦୁହିଁକି କହନ୍ତି, ଭୃତ ଯେ ଭୟ ସମସ୍ତ ।
ଭୂତ ଋଷି ଆଦି ସର୍ବ ଜନ୍ତୁ, ଭୂତ ପିଶାଚ ଦେବଗଣ ଭୂତ ।
ମୁକ୍ତି ମୋଚନ ମୋକ୍ଷକୁ ବୋଲି ମୋକ୍ଷ ମୋଚନ ବୋଲନ୍ତି ମୁକ୍ତ ।
ଭକ୍ତି ବିଭାଗ ସେବାକୁ କୋଳ, ଭକ୍ତି କଲା ଜନ ଅନ୍ନ ଭକ୍ତ ।
ପୋତ ବୋଲନ୍ତି ଶିଶୁକୁ ବହିତ୍ରକୁ, ଭଷ ସୁଗନ୍ଧ ଏ ରକ୍ତ ।
ଲତା ବଲ୍ଲରୀ ପ୍ରିୟଙ୍ଗୁ ଜ୍ୟୋତିଷ୍ମତୀ ଦୁର୍ବା ମାଧବୀ କସ୍ତୁରୀ ।
ଶ୍ରୁତି ସ୍ୱଭାବ ପିଙ୍ଗଳ, ଶ୍ରୁତି କର୍ଣ୍ଣ ବେଦ, ଶକ୍ତି ଶସ୍ତ୍ର ଗୌରୀ ।
ସୀତା ବୋଲନ୍ତି କର୍କଶ ଗଙ୍ଗା ରାମଭାର୍ଯ୍ୟା ଲାଙ୍ଗଳପଦ୍ଧତି ।
ସୁତ ପୁତ୍ର ଭୂପଙ୍କର ଯେ ପାରଦ ମୂଳପ୍ରଭେଦ ସାରଥି ।
ଶୀତ ହିମଗୁଣ ଶୀତଳ ଅଳସ ଧବଳ ଶ୍ୟାମଳ ଶୀତ ।
ଶ୍ୱେତ ଶୁକ୍ଳବର୍ଣ୍ଣ ପୁଣି ଦ୍ୱୀପଭେଦ ଅଦ୍ରିଭେଦରେ ଅଛତ ।
ଶୁକ୍ତି ସମସ୍ତ ଅରତ୍ନ, ଶୁକ୍ତି ଶଙ୍ଖ ନଖ ଯେ ମୁକ୍ତାସ୍ଫୋଟ ।
ଲେଖାଲେଖନେ ତଳକେ ଅଭ୍ରତରେ ବସ୍ତେ ଛନ୍ଦ ଶବ୍ଦସ୍ପୃଷ୍ଟ ।
ତଣ୍ଟା ଅଖପର୍ଣ୍ଣୀ ସୁଭଦ୍ରା ଗୋଦୁଗ୍ଧା ଚତ୍ୱାନକ୍ଷତ୍ର ଗଣନେ ।
ଧାତ୍ରି ମାତା ଉପମାତା ଆମଳକୀ ପୃଥ୍ୱୀକି କହନ୍ତି ଜନେ ।
ଛତ୍ର ଶିଲୀନ୍ଧ୍ର ଆତପତ୍ର ବୋଲାଇ ; ଗୋତ୍ର ସଗୋତ୍ର ଶିଖରୀ ।
ନେତ୍ର ବସ୍ତ୍ରଭେଦ ରଥ ଯେ ନୟନ ; ମିତ୍ର ଯେ ସୁହୃଦ ରବି ।
ଅମୃତ କହି ଯଜ୍ଞଶେଷେ ପୀୟୂଷେ ସଲିଳେ ଘୃତେ ଅହୁତ ।
ଅମୃତ କହି ଅଯାଚିତେ ଅମୃତ ମୋକ୍ଷଦେବେ ଧନ୍ୱନ୍ତରି ।
ଅମୃତା ପଥ୍ୟା ଆମଳକୀ ଗୁଳୁଚି ଅମୃତା ଯେ ଭଲ୍ଲାତକ ।
ଅନନ୍ତଶବ୍ଦ ଅପ୍ରମେୟ ଆକାଶ ଶ୍ରୀହରି ନାଗନାୟକ ।

କର୍ତ୍ତିତ ଛିନ୍ନମ୍ ମ୍ଲେଚ୍ଛଜାତିଭେଦ ; କୁଣ୍ଠିତ ନୈଶ୍ୟପଣ୍ଡିତ ।
ଜଗତୀ ଅଛି ଛନ୍ଦଭେଦେ ; ଜଗତ ଜନ ଅବନୀ ଜଗତ ।
ଜୀମୂତ କହି ଗିରି ଜଳଧରଙ୍କୁ ପୁଣି ଯେ ଖଣ୍ଡଖଣ୍ଡିକ ।
ଉଦ୍ଧୃତ ଉଦ୍ଧାର କୁଙ୍କୁମ ତନୟ୍ ଜଘନ ଅର୍ଦ୍ଧାଙ୍ଗୁଳିକ ।
ଗୋପତି ବୋଲନ୍ତି ନୃପତି ଭାସ୍କର ବୃଷଭ ଯେ ଶିବପତ୍ରୀ ।
ଜୟନ୍ତ ବୋଲନ୍ତି ଭୀମ ଇନ୍ଦ୍ରପୁତ୍ର ଜମ୍ବୁବୃକ୍ଷ କାକ ଯେନ ।
ପଳିତ ଶୈଳଜ କର୍ଦ୍ଦମ ତାପ ଯେ ଖପର ବାଳ ଗଳିତ ।
ଦେବୀ ମୁନି ଅତି ମତ୍ସ୍ୟଭେଦ ବୃକ୍ଷ ଶିଖର ନାମ ପର୍ବତ ।
ପବୃତ୍ତ ବୋଲି ପବୃତ୍ତ ଯେ ଭବନେ ପବାହେ ମଳ ଉତ୍ସର୍ଗେ ।
ପଳିତ ବୋଲି ମାସ୍ୱାଙ୍କୁ ଇନ୍ଦ୍ରପତ୍ନୀ ପିଙ୍ଗଳ ଯେ କବିବର୍ଗେ ।
ପାର୍ବତୀ ବୋଲନ୍ତି ଅମ୍ବିକା ଗୋପାଳ ପୁତ୍ରିକାଭେଦରେ ଯେନ ।
ଭାରତୀ ବୋଲି ବଚନ ସରସ୍ୱତୀ ପକ୍ଷିଭେଦରେ ଯେ ମାନ ।
ଭରତ କହି ନାଟ୍ୟଶାସ୍ତ୍ରଭେଦରେ ରାମାନୁଜେ ଦେଶାନ୍ତରେ ।
ରୈବତ ରାଜା ରୈବତ ଗିରିରେ ଯେ ରୈବତ କହି ଶଙ୍କରେ ।
ରେବତୀ ମାତୃଭେଦେ ଯାନ୍ତ୍ରତାରକା ହଳଧରମନୋହାରୀ ।
ରୋହିତ ଋଜୁ ଇନ୍ଦ୍ରଧନୁ କୁଙ୍କୁମ ମୃଗେନ୍ଦ୍ର ଯାନ ରମଣୀ ।
ବାସନ୍ତୀ ବୋଲନ୍ତି ପାଟଳୀ ଯୂଥିକା ମାଧବୀ ଯେ ନବମଲ୍ଲିକ ।
ବାସନ୍ତ କଟ ବହୁଦଣ୍ଡୁ ବୋଲନ୍ତି ବାସନ୍ତ ବୋଲନ୍ତି ପିକ ।
ଶ୍ରୀପତି ଶ୍ରୀହରି ନୃପତି ଶୁଦ୍ଧାନ୍ତଃପୁର ମଧ୍ୟ କକ୍ଷାନ୍ତର ।
ସଂବର୍ତ୍ତ ପ୍ରଳୟକାଳ କପିଞ୍ଜଳ ଅଛି ଏକ ମୁନିବର ।
ସଲ୍ଲତ ଶୁକ୍ତିହାର ରୌପ୍ୟ ବୋଲାଇ ; ମରୁତ ଦେବତା ବାତ
ଯାତଙ୍କୁ ନରକାନ୍ତରଙ୍କୁ ନିଶ୍ୱଙ୍କୁ ବୃନ୍ଦଙ୍କୁ କହି, ସଂଘାତ ।
ସନ୍ତତ ଗୋଷ୍ଠ ପଂକ୍ତି ପୁଷ୍ପ ; ମହତୀ ବଲ୍ଲକୀ ସମୁଦ୍ରସ୍ଥାନ ।
ସଂଗତ ବଳୟ୍ ଧ୍ୱନିକ ବୋଲନ୍ତି ସଂଗତ ସଂଗମ ଜ୍ଞାନ ।
ସୁନୀତି ଶୋଭା ଧ୍ରୁବମାତା ; ସୁକୃତ ମଙ୍ଗଳ ସତ୍ୟବଚନ ।
ହସନ୍ତୀ ଅଙ୍ଗାରଧାନୀ ମଲ୍ଲିକା ଯେ ଶାକିନୀ ନାମ ପ୍ରମାଣ ।
ହରିତ ମୁନିଭେଦ ପକ୍ଷୀଭେଦରେ ; ହାରୀତ ପୁଣି କୈତବ ।
ନାରଦ ଦଗ ପୁଣି ବର୍ଣ୍ଣ ; ହରିତ ଦୁର୍ବାଦଳଙ୍କୁ ଯେନବ ।
ଐରାବତ ଅବୁ ମାତଙ୍ଗ ନାରଙ୍ଗ ଲକୁଚ ନାଗ ପ୍ରଭେଦ ।
ଋଜୁବର୍ଣ୍ଣ ଇନ୍ଦ୍ରଧନୁ ଐରାବନ ସୌଦାମିନୀକି ଯେ ତବ ।
ନନ୍ଦବତୀ ପୃଥ୍ୱୀ ଏକ ଗୁଳ୍ମ ବ୍ୟାସମାତା ସୁତା ନାମ ଜାଣ ।
କୁହୁ ରବୁ ଶବ୍ଦ ପିକ ଆଳାପରେ ସୁରତ ଧ୍ୱନିରେ ଅଣ ।
ଚନ୍ଦ୍ରକାନ୍ତ ଚନ୍ଦ୍ରମଣି କଇରବ ପଲ୍ଲବିତ ଦ୍ରାକ୍ଷାପଦ ।
ପୁଷ୍ପବନ୍ତ ଅଛି ବିଦ୍ୟାଧର ଭେଦେ ଚନ୍ଦ୍ରଦନ୍ତ ପୁଷ୍ପବନ୍ତ ।

ଭୋଗବତୀ ଧବ ହରପୁର ନାମ ଲକ୍ଷ୍ମୀପତି ନୃପ ହରି ।
ହୈମବତୀ ସ୍ୱର୍ଣ୍ଣଗିରି ନନ୍ଦିନୀ ଶ୍ୱେତବତ ଗଙ୍ଗା ଗୌରୀ ।
ବସନ୍ତଦୂତ ଚୂତ ପିକ ପଞ୍ଚମସ୍ୱରଗଲୁ ଜନେ କହନ୍ତି ।
ପାଟଳୀବୃକ୍ଷ ମାଧବୀ ଲତା ଦୁହେଁଟି ପ୍ରମାଣ ବସନ୍ତଦୂତୀ ।
ମୂର୍ଦ୍ଧାଭିଷିକ୍ତ ଶତକ ଯେ କ୍ଷତ୍ରିୟ, ମହୀପତିରେ ପ୍ରସିଦ୍ଧି ।
ସମୁଦ୍ର-ନବନୀତ ସକଳମତରେ ପୀୟୂଷ ଯେ କଳାନିଧି ।

ଇତି ଚାରି

ଅର୍ଥ ନାନାର୍ଥ ଧନ ; କନ୍ଥା ମୃଣ୍ମୟ ଗୃହ ପ୍ରାକରଣାନ୍ତର ।
ଗ୍ରନ୍ଥ ପୁସ୍ତକ ଦ୍ରବ୍ୟ ରଥ ; ସ୍ୟନ୍ଦନ ଦେହସ ଯେ କଳେବର ।
ବନ୍ଧନ ଗ୍ରନ୍ଥନ ପାଇଁ ପଙ୍କ ଏ ଗ୍ରନ୍ଥ ବୋଲନ୍ତି ସ୍ୱଭାବେ ।
କୋଥ ନେତ୍ରରୋଗ ସଙ୍କଟ ; ଗାଥା ଯେ ଶ୍ଲୋକ ଭାଷାନ୍ତେ ସମ୍ଭବେ ।
ପୃଥୁ ପୀନକପର କୃଷ୍ଣଜଙ୍ଘ ଯେ ଅଗ୍ନି ଏକ ନରେଶ୍ୱର ।
ପୋଥା ହସ୍ତପୋଷା କଟୀମଧ୍ୟ ; ମନ୍ଥ ମନ୍ଥନ ଯେ ଦିବାକର ।
ପାଥ ଅର୍କ ଅଗ୍ନି ଜଳ ; ସକ୍ଥ ବୋଲି ମଧୁଚ୍ଛିଷ୍ଟକୁ ଅନ୍ତରୁ ।
ବଥ୍ ଗୃହାଙ୍ଗଣ କି ଗ୍ରନ୍ଥ ବୋଲନ୍ତି ମୀନଭେଦକୁ ସାନ୍ଦୁକୁ ।
ଅତିଥି ବୋଲି ଅଭ୍ୟାଗତ ପୁଣି ଯେ ଅତିଥି କୁଶ କୁମର ।
ବମଥୁ ବୋଲାଇ ବମନ ବମଥୁ ଅହୁର କରଣୀକର ।
ଅଶ୍ୱତ୍ଥ ଅଶ୍ୱ ପୌର୍ଣ୍ଣମାସୀ ତିଥି ଯେ ଅଶ୍ୱତ୍ଥ ପିପ୍ପଳ ଦ୍ରୁମ ।
ପ୍ରମଥ ବୋଲାଇ ହସ୍ତୀତଙ୍କୀ ମହାଦେବପରିକର ନାମ ।
ବରୂଥ କହନ୍ତି ରଥଗୁପ୍ତିକ ଯେ ; ବରଥ ହର୍ମ୍ୟ ସଦନ ।
ବୋଲନ୍ତି ମନ୍ମଥ କାମ ଚନ୍ଦ୍ରା ପୁଣି ; କପିଥ୍ୱ ତରୁ ସଦନ ।
ବ୍ରାହ୍ମୀ ତୁଳସୀ ଅମଳକୀ ଅଟ୍ଟସିଂଳା କାକୋଲୀ ଏ ପାଞ୍ଚ ବୃକ୍ଷ ।
ହସ୍ତୀତଙ୍କୀ ତରୁଗଣ ଯେଣୁ ସାତେ ବୟସ୍ଥା ନାମ ପ୍ରତ୍ୟକ୍ଷ ।
ଦଶରଥ ବୋଲି ଜନକେ ଅଛନ୍ତି ପ୍ରଭୁଙ୍କର ଦଶରଥ ।
ମଧୁପ ପାଦପ ତୃତୀୟ ଆଶ୍ରମ ଜନେ ବୋଲି, ବାନପ୍ରସ୍ଥ ।

ଇତି ଥାନ୍ତ

କନ୍ଦ ଅଛୁ ଅମ୍ବୁଭେଦେ ମୂର୍ତ୍ତିଭେଦେ କପିଯୂଥରେ ଗଣନା ।
ଖନ୍ଦ କୃଷ୍ଣାକୃତେ [illegible]ଭେଦରେ ; ରୋଗ ଶସ୍ତ୍ର ଗଦା ପିନା ।
ଛଦ ଦଳ ପକ୍ଷ ଗନ୍ତି ପତ୍ରୀ ; କ୍ଷୋଦ ବୋଲାଇ ପେଷଣ ଧୂଳି
କର୍ପୂର ରଥୂର ଜଳ ହେମ କାମନ୍ଦ ଏ ପାଞ୍ଚକୁ ଚନ୍ଦ୍ର ବୋଲି ।
ଚନ୍ଦ୍ର କୁଟଜ ସୁରପତି ; ରୁଦ୍ର ଯେ ମହାଦେବ ଭୟଙ୍କର ।
ମନ୍ଦ ଅଗ୍ନି ଆଳସ୍ୟ ମୂଢଜନ ମନ୍ଦ କାହିଁ ଶନିଶ୍ଚର ।

CENTRAL LIBRARY

ତମୋଘ୍ନ ସୂର୍ଯ୍ୟ କହି ଲକ୍ଷ ଶଙ୍କର ବନ୍ଧୁ ବୁଧ ଅଭିଧାନ ।
ଦର୍ଶନ ନୟନ ସ୍ୱପ୍ନ ବୁଧ ଧର୍ମ ଉପଲବ୍ଧି ଯେ ଦର୍ପଣ ।
ଦଶନ ଶିଖର ଦନ୍ତ ବୋଲଇ ଯେ ଦଶନ ଯେ ଲତାକର ।
ନନ୍ଦନ ବାସବ ଉଦ୍ୟାନ ନନ୍ଦନ ନାମ ହର୍ଷକ କୁମର ।
ନଳିନୀ ପଦ୍ମିନୀ ସ୍ତ୍ରୀଙ୍କ ପଦ୍ମଲତା ନଦୀ ସିନ୍ଧୁ ସରୋବର ।
ପବନ ଦାରୁଣ ରଣ ଲୁଣ୍ଠକାର ପାନସ୍ଥାନ ଯେ ସମୀର ।
ପଦ୍ମିନୀ ପଦ୍ମଲତା ନାରୀ ଚନ୍ଦନ ମଳୟଜ କପିଶାଇ ।
ପୂତନା ଅସୁରୀ ହସ୍ତିଦନ୍ତୀ ଶ୍ରେଣୀ ପ୍ରଭେଦ ଶ୍ୟେନ ମାତରି ।
ପ୍ରସୂନ ସବୃନ୍ତ ଫୁଲ ପ୍ରସୂନ ଯେ ପ୍ରସବ ଯେ ପୁଷ୍ପ ଫଳ ।
ଭୋଗିନୀ ସର୍ପିଣୀ ନୃପସ୍ତ୍ରୀ ; ଭୁବନ ଗଗନ ଜଗତ ଜଳ ।
ମଦନ କାମ ଦୂତଦ୍ରୁମ ଧୁସ୍ତୁର ସିକ୍ଥକ ଯେ ପଞ୍ଚବାଣ ।
ମାଳତୀ ମାଧବୀ ମାଳାକାର ନାରୀ ନଦୀଭେଦରେ ପ୍ରକାଶି ।
ଯବନ କହୁ ଯବନେ ଯେମେ ଦେଶଭେଦେ କନ୍ଦନ ଏ ସତ ।
ରଜନୀ ରାତ୍ରି ହରିଦ୍ରା ଯେ ନଳିନୀ କଦଳୀକାରେ ପୁନ ଉକ୍ତି ।
ମିଥୁନ ଯେ ଯୁଗ୍ମ ରାଶି ଭେଦ ରକ୍ତଚନ୍ଦନ ରମ୍ୟ ରଞ୍ଜନ ।
ସୁମନା କହୁ ପୁଷ୍ପକୁ ମାଳତୀଙ୍କ ଅର୍ଥରେ ଦେବରେ ସେନ ।
ଲଳନା ଯାମିନୀ ନାରୀଭେଦେ ଅଛି ଲଳନା ସୁବର୍ଣ୍ଣବର ।
ବାମନ ଖର୍ବ ଦରଦନ୍ତଭେଦରେ ବାମନ ନୀଚ ପାମର ।
ବିମାନ ବୋଲନ୍ତି ଚକ୍ରବର୍ତ୍ତିପୁର ବିମାନ ଯେ ବ୍ୟୋମଯାନ ।
ଯଜ୍ଞଉପବୀତ ବସ୍ତ୍ରାର ଛନ୍ଦଭେଦେ ଲୋକେ କହନ୍ତି ବିତାନ ।
ଶ୍ୟେନ ଶାନ୍ତ ଅବ ଯମ ; ଶକୁନ କୁକ୍କୁଟୀ ବିହଙ୍ଗମ ।
ଶ୍ୱସନ ଶ୍ୱାସ ମାରୁତକୁ ବୋଲନ୍ତି ଶ୍ୱସନ ମଦନ ଦ୍ରୁମ ।
ଶୟନ ସୁରତ ନିଦ୍ରା ଶଯ୍ୟା ତଳ ; ଶକୁନ ପକ୍ଷୀ ଶକୁନ ।
ଶଙ୍ଖିନୀ ଶ୍ୱେତ ତୃଣ ବଧୂପ୍ରଭେଦ ଚୋର ପୁଷ୍ପ ସିଦ୍ଧସେନ ।
ଶୋଭନ ସୁନ୍ଦର ଯୋଗଭେଦ ; ଅଛି ସଦନ ଜନମନ୍ଦର ।
ବୃଜିନ କଲୁଷ କୁଟିଳ କୁନ୍ତଳ ବେଦନାକୁ ବୋଲେ ନର ।
ଅବଲଗ୍ନ ମଧ୍ୟ ଲଗ୍ନ ଲୁଚନ୍ତନ, ପଦ୍ମାଙ୍ଗ ରକ୍ତ ଚନ୍ଦନ ।
କାତ୍ୟାୟନୀ ଉମା ବିଧବା ଯେ ଯୋଷା ; ମୁନି କାନ୍ତ କାତ୍ୟାୟନ ।
କୁମ୍ଭ ଯୋନି ଦ୍ରୋଣ ବଶିଷ୍ଠ ଅଗସ୍ତ୍ୟ ସନାତନ ମେଷ ଗନ୍ଧ ।
ନିଧୁବନ କମ୍ପ ରତ ; ତସ୍କରକୁ ବୋଲନ୍ତି ଅନଳସୂର୍ଯ୍ୟ ।
ପତଞ୍ଜଳି ଶବ୍ଦ ସଂସ୍କାର ଲାଳସ ଲକ୍ଷଣରେ ଯେ ପ୍ରକାଶି ।
ପୟସ୍ୱିନୀ ଧେନୁ କ୍ଷଣା ନଦୀ ; ତପସ୍ୱିନୀ ଭିକ୍ଷି ଜଟାମାଂସୀ ।
ପୁଣ୍ୟଜନ ଯକ୍ଷ ରାକ୍ଷସ ସଜ୍ଜନ ମଦସ୍ୱିନୀ କାମମଦ ।
ଦୋଷସ୍ୱିନୀ ବପ ଦିନ ; ଗଦସ୍ୱିନୀ କାମୁକ କୃଷ୍ଣ ଅଗ୍ରଜ ।

ଶିଖଣ୍ଡିନୀ ବୋଲି ପୃଥ୍ୱୀକାଉଡାକୁ ଲୁଣ୍ଡୁଣ୍ଡେ ମୟୂରକ ।
ଶିଖଣ୍ଡିନୀ ପୁଣି ଖଳଅଉବାସୀ ଶିଖଣ୍ଡିନୀ ପୁଣି କେକୀ ।
ସଂଯମନୀ ଯମନଗରୀ ସଂଯମ ବନ୍ଧନ ବ୍ରତକୁ ବୋଲି ।
ସରୋଜିନୀ ପଦ୍ମାକର ପଦ୍ମଲତା ସରୋଜିନୀ କରବାଳୀ ।
ଅଗ୍ନି ଚନ୍ଦ୍ର ସୂର୍ଯ୍ୟ ଇନ୍ଦ୍ରାଦି ଲୁମର ବୋଲନ୍ତି ଏ ବିରୋଚନ ।
ମେରୁ ଜମ୍ବୁଦ୍ରୁମ ହରଚକ୍ର ଶକ୍ରପୁତ୍ର ନାମ ସୁଦର୍ଶନ ।

ଇତି ନାନ୍ତ

ରୂପ ସ୍ୱଭାବ ସୌନ୍ଦର୍ଯ୍ୟ ଯେ ଶୁକ ନାଟକାଦି ଶବ୍ଦାଳଙ୍କାର ।
କଳ୍ପ ନିଶ୍ଚ ନ୍ୟାସ୍ୱିଧାନ୍ତ ଯେ ସଂବର୍ତ୍ତ ପୁଣି ଯେ କଳ୍ପାବସର ।
କପି ଶିଳ୍ପିକା ଶାଖାମୃଗ କେଶବ ଗୋପ ଗୋପାଳନନ୍ଦନ ।
ଉପକ୍ଷେପ କ୍ଷେପଣ ସନ୍ତାପ ଶୀଷମ ରେଶର ରୋପଣ ଯେ ବାଣ ।
କୃପା ଯେ ଲଜ୍ଜା କୁଳଟା ; ଅମୃତର୍କ କୂପ ପୁଣି କୁଣ୍ଡକୁଣ୍ଡ ।
ବାଷ୍ପ ଉଷ୍ମ ଅଶ୍ରୁପୁଷ୍ପ ଯେ ଅର୍ଣ୍ଣବ ବକାଶ ପୁଷ୍ପ ପ୍ରତ୍ୟକ୍ଷ ।
ଅବାପ୍ତ ପର୍ଯ୍ୟକ୍ଷେ ଅଳବାଳ ବୋଲି ଉଡୁପ ଚନ୍ଦ୍ର ତରଣି ।
କଳ୍ପୀ କଳ୍ପିକା ଭେଦ ପାଦାନ୍ତ ଯେ କଳ୍ପୀ ତୂଳ ପ୍ରମାଣି ।
କଳାପ ସମୂହ କେଶମୁକ୍ତ କାଞ୍ଚୀ ଭୂଷଣ ପୁଣି ତୂଣୀର ।
ବିଟପ ବଟ ସ୍ତମ୍ଭ ଶାଖା ବିସ୍ତାର ପଲ୍ଲବ ଯେ ନାରକେଳ ।
ରକ୍ତପା ଜଳୌକା ଡାକିନୀ ରାକ୍ଷସ କୁଣପ ଦୁର୍ଗନ୍ଧ ଶବ ।
କଶ୍ୟପ କୁକ୍କୁର ମାର୍ଜାର ; ପ୍ରତାପ ତାପ ତେଜକୁ ସେନିବ ।
ବହୁରୂପ ଶିବ ବସ୍ତ୍ର ମନସିଜ ସରଟ ଯେ କୃତ୍ୟକାର ।
ହେମପୁଷ୍ପ ଜବା ଅଶୋକ ଯେ ମେଷପୁଷ୍ପ ବସ୍ତ୍ର ହସ୍ତ ନୀର ।

ଇତି ପାନ୍ତ

ସୁମ୍ଭା ବାହୁ ଅଳଙ୍କାର ; ରେଫ କହି ରକ୍ତବର୍ଣ୍ଣ ଯେ କୁତ୍ସିତେ ।
ଶେଫ ତରୁମୂଳ ମୂଳ ; ଶିଫାରେ ଯେ ସ୍ତନ ନାଶିକା ସହିତେ ।

ଇତି ଫାନ୍ତ

କମ୍ବୁ ଶମ୍ବୁକ ଶଙ୍ଖ ଗଜ ବଳୟ ; ଖର୍ବ ସଂଖ୍ୟକ ବାମନ ।
ବିମ୍ବ ପ୍ରତିବିମ୍ବ ମଣ୍ଡଳ ବିମ୍ବିକାଫଳ କୃକଳାସ ସେନ ।
କଦମ୍ବ ନୀପ ସମୂହକୁ ସିଦ୍ଧାର୍ଥ ; କଳମ୍ବ ଯେ ନୀପସାର ।
ପ୍ରଲମ୍ବ ପ୍ରଲମ୍ବନ ହାର ପ୍ରଭେଦ ଲୂତ ଅଙ୍କୁର ଅମ୍ବର ।
ହେରମ୍ବ ଗଣେଶ ମହିଷ ପର୍ବତ ; କାଦମ୍ବ ସରଟ ହଂସ ।
ଗନ୍ଧର୍ବ ମୃଗ କୋକିଳ ଭୁଜଙ୍ଗମ ଖେଚର ଗାୟକଗଣ ।
ନିତମ୍ବ ସ୍ତ୍ରୀକଟୀପଶ୍ଚାଦ୍ଭାଗ ଶୈଳ ସାନୁରେ ପ୍ରଖ୍ୟାତ ପୁଣି ।
ଦ୍ୱିଜିହ୍ୱ ନାମକୁ ଉରଗେ କହନ୍ତି ଦ୍ୱିଜିହ୍ୱ ଖଳକୁ ଗଣି ।

ଇତି ବାନ୍ତ

ଲୁମ୍ ପୁଚ୍ଛ କପି ମୂର୍ଦ୍ଧାଙ୍କେ ଶ୍ରେଣିରେ ଲମ୍ବକର୍ଣ୍ଣ ଖଳ ।
ଲୁମ୍ କାମୁକ କାଉନାଏ ମୂର୍ଖ ଯେ ଲୁମ୍ ଗୁମ୍ଫ ଭରେ ଭକ୍ତ ।
କମ୍ ଜଳଜନ୍ତୁ ବସ୍ତ୍ର କମ୍ପିଲ ଯେ ; କୁମ୍ ପ୍ରକାଶ କୁମ୍ଭଣ ।
ଦମ୍ କୈତବ କଳ୍ପଦ୍ରୁମ ଲକ୍ଷଣ ସର୍ପଙ୍କୁ ନିଶାଦ୍ ଗଣ ।
ସ୍ତମ୍ଭ ଜଡ଼ ହୁଣ ଶଙ୍କୁ କୁମ୍ଭା ହର ; ଶମ୍ଭୁ କଷ୍ଟ ମହେଶ୍ୱର ।
ରମ୍ଭା କଦଳୀ ଅପ୍ସରା ସଙ୍କ ଯେ କନଗୋଷ୍ଠୀ ଦୃଢ଼ ଗାଇ ।
ନାଭି ମୃଗ ନୃପ ତକ୍ରୀ ମଣ୍ଡ ଏକ ଅଙ୍ଗ କସ୍ତୂରୀ କାମୁକ ।
ଶୁକ୍ ଯୋଗ ଯୋଷା କଲ୍ ବୋଲି ଯତ୍ ମହାଦେବଙ୍କୁ ଯେ ଧର୍ମ ।
କକୁଭ ଅର୍ଜୁନ ଦ୍ରୁମ ବାଣାଙ୍କ କକୁଭ ବୋଲାଇ ଦଶ ।
ଦୁର୍ଲଭ ଦୁଷ୍ପ୍ରାପ୍ୟ ଜଳ୍ପକପାଳୁପ ; ଦୁନ୍ଦୁଭି ବାଦ୍ୟ ସ୍ୱକ୍ଷର ।
ଦମ୍ଭକ ଦର୍ପିତ ଲୁବ୍ଧୀନ ଅଣ୍ଡ ଯେ କଲମ୍ବ ଦଣ୍ଡକା ବୈଦ୍ୟ ।
କଷମ୍ ବୋଲଣ ଜୈନ କଳହରେ କଣ୍ଟାଦେ ପ୍ରଣୟେ ଭକ୍ତ ।
ସୁରଭି ସନ୍ଧ୍ୟା ମାତୃକ ଚମ୍ପକ ବସନ୍ତ ଯେ ଜାତିଫଳ ।
ସୁରଭି ବୋଲାଇ ସୁଗନ୍ଧ ସୁବର୍ଣ୍ଣ ଶର ଧନୁ ଗନ୍ଧୋତ୍ପଳ ।

ମଣ ଶବ୍ଦ

ମା ଲକ୍ଷ୍ମୀ ଅକାଶ ; ଉମା ହରପ୍ରିୟା ; ରମା ହରଦ୍ରା ଅପ୍ସରୀ ।
ଊର୍ମି ବୋଇ ଲଙ୍ଘ ଉତ୍କଣ୍ଠା ପୀଡ଼ାଲୁ ସଙ୍କୋଚ ପୀଡ଼ାରେ ଭଣି ।
କ୍ଷମା ଅବନୀ ତତ୍କ୍ଷମା ; ମୋକ୍ଷ କଳ ବସନ କୌଶେୟ୍ ବାସ ।
ଶୁକ୍ଳ ସ୍ତମ୍ଭ ତନୁ ଗ୍ରୀବା ସୈନ୍ୟ ; ଘର୍ମ ଗ୍ରୀଷ୍ମ ସ୍ୱେଦ ରଶ୍ମି ଭାସ ।
ଦ୍ରୁମ ପାରିଜାତ ଦ୍ରୁମ ମହୀରୁହ ଦ୍ରୁମ କିଂପୁରୁଷେଶ୍ୱର ।
ଧର୍ମ ସୋମ ତନ୍ତ୍ର ଅହିଂସା ସବଦା କରୁ ଯେ ପୁଣ୍ୟ ଅଶ୍ୱର ।
ପଦ୍ମ କମଳ ନକ୍ଷତ୍ରଭେଦ ସଂଖ୍ୟା ଯେ ହସ୍ତୀ ମଦବନ୍ତୁ ହୋଇ ।
ଲୁଲୀଣ ଲୁକ୍ଷ ତନ୍ମାତ୍ରେ ଯେ ଗର୍ଜିକ କୈତବଙ୍କୁ ନେମି କହୁ ।
ବ୍ରାହ୍ମୀ କତନ ସୋମବଲ୍ଲୀ ଶାରଦା ବ୍ରାହ୍ମୀ ପକ୍ଷିକା ଯେ ଜାଣ ।
ଭୀମ ହେମନ୍ତ ଅଙ୍ଗ ଭୂମଣ କଲ୍ପମ ଭ୍ରମ ଭ୍ରମ ସୁମନସ ।
ଭୀମ ଦ୍ୱିତୀୟ ପାଣ୍ଡବ ମହାଦେବ ଭୀଷଣ ଅମ୍ଲବେତସ ।
ଭୀଷ୍ମ ଦେବବ୍ରତ ଭୟଙ୍କର ; ଯମ ଶବ୍ଦରେ ସଂଯମେ ଭାସ ।
ଯମ କାମ ଶବ ଲୁତାନ୍ତ ଯମଜ ରଶ୍ମି ଲକ୍ଷଣ କରଣ ।
ଭାମା ନାରୀ ହେଳୁ ରମା କାନ୍ତ ରକ୍ତ ହର ହୁଣ ପୁଣି ଶୋଣ ।
ଭାମ ସ୍ୱପଚ କରୁଣ ପର୍ଣ୍ଣଥଲ ମୃଗଭେଦ ହଳାୟୁଧ ।
ଭାମ ଶୋଭନୀୟ ବାସୁକି କୃଷ୍ଣରେ ଶ୍ୟାମ ଶବଦ ପ୍ରସିଦ୍ଧ ।
ଶ୍ୟାମ ବଟ ଲୁବତାରକ ବାଦବ ପିକ ପୀତ କାଳକଣ୍ଠ ।
ଶ୍ୟାମ ଯେ ଯମୁନା ଭଉଣୀ ଅଙ୍ଗନା ଶଶୀ ସିନ୍ଧୁ ଯେ ଲବଣ ।

ଶ୍ୟାମ ସାର ହୁଏ ଔଷଧ ପିମ୍ପକୁ କହନ୍ତି କୃଷ୍ଣବିବୃତା ।
ସୋମ ଚନ୍ଦ୍ର ନାଗ ବାତ ପିତ୍ତ ଦେବ ବଣରେବ ସୋମଲତା ।
ଧୋମ ବାନର କୁବେର ସନ୍ତାର ସୂକ୍ଷ୍ମ କେତକ ସୁଦାମ ।
ହିମ ତୁଷାର ଶୀତଳ ସୀମା ସାନ୍ଦ୍ର ଚୂଡ଼ ଷେଣ୍ଠ ଅଶ୍ମକୋଷ ।
କୁସୁମ ନେତ୍ରରୋଗ ଫଳ ପୁଷ୍ପ ଯେ କୁସୁମ ଜାତ ସ୍ତ୍ରୀରଜ ।
କୃତ୍ରିମ ଲବଣ ଭେଦରେ କୃତ୍ରିମ ନାମରେ ସୁତ ଦେହଜ ।
କୃମି ମ କୃତ୍ରିମ ଦନ୍ତ କରବାଳ ଜେମ ପୁଣି ବଧାନ ।
ନିଗମ ବୋଲି ମନ୍ତ୍ରଣାକୁ ବେଦକୁ ଅଗମ୍ୟ ବୈଶ୍ୟସଦନ ।
ମଧ୍ୟମ ମଧ୍ୟକ୍ଷ ସ୍ୱର ମଧ୍ୟଦେଶ ଅବଲଗ୍ନ ଯେ ଅଙ୍ଗୁଳି ।
ପ୍ରବଳ ପଞ୍ଚକ ଦ୍ରୁମ ପଞ୍ଚମସ୍ୱର ରାଗଭେଦେ ଜାଣ ।
ବଲୋମ ପଦଲୋମ ଯେ ଭୁଜଙ୍ଗମ ବଲୋମ ବରୁଣ ସ୍ଥାନ ।
ଅନୁପମା ଅତି ଉତ୍ତମା ଯେ ଦିଗକରଣୀ ଭେଦରେ ଯେନ ।
ସାର୍ବଭୌମ ଦିଗଦନ୍ତୀ ଚକ୍ରବର୍ତ୍ତୀ ପ୍ରବଙ୍ଗମ କପି ଭେକ ।
ମହାପଦ୍ମ ନାଗନାମ ; ଦଣ୍ଡ ଯାମ ଦିବସ ପୁଣି ଅନ୍ତକ ।

ଯଫଳା

ଆର୍ଯ୍ୟ ବୈଶ୍ୟ ଶିକ୍ଷାଙ୍କରୁ ଅନୁକ୍ଷଣ୍ୟ କନ୍ଦ ଦେଶୁ ତାପତ୍ୟ ।
ଗୁହ୍ୟ କପଟ ଲିଙ୍ଗ ଗୁହ୍ୟ ସୁପଥ ଗଢ଼ ଯେ ଗୁପ୍ତ ନାମାୟ ।
ପ୍ରିୟ ହୃଦୟ ଶରୀର ପ୍ରାଣେଶ୍ୱର ପୂଜ୍ୟ ପୂଜିତ ଈଶ୍ୱର ।
ବୀର୍ଯ୍ୟ ସାମର୍ଥ୍ୟ ପ୍ରଭାବ ତେଜ ଶୁକ୍ର ; ସୂର୍ଯ୍ୟ ଅର୍କପର୍ଣ୍ଣୀ ସୁର ।
ମନ୍ୟ ବୈଦ୍ୟ ଶିଳ୍ପୀ ଅଶାନ୍ତରେ କହ ମନ୍ୟ ଭୁଲଙ୍ଗକର ।
ଧାର୍ଯ୍ୟ ଧନାନ୍ତ ; ବଣିଜ ହାର୍ଯ୍ୟ ବସ୍ତୁତ ହରଣୀ ନୈଋତ ।
ଅବସ୍ଥା ଦୁର୍ଗା ହରତଲ ଅବସ୍ଥା ଭଣାଇ କର୍ତ୍ତବ୍ୟ ଜନ ।
ଅତେଶ୍ୟ ପୁଷ୍ପବନ୍ତ ମୁନ ଅଶ୍ୱେଶ୍ୟା-ନସାପରେବଦରେ ଯେନ ।
କ୍ଷତ୍ରିୟ ବେଗ ବାହୁଜ ପରଦାରରତ ଚଞ୍ଚଳ ଭୃଙ୍ଗ ।
ଗାଙ୍ଗେୟ ସ୍ୱର୍ଣ୍ଣ ସୁବର୍ଣ୍ଣ ଯେ ; ଜହ୍ନାଏ ପୁତ୍ରୁ ର ସମାଦ ସାନ ।
ସ୍ୱକ୍ଷେତ୍ର ବୋଲନ୍ତି ଚମ୍ପକ ସୁବର୍ଣ୍ଣ ବସ୍ତୁକୁ ନାଗକେଶର ।
ପ୍ରଣୟ ବଣ୍ଣମ୍ ପ୍ରେମ ; ପ୍ରଳୟ ଯେ ମୃତ୍ୟୁ ମୂର୍ଚ୍ଛା କଳ୍ପାନ୍ତର ।
ବଳୟ ଅଭୟ ପାର୍ଥ ସାର୍ଥରେବ ବଳୟ ଶିକ୍ଷା ପ୍ରଣାନ୍ତ ।
ସମୟ ଶପଥ କାଳ ବିଶ୍ୱାସ ପଦ୍ଧତି ବେନ ଯଶ୍ଚ ସ୍ୱାନ୍ତ ।
ଧନଞ୍ଜୟ ଅଗ୍ନି ପାର୍ଥ ନାଗରେବ ଧନଞ୍ଜୟ ଦେହାନଳ ।
ହରଣୟ ସଣ୍ଡ ନାମ ହରଣୟ ନାମ ଯେ ସୁରଶ୍ରେଷ୍ଠର ।
ରୌହିଣେୟ ବୁଧ ହଳୀ ; ଫଣୋଦୟ ଲାଭ ଯେ ବୈଦଗାଲୟ
ଜଳାଶୟ ବୋଲି ଜଳାଧାରେ କହ ଉଶୀର ଯେ ଜଳାଶୟ ।

ରଫଳା

ର ବୋଲି ଅଗ୍ନି କ ତୀକ୍ଷ୍ଣକୁ ; ଗ ବୋଲି ସ୍ୱର୍ଣ୍ଣକୁ ବଲ୍ଲୁ ସତେ ।
ଶ୍ରୀଲକ୍ଷ୍ମୀ ସମ୍ପତ୍ତି ଭାରତୀ କେଶବ ରବ ଶୋଭା ବେଶକୁତେ ।
ଅଘ ଚକ୍ର ଶଙ୍ଖ ଅର ଚକ୍ରଙ୍କେ ଯେ ସନ୍ଧିରେ ପ୍ରବର୍ତ୍ତି ଅଛି ।
କର କରକା କିରଣ ଭାଗଧେୟ ହସ୍ତରେ ତୋରଣ ଅଛି ।
କାରୁ ଶିଳ୍ପୀ ବିଶ୍ୱକର୍ମୀ ଶବ ଦେବ ମୃଗ ଯେ ମାତୃକାରକ ।
ଜାର ଶୂନ୍ୟ କ୍ଷୁଦ୍ର ଅଧମ ଯେ ; କ୍ରୂର କୃପଣ ଅଳ୍ପ ନାସ୍ତିକ ।
କ୍ଷୀର ଦୁଗ୍ଧ ନୀର ; କ୍ଷାର ରସାନ୍ତର ଭସ୍ମ କାଚ ଯେ ଲବଣ ।
ଖର ଗର୍ଦ୍ଦଭ ତୀକ୍ଷ୍ଣ ; ଖୁର ଯେ କୁଳଦଳ ସର୍ପ ବୋଲି ଜାଣ ।
କ୍ଷୁର ବୋଲନ୍ତି ଯେ ଛେଦନ ଦ୍ରବ୍ୟକୁ କୋକିଳାକ୍ଷକୁ ଗୋକ୍ଷୁରେ ।
ଗୌର ବୋଲି ଶ୍ୱେତ ପୀତ ରକ୍ତେ ଚନ୍ଦ୍ରେ ବର୍ଣ୍ଣଭେଦ ନାଗକେଶରେ ।
ଗୌରୀ କନ୍ୟା ଉମା ଗୋରଚନ କ୍ଷିତି ହରିଦ୍ରା ପ୍ରିୟଙ୍ଗୁ ନଦୀ ।
ତ୍ୱଷ୍ଟୁ ଶୋଭା ବୃହସ୍ପତି ବିଶ୍ୱକର୍ମୀ ଲୁପ୍ତିତ ଶିଳ୍ପିକ ଜାତି ।
ଗୁରୁ ପିତୃଜନ ଦୁର୍ଜ୍ଜନ ଯେ ଗୁରୁ ଦୀକ୍ଷାଦାତା ସୁରସୂର୍ଯ୍ୟ ।
ଡାର ବୋଲି ବନ୍ଧନକୁ ମୁକୁତାକୁ ଦାନବ ଦୀପ୍ତିକ ହେଳ ।
ତାରା ଅକ୍ଷିମଧ୍ୟ ନକ୍ଷତ୍ର ଗୀତ୍ସୁଦ ବାଲିଭାର୍ଯ୍ୟା ମନୋହାରୀ ।
ପୁର ପାଟଳୀ ଗୁଗ୍ଗୁଳ କଳାବର୍ତ୍ତ ଦେବ ସଦନ ନଗରୀ ।
ବର ଜାମାତା ଦେବରୂପା ବନ୍ଧୁର ଶ୍ରେଷ୍ଠ ଯେ ଶିଦ୍ଧ କୁଙ୍କୁମ ।
ବାର ବୋଲି ଗଜବନ୍ଧନୀ ବାଲୁକା ଜଳକୁ ଜନେ ଯେଣିମ ।
ସର ଗୁନ୍ଦ୍ରବାର୍ତ୍ତା ନୀର ଶର ଜାଣ ସରୋବରକୁ ସଜଳ ।
ସାର ସ୍ଥିରାଂଶ ଉତ୍ତମ ବଳଗିର ଅଙ୍କ ଯେ ମସ୍ତକ ହଳ ।
ସ୍ଥିର ଭୂମି ଶାଳପର୍ଣ୍ଣୀ ; ମୋକ୍ଷଦ୍ୱାର ସ୍ୱଚ୍ଛ ମୂଳ ତ୍ରାମସ୍ମାଳୀ ।
ସ୍ୱାଦୁ ସୁଗନ୍ଧ ଲବଣ ; ସ୍ଥାର ଯେ ବନକଟେ କୁନ୍ଦେ ବୋଲି ।
ହର ଚନ୍ଦ୍ର ସୂର୍ଯ୍ୟ ପବନ ମଘବା ବହ୍ନି କରଣ କେଶରୀ ।
ଯମ ମର୍କଟ ମଣ୍ଡୂକ ଶୁକ ଅଛି ଏ ପୁଣି ବୋଲନ୍ତି ହରି ।
ଅମର ଦେବତା କାର୍ପାସ ଗୁଳୁଚି ସ୍ଥୁଣା ଦୂର୍ବା ଇନ୍ଦ୍ରପୁର ।
ଅଧର ଓଷ୍ଠ ହୀନ ଅଧୋବସ୍ତୁ ଯେ ; ଶୂନ୍ୟ ଜଡ଼ ଅଧାଧାର ।
ଅମ୍ବର ବୋଲନ୍ତି ଆକାଶ ବସନ ଅମର ସୁଗନ୍ଧାନ୍ତର ।
ଅଙ୍ଗାର ପ୍ରଫୁଲ୍ଲ ସବୁଳ ଭୂମିଜ ଲୋମ ବଜାଣ ଅଙ୍କୁର ।
ଅକ୍ଷର ବସ୍ତୁ ମହାଦେବ ଦେବ ଯେ ; ଅସୁର ଅଗ୍ନି ଦାନବ ।
ଆଧାର ଅଧିକରଣ ଆଲବାଳ ପରକ୍ଷା ପୁଣି ଯେଣବ ।
ସାର ଧାତ୍ରୀ ସୁହୃଦ ବେଗେ କହୁ ; ଅସୁର ଦୈତ୍ୟ ମିହିର ।
ଈଶ୍ୱର ଶମ୍ଭୁ ସ୍ୱାମୀ ନାଟ୍ୟ ମନ୍ମଥଦାତୃ ମହତ ଉଦାର ।
ଉତ୍ତର ବରାଟସୁତ ଦଶଭେଦେ ଉତ୍ତର ପ୍ରତିବଚନ ।
କର୍ବୁର ପାପ ଅସୁର ସ୍ୱର୍ଣ୍ଣ ଜଳ ପୁଣି ଦ୍ରାବିଡ଼ ଯେଣମ ।

କର୍ବୁର ଦୁର୍ଗା ସର୍ବଶେଷ ବୋଲାଇ ବାୟସ ଛୀବା କନ୍ଦର ।
କହ୍ଲାର ପଦ୍ମ କରବୀର ତରୁ ଯେ କରୀର ବଂଶ-ଅଙ୍କୁର ।
କବରୀ କେଶବେଶ ଶମ୍ବୁକାମିନୀ ; କୁବେର ଯକ୍ଷେ ଧନଦେ ।
କୁମାର ଯୁବରାଜ ଶିଶୁ ସେନାନୀ ବରୁଣଦ୍ରୁମ କୋବିଦେ ।
କାବେରୀନଦୀ ପୁଣ୍ୟନାମ୍ନୀ ହରିଦ୍ରା କାଶ୍ମୀରଜାତ ଯେ ବଣ ।
କୁମାରୀ ଦୁର୍ଗା ଅପରିଣୀତା କନ୍ୟା ଜମ୍ବୁଦ୍ୱୀପରେ ପ୍ରକାଶ ।
କୁହର ବିଳ ଗହ୍ୱର ନାଗାନ୍ତର ଗାନାରଭେଦେ ସ୍ୱର ।
ଧାନୁକ ପାଟଳୀ କେଶ ମରାଳ ସ୍ୱରଙ୍କ ନାମ କୁଣ୍ଡଳ ।
କେଶର କିଞ୍ଜଳ୍କ ନାଗେଶ୍ୱର ହିଙ୍ଗୁ ପୁଣି ପୁନ୍ନାଗ ବକୁଳ ।
କେଶରୀ ବୋଲଣି ସିଂହ ପଦ୍ମ ନାଗକେଶର ନାମକୁ ଭାଳ ।
କଶୋର ଅଶ୍ୱଶାବକ ଅବସ୍ଥା ଯେ ତୈଳପର୍ଣ୍ଣୀ ପଦ୍ମାକର ।
କେଦାର ଗିରିଶୀ କସ୍ତାନ କଳ ଯେ ମୁଦ ଇନ୍ଦିକା କୁନ୍ଦୁର ।
ଝର୍ଝର କଳିଯୁଗ ବାଦ୍ୟ, ଭୃଙ୍ଗାର ; ହିମ ଶୀତଳ ଶୀକର ।
ଚମରୀ ମୃଗ ; ମଞ୍ଜରୀ ଯେ ଚାମର ବାଲବ୍ୟଞ୍ଜନ ଚାମର ।
ଚକୋର ପକ୍ଷି ବୃକ୍ଷଭେଦ ଉରଗ ଚଳଶୈଳ ଯେ ଚତ୍ୱର ।
ବାଦ୍ୟ ଭାଣ୍ଡେ ଅବ୍ଦଭେଦେ ମଣ୍ଡୁକ ଯେ ଅଭିଧାନରେ ଦର୍ଦ୍ଦୁର ।
ନାଗର ମୁସ୍ତକ ବିଦଗ୍ଧ ନଗର ଭବକୁ ବୋଲନ୍ତି ଜନେ ।
ନିର୍ଜର ଦେବ ଜରାମୁକ୍ତ ; ନିର୍ଜରା ଗୁଳୁଚି ଯେ ଶାଳିପର୍ଣ୍ଣୀ ।
ସନ୍ଦୋହ ସଂସାର ଅପବ୍ୟୟ ଧନନିଧିକ କହି କୁବେର ।
ପ୍ରଖର ହୟ ସନ୍ନାହ ଅଶ୍ୱତକୁ ଅତି ତୀକ୍ଷ୍ଣ କୁକ୍କୁର ।
ପ୍ରବର ସନ୍ତତି ଗୋତ୍ର ; ପ୍ରକର ଯେ ଶ୍ରେଷ୍ଠ ବୃନ୍ଦ ବିକୀର୍ଣ୍ଣତା ।
ପାଣ୍ଡୁର ଧୂସର ବର୍ଣ୍ଣରେ ; ପ୍ରସ୍ତର ପାଷାଣ ମଣିରେ ଉକ୍ତ ।
ପୁଷ୍କର କରିହସ୍ତାଗ୍ର ଖଡ୍ଗଫଳ କୁଷ୍ଠବନ୍ଧ ସରୋରୁହ ।
ପୁଷ୍କର ଗଗନ ଜଳତୀର୍ଥଭେଦେ ଦ୍ୱୀପଭେଦରେ ଯେ କହି ।
ପୀବର କଚ୍ଛପ ପୃଥୁଳ ବନ୍ଧୁର ଶୋଭା ନତାନତ ପଥ ।
ଭ୍ରମର କାର୍ମୁକ ଭୃଙ୍ଗ ଯେ ; ମନ୍ଦର ବହୁଳ ମତ୍ସ୍ୟ ପର୍ବତ ।
ମନ୍ଦାର ସୁରପାଦପ ପାରିଭଦ୍ର ଅର୍କପର୍ଣ୍ଣୀ ହସ୍ତୀ ଧୂର୍ତ୍ତ ।
ମନ୍ଦର ପୁର ନଗ ସିନ୍ଧୁ ; ମନ୍ଥର ମନ୍ଥନ ଯେ ଅଳସିତ ।
ମଞ୍ଜରୀ ତିଳକ ସ୍ଥୂଳ ମୁକ୍ତାଲତା ମଞ୍ଜରୀ ବୋଲାଇ ହାର ।
ମୁଦିର କାମୁକ ମେଘ ; କାମ ମୃଗ କୁଚି ସବଦା ମିହିର ।
ବନ୍ଧୁର ବୋଲନ୍ତି ନାଗର ଧୀରଙ୍କୁ କୌରବମନ୍ତ୍ରୀ ବିଦୁର ।
ବିଶ୍ଳେଷ ରସନା ବଳକ୍ଷେବ ଏ ତନ କଥା ବୋଲାଇ ବଧୂର ।
ବର୍ବର କୁଞ୍ଚ ଗର୍ତ୍ତ ଯେ ବର୍ବର ଗନ୍ଧଦ୍ରୋ ଜ୍ୟୋସଙ୍ଗ ନର ।
ଶର୍କରାବୃତ ପ୍ରଦେଶକୁ ଦୁଗ୍ଧକୁ ଫେନକୁ ବୋଲି ଶର୍କର ।

କହ୍ଲାର ଭ୍ରମର ସୁକ ଉପୁ ପୁଣି ପୁଂସ ଅଳପ କହ୍ଲାର ।
ଶକର ମ୍ଲେଚ୍ଛ ଜାତିଫଳ ; ଶଙ୍କର ସମସ୍ତ ହେମ ଶିଶିର ।
ଶିଖର ଦ୍ରୁମାଙ୍ଗ ପୁଲକ ଦାଡ଼ିମ୍ବ ବିଜାର ମାଣିକ୍ୟ ଶୃଙ୍ଗ ।
ଶମ୍ବର ବୈଦୂର୍ଯ୍ୟ ମତ୍ସ୍ୟ ବୃଦ୍ଧବଶେଷ ଶୈଳ ସଲିଳ କୁରଙ୍ଗ ।
ଶୃଙ୍ଗାର ସୁରତ ନାଟ୍ୟ ରସ ; ଗଜ ମଣ୍ଡଳ ଚୂର୍ଣ୍ଣ ସିନ୍ଦୂର ।
ସିନ୍ଦୂର ତରୁ ରକ୍ତ ଚୂର୍ଣ୍ଣ ସିନ୍ଦୂର ଲୋଚନୀ ରଙ୍ଗ ଅମ୍ବର ।
ଅଲଙ୍କାର ବୋଲି ହାବାଦିକ କହୁ ଅଲଙ୍କୃତ ଅଲଙ୍କାର ।
ଅବତରଣି ପୁଷ୍କରଣୀ ତୀର୍ଥ ଯେ ଏ ତିନିହେଁ ଅବତାର ।
ଅଡ଼ମ୍ବର ବୋଲି ଗଜ ଘୋଷ ; କାଳ ରୌପ୍ୟ ସ୍ୱେତ ଉଦୁମ୍ବର ।
ପୀତ ମସ୍ତକ ଧୂମ୍ୟାଟ ବହ୍ଲଙ୍ଗମ କରଣ୍ଡକ କର୍ଣ୍ଣିକାର ।
ଗିରିସାର ନାମ ମଳୟପର୍ବତ ଲୋକ ବର୍ଗ ପୁଣି କହୁ ।
ଘନସାର ବୋଲି କର୍ପୂର ଦକ୍ଷିଣାବର୍ତ୍ତକ ରବଙ୍କି କହୁ ।
କୃଷ୍ଣସାର ମୃଗ ଶିଂଶପା ବୃକ୍ଷ ଯେ ; ଅହି ବଭ୍ରୁ ଚକ୍ରଧର ।
କ୍ଷେପଣ ଉଲଙ୍ଗ ଅନ୍ଧକାର ମହେଶ୍ୱର ନାମ ଦିଗମ୍ବର ।
ଦ୍ୱୈମାତୁର ଜଗ୍ରସନ ଗଣପତି ; ନୃପ ଯମ ଦଣ୍ଡଧର ।
ଧନୁଧର ଶିବ ବଭ୍ରୁ ଘନୋପଲ ; ନାଶୀର ଯେ ଧରାଙ୍କୁର ।
ନରଚର ବହ୍ଳଙ୍ଗମ ବିଦ୍ୟାଧର ବାୟୁ ସହଜ ସ୍ୱସ୍ତ ।
ନିଶାଚର ପେଚୁ ପେଚକ ଭୁଜଙ୍ଗ ରାକ୍ଷସରେ ହୋଏ ଉକ୍ତ ।
ନୀଳାମ୍ବର ଜାଣ ରେବତୀରମଣ ରାକ୍ଷସ ଯେ ଶନିଶ୍ଚର ।
ପଦ୍ମକର ନାମ ବହ୍ନର ପର୍ଯ୍ୟଙ୍କ ସମୁଦାୟ ପଦବାର ।
ପୟୋଧର କୋଷ ହାର ନାରିକେଳ ବକ୍ଷୋରୁହ ବାରିବାହ ।
ଶତାବରୀ ବୋଲି ଶଶୀଙ୍କ ଅଭିସାରିକାକୁ କୋବିଦ କହୁ ।

ଘନ ସବ

ଅଳି ମୃଗ ଭୁଜଙ୍ଗ, ଅଳୀ ଖଞ୍ଜୀ ସେତୁ ପଂକ୍ତି ; ନୀଳ ଦାସ୍ୟ କ୍ଷିତି ।
କଳା ଚନ୍ଦ୍ରାଂଶୁ କଳନା କାଳମାନ ଚତୁଃଷଷ୍ଠୀରେ ଉକ୍ତି ।
କାଳ ମୃତ୍ୟୁ ; ମହାକାଳ ଶ୍ୟାମ ବରଣ ସମସ୍ତ ପିତୃପତି ।
କଳ କଳହ କଳିଯୁଗ ; କାଳିକା କୀଟ ଭୁଜଗ ପାର୍ବତୀ ।
କୁଳ ଜଳପଦ ଗୋତ୍ର ଜାତିଗଣ କୁଳ ସୈନ୍ୟ ଯେ ପୃଷ୍ଠରେ ।
କୋଳ କୁବଳ ପିପ୍ପଳୀ ବେଳାଣନେ ଚନ୍ଦ୍ର ଉତ୍ସଙ୍ଗ ଶୂକରେ ।
ଗୋଲା ଗୋଦାବରୀ କୁଳଟା ଦୁର୍ଗା ; ଯେ ଚଳା ନାମ ଲକ୍ଷ୍ମୀ କମ୍ପ ।
ଜଳ ହ୍ରୀବେର ନୀରଜାତି ଗବାକ୍ଷ ଧନାୟ କୁନ୍ଦ ଯେ ଲପ ।
ତାଳ ଚପେଟ ତଳ୍ପିସାଦେ କାଂସ୍ୟାଦି ବାଦ୍ୟ ହସ୍ତ ତୃଣ ରାଜା ।
ନଳ ପୋଟ ନଳକପିତ ଦେବ ଯେ କପିଶ୍ରେଷ୍ଠ କର ହେଳା ।

ନୀଳବର୍ଣ୍ଣ ଶିବ ନଷ୍ଟଭେଦ ଶିଉଭେଦରେ ସେନ ସୁରତେ ।
ବଳ କନ୍ଦରସ ଦୈତ୍ୟ ହଳୀ ଜାନସୈନ୍ୟ ପ୍ରାକର୍ମ ଉଚତେ ।
ବଳ ଉପହାର ଦୈତ୍ୟ ଇନ୍ଦ୍ର ବଳବନ୍ତ ସ୍ତନହାର ଅଙ୍ଗ ।
କୁନ୍ତଳ ଅଭକ ମୂର୍ଖ ହ୍ରୀବେଲରେ କାଳ ଶବ୍ଦ କଭ ସଙ୍ଗ ।
କାଳୀ ବୋଲି ବାଳା ଅଳଙ୍କାର କପିନାଥ ବେଲା କାଳ ତୁଲ ।
ଲକ୍ଷ୍ମ ଲକ୍ଷ୍ମିକ ଶସ୍ତଭେଦେ ଲକ୍ଷ୍ମ ଯେ ଦେଶ ଲଲାଟଙ୍କୁ କହ ।
ବ୍ୟାଳ ଦୁଷ୍ଟ ଗଜ ସର୍ପ ଶ୍ୱାପଦ ଯେ ; ବଳ ଛିଦ୍ର ଗୁହା ବେଳ ।
ଶାଳୀ କଳମ୍ୱାଦ ପକ୍ଷୀଭଗ୍ନୀ ପୁଣି ଗନ୍ଧମାର୍ଜାରକୁ ଯେନ ।
ଶୀଳ ସ୍ୱଭାବ ପାଷାଣ ; ଶୂଳ ରୋଗ ଅସ୍ତ୍ର ମୃତ୍ୟୁ କେତନ ।
ହାଲା ରସ ସୁରା ହାଲା ବୋଲାଇ ଯେ ହଳାଯାଦ ଅବଜ୍ଞାନ ।
ଉଜ୍ଜ୍ୱଳ ପ୍ରଦୀପ ଶୃଙ୍ଗାର ରସାଦ ପ୍ରକାଶ ଲୋକଙ୍କୁ ଭାଷି ।
ପ୍ରସ୍ତର ରତ୍ନ ଶର୍କରାଦିରେ ପୁଣି ଉପଳ ଶବଦ ଅଛି ।
କପିଳ ବର୍ଣ୍ଣ ଭବ ମୁନିପ୍ରଭେଦ ; କମଳା ବରସ୍ତ୍ରୀ ରମା ।
କମଳ ତାମ୍ର ଜଳ ପଦ୍ମ ଭେଷଜ ଆକାଶେ ମୃଗେ ଯେଣମା ।
କପିଲା ରେଣୁକା ଶିଂଶପା ପ୍ରଭେଦ ପୁଣ୍ଡରୀକର କରଣୀ ।
କରାଳ ଉତ୍ତୁଙ୍ଗ ଦନ୍ତୁର ଭୀଷଣ ସର୍ଜ୍ଜରସ ଦେଖିଲେ ଗଣି ।
କନଳ ଉପସର୍ଗ ନବଅଙ୍କୁର କଳଧ୍ୱନି ସଂଖ୍ୟା ଜାଣ ।
କନଳ ମୃଗ ଶୃଙ୍ଗ ପୁଣି ; କଦଳୀ ରମ୍ଭା ପତାକା ହରଣ ।
କାକୋଳ ବୋଲାଇ ଗରଳ କାକ ଯେ କାକୋଳ ନଗସନ୍ତର ।
କୁଶଳ ମାଙ୍ଗଲ୍ୟ ସୁକୃତ ପର୍ଯ୍ୟାପ୍ତ ; କୀଲାଳ ଜଳ ରୁଧିର ।
କୁବଳ ବଦରୀଫଳ ମୁକ୍ତାଫଳ ପୁଣି କୁବଲ ଉତ୍ପଳ ।
ପାଣି ବଳୟ କର୍ଣ୍ଣଭୂଷା କାଞ୍ଚନ ଗୁଳୁଚ ବଲ୍ଲ କୁଣ୍ଡଳ ।
ଗରଳ ମାନ ବଷ ଉଣମୂଳ ଯେ ; କୁଣ୍ଡଳୀ ସର୍ପ ବଣିକ ।
ତରଳ ଚଞ୍ଚଳ ହାରମଧ୍ୟମଣି ଶିଥିଳ ଦ୍ରବସନାସ୍ତ୍ରକ ।
ଜଟିଳା ପିପ୍ପଳୀ ଜଟାମାଂସୀ ଜଟାଯୁକ୍ତ ତନ୍ତୁ ସେନମାଠା ।
ତମାଳ ଶବଦ ଛଳକେ କୃପାଣେ ତାପିଞ୍ଛେ ବରୁଣେ ଭକ୍ତା ।
ତଣ୍ଡୁଳ ଧାନ୍ୟାଦ ବଡ଼ଙ୍ଗ ; ତାମ୍ବୁଳ ପୁଣି ନାଗବଲ୍ଲୀପର୍ଣ୍ଣ ।
ଦୁକୂଳ କ୍ଷୌମବସ୍ତ୍ର ବୃକ୍ଷ ଉତ୍ତମ ଶୁକ୍ଳ ସୂଦରକୁ ଯେନ ।
ତୁମୁଳ ରଣସଙ୍କୁଳ କଳଦ୍ରୁମ, ନକୁଳ ଜନ୍ତୁ ପାଣ୍ଡବ ।
ମଙ୍ଗଳ କୁଶଳ ଗ୍ରହ ମଙ୍ଗଳ ଯେ ଶିବଦୁର୍ଗା ଉମା ଭବ ।
ଚଞ୍ଚଳା ଚପଳ ଲକ୍ଷ୍ମୀ ଯେ ଚଞ୍ଚଳା କାମୁକ ବାତ ତରଳ ।
ଚପଳା ପୁଂଶ୍ଚଳୀ ପିପ୍ପଳୀ ଦାମିନୀ କ୍ଷୁଦ୍ର ଶୀଘ୍ର ଚପଳ ।
ମଣ୍ଡଳ ଦ୍ୱାଦଶଦେଶକୁ କହନ୍ତି ମଣ୍ଡଳ କୋଷ୍ଠୀ ପରିଷ୍ଟ ।
ମଞ୍ଜୁଳ ଶୋଭା ଜଳତରଙ୍ଗ ତଳ ବନୀ ବ୍ୟେର ଗ୍ରହ ବ୍ୟାଧି ।

ମାତୁଳ ବ୍ରୀହିରେବ ମାତାଳୁଙ୍ଗା ଯେ ; ତା-ଭାର୍ଯ୍ୟା ଅଟଇ ମାତୁଳୀ ।
ତାଳମୂଳୀ ଅଙ୍କୁପର୍ଣ୍ଣୀ ବଳଭଦ୍ର ସ୍ନୁହିଗୋଷ୍ଠିକା ମୁଷଳୀ ।
ଉଷାଳ ଶିଳ୍ପକ ବୋଲି ଉଷ୍ଟ୍ରରୁଦ୍ର ଉଷାଳ ଉଷନା ଦୂଷା ।
ରମିଳ ରମଣ ମଦନ ; ଲାଙ୍ଗୁଳ ପୁଚ୍ଛ ସେଫଳୁ ସେନବା ।
ଲାଙ୍ଗଳୀ ତୋୟ ପିପ୍ପଳୀ ଗୋଦାରଣ କାମପାଳ ନାଉବେଳ ।
ମେଖଳ ଶବ୍ଦ ବନ୍ଧ କାଞ୍ଚୀମାଳା ନିତମ୍ବ ସ୍ଥୂଳ ଅଞ୍ଚଳ ।
ବିପୁଳ ପୃଥୁଳ ଅଗାଧ ପଶ୍ଚିମ ଭୂଧର ମେରୁପର୍ବତ ।
ଅମଳ ସମୃଦ୍ଧ ସଲ୍ଲର ସକଳ ସଶ୍ର ଦୃଢ ବଳେ ଉକ୍ତା ।
ଶ୍ୟାମଳ ଶ୍ୟାମ ସ୍ବେନେ କହ ; ଶୈବଳ ପଦ୍ମକାଷ୍ଠେ ଯେ ଶୈବାଳ ।
ବୃକ୍ଷସାନ୍ତରେ ପଶୁରେବେ ଶ୍ରେଷ୍ଠଙ୍କୁ ବ୍ୟାଘ୍ରଙ୍କୁ କହ ଶାର୍ଦ୍ଦୂଳ ।
ଅକ୍ଷମାଳା ବୋଲି ଅକ୍ଷସୂତ୍ରକୁ ଯେ ଅକ୍ଷମାଳା ଅରୁନ୍ଧତୀ ।
କଳକଳ ବୋଲି କୋଳାହଳକୁ ଯେ ସାଲନର୍ଯ୍ୟାସେ କହନ୍ତି ।
କୁତୂହଳ ବୋଲି ପ୍ରଶସ୍ତକଥାକୁ କଉତୁକ କୁତୂହଳ ।
କିଉତ୍ପଦ ସ୍ଫୁଲୋପଲ ଲଲାଟଙ୍କୁ ବୋଲନ୍ତି ଯେ ଗଣ୍ଡଶୈଳ ।
ଗଜଫଳ ବୋଲି ଦର୍ଶାକଉଦାକୁ ପ୍ରିୟଙ୍କୁ ପୁଣି ବୋଲଇ ।
ଲକ୍ଷ୍ମିତୋଷ ବୋଲି ଶାମନ୍ତେଟେ ହୁମେ ପାଂଶୁବରଷଣେ କହ ।
ମୁକ୍ତାଫଳ ଶବ୍ଦ କର୍ପୂରେ ମୌକ୍ତିକେ ଲବଣ ଫଳରେ ବ୍ୟକ୍ତ ।
ମଦକଳ ଶବ୍ଦ ମଦରଙ୍ଗେ ବାକ୍ୟମତ୍ତେ ଦତ୍ତେ ହୋଏ ଉକ୍ତ ।
ହସ୍ତୀ ଅଶ୍ୱ ମାତଙ୍ଗଙ୍କ ଶଙ୍ଖ ନାଗ ବନାସ୍ତ୍ରକେ ବଦ୍ୟମାନ ।
କଉତାଳ ଧାତୁରେବଙ୍କୁ ବ୍ୟୋମ ଯେ ରେଖାଙ୍କୁ ମିଶାଇ ଗଣ ।

ଷଡ ଭାଗ

ଜବ କାର୍ତ୍ତିକ ଶୁକ୍ଳ ସଂଖ୍ୟାବାନ ଯେ ଶୀତ ସାର ପରମାଣ ।
ଜୀବ ପ୍ରାଣୀ ପ୍ରାଣ ଜୀବକା ପାଦପ ପରେବ ପୁଣି ଦୂଷଣ ।
ଛବି ଶୋଭନ କରଣ ; ଜବା ବେଗବନ୍ତ ତଶ୍ଵୀ ସୁମନସ ।
ଦେବନୁପତ ଦେବତା ମେଘ ତରୁ ଧବଳରେବ ପାଷାଣ ।
ଧ୍ରୁବ ଶଙ୍କୁ ହର ସୁବିଷ୍ଟ ବସ୍ତୁ ଯେ ଯୋଗ ମୁନି ଧ୍ରୁବ ସାକ୍ଷ ।
ଭବ ସଂସାର କ୍ଷେମ ହର ଉତ୍ପତ୍ତି ସତ୍ତ୍ୱାପାପ୍ତି ପୁଣି ମଙ୍ଗଳ ।
ଭାବ ସ୍ୱଭାବ ଅଭିପ୍ରାୟ ଭାବନା ଚେଷ୍ଟା ଉତ୍ପାଦ ଭାବାର୍ଥ ।
ଲେଖେ ବଳାଣେ ଲେଖନେ ଶମସ୍ତେ ଲବ୍ଧ ଗବନ ସଂଶାଦ ।
ଦେବୀ ଦୁର୍ଗାଦ ନୃପସ୍ତ୍ରୀ କୃପଲତା ; କାବ୍ୟ ଶୁକ୍ଳ ଶତ୍ରୁସାର ।
ପ୍ରବ ପ୍ରବନ ସୃପତ ଭେକ ଭେଳା ପର୍ଚ୍ଛୀ ଦ୍ରୁମ ବାନର ।
ଶିବ ମୋକ୍ଷ ହର ଶୁଭଯୋଗରେବ ସୁଖ ଶୋଭ୍ର ଜଳ ଯେଳ ।
ଲବ ଝିଷ୍ଟା ମଳା ଅମଳଙ୍କ ଗୌଷ୍ଣ ଫେରୁ ପିଶାଚଙ୍କ ମାନ ।

ଶ୍ରୁବ ହୋମପାତ୍ର ଶଣ୍ଢଣ ଦର୍ବୀ ଯେ ହୁଡ଼ଦ୍ରୀ ଦାରୁ ଲୁହାର ।
ମୌର୍ବୀ ଶିଞ୍ଜିନୀ ଧରଣୀ ଶବ୍ଦ ବୋଇ ଲୁଣପ ସନ୍ଧାନ ହୋଇ ।
କେଶବ କୃଷ୍ଣ କେଶବ କୈତବ ଯେ ବୋଲାଇ ଛଦ୍ମଧୂର୍ତ୍ତବ ।
ଉଦ୍ଧବ ଯଦୁଙ୍କ ମନ୍ତ୍ରୀ ମହୋତ୍ସବ ; ବାନ୍ଧବ ମିତ୍ର ସୋଦର ।
ପଲ୍ଲବ କିଶଳୟ ଶିଶୁ ଶୃଙ୍ଗାର ଅଲକ୍ତକରେ କହିଁ ।
ଭାର୍ଗବ ଶକ୍ର ଶୁକ୍ର ଧନୁ ପରଶୁରାମଙ୍କୁ ଜନେ କହନ୍ତି ।
ଭାର୍ଗବୀ ରମା ଉମା ଦୁବା ଶ୍ଲାଘତ ବେଦରେ ଭୂଷଣ ହର ।
ମାଧବ କୃଷ୍ଣ ବୈଶାଖ ଯେ ମାଧବ ଯାଦବବଂଶେ ବସ୍ତୁର ।
ମାଧବୀ ମଧୁ ଶର୍କରା କାନ୍ତର ଯେ ମାଧବୀ ମୁଦ୍ରା ତୁଳସୀ ।
ରାଜୀବ ମୀନ ପଦ୍ମ ମୃଗ ରାଘବ ରଘୁବଂଶେ ଜନେ ଭଣି ।
ବଡ଼ବା ଦ୍ୱିଜଯୋଷିତ ଲୁମ୍ବ ଦାସ ବଡ଼ବା ଯେ ଅଶ୍ୱନାରୀ ।
ଯୋଟକ ପାତାଳ ବ୍ରାହ୍ମଣ ବଡ଼ବାନଳେ ବଡ଼ବା ଅଦର ।
ସୁଗ୍ରୀବ ନନ୍ଦସୋଦରସ୍ୟ ସୁଗ୍ରୀବ ପୁଣି ଶାଖାମୃଗେଶ୍ୱର ।
ସୈନ୍ଧବ ମଣିମନ୍ତ୍ର ନାମ ସୈନ୍ଧବ ଲବଣ ତୁରଙ୍ଗସାର ।
ଉପପ୍ଲବ ସନ୍ଧିକାଳ ଯେ ମାଧବୀ ଧରଣୀ ମିଞ୍ଜିକ ଅଣ ।
ଜୀବଞ୍ଜୀବ ବୃକ୍ଷଭେଦ ଚକୋରଙ୍କୁ ବପଦ ନାମ ପ୍ରମାଣ ।

ଶଷ ବାର

ଅଂଶପଦ୍ମ ଦାଶ କରଣ ବୋଲାଇ ; ଅଶ୍ୱ ଶୀଘ୍ର ଧାନ୍ୟାଗ୍ରର ।
କାଶୀ ବାରାଣସୀପୁର ; କାଶ ପୁଷ୍ପ ; କାଶ କପି ଦଗମ୍ବର ।
କୁଶ ଦ୍ୱୀପ ଜଳ ଦର୍ଭ ରାମସୁତ ; ଈଶ ପଲ୍ଲ ମହେଶ୍ୱର ।
କ୍ଲେଶ ଦୁଃଖ ଦଶା ଜଷ୍ୟ କ୍ଲେଶନାମା ବାଳ ତରୁଣ ଲୁଂବର ।
କୋଷ କୋରକ ଖଡ୍ଗପିଧାନ ଯେ ଦ୍ରବ୍ୟସଂଗ୍ରହସଦନ ।
ଦୃଶ୍ୟ ଦର୍ଶନ ନେତ୍ର ବୁଦ୍ଧି ; ନାଶ ଯେ ନିଧନ ଡାପ ଜୟିନ ।
ପାଶ ପାରୁଷ କେଶବେଶ ବନ୍ଧନ କର୍ଣ୍ଣପୁର ପୁଣି ପାଶ ।
ଦଶା ବୋଇ ଦାରୁହରଦାରୁ ଜାଣ ବୃତ୍ତାନ୍ତକ ସାତ୍ତ୍ୱଣ ।
ଅଦର୍ଶ କହୁ ଦର୍ପଣକୁ ଟୀକାକୁ ପ୍ରଂଶୁପୁରକୁ ପୁଣି ।
କର୍କଶ କାମ୍ପିଲ୍ଲ କଠିନ ନିର୍ଦ୍ଦୟ ଦୁର ସାହସିକେ ଯେନ ।
ଦାରଣ ନାମ ଶିଶୁ ମୂର୍ଖ କହନ୍ତି ; ଶୈବଳ ବଟ ଭୂଚେଶ ।
ବଳାଶ ବଳତ ଘନାଶ ବୋଲାଇ ; ମୃଦୁ ମେଷ ଯେ ଲୋମଶ ।
ଶଣ୍ଡପର୍ଣ୍ଣ ନାମ ବନ୍ଧନ ପଶୁଗ୍ରାମ ଶଙ୍କର ଭୂର୍ଜଲେଖନୀ ।
ଖାଦତେଶ ଯମ କଞ୍ଚୁଳ ବୋଲାଇ ; କୁର ଲୁଣ ଜଳ ଶଳ ।
ନାଗପାଶ ବଳ ଅସ୍ତ୍ର ; ଦଳଶ ପୂର୍ଣ୍ଣମାସୀ ପଞ୍ଚଦଶୀ ।
ମଇଦେଶ ବୋଇ ପଇଅଳ ବେଷ୍ଟନକୁ ସଙ୍ଗମତେ ଭଣି ।

ଷଷ ଶାକ

ଉଷା ବାଣସୁତା ପ୍ରତିଦେଶ ଉଷି ମୁନ ସାଧିତ ଦେବତା ।
ଉର୍ଦ୍ଧ ଉର୍ଦ୍ଧକେ ଜାନରେବେ ; ଯୋଷ ଯେ ବୃଜକନ୍ୟା ନାମେ ଉକ୍ତା ।
ବୃଷ ଧର୍ମ୍ମ ବଳୀବର୍ଦ୍ଦ ସୁପିରେବ ଶ୍ରେଷ୍ଠ ମୂଷିକ ଋଷଭ ।
ବୃଷା ମୂଷିକପର୍ଣ୍ଣୀକ ଇନ୍ଦ୍ର ମେଷ ପାଲ୍ଲ ବୃଷ କାମପାଳ ।
ପୀୟୂଷ ବସ୍ତ୍ର କ୍ଷୀର ସୁଧା ; ପ୍ରତ୍ୟୂଷ ପୁଂସ ପୁଂନାଗ ପାଦପ ।
ମହର୍ଷୀ ଭୁଜପ ପ୍ରକଳ୍ପୀ ; ପ୍ରଦୋଷ ସନ୍ଧ୍ୟା ଦୋଷରେ ପ୍ରଦୋଷ ।
କଲୁଷ ଅବଳ ପାପ ଦେଖ ତାପ ଆପବିତ୍ର ଯେ କଳୁଷ ।
କଲ୍ମଷ କାନ୍ତିକ ପାବକ ଯେ ; ନାଗ ନୃପ ବେଲେ ନହୁଷ ।

ଅଥ ସାନ୍ତ

ବୋଇ ଶୁଭକୁ ଅଗ୍ନିକୁ ଧନକୁ ପ୍ରିୟକୁ ଯେ ବସୁ ଜ୍ଞାତ ।
ଜଳେଶ ରତନ ଭାରତ କମଳା ଶୋଭା ଶିବର୍ଣ୍ଣଗମ୍ଭୀର ।
ଭାସ ଭାନୁ ମଣି ଦୋଷ ; ବାସ ଗୃହ ସ୍ତ୍ରୀ ଅନ୍ନ ଧୀବର ।
ବାସୀ ତେଜୀ ହିଂସି ; ନାସା ଯେ ନାସିକା ଅଧବାଲୁଣୀ ଅବଳ ।
ବସୁ ଲେବ ଅଗ୍ନି ପ୍ରଭଳ ପ୍ରସୁପୁଣି ଯେ ଅଶ୍ୱ ଜନନୀ ।
ଭାସ ପ୍ରଭ ପକ୍ଷିରେବେ ; ମାଂସ ମେଦ କଣ୍ଟୋଳ ଭକ୍ଷାଲୁ ସେନ ।
ହଂସ କୋଳାହଳ କୋପୀକ୍ରୀଡାରେବ ; କାଂସ ଯେ ମୁନ ବସ୍ତୁତ ।
ରସ ଶୃଙ୍ଗାର ବସ ସାର୍ଯ୍ୟ ପାରଦ ଦ୍ରବ୍ୟ ଧାତୁ ଗଳ ଉକ୍ତ ।
ରସ ବେଳ ଜଳ ଦେହ ; ରସନା ଯେ ମନ୍ଦ୍ରାଣ ଭୂମି ଏ ରସା ।
ମିମି ଶତଧ୍ୱସ୍ତ ଅଭ୍ରମୋଦା ମାଷ ; ଉପଣୀ ରମଣୀ ଯୋଷା ।

ଅଥ ହାନ୍ତ

ହ୍ରୀ ଲକ୍ଷ୍ମୀ ହ୍ରୀ ବେଲ ଲଜ୍ଜା ଲକ୍ଷଣା ; ହେ ଶ୍ରେଷ୍ଠକୁ ଯେ ସମ୍ବୋଧନ ।
ବହି କେଶ ଅଗ୍ନି ଆହ ସର୍ପକୁ ଯେ ବୃଷାମ୍ବୁର ନାମି ସେନ ।
ସହା ପୃଥ୍ୱୀ କୁମାରୀ ତରୁ ସହା ବସୁଳ ଏହ ପାଦପ ।
ବ୍ୟୂହ ଅକ୍ଷି ରଣପକ୍ଷାରେ ବ୍ୟୂହ ଯେ ବୋଲାଇ ପୁଣି କଳାପ ।
ବାହୁ ବାହାନ ଅଶ୍ୱ ; ଗୁହ ଶବଲଗୃହା ଗୁହ କାର୍ତ୍ତିକେୟ ।
ଦେହ ଦେହବନ୍ତ ; ଧରଣୀ ବୋଲାଇ ମହ ମହାବଳବନ୍ତ ।
ଲହ ଲହରୀ ଏକାନ୍ତ ଶ୍ରେଷ୍ଠ ଶ୍ରେଷ୍ଠ ଶାଖା ସିଂହ କଣ୍ଠୀରବ ।
ଗୃହ ମଠ ଆନ ଗୃହ ବୋଲି ଭବ ଜନନ ଏକଲୁ ଦ୍ରବ ।

ଅଥ କ୍ଷାନ୍ତ

ଲକ୍ଷ ଲକ୍ଷ୍ଣ ଲକ୍ଷ୍ମୀ ବିଘରେବ ; ପକ୍ଷ ମୁହୂର୍ତ୍ତ କୃତବଳ ।
କକ୍ଷ ମହତ ବାହୁମୂଳ କକ୍ଷ ଯେ ଗୃହ ପଶ୍ଚାଦ୍ ଅଞ୍ଚଳ ।
କକ୍ଷ ପ୍ରକୋଷ୍ଠ କାଞ୍ଚୀ ଗଜ ରକ୍ଷୁ ଯେ ; କକ୍ଷା ରଥ ଭାଗ ପୁଣି ।
ଦ୍ୱିସନ୍ତା ଲତା ଗଜକଣ୍ଠ ଅକ୍ଷୟ ବୃକ୍ଷ ବୋଲି କଳ ଶଣି ।
ଦକ୍ଷ ପଟୁ ପ୍ରଜାପତି ତାମ୍ରଚୂଡ ; ଧ୍ୱାଂକ୍ଷ ନିଶାଚର କାକ ।
ପକ୍ଷ ମାସାର୍ଦ୍ଧମହାଗ୍ନ ପାର୍ଶ୍ୱ ଗଜ ସାଧ୍ୟ ବରୋହେ ବାହକ ।

ଅଥ ଶାନ୍ତ

CENTRAL LIBRARY

Typical Selections from Oriya Literature

SECTION III.

LATER MEDIEVAL
OR
MARHATTA PERIOD.

(1750—1803)

ଓଡ଼ିଆ ସାହିତ୍ୟ-ପରିଚୟ

ଦାର୍ଢ୍ୟତାଭକ୍ତି ରସାମୃତ ।

BY RAMA DAS.

ବଣମ୍ବର ଦାସ

ଯେ ଉତ୍କଳଖଣ୍ଡ ମଧ୍ୟଦେଶ । ଢେଙ୍କାନାଳରେ ତାର ବାସ ।
ଜାତିରେ ବଣିଆ କରଣ । ତାର କୁଟୁମ୍ବ ଜନଗଣ ।
ତାହାର ନାମ ବଣମ୍ବର । ଭକତପଣେ ବଳିଆର ।
ଭାରିଯା ନାମ ତା ରେବତୀ । ପତିର ଆଜ୍ଞା ନ ଲଙ୍ଘନ୍ତି ।
ପୁତ୍ରର ନାମ ରଘୁନାଥ । ପିତାର ଚରଣେ ଭକତ ।
ଆପଣା ନାମ ବଣମ୍ବର । ବଣ୍ଟ ସାଗରୁ ଗତ ପାର ।
ଏମନ୍ତେ ଜନଗଣ ଥାନ୍ତି । ଶ୍ରୀକୃଷ୍ଣପାଦେ ଦେଇ ମତି ।
ନାମ ଭଜନ ଅପ୍ରମିତ । ନିତ୍ୟ ପଢନ୍ତି ଭାଗବତ ।
ଯେ କହେ ପ୍ରଭୁ ନାମ ରସ । ତାକୁ ବୋଲନ୍ତି ଦଣ୍ଡେ ବସ ।
ଯାହାର ମୁଖୁଁ ନାମ ଶୁଣି । ଶ୍ରୀଗୁରୁ ପ୍ରାୟ ତାକୁ ମଣି ।
ଯୋଗୀ ସନ୍ନ୍ୟାସୀ ବ୍ରହ୍ମିଷ୍ଠ । ବ୍ରାହ୍ମଣ ବୈଷ୍ଣବ ଉଦାସୀ ।
ଯେ ଅଭ୍ୟାଗତ ଅବଧୂତ । ଦ୍ୱାରେ ତା ହେଲେ ଉପଗତ ।
ତାହାଙ୍କୁ ଅନ୍ନ ବସ୍ତ୍ର ଦାନେ । ତୋଷନ୍ତି ବିନୟ ବଚନେ ।
ନାହିଁ ବୋଲିବା ମୁଖୁଁ ତାର । କେବେହେଁ କୁହଇ ବାହାର ।
ଏମନ୍ତେ କେତେଦିନ ଅନ୍ତେ । ତା କୀର୍ତ୍ତି ପୂରିଲା ଜଗତେ ।
ସକଳେ କଲେ ଧନ୍ୟ ଧନ୍ୟ । ହୋଇଲେ ସର୍ବଲୋକେ ମାନ୍ୟ ।
ଏମନ୍ତ ସମୟରେ ପୁଣ । ଦଇବ ଘଟସୂତ୍ର ଶୁଣ ।
ଅତିଥି ଜମାଉତ ହୋଇ । ଆଇଲେ ତୀର୍ଥ ଯିବାପାଇଁ ।
ଭିକ୍ଷାର ଅର୍ଥେ ଗ୍ରାମପୁରେ । ମାଗନ୍ତି ବୁଲି ଦ୍ୱାରେ ଦ୍ୱାରେ ।
ଲୋକେ ବୋଲନ୍ତି ତାଙ୍କୁ ତହିଁ । ଶୁଣ ହେ ବୈଷ୍ଣବ ଗୋସାଇଁ ।
କରଣ ନାମେ ବଣମ୍ବର । ବିଜୟ କର ତାର ଘର ।
ଅବଶ୍ୟ ତୋଷିବେ ଭୋଜନେ । ଶୁଣି ଚଳିଲେ ସାଧୁମାନେ ।
ଦ୍ୱାରେ ତା ହୋଇଲେ ପ୍ରବେଶ । ଦିବସ ଅସ୍ତ ହେଲା ଶେଷ ।
ଡାକିଲେ ଆହେ ବଣମ୍ବର । ଅମ୍ଭ ଉରଣ୍ଟ ବେଶେ କର ।

ସାଧୁଙ୍କ ବଚନ ଶୁଣିଣ । ସବୁ ବାହାର ତତକ୍ଷଣ ।
ଦେଖିଲା ସାଧୁବୃନ୍ଦ ତୋଳେ । ପ୍ରଣାମ କଲା ପାଦତଳେ ।
ଉଠି କପାଳେ କର ଦେଲା । କି ଆଜ୍ଞା ହେଉଛି ବୋଇଲା ।
ଅତିଥେ ବୋଇଲେ ହୋ ଶୁଣ । ଅମ୍ଭ ତରଣ୍ଡ ବେଗେ ଆଣ ।
ଖାଣ୍ଡି ଖଇଲ ମୁଗଡାଲି । ଘୃତ ନବାତ ଦୁଧ ଦହି ।
କାଷ୍ଠ ପଇବା ଅଦ ଯେତେ । ଏ ସବୁ ଆଣ ହେ ତୁରିତେ ।
ଅମ୍ଭ ତରଣ୍ଡ ବେଗେ କର । ପୁଣ୍ୟ ତୁ ପାଇବୁ ଅପାର ।
ତାହା ଶୁଣିଣ ତନଗଲା । ମନରେ ପ୍ରବେଶ ହୋଇଲା ।
ପୁଷ୍ପ ଭାରଯାଙ୍କୁ କହିଣ । ସକଳ କଲ ଅୟୋଜନ ।
ସାଧୁଙ୍କ ପାଶେ ନେଇ ଦେଲା । ଘୃତ ମାଣକ ନ ପାଇଲା ।
ବୋଇଲା ସାଧୁବୃନ୍ଦେ ଶୁଣ । ଛାମୁରେ କରୁଛି ଜଣାଣ ।
ସମସ୍ତ ଦ୍ରବ୍ୟ ଆଣି ଦେଲି । ଘୃତମାଣକ ନ ପାଇଲି ।
ଶୁଣି ବୋଇଲେ ସାଧୁଗଣ । ପବଶ କୁହିଲ ଭୋଜନ ।
ଘୃତ ବିହୁନେ ଯେ ଖାଇବ । ପ୍ରଭୁଙ୍କ ଅଯୋଗ୍ୟ ହୋଇବ ।
ତୋ ଦ୍ରବ୍ୟ ଲେଉଟାଇ ନିଅ । ତା ଶୁଣି ବଣିଆର ପୁଅ ।
ଅନେକ ବିନୟ ସେ କଲା । ବିମ୍ନିଷ୍ଟ ହୋଇ ଜଣାଇଲା ।
ହେ ପ୍ରଭୁମାନେ ଶାନ୍ତ ହୁଅ । ବେଗେ ରନ୍ଧନ କର ଯାଅ ।
ଘୃତ ଆସିବ ଶନ୍ଧୁ ଶନ୍ଧୁ । ଅବଶ୍ୟ ଦେବେ ଦୀନବନ୍ଧୁ ।
ତା ଶୁଣି ଅତିଥେ ସୁତନ୍ତ୍ରେ । ଚଳିଲେ ଗାଧିବା ନିମନ୍ତ୍ରେ ।
ଘରକୁ ପିତା ପୁତ୍ରେ ଗଲେ । ବସିଣ ବିଚାର ସେ କଲେ ।
ଯେ ସାଧୁ ପର ଉପକାରେ । ମିଥ୍ୟା କହିଣ ଚୋରି କରେ ।
ଏଥିରେ ଦୋଷ ନାହିଁ କିଛି । ବୋଲି ଶାସ୍ତ୍ରରେ କହିଅଛି ।
ଘୃତ ନ ମିଳିଲାକ କାହିଁ । ଚୋରାଇ ଦେବା ଏଥିପାଇଁ ।
ନୋହିଲେ ଅତିଥି ସମସ୍ତେ । ଭୁଞ୍ଜିବେ ନାହିଁ କଦାଚିତେ ।
ଏମନ୍ତ ବୋଲି ବାପ ପୋଏ । କଟରେ ଧଇଲେ ଖଣ୍ଡାଏ ।
ଅବର କାଇ ଗୋଟି ଧରି । ଚଳିଲେ ଗୋବିନ୍ଦ ସୁମରି ।
ରାତ୍ର ପ୍ରହରକ ଉତରେ । ଭେଟିଲେ ଭାଗ୍ୟବନ୍ତ ଘରେ ।
ଦକ୍ଷିଣେ ସିନ୍ଧି କାଟି ଧରି । ପଶିଲେ ଗୋବିନ୍ଦ ସୁମରି ।
ପିଅର କଟିଛି ବାହାରେ । ପୁଷ୍ପ ଖୋଜଇ ପଶି ଘରେ ।
ଅନେକ ଧନ ରତ୍ନମାନ । ଦେଖି ନ ଛୁଇଁଲ ନନ୍ଦନ ।
ପୂତର ବନା ଦ୍ରବ୍ୟ ଯେତେ । ହସ୍ତେ ନ ଧରେ କଦାଚିତେ ।
ଏମନ୍ତେ ଖୋଜନ୍ତେ ଭବନ । ଦେଖିଲା ଘୃତ ଭାଣ୍ଡମାନ ।
ବହି ଆଣିଲା ଭାଣ୍ଡଦୁଇ । ସିନ୍ଧିରେ ଦେଲାକ ଗଳାଇ ।
ଏମନ୍ତ ସମସ୍ତେ ସାଧଇ । ଚେତନା ପାଇଲା ଦୁହିତ ।

ଦେଖିଲା ସିଙ୍ଘନାଦ ସରେ । ଶ୍ୟେରହିଁ ଗଲୁଛ ସିଙ୍ଘରେ ।
ପବନୁ ବେଗେ ଧାଇଁଗଲା । ଶ୍ୟେରର ଚରଣ ଧଇଲା ।
ବେନି ଚରଣ ବେନି ହାତେ । ଧଇ ଝିଙ୍କିଲା କୋପଚିତ୍ତେ ।
ସୁମର ବୋଇଲା ଶୁଣ ତାତ । ଧଷ୍ଣ ପଡ଼ିଲା ସିଙ୍ଘନାଦ ।
ସାଧୁତ ଝିଙ୍କୁଛ ପସ୍ୱର । ତୁମ୍ଭେ ପାଇଲେ ଝିଙ୍କ ଶିର ।
ଶୁଣି ପିଅର ମୁଣ୍ଡଧଇ । ଟାଣିଲା ଗୋବନ୍ଦ ସୁମର ।
ଦୁହେଁ ଝିଙ୍କିଲେ ଦୁଇକର । ପୁଣ ରହିଲା ମଧ୍ୟବର୍ତ୍ତୀ ।
କେଉଁଣି ଅଡ଼କୁ ନୋହିଲା । ତା ଦେଖି ସୁମର ବୋଇଲା ।
ସ୍ୱରୂପ ଶୁଣ ଅହେ ତାତ । ଏଥର ସରିଲା ମହତ୍ତ୍ୱ ।
ରାଜ୍ୟ ଯଦ୍ୟପି ପାଶୁ ସିବ । ତାହିଁ ସାଧୁତ ଦଣ୍ଡ ଦେବ ।
ସାଧୁଙ୍କ ସେବାହିଁ ନୋହିବ । ଏତେକ କଷ୍ଟ ବ୍ୟର୍ଥ ହେବ ।
ଏଥିକୁ ବିସ୍ତର ନ କର । କାଟିଣ ନିଅ ମୋର ଶିର ।
ସାଧୁମାନଙ୍କ ସେବା ହେଉ । ଆମ୍ଭର ମହତ୍ତ୍ୱ ନ ଯାଉ ।
ମୁଣ୍ଡ ନ ଥିଲେ ପିଣ୍ଡ ଏଥେଁ । ଚଳା ନ ସିବ କଦାଚିତେ ।
ଏଥିରେ ନ କର ତୁ ହେଳ । ମୋ ମୁଣ୍ଡ ସୁଢ ସେନ ଚଳ ।
ଶୁଣି ପିତୃର କାଢି ଧର । ମନରେ କୃଷ୍ଣ ଚିନ୍ତା କଇ ।
ଛେଦନ କଲ ପୁଣ ଶିର । ଲୁଣ୍ଠିଲ ରଖିଲା କାଖର ।

ସ୍ୱକାକୁଳଶିଖର

ଏମନ୍ତେ ରାଜା ଏକଦିନେ । ବିଜୟ କରି ସିଂହାସନେ ।
ସୈନ୍ୟ ଅଛନ୍ତି ପଞ୍ଚୁଆଇ । ଗଜ ତୁରଙ୍ଗ ଆଦିକଇ ।
ସଭା ମନ୍ତ୍ରୀଇ ନୃପଗଣ । କରଅଛନ୍ତି ବେହରଣ ।
ସାଧୁ ବୈଷ୍ଣବ ଆଦି କଇ । ବଡ଼ ସନ୍ନ୍ୟାସୀ ବ୍ରହ୍ମଚାରୀ ।
ଦେଶୀ ବିଦେଶୀ ଏ ସଂସାରେ । ସମସ୍ତ ଗୋଷ୍ଠୀ ସେହିଠାରେ ।
ଶ୍ରୀହରି ରସ କଥାମାନ । କହୁଅଛନ୍ତି ସାଧୁଜନ ।
ରାଜା ଶ୍ରବଣ ତାହା କରି । ଅଛନ୍ତି ଦେହ ଭୁଲି ହାରି ।
ଏମନ୍ତ ସମୟରେ କଥା । ଶୁଣ ସୁମନ ମହାରଥା ।
ଶ୍ରୀ ଗୁରୁଦେବ ତାହାଙ୍କର । ବିଜୟ କଲେ ସେହିଠାର ।
ଦେଖି ସେ ରାଜା ଅତିତୋଷେ । ମିଳିଲେ ଯାଇଁ ଗୁରୁପାଶେ ।
ସାଷ୍ଟାଙ୍ଗେ କଲ ଦଣ୍ଡବତ । ଉଠି କପାଳେ ଯୋଡ଼ି ହସ୍ତ ।
ଅତି ବିନୟ ଭାବ ହୋଇ । ଗୁରୁଙ୍କୁ ଦିବ୍ୟାସନ ଦେଇ ।
ଦେଖି ସେ ନୃପତିର ଭାବ । ଆସନେ ବସି ଗୁରୁଦେବ ।
ରାଜାଙ୍କୁ ବସ ହୋ ବୋଇଲେ । ଶୁଣି ନୃପତି ବନ୍ଦେ କଲେ ।
ଶ୍ରୀଗୁରୁ ଆଜ୍ଞା ପାଇ ବସି । ପୁଣି ଶ୍ରୀହରି ଭାବେ ରସି ।

ଏମନ୍ତ ବେଳେ ମାଛି ଗୋଟି । ଉଡ଼ି ସେ ଆଇଲା ତହିଁ ।
ବସିଲା ରାଜାର କପାଳେ । ରୁଧିର ପିଏ କୁତୁହଳେ ।
ରାଜା ଅସୁଖଭାବ ହୋଇ । ଶ୍ରୀହସ୍ତେ ଦେଲେକ ଉଡ଼ାଇ ।
ଲଲାଟେ ଶ୍ରୀହସ୍ତ ବାଜିଲା । ମାଛି ତକ୍ଷଣେ ଉଡ଼ିଗଲା ।
କପାଳୁଁ ଦଣ୍ଡବତଧୂଳି । ଝଡ଼ି ପଡ଼ିଲା ମହୀସ୍ଥଳି ।
ତା ଦେଖି ଗୁରୁଦେବ ହସି । ମଥା ପୋଛଣ ମୌନେ ବସି ।
ତାହା ଜାଣିଲେ ନୃପମଣି । ସେତ ବିବେକଚୂଡ଼ାମଣି ।
ତକ୍ଷଣେ ଉଠି ଉଭା ହୋଇ । ଜଣାନ୍ତି ଗଦଗଦ ହୋଇ ।
ମୂର୍ଖ ମତନ କି ନିମନ୍ତେ । ଏ କଥା ଆଜ୍ଞା ହେଉ ମୋତେ ।
ତା ଶୁଣି ଗୁରୁଦେବ ଭଣି । ଶୁଣ ହେ ନୃପତିଅଗ୍ରଣୀ ।
ଯେ ଜନ ଶ୍ରୀଗୁରୁ ଛାମୁରେ । ସାଷ୍ଟାଙ୍ଗେ ଦଣ୍ଡବତ କରେ ।
ତା ଅଙ୍ଗେ ଲାଗେ ଯେତେ ଧୂଳି । ତେତେ ଜନ୍ମର ପାପ ଦଳି ।
ଯେ ଧୂଳି ଦେଖି ଯେଉଁ ନର । ହସ୍ତରେ ଝାଡ଼ି କରେ ଦୂର ।
ତାର ପାତକ ହୋଏ କେତେ । ବର୍ଣ୍ଣର କର ହୃଦଗତେ ।
ତୋର ଶ୍ରୀହସ୍ତ ବାଜିବାରୁ । ଧୂଳି ଝଡ଼ିଲା କପାଳରୁ ।
ତେଣୁ ପୋଛିଲୁଁ ଆମ୍ଭେ ମଥା । ତୁ କି ନ ଜାଣୁ ମହାରଥୀ ।
ଶୁଣି ନୃପତି କର୍ଣ୍ଣମାନ । ବଦନୁଁ ନ ସ୍ଫୁରେ ବଚନ ।
କେତେହେଁବେଳେ ସ୍ଥିରହେଲେ । ଗୁରୁଙ୍କୁ ପାଶେ ନ ଦେଖିଲେ ।
ଉଭାଇ ରାଜା ସଭାମୁଖେ । ପୁଚ୍ଛିଲେ ଅତି ମନୋଦୁଃଖେ ।
ହେ ମହାସଭାଜନେ ଶୁଣ । ମୋ ପାପ ହୁଏ ଯା ପ୍ରମାଣ ।
ଶ୍ରୀଗୁରୁଦ୍ରୋହ ଦୋଷ ମୋର । କେମନ୍ତେ ହେବ ଏବେ ଦୂର ।
ଏଥକୁ ଦେଖ ଶାସ୍ତ୍ରପଥ । କିବା ଲେଖିଛି ପ୍ରାୟଶ୍ଚିତ୍ତ ।
ନୋହିଲେ ମରିବ ଅବଶ୍ୟ । ଏ ରାଜପଦେ ନାହିଁ ଆଶ ।
ଏମନ୍ତ ଶୁଣି ବିପ୍ର ଭଲେ । ପ୍ରବନ୍ଧ ଫିଟାଇ ପଢ଼ିଲେ ।
ହେ ରାଜା ଶୁଣ ସାବଧାନେ । ଗୁରୁଚରଣେ ଯେଉଁମାନେ ।
ସାଷ୍ଟାଙ୍ଗେ ଦଣ୍ଡବତ କରି । ଛାମୁରେ ରହନ୍ତି ଉଭାଇ ।
ତା ଅଙ୍ଗେ ଥାଇ ରେଣୁ ଯେତେ । ତେତେ ଜନମ ପର୍ଯ୍ୟନ୍ତେ ।
ସଞ୍ଚିର ଥାଇ ଯେ କଳୁଷ । ତକ୍ଷଣେ ହୋଏ ସର୍ବନାଶ ।
ବଡ଼ିମାପଣେ ଯେଉଁମାନେ । ସେ ରେଣୁ ଝାଡ଼ନ୍ତି ଅଜ୍ଞାନେ ।
ତାଙ୍କ ସୁକୃତ ଆଉ ନାହିଁ । କେବଳ କଥାଏଁ ଅଛଇ ।
ଏମନ୍ତ କରି ଯେବେ ପାଇ । ସେ ଗୁରୁଦ୍ରୋହ କର୍ମୁଁ ତରି ।
ତମ୍ବା ପଟାଏ ଗଢ଼ାଇବ । ଦ୍ୱାଦଶହାତ ଦୀର୍ଘ ହେବ ।
ପ୍ରସ୍ଥ ଯେ ତିନହାତ ଜାଣ । ତଉକେ ବହଳ ପ୍ରମାଣ ।
ପୋଡାଇ ତମ୍ବା ଲୁହବର୍ଣ୍ଣ । ସେ ପଟା କରିଥିବ ଦର୍ଣ୍ଣ ।

ଅଙ୍ଗାର ଅଗ୍ନି ତପ୍ତହେଲେ । ଦେହଣ ମହାଯନ୍ତ୍ର ଜାଳେ ।
ସେ ପନ୍ଥା ତାତ ଅଗ୍ନିପ୍ରାୟ । ଦଶିବ ଅତି ଘୋରମୟ ।
ତହିଁରେ ଶତ ଅଷ୍ଟ ବାର । ପ୍ରଣାମ କରିବ ସେ ନର ।
ନେବେତ ଗୁରୁଦ୍ରୋହ ଦୋଷ । ତା ଦେହୁଁ ହୋଇବ ବିନାଶ ।
ନୋହିଲେ ଅନେ ନାହିଁ ପାର । ଏହା ଲେଖିଛୁ ବେଦବର ।

SONGS.

By

SADANANDA KABISURYA.

(1)

ରାଗ ହିନ୍ଦୋଳ—ତାଳ ଆଠତାଳୀ

ବାରିଜାକ୍ଷୀ ମନରୁ ମାନ ବାର ଦେ ରେ ।
ଦେଖ କାଳ ହେଲା କଳା ବାଇଦ ରେ । ପଦ
ଦାସ-ନାଶରେ ମାନସ । ବଳୁଛୁ ଯେବେ ନାରୀଣ ।
କରଞ୍ଜ-ନାସ୍ତୃତ ମାଇ ତର ଦେ ରେ ।
ତୋ ଚରଣ ସେବା ଭଳି । ନୋହିଲୁ ଯେବେବେରେ ଅଳି ।
ଗାଇ ଦଥାଇ ମନ୍ଥତ ସାଇ ଦେ ରେ ।
ଏବେ ବନ୍ଧୁ ଅନାଥରେ । ଦସ୍ତୁ ଥିଲେ ଅନାଥରେ ।
କରୁଣା କଟାକ୍ଷନେକେ ଠାଇ ଦେ ରେ ।
ମହିଳା-ମଣି ଜଗତେ । ତୋ ବିନା ସାହା କେ ମୋତେ
ମାର-ମୁଖୁଁ ବଞ୍ଚାଇବ ଗାଇ ଦେ ରେ ।
ଦ୍ୱିଜ କବିରବି-ବାଣୀ । ଶୁଣି ସେ ରମଣୀମଣି ।
ସ୍ନେହେ ଦ୍ରବ ବହିଗଲା ବାଇ ଦେ ରେ ।

(2)

ରାଗ ତୋଡ଼ୀ—ତାଳ ଏକତାଳୀ

ଦେଖାରେ ମୁଖ ଶଶିରେ ସୁଖସଦନା । ଘୋଷା
ମାନକ ମାନହିଁ ବାଳିକା ତୋହର ପାଲଟିପାଖ ରଖାରେ ।
ଏଣୀ-ବିଲୋକନୀ ଅଣିକ କେଣିକ ମୃଣ୍ମୃଣୁ ନୃତ୍ୟ ଶିଖାରେ ।
କେଶରୀ ତୋ ସରୁ ମଧ୍ୟ-ଭୂଲି କଟି ହେବକତଏଲେଖାରେ ।
ତୈଳାସ ବଡ଼ ଜଳବାହର ଦୋସକୁ ମୃଣ୍ମୃଣୁ ନୃତ୍ୟ-ଶିଖାରେ ।
ହର ମନୋହର ସାର ପୟୋଧର ତଣ୍ଡ ବଢ଼ଣ୍ଡ ଲେଖାରେ ।
ଯାବକରଞ୍ଜିତ ପାଦଦଳଗତ ତୋ ଅନୁରାଗ ଶିଖାରେ ।

(3)

ମାତ ଜନନୀ ଗୋ, ଯାଉଛୁ ବନେ, ଚଉଦ ବରଷେ ଫେରି ମୁଁ ଆସିବି
　　ବଞ୍ଚିଥିଲେ ତୋ କଲ୍ୟାଣେ ଜୀବନେ । ଘୋଷା ।
ପାହାନ୍ତିରୁ ଉଠି ସେବା କେ ଦେବ, ନୀଳମଣି ବୋଲି କିଏ ଡାକିବ
　　ଆଦରି କରି କେ କୋଳେ ବସାଇବ, କେ ମୁଖ ଚୁମ୍ବିବ ତବ ବଦନେ ।
ବାଳକ ଅବସ୍ଥା ବଡ଼ କଠିନ, କେତେ ଯତନେ କରିଛୁ ପାଳନ
　　ଏକାଳେ ବିଧାତା କରୁଅଛି ଭିନ୍ନ, କୃପା କରିଥିବ ଦାସେ ସୁମନେ ।
କେବଳ ଦୁଃଖ ରହିଲା ମୋ'ମନେ, ସେବା କରି ନାହିଁ ଶ୍ରୀପଦେ ଦିନେ
　　ହୋଇ ପରାଧୀନ ନାହିଁ ମୋତେ ଦିନେ, କି କହିବେ ମୋତେ ଏ ତ୍ରିଭୁବନେ ।
ନମସ୍କାର କରି ମାତା ପଦ୍ମରେ, ନମି ସୀତା ଲକ୍ଷ୍ମଣ ସହିତରେ
　　କୈକେୟୀ ମାତା-ଭାଷାକପଟରେ, ଅସ୍ତାଚଳେ ହୁଇ ଗଲେ ସେମନେ ।
ସଦାନନ୍ଦ ଦାସ ଭାଷେ ଏ ଶୋକେ, ପ୍ରଣମିଲେ ପାଦେ ଅଯୋଧ୍ୟା ଲୋକେ
　　ଆକୁଳେ କମ୍ପିଲେ ରାମଙ୍କୁ ଥୋକେ, ନ ରହିଲେ ଦଣ୍ଡେ ଆଉ ସଦନେ ।

(4)

ସବୁଦିନେ ନାହିଁ ଗୋ ଦୂତ, ସ୍ୱଦେଶୀ ରାଜ ଭାବ ପୀରତି । ପଦ ।
　　ନୂଆ ନୂଆ ବସନ, କରିଥାନ୍ତି ଆଦରମାନ,
　　ନୂଆଠାରୁ ଯହୁଁ ପୁରୁଣା ହୁଅଇ ତାହାକୁ କରନ୍ତି ମସାଲବତି ।
　　ନୂଆ ନୂଆ ପଥର, କରିଥାନ୍ତି ଗଳାର ହାର,
　　ନୂଆଠାରୁ ଯହୁଁ ପୁରୁଣା ହୁଅଇ ସେହିତ ଦଶର ମଦନ କେୟାଦି ।
　　ନୂଆ ନୂଆ ପୀରତି, କରିଥାନ୍ତି ଆଦରମତି,
　　ନୂଆଠାରୁ ଯହୁଁ ପୁରୁଣା ହୁଅଇ ତାହାରେ ଦେଖିଲେ ମୁହଁ ପୋଡନ୍ତି ।
　　ସଦାନନ୍ଦ ବିପ୍ରକହନ୍ତି, ସବୁଦିନେ ନାହିଁ ପୀରତି,
　　ସବୁଦିନେ ଯଦି ପୀରତି ଥାଆନ୍ତା, ଜାରତି-ପତାକା ଉଡ଼ାଇଥାଆନ୍ତି ।

ବିଦଗ୍ଧଚିନ୍ତାମଣି

By ABHIMANYA SAMANT SINGHAR

ପ୍ରଥମ ଛାନ୍ଦ

ରାଗ—ମଙ୍ଗଳ

ଅପ୍ରାକୃତ ପ୍ରେମମୂର୍ତ୍ତି କୃଷ୍ଣ ରାଧା-ହରି ।
ଅବ୍ୟକ୍ତ-ଲୀଳାକୁ ବ୍ୟକ୍ତ କରି ଅବତରି ହେ ।
ଆଦି-ଅନାଦି-କାରଣ ନିର୍ଗୁଣ ସଗୁଣ ।
ଆତ୍ମାରାମ ସନାତନ ବ୍ରହ୍ମନିରୂପଣ ହେ ।
ଈଶ୍ୱର ସ୍ୱତନ୍ତ୍ର ସ୍ୱୟଂ ଭଗବାନ ତୁହି ।
ଇଚ୍ଛାମୟ ସର୍ବଶକ୍ତିମନ୍ତ ତତ୍ତ୍ୱ ବହି ଯେ ।
ଈଶ-ଶେଷାଦି-ସେବକ ସେବ୍ୟ ଏକା ତୁହି ।
ଇଷ୍ଟ ଅଭୀଷ୍ଟଦ ଦୟାନିଧି ଭକ୍ତବାଞ୍ଛା ଯେ ।
ଉତ୍ପତ୍ତିପାଳନାନ୍ତ ହୋ ତ୍ରିଭଙ୍ଗିବକାରେ ।
ଊତପ୍ରୋତ ତନ୍ତୁବାୟସୂତ୍ର ପରକାରେ ଯେ ।
ଊର୍ଣ୍ଣନାଭିବତ ଖେଳୁ ଇଚ୍ଛାଶକ୍ତି ବଳେ ।
ଉଦ୍ଭବ ହୋଇ ତୁ ଧର୍ମ ସ୍ଥାପୁ କାଳେ କାଳେ ହେ ।
ଋକ ସାମ ଯଜୁର୍ବେଦ ଶ୍ରୁତିଶାସ୍ତ୍ରଭେଦେ ।
ରୂପ ଗୁଣ ଯଶଃ ଅଛୁ ଅଶେଷବର୍ଣ୍ଣାଦେ ଯେ ।
ରୂତର ଚରଣନଖଛଟାର ମହିମା ।
ଋକ୍ଷସଂଖ୍ୟାକଳ୍ପେ କଳ୍ପି ନ ପାରିଲେ ବ୍ରହ୍ମା ଯେ ।
ଌବ୍ଧକ ତାରକ ବ୍ରହ୍ମ-ହରଗର୍ବହର ।
ଌଣ୍ଠାଇପାରି କୃପାରେ ମୁକ୍ତଭଣ୍ଡାର ହେ ।
ୡଠି ଅଳି କରି କୋଳପାଇଁ ଯଶୋଦାଙ୍କୁ ।
ଲୋଲୁପ ଗୋପୀବଦନାମୃତପୀୟୂଷକୁ ଯେ ।
ଏମନ୍ତ ମହିମାବନ୍ତ ପ୍ରେମଭକ୍ତିରସ ।
ଏକ ନଷ୍ଠେ ଅଭିମନ୍ୟୁ କବି କହେ ଅଣ ଯେ ।

ଲୀଳାଶ୍ରୟ । ଦୈନ୍ୟବୋଧିକା । ପ୍ରାର୍ଥନାମୟୀ । ଲାଳସାମୟୀ ।

ଐଶ୍ୱରଦଗଣ ଅଣିମାଦି ଭୋଗ ମୁକ୍ତି ।
ଐଶ୍ୱର୍ଯ୍ୟାଦିରେ ମୋ ଚିତ୍ତ ନୋହିବ ଆସକ୍ତି ହେ ।
ଓଷ୍ଠପାଣାନନ ହେ ମାଗୁଛି ପଦ ଧରି ।
ଔ କହିବ ଅହୋ ଦାସ ଡାକିଲେ କଣେଶ୍ୱ ହେ ।

ଔଦାର୍ଯ୍ୟ ଗାମ୍ଭୀର୍ଯ୍ୟାଦି ନିପୁଣ ପାଦାନ୍ତରେ ।
ଔଷଧ ସେ ମୋର ତୁମ୍ଭେ ବଶ ହେବ ସତେ ହେ ।
ଅନନ୍ତ କୋଟି ବ୍ରହ୍ମାଣ୍ଡ ଈଶ୍ବର ଈଶ୍ବର ।
ଅକେତବ କରୁଣାକୁ ପରମେଶ୍ୱର କର ହେ ।
ଅନନ୍ତସିଦ୍ଧି ମୋହର ତୁମ୍ଭ ପାଦାର୍ଚ୍ଚିତ ।
ଅବଶ୍ୟେ ହେଉ ସର୍ବଦା ଆଜ୍ଞା କର ଦତ୍ତ ହେ ।

ଅନୁକ୍ରମଣି ।

କାମନାକଳପତରୁ ଚନ୍ଦ୍ରାମଣି ନାମ ।
କଳ୍ପିଛୁ କବିତେ ବର୍ଣ୍ଣିବାକୁ ତବ ପ୍ରେମ ହେ ।
ଖଗପତି ପୂର୍ଣ୍ଣ କର ଏ ମୋର ମାନସ ।
ଖ୍ୟାତିପାବନ ମଙ୍ଗଳ ବର୍ଣ୍ଣିବ ଜଗତ ଯଶ ହେ ।
ଗୁଣଗ୍ରାହକେ ଗାଇବେ ଚନ୍ଦ୍ରାର ସୁପ୍ରେମ ।
ଗୀତ ହେବ ବଦଗଧ ଚନ୍ଦ୍ରାମଣି ନାମ ହେ ।
ଘୃଣାରେ ଘୋଷିଲେ ନର ପାଇବେ ନିର୍ବାଣ ।
ଘୃତବତ ରସିକହୃଦକୁ ରବ ଜାଣ ହେ ।
ଉର୍ଦ୍ଧ୍ୱ-ଅନ୍ଧାର-ଅଜ୍ଞାନକୁ ଏ ଚନ୍ଦ୍ରମା ।
ଉର୍ଦ୍ଧ୍ୱ ତବ ଏ ଧୀରଚନ୍ଦ୍ରମୁଖଶୀମା ହେ ।
ଚନ୍ଦ୍ରରୁ ଶୀତଳ ଯାହୁ ସୂର୍ଯ୍ୟରୁ ବିମଳ ।
ଚଉଦ ଗଙ୍ଗାନିର୍ମଳ ସିନ୍ଧୁରୁ ଅଥଳ ହେ ।
ଛନ୍ଦାର୍ଥିକ ଦମ୍ଭଥଳତରଣକୁ ପବ ।
ଛନ୍ଦକଳୋକର ନବଗୁଣବନ୍ତ ଛବ ଯେ ।

ଲକ୍ଷଣ ।

ଯମକାଦ ଚତ୍ୱାର୍ଯ୍ୟପ୍ରବନ୍ଧେ ପ୍ରବନ୍ଧ ।
ଯଥା ଜାତ ଧନା ଏଣ୍ଟି ବୁଧମନବୋଧ ହେ ।

ବୃଥ ଅଳ୍ପବୋଧ ।

ଝୁଣ୍ଟି ମାର୍ଗ ପାଇବେ ପଥିକେ ହେଲେ ଶ୍ରମୀ ।
ଝୁଣ୍ଟଗଡ଼ୁବାଟେ ପଶିଲେ ମୂର୍ଖେ ହେବେ ଭ୍ରମି ଯେ ।
ନ୍ୟାସ୍ତ୍ରାଦି ଶାସ୍ତ୍ର ପୁରାଣ ବେଦାଗମ କାବ୍ୟ ।
ନ୍ୟାସ କଲି ଲୋକର ଏ ହୋଇବଟି ଭାବ୍ୟ ହେ ।
ଟୀକାଣତଣା ଟବଣ ନାରଦ କଳାପଟ ।
ଟେକଓଲ୍କ ବାଜବ ଅବଶ୍ୟ ଶ୍ରମ କର ହେ ।

ଠକ ନୋହେ ଗୁରୁ କୃଷ୍ଣ ବଇଷ୍ଣବେ ଯେହୁ ।
ଠିକେ ଏଥି ମର୍ମ୍ମ ଜାଣିପାରିବେଟି ସେହୁ ଯେ ।
ଡାକି କହୁଛି ମୁଁ ରାଗମାର୍ଗ ଭକ୍ତଜନେ ।
ଢେର କର୍ଣ୍ଣ ସନ୍ଦେହଦ କର ମୋ ବର୍ଣ୍ଣନେ ହେ ।
ତମପଣେ ବର୍ଣ୍ଣିଛି ମୁଁ ଗୋବନ୍ଦଚରିତ ।
ତଣ ତମାଳ ହେଲେହେଁ ସାକ୍ଷାତେ ଅମୃତ ହେ ।
ଥମ୍ଭ ଯେ ହେଉ ସେ ହେଉ ଶାଲଗ୍ରାମ ସ୍ଥନେ ।
ଅଗ୍ରାହ୍ୟ କାହାର ପାଦୋଦକ ନାମ ଜ୍ଞାନେ ହେ ।
ଦକ୍ଷ ଏପରିରେ ଭାବି ଏ ଗୀତେ ରସିବ ।
ଦୁଷ୍ଟ ମୋ ବଦନୁ ଦୂଷ୍ୟ ବୋଲି ନ କହିବ ହେ ।
ଥୋକେ ଛଳ ହେବ ଦ୍ରାକ୍ଷା ଗୁଡ଼ାକୃତ ଥାକ ।
ଥୋକେ ପାକ ନାରିକେଳ ଖର୍ଜୁର ସ୍ରେଟକ ହେ ।
ଦବ୍ୟ ଅଦବ୍ୟ ଭାଷାରେ ପଦ ହେବ ସିଦ୍ଧି ।
ଦେଖ ମହାଜନମାର୍ଗପରମ୍ପରା ବଧି ଯେ ।)
ଧ୍ୱନି ବର୍ଣ୍ଣିତ ସାକ୍ଷାତେ ଉପମା ଅନୁମାନ ।
ଧରି ବର୍ଣ୍ଣିଲେ ହେବ ଏଥି ଅର୍ଥଜ୍ଞାନ ହେ ।
ଦାନବରିପତି ପଦ ଦେବଇ ନେଲା କେହୁ ।
କସ ସ୍ୱଭାବକୁ ଅବା ଶଂସିବ ମୁହିଁ ।

ମହାଯମକ ।

ରମ୍ଭା ଉରୁବଶୀ-ବାର ଅଣି କ ଲୋକରେ ।
ରମ୍ଭାଉରୁ ବଶୀବାର ଅଣିକ ଲୋକରେ ।
ଖରେ ହଂସ ଗତ ରହେ କାନ୍ତ ଅଲୋକରେ ।
ଖରେ ହଂସଗତ ରହେ କାନ୍ତ ଅଲୋକରେ ।

ସର୍ବାଯମକ ।

ବଲ୍ଲବରେ ହରବର ହୃମନର ଶରେ ।
ବଲ୍ଲବରେ ହରବର ସୁମନର ସରେ ।

ଛଳ ।

କୂରେ ପଲ୍ଲବରେ କି ପଣ ଦାସର କେଶରେ ।
ରସକଣା ହସିଦେନ୍ତି ଅଣା ବନାଶରେ ।
ଜୀବଧନ କରିବାର ପାଇ କି ବାଞ୍ଛିତ ।
ଜୀବଧନ କରି ନେବାକୁ ଇଚ୍ଛା ଅଛିତ ।

ଗୁରୁ ଲଘୁ ବର୍ଣ୍ଣାଭାସ ।

ବର୍ଣ୍ଣ ସ୍ୱର୍ଣ୍ଣ ମୂର୍ତ୍ତି ଦୁଇ ଅଛନ୍ତି ଜଗତେ ।
ସାର୍ଥ ଅର୍ଥୀ ପୃଥ୍ୱୀ ଅର୍ଥୀ ହୁଅନ୍ତି ଜଗତେ ।
ବନ୍ଧୁ କନ୍ଧୁ ଭର୍ଗ ସ୍ୱର୍ଗ ଭକ୍ତ ବନ୍ଧୁ ଯୋଗେ ।
ଭକ୍ତି ମୁକ୍ତି ଅନ୍ତ କଳ୍ପଲତା କୃପାସଙ୍ଗେ ।

ଯୁକ୍ତସଂଯୋଗାଭାସ ।

ପକ୍ଷ ଅକ୍ଷ ପରେ ଈଶ ଇତସ୍ତତ ହର ।
ଉତ୍କଳଉତ୍କଳକୁ କୃପାକୃପା ଦାନ କର ।
ଲୁଣ୍ଠିଲୁକ ଏକା ଐକ୍ୟ ଭାବନାକୁ ମନ ।
ଓଜ ଔଷଧ ଅଙ୍ଗରେ ଅଚ୍ଛ କର ଦାନ ।

ରଚନାବୈଚିତ୍ର୍ୟ ।

କାନ୍ତଗୁଣରେ ଗଭସ୍ତି ହେବ କି ପତନ ।
ମଧୁରକୁ ଖୀର ଯେବେ ନୋହିବ ସମାନ ।
କାମବନୋଦରେ ରତ ହେବ କି ରଞ୍ଜନ ।
ଲାଳିତ୍ୟରେ ବାଣୀ ଅଣି କେତେକ ଶୋଭନ ।

ଅପୂର୍ବବିନ୍ୟାସ ।

ଶ୍ରୀଉଦେବନାମ ତବ କର୍ଣ୍ଣରେ ରଚନା ।
ମଧ ଦାନ କଲେ ସେ ମୋ ଶ୍ରୀଉବର୍ଣ୍ଣ ଗିନା ।
ଶ୍ରୀଉଦେବୀ ନାମ ଏହି କର୍ଣ୍ଣରେ ବଧାନ ।
କଚରଣୀ ହେଲେ ହେବ କେ ମୋର ସମାନ ।

ବହୁଲିପି । ସୁଦରଶନବହନକ ବିନା ଗତି ନାହିଁ ।
ଅପୂର୍ବ ବାଞ୍ଛିତ ପଦାର୍ଥହିଁ ଅଛୁ ତହିଁ ।
ବମୁଦନ ନାନାପଥ ପ୍ରସଙ୍ଗେ ହୋଇବ ।
ଆଦ୍ୟ ବ୍ୟସ୍ତ ବର୍ଣ୍ଣ ହେଲେ ସ୍ପଷ୍ଟ ଜଣାଯିବ ।

ଶୃଙ୍ଖଳାସି-ଦ୍ୱାଦଶଶ୍ଳୋକ । ଶ୍ରୀଚନ୍ଦ୍ର ଦରପଣ ବଦନ ରଞ୍ଜନ ।
ଜନହରଷ ଜନକ ବର ପରସନ୍ନ ।
ସନକ ମନ ବଣକଜବଦନତ ହସ ।
ହଂସଗମନ ରଖଇ ଦର୍ଶନ ତରସ ।

ମଣ୍ଡୁକପ୍ଲୁତଶୃଙ୍ଖଳା । ବର ବାରଣଗମନା ମନାଉଛୁ ଅନା ।
ଅନାସ୍ଥ ଭରେ ମୁମୁହିଁ ମୁହିଁତ ବମନା ।
ମନାକ କରୁଣା କର କରକଦଶନା ।
ସନାଥ ହେବ ନରତ ରତ ପାଇ ସିନା ।

ସଙ୍ଗାସ୍ରୋତଶୃଙ୍ଖଳା । ବରରସଣର ଉପାସାରକାସହୁ ।
ହୃଦତ ସେ ସେବକ ସ୍ମ, ସ୍ମ, ବବତ ତହିଁ ।
ହୀନନର ରସସଦା ଦାସସଦା ଦାହୁ ।
ହୃଦେ ଦେବେ କେଣେ ସେବ ଯାର ରସେ ମୋହୁ ।

ସର୍ବାଙ୍ଗପାଦଶୃଙ୍ଖଳା । ଣାରଙ୍ଗରଙ୍ଗତ ଗତରୁ ତରୁଣୀ ଋଣୀ ।
ଋତପଦ୍ମପର ପରମରମଣୀ ମଣି ।
ଧନୀର ନରତ ରତ ରତର କରକ ।
ବହୃତ ହୃତହିଁ ତହିଁର ସ୍ମରକ ରଙ୍କ ।

ବର୍ଣ୍ଣବାକଚିତ୍ର । ବାଞ୍ଜନରେ ସଂହନନଙ୍କ ଲଞ୍ଜନରେ ।
ସଙ୍କଟରେ ଅଲକ୍ଷ ଉମା ମତ୍ତ ବଡରେ ।
କଟଙ୍କତପ ଗଜଜାଦବ କଲେ ଅର୍ଥେ ।
ଗଜଜାଦବ କଟଙ୍କତପ କଲେ ଅର୍ଥେ ।

ଭୁବର ଧନ ସ୍ମ ବକ୍ତ୍ର ଅବରତ ତହିଁ ।
ଅଭିମନ୍ୟୁ ଏ ଭୁବନା ଦେଖିବ କି କେହି ।
ପାଞ୍ଚ ଚଉର ଏ ଛନ ଗଣନା ଏତନି ।
ବାରଣ ଭୁବସମୁଦ୍ର ବଢବେ ସେବା କି ।

CENTRAL LIBRARY

ପଞ୍ଚବିଂଶ ଛନ୍ଦ

ଶ୍ରୀକୃଷ୍ଣ ବିଳାପ ଶୁଣି ନିଷ୍ଠୁରୋକ୍ତି

ରାଗ—ଚକ୍ରକେଳି

ଏକବର୍ଣ୍ଣାନୁପ୍ରାସ । ସନ୍ତଜନ ସେନ ଏ ସଙ୍କ୍ୟ ରସ ।
କଥା ଶୁଣି ଗୋବିନ୍ଦ ଚକ୍ରାଭସ ।
ଦ୍ୱିବର୍ଣ୍ଣାନୁପ୍ରାସ । ଚଳି ନ ସହି ପୁଚ୍ଛନ୍ତେ ଉତ୍ତର ।
ଚଳନ୍ତେ ଦେଖି ମହାକାତର ।
ତୃତୀୟ ବର୍ଣ୍ଣାନୁପ୍ରାସ । ଜୀବରଙ୍କ ଅଙ୍ଗେ ଦଶା ଜ୍ୱରର ।
ଅଣାରସେ ନେଇଁ କାଢ଼ ପ୍ରସାର ।
ଚତୁର୍ଥ ବର୍ଣ୍ଣାନୁପ୍ରାସ । ହାସବଦନେ ନାହିଁ ହା-ଶବଦ ।
ସେ କୁମୁଦନ୍ତୀ ସେ ଲକ୍ଷେ କୁମୁଦ ।
ପଞ୍ଚାକ୍ଷରାନୁପ୍ରାସ । କାମିନୀରତେ ସେ କାମୀ ନରତେ ।
ଭାବ ଉଦତେ ସେ ଭାବରତେ ।
ଉପମାନୁପ୍ରାସ । ମିତେ ପୁଚ୍ଛିଲେ କହ ଏ କି ବାକ୍ୟ ।
ଏତେ ଦୁଃଖଦ ନେବାକୁ କେ ଶକ୍ୟ ।
ଜଣମୋହିତ ଯାକୁ ନୋହେ ତଥ୍ୟ ।
ଧୃତହାସ୍ୟ କି ତାର ଶ୍ରମା ମାଶ୍ ।
କୁଞ୍ଜକୁଞ୍ଜରେ ଗୋବିନ୍ଦ କଥନ ।
କେଉଁଣ କି ବୋଲି ଯାଉଛୁ ଜୀବନ ।
ବ୍ୟାଧିବଳୁର ବାଞ୍ଛା ମଉଷଧି ।
ବ୍ୟକ୍ତ କର କେଉଁଠାଇଥିବେ ବଧି ।
ନବନାଗରୀ ପ୍ରେମସୁଧା ସନ୍ଧୁ ।
କୋଳେ ଥିଲା ଏକ୍ଷଣି ହେଲା ଛନ୍ଦୁ ।
ନେଣ ଭ୍ରମର ମୁଖକଞ୍ଜେ ମଗ୍ନ ।
ଚତୁ ସରସା ରସପାନେ ଲଗ୍ନ ।
କୃତ ସୁକୃତ ଏତ ମିତଗଣ ।
ବୃଥା ଚନ୍ଦ୍ରା ସ୍ୱପ୍ନକୁ ଏତେ କର ।
ଯୁ ଦେବଙ୍ଗୀ ସଙ୍ଗିର ଜାଣି ହର ।
କୃଷ୍ଣ ଯୋଗରଙ୍ଗୀ ଭବ ସୁମର ।
ଶଣ ପାଦକାନ୍ତ ଦଣ୍ଡ ପ୍ରମାଣି ।
ଯାଯା ତା ଗଳ୍ପପଥେ ପ୍ରାଣ ଭଣି ।
ଛନ୍ଦ ଏହା ବୋଲଇ ମିତେ ଭାପି ।
କୁଞ୍ଜନରଶୋଭିନୀଙ୍କ ମନାପି ।

ଯେ ଯେବେନେନ୍ତ ମିଳିବ ଥିଲେ ଜୀବ ।
ବଇଷ୍ଣବଗଣବନ୍ଧୁଙ୍କ ଦେବ ।
ଗୋଗୋଷ୍ଠକୁ ଯିବ କସି କଛଡ଼ା ।
ଦେୌ କୌଶଲ୍ୟା ଯେ କ କର ଜାଣିବା ।
କଙ୍କଣକୁ ନ ଦେଲ ମଧ୍ୟ ଭଣି ।
କଙ୍କାକ୍ଷା କଲେ ଶୁଣି ଅଣି ।
ବର୍ଣ୍ଣାନୁପ୍ରାସ । କଞ୍ଜନୟନ ଅଛୁ ଭୁଜେ ହାର ।
ଚମତ୍କାର ଏ ସ୍ୱପ୍ନ ଅଙ୍ଗୀକାର ।
ଛଳଅଛୁ ଏଥିପାଇଁ ଧୀରତ ।
ତଥ୍ୟ କାହ୍ନୁ ସେନକୁ ଆମ୍ଭ ମତ ।
ପର ପତ୍ର ଆମ୍ଭ ଶିର ନ ଧର ।
ଖରେ ବୃନ୍ଦାବନକୁ ବଳେ କର ।
ଝୁଲ ଝୁଲନବର ଲୁଚେଇ ନେଲେ ।
ଠକପଣେ ହାରକୁ ଚଢ଼ାଇଲେ ।
ଅଥ ଜାଣିଲେ ସେ ହାର ଯାହାର ।
ଫେରନ୍ତରେ ନ ବୋଇଲେ ଉତ୍ତର ।
ଅଙ୍ଗ ଅଙ୍ଗନାଙ୍କର ରକ୍ଷା କରୁ ।
ଅର୍ଦ୍ଧ ଅହ୍ଲାଦନୀ ବେଗେ ହରୁ ।
ଇଚ୍ଛା ଇଙ୍ଗିତଶୀଳା ପୂର୍ଣ୍ଣ କରୁ ।
ଈଦୃଶ ଈଶୀଶ୍ୱରୀ ହରୁ ।
ଉଲ୍ଲୁଣୋଭଣୀ ମାନସରେ ବସୁ ।
ଊରୁସ୍ତନା ପଦ୍ମଣକୁ ଅଶାମ୍ଭୁ ।
ଋଷିମୋହନୀ ରକ୍ଷା କରୁ ଶିର ।
ୠତରୂପା ଲଲାଟ ରକ୍ଷୁ ମୋର ।
ଌଦ୍ଧାନନ୍ଦୀ ଶ୍ରବଣ ଉଭୟକୁ ।
ୡକଣ୍ଠୀ ମୋ ଭ୍ରୂଲତା ସ୍ଥାନ କରୁ ।
ଏଣୀନୟନୀ ନୟନରେ ରହୁ ।
ଐରାବତଗତି ନାସେ ବସୁ ।
ଓଷଧୀଶାନନୀ ପାଳୁ ଗଣ୍ଡକୁ ।
ଔଦାର୍ଯ୍ୟା ସେ ରକ୍ଷୁ ମୋର ଓଷ୍ଠକୁ ।
ଅଂଶୁଶୋଭନୀ ରକ୍ଷୁ ରସନାକୁ ।
ଆର୍ଯ୍ୟା ଅବଧ ରକ୍ଷୁ ବଦନକୁ ।
କମ୍ବୁକଣ୍ଠୀ ଚିବୁକେ କରୁ ବାସ ।
ଖଞ୍ଜନାକ୍ଷୀ ରକ୍ଷୁ କଣ୍ଠଦେଶ ।

ଗଜଗମନା କଣ୍ଠେ ବକ୍ଷେ କରୁ ।
ଘନଜଘନା ବାହୁକୁ ଉବରୁ ।
ଉତ୍ପଳଦ କରୁ କର-କରଣ ।
ଚକ୍ରନିତମ୍ବା ଉରୁ କମୋକ୍ଷଣ ।
ଛଳବଦନା ରଖୁ କକ୍ଷ ବକ୍ଷ ।
ଜଗଦ୍ବନ୍ଦନୀ ଉଦରକୁ ରକ୍ଷ ।
ଝଲବରନା ନାଭିକଳାମିନୀ ।
ନ୍ୟାସ୍କନ ଧାନୀ ମୋ ପୃଷ୍ଠମଣ୍ଡନୀ ।
ଟଳଟଳଗମନା ମଧ୍ୟେ ବସୁ ।
ଠଣଠରଣା ନିତମ୍ବ ଅବର୍ତ୍ତୁ ।
ଡରନାଶିନୀ ସଘନକ୍ରସନେ ।
ଢକାବକା କୃପାଳୁ ଉରସ୍ଥାନେ ।
ଣଣନେମ ସୁମନାଙ୍ଗୀ ଜାନୁରେ ।
ତନୁପାତଳୀ ବନ୍ଧୁକୁ ଜଙ୍ଘାରେ ।
ଥସ୍ତମନା ଗୁଲ୍ଫଦେଶେ ବସନ୍ତ ।
ଦମ୍ଭହରା ପଦରେ ରହନ୍ତୁ ନିତ ।
ଧବଳଶଙ୍ଖପୁଞ୍ଜୀ ରଖୁ ଅଙ୍ଗୁଳ ।
ନବଘନକେଶୀ ରଖୁ ପାଦତଳ ।
ପଦ୍ମିନୀ ଯେ ପାର୍ବଣ ରକ୍ଷା କରୁ ।
ଫଣୀବେଣୀଶୋଭା ଉର୍ଦ୍ଧ୍ୱ ଅବୋରୁ ।
ବନ୍ଧୁ ରହୁ ବଦେକବସ୍ତ୍ରରରେ ।
ଭବପରଦଳହାସ୍ତ୍ର ଭବରେ ।
ମଦାଳସା ମନ୍ମଥପ୍ରେମେ ମନ୍ତ୍ର ।
ଯଶଉଦୟା ନାନାସ୍ତୁତେ ରକ୍ଷ ।
ରସନଅଧର ସରସ କରନ୍ତ ।
ଲଳିତାଙ୍ଗୀ ବକ୍ଷକୁ ରସିବନ୍ତ ।
ବରବରନା ରକ୍ଷିବ ଶତ୍ରୁନେ ।
ଶ୍ରୀମତୀ ଯେ ଉଦରକୁ ରଖ ଦନେ ।
ଷଡ଼ୁକନ୍ତି ସ୍ୱପନେ ହେଉ ସଙ୍ଗ ।
ସରୋଜାକ୍ଷୀ ଜାଗ୍ରତେ କରୁ ରଙ୍ଗ ।
ହରହର ଭାବ ମୁଦ ଏମନ୍ତ ।
କ୍ଷତହରଣୀ ନଶିରେ ସେମନ୍ତ ।
ସିଦ୍ଧିପଦ ଶ୍ରୀରାଧାକୃଷ୍ଣପଦ ।
ଧୀରେ ସୁମର ଲଭିବ ଆନନ୍ଦ ।
ଭଣେ ସାମନ୍ତସିଂହାର ଅଧୀନ ।
ସୁବନରେ ସଦା ରହୁ ବଚନ ।

ଷଟ୍‌ତ୍ରିଂଶ ଛନ୍ଦ

ଶ୍ରୀଲକ୍ଷ୍ମୀ ବଲ୍ଲଭ ବିଳାସ ଉକ୍ତି । ବର୍ଣ୍ଣାନୁପ୍ରାସ

ପ୍ରଥମପଦ ଏକାର୍ଣ୍ଣ ଅନୁପ୍ରାସ

ରାଗ—ବାମୋଦ

ଯେବନ ଅବେ ଅନଘ ମୁରମଂଥନ ଅଘନାଶନ ପ୍ରେମରସ ଶ୍ରାଦ ।
ରସିକଜନ ଗ୍ରାସବର ଅନନ୍ଦ ଓଘ ଘନରସଦାମ୍ଭକ ମେଘ ହେ । ବଣ୍ଟସିଂହ ।
ଅଖିଳଜନଙ୍କର ଅଘ । ଛଗ ବନାଶନଙ୍କୁ ବାଘ ।
ମହା ଅଜ୍ଞାନ ସିଂହନନକର୍ମନେ ମାଘ ଉଜ ଦୁଃଖସାଗର ଲଙ୍ଘ ହେ ।

ସୁପ୍ତାନ୍ତାନୁପ୍ରାସ

ଲକ୍ଷ୍ମୀ ବୃନ୍ଦା କାନନ ମଧ୍ୟେ ବସି ଅନନ ଭାବନ୍ତି ରାଧାର ସନ୍ତତ ।
ଶରବାର ମାରର ପଡ଼ିଲା ଭବୁରର ସମସ୍ତ ବଢିଲା ଘାତତ ଯେ । ବୋଲନ୍ତି ହାହା ।
ଛଳ ହେଲେ ଯେ ମନ୍ତ୍ର ଲୁବ୍ଧ । ଅଶକ୍ତି ହୋଇଲେ ତବୁବୁ ।
କର୍ମଇ ସିଂହନନ ତନ୍ତ୍ରାବାଣୀ ଜନନ ଗୁଣ କୀର୍ତ୍ତନ ସୁଭୁକ୍ତ ଯେ ।

ମଧ୍ୟାନୁପ୍ରାସ

(ଅହା ନବରମଣୀମଣି ତୋ ଗୁଣ ଶୁଣି ଏ ଜୀବ କି ମୋ ଯିବ ।
ସତେ ଭାଗ୍ୟ ଦଶିବ ଶିବ କି ପ୍ରକାଶିବ ଶିବପରତ ନ ମାଇବ ରେ । ନବବଧୂ ।
ତୋତେ ସୁନ୍ଦର ମଉବାର । ମୁକତ କଢଙ୍କ ସଂସ୍କାର ।
ନ ହେଲେ ତୋର ପଦପଦ୍ମ କି ସର୍ବପଦ ପାଇବ ଜୀବ ଛର ରେ ।)

ଛେକାନୁପ୍ରାସ

(ତୋହ ପ୍ରାପ୍ତି ଅଶରେ ବାଞ୍ଛାକଟ ପାଶରେ ତପ ସାଧିବ ନଗ୍ରଶରେ ।
ଶ୍ରୀପଦସାରସରେ ଗଣା ହେବ ଦାସରେ ଦେବେ ମୁଁ ଲେଖା ପୁରୁଷରେ ରେ ।
ସୁଯଶରେ ।
ମୋନାମ ରସଅରଷରେ । ରହିବା ରସକବସରେ ।
ବନ୍ଧୁ କୃପାଲେଶରେ ପ୍ରେମପଦ୍ମକୁଷରେ କର୍ଷାଇବ ଉଦ୍ଦେଶରେ ରେ ।

ଅନ୍ତର୍ବିନ୍ଦୁକାନୁପ୍ରାସ

ନବୀନା ବନା ମୁହିଁ ସନ୍ନ୍ୟାସ ନ୍ୟାସ ବହ ଅଧୀନ ଆନ ନ କରିବ ।
ଲକ୍ଷ୍ମୀର ଶୀର ସ୍ପର୍ଶ ଜୀବଦବର୍ କରି ଲୁବନ କନକ୍ରୁ ଫେଇବ ରେ । ଭାବବତ ।
ଶ୍ରୀପଦ ପଦ୍ମଧୂଳି ଦେବ । ବହୁତ ଭୃତ ବା ସେ ହେବ ।
ନରତ ରତ ନାମେ ମଜ୍ଜିବ ଜୀବ ପ୍ରେମେ କନ୍ଦର୍ପ-ଦର୍ପ କି କରିବ ରେ ।

ଏକାକ୍ଷରାଦ୍ୟଯମକ

ଫଳ ମୁଖ ନଳିନ ଫସଳଦ-ନୟନ ଫସକେତନ ଶରଧର ।
ଫରଫର କରତ ଫରୁଥାଇ ଅମୃତ ଫେଣକ ହାସରେ ତୋହର ରେ । ଫଳକାଙ୍କ୍ଷୀ ।
ଫୁତ୍କାର ବାଣୀ ଝଣା ଗିର । ଫନନ କଙ୍କଣୀ ମଧୁର ।
ଫଫୁର ମୁହୁଂସକ ଫଳବାଦ ଏ ଦକ ଫଟିତ ମୋହେ ତନପୁର ରେ ।

ଦ୍ୱିତୀୟ ବର୍ଣ୍ଣାଦ୍ୟଯମକ

ଗଗନାଦ ବିଲୋକ ସୁମୁଖ ବୃକ୍ଷିଯାକ ଛୁଛ କରୁଛି ମନେ ଭାବ ।
ମମତା ସଦା ମୋର ନାନା ଲଗିମା ତୋର ବବଧ ମଦେ ଦେଖୁଥିବ ରେ । ବଦଗଧା
ମୁଁ ମୁମୁକ୍ଷୁବତ ହୋଇଛି । ଶଶ ଶଶିନ୍ୟାସ୍ତେତ ଅଛି ।
ଶେଷେ ସେବାତ ନାହିଁ ସୁମୁଖ ଦେବ କାହିଁ ଧୀ ଧୀର ଏ ଯେନ ନୋହୁଛିରେ ।

ଏ ପଦ ଆଦ୍ୟଯମକ

ସରଳ ସ୍ନହୃଦୟେ ସର ସଦା ଉଦୟେ ଶରଣବତ୍ସଳା ନିପୁଣ ।
ସୁରଙ୍ଗ ସ୍ନିଗ୍ଧଦୃଷ୍ଟି ଶରଲୁ କଲୁ ବୃଷ୍ଟି ସରସ କୃପା ମିଶାଇଣ ରେ । ସରଳାକ୍ଷି ।
ସରଞ୍ଜନ ହାସ ପୀୟୂଷ । ସରଳ ସିଞ୍ଚ କଲୁ ଦାସ ।
ସଲ ଉଲଟ ଦାମ ସରଇ ହେବ ହାନି ଶରବପର କଲେ ନାଶ ରେ ।

ଦ୍ୱ୍ୟାଦ୍ୟଯମକ

ବରବରନା ଅଳୁ ଦଣେଦଣେ ଦଣୁଲୁ ମାର ମାରଣା ମାରୁଅଛୁ ।
ଏସ ଏଣ ନ ଜାଣ ତୋଷ ତୋ ଷଷ୍ଠାଦାସ ବଶ କଣ ହୋଇ ମାଗୁଛୁ ରେ । ଜୀବଜୀବ
କଲୁ କରୁଣା ପୃଣା ଏବେ । ଲୋକେ ଲୋକେ ହସିବେ ତେବେ ।
ରସି ରସିକାବର ଭ୍ରଷ ଭ୍ରଷ ମଧୁର ତାର ତାରକାଶୋଭ ଏବେ ରେ ।

ଦ୍ୱିରୁକ୍ତିଯମକ

ସ୍ୱେଦର ଗମଗମ ବଦନ ତମତମ ଦଶଇ ଶ୍ରୀହ ଅନ ଅନ ।
ଶରୀର ଫମଫମ ହୃଦୟ ଦମଦମ କାମ କରୁଛି ପନସନ ରେ । ବାରବାର ।
ଲୁହ ବହଇ ଧାରଧାର । ଗତ ହେଲାଣି ଥରଥର ।
ପ୍ରେମରେ ଗରଗର ଡାକୁଛି ହର ହର ଭ୍ରମୁଛି ବନ ଧର ଧର ରେ ।

ସ୍ୱରାଦ୍ୟଯମକ

ସୁକଳା କରକର-ହାସ ସୁଧାର ଧାର ହରେ ଜୀବ କାତରତର ।
ମୋ ତାପବାର ବାର ଭୁତ ସଂସାରସାର ସୁଯଶକୁ ବସ୍ତାର ତାର ରେ । ପ୍ରାଣପାଣ
ନ ବହୁ ଗୁଣ ଦର ଦର । ଦୁର୍ଗତ ଅଦେହର ହର ।
କୃପାରେ ବରବରନ ଭୁ କଙ୍କର କର ନୋହିଲେ ନାହିଁ ଧରଧର ରେ ।

ଅନୁହକଯମକ

ରମଣୀମଣି ସାରସର ସାର ସଂସାର ଶାରଙ୍ଗ ରଙ୍ଗ ବରଧନ ।
ଧନର ନ ରସିବା ଶିବାର ବାର ଦେବା ଦେବାଦ ବାଦର କ ମାନ ରେ । ମାନମାର ।
ମାରସ ରସଦା ହେବାର । ବାର ଦରତରେ ବନ୍ଧର ।
ଦରସ ରସଭାବ ଭାବ ନବମ ସିବ ଜୀବର ବର ସୁଖସର ରେ ।

ସମସ୍ତଯମକ

କୁନ୍ଦର କୋରକର ସୁନ୍ଦର ସୁରଦର ଦୁନ୍ଦର ଦରପର ଶର ।
ଭଙ୍ଗୀର ପରସ୍ପର ସଙ୍ଗୀର ଗିର ବରଯୋଗର ଧୀର ପୁର ବେଶ୍ୟର ରେ । ଦରନ୍ଦର ।
ଭୁ ମାର ବର ଶରପର । ରମାରଭର ଦର ହର ।
ଶିବାର ପୁରଦର ସେବାର ପରସ୍ପର ହେବାର ବର ବର ଦୋର ରେ ।

ଯମକ

ବାରଣଗତ ସାରତରଣ ଫନ୍ଦା ମୋର ଶରଣରକ୍ଷିଣୀ ବୋଲାଅ ।
ମାରଣ କରେ ମାର କାରଣ ନାହିଁ ମୋର ଦାରଣ ଧନ ମୋର ହୃଅ ରେ । ମରଣକୁ
ବରଣ କରଅଛୁ ମୁହିଁ । ହରଣ କର କୃପା କହି ।
ତ୍ୱରଣଦମ୍ଭ ପର ମରଣ ମୁଖ ଛୁଟ ସ୍ମରଣ ଅନ ଦଶ ନାହିଁ ରେ ।

ଆଦ୍ୟନ୍ତଯମକ

ସୁରମଣି ଅସୁର ସୁରତାପ ନାଶର ଶାରଙ୍ଗ ମୁହିଁ ଭୁ ଅପାର ।
ବାରଣ ଦୁଃଖବାର କରକଦମ୍ବ କର ଧରମ କରଣ ଉଦ୍ଧର ରେ । ରସାସାର ।
ବରଷା ସୁନାଗସ୍ତ୍ରୀ କର । ହରଷେ ଦୁଦବାହ ହର ।
ତରଣ ଅନୁତର ନରବଧୂ ଧନୀର ପାଇ କର ଷ୍ଟ ଅନୁପାର ରେ ।

ବିବୃତଯମକ

ବନ୍ଧୁ ମାନବୀ ସେତ ଯେତେ ମାନବୀ ସେଦ ହେବ ମାନ-ବଶେଦ ଧ୍ୱଂସି ।
ରମା ତନୁ ପାଟଳୀ ସମେ ତନୁପାଟଳୀ ଭୁଲ ତନୁପାତକ ନାଶି ରେ । ସୁବଳାସି ।
ମୋତେ ରମ୍ଭା ସୁ-ରମଣିକ । ସେ କ ସର ସୁରମଣୀକ ।
ଧନତ ସୁର ତକୁ ଭୁଲ ଭୁ ସୁରତକୁ ଲକ୍ଷତ ସୁରତରୁଣୀକ ରେ ।

ସାରଯମକ

ନାଗ ରମଣୀଗଣ ନାଗର ମଣି ଗଣନା ନୋହୁ ଦେବଗଣ ପୂଜବେ ।
ସଦାଶିବ ଗଉରୀ ସଦାଶିବ ଗଉରୀ ଦେଖିଲକ୍ଷଣି ତେଜ ଦେବେ ରେ । ଶଶଦୃଶି ।
ଉର୍ବଶୀ ଉର୍ବଶୀ କ । ତିଲୋତ୍ତମା ତିଲୋତ୍ତମା କ ।
କଳାକର ସୁନ୍ଦର କଳାକର ସୁନ୍ଦର ପାଇବ ଶ୍ରୀମୁଖ ବଲୋକ ରେ ।

CENTRAL LIBRARY

ସମପାଦଯମକ

ହର ଭାବର ଧନ ସଦା ଲହୁର ଧନ ହେଲୁ ହର ଭାବରଧନ ।
ବନ୍ଧୁ ଜୀବଜୀବନ ନୋହିଲେତ ନଦାନ ମୋର ବନ୍ଧୁ ଯିବ ଜୀବନ ରେ । ହା ସୁତେନ୍ଧା
ଭାରତୀ ସମ କ ଭାରତୀ । ସୁରତ ତୁଲ କ ସୁରତ ।
କିଂକଣ୍ଠା ତବ ରତ ହେବେ ଦେଖି ମୂରତ ବନା କ କର ତବ ରତରେ ।

ଧ୍ୱନିଯମକ

ସରସ ରସ ରତ ରସର ସର ସତ୍ୟାଙ୍କସଙ୍କ ସଞ୍ଜୀବ ତୋଷେ ।
ସାର ସାର ସାରତ ରସାର ସାରସାଦ ମାନ ମାନ ମାନସ ତପେ ରେ । ଜୀବଜୀବ ।
ରତ ରତ ରତନ ସୂତ । ତରତର ତରୁଣୀ ଭୁତ ।
ରଙ୍ଗ ରଙ୍ଗ ରଙ୍ଗସେ ହର ହର ହରସେ ଭାଷି ଭାଷି ଭାସିଲି ମୁଁ ତ ରେ ।
ଶ୍ୟାମ ପ୍ରେମ ଉନ୍ମାଦେ କାମବାମ ପ୍ରମାଦେ କର ହର ଚନ୍ଦ୍ରା ଏପର ।
ଲବ ଭାବନ୍ତ କଳ୍ପେ ଜୀବ ଥିବ ସଂକଳ୍ପେ ଦେବ ଭାବ କ ପ୍ରାଣେଶ୍ୱରୀ ହେ । ଧୀରବର ।
ଶେଷ ବଂଶପଦେ ଏ ରସ । ଲୁଥବୋଧକ ଅଙ୍କ ଶସ ।
ହେମ ଯମକମାଳା କର୍ଣ୍ଣ କର୍ଣ୍ଣକଳିଲା ଅଭି ଅଭିମନ୍ୟୁ ମାନସ ହେ ।

ଊନଚତ୍ୱାରିଂଶ ଛାନ୍ଦ

ସଖୀ ବିଶାଖା ପ୍ରତି ଉକ୍ତି

ରାଗ—ଅଷ୍ଟାଦଶଶମ୍ଭୁ ବସନ୍ତୀ

ଧୀର ଚନ୍ଦ୍ର ବୃନ୍ଦପଦ୍ମ ମିହିର । ରସିକ ରସ ରତନ ଭଣ୍ଡାର ।
ଗ୍ରାହକ ପ୍ରେମ ବାଣିଜ୍ୟ ପସରା । କାମକାମଦା ଚନ୍ଦ୍ରାମଣି ପରା ।
ଏ ଛନ୍ଦ ଗାଉମା । ପ୍ରୀତ ଅନନ୍ଦସିନ୍ଧୁକୁ ଚନ୍ଦ୍ରମା ।
ନ ଲଭିବାକୁ ଗୋବନ୍ଦ ପୀରତୁ । ଅଧୀରେ ଧୀରରତନ ଅରତ ।
କହନ୍ତ ଧର ବଶାଖାଙ୍କ ହାତ । କହ ପୀରତ କ ଜାତ ପଦାର୍ଥ ।
କାହିଁ ଏ ଅଇଲା । କେଉ ଦଇବ ଏହା ଉପୁଜଲା ।
କହେ ସଖ ଶୁଣ କଶୋରମଣି । କହୁ ରତନାଙ୍କ ପୀରତ ପୁଣି ।
ଅବାଚ୍ୟ ଅକ୍ଷୟ ନତ୍ୟ ପଦାର୍ଥ । କେ ଜାଣିବ ପ୍ରୀତ ଶବଦ ଅର୍ଥ ।
ଅକଥ ଇନ୍ଦ୍ରିୟ । ବଲେ କରନ୍ତ ପୀରତ ଅଶ୍ରୟ ।
ସମାନ ବୁଦ୍ଧି ବୟଃ ଶୋଭାଗୁଣ । ସ୍ୱଚ୍ଛ ଅରଦ୍ର ସ୍ୱଭାବ ଲକ୍ଷଣ ।
ରସ ରହୁତଦା ଗ୍ରାହକାଶକ୍ତି । ଏତେ ଲକ୍ଷଣେ ଯୁକ୍ତ ଯେଉଁ ବ୍ୟକ୍ତି ।
ସଂଯୋଗ୍ୟସମ୍ପନ୍ନ । ହୃଦେ ଜାତ ହୋଏ ପ୍ରଣୟବନ୍ଧ ।
ନକ୍ଷତ୍ରଠାରେ ଛାୟା ବିମ୍ବତ । ମଣିରଙ୍ଗରେ ପ୍ରଭବମ୍ ଜ୍ୟୋତ ।
ଅକ୍ଷୟ ଅକ୍ଷୁର୍ଣ୍ଣ ଅଙ୍କୁରହତ । ଉତ୍ତମ ଜନ ମନରେ ଉଦତ ।
ଅପୂର୍ବ ଅହ୍ଲାଦ । ଲଭିବାକୁ ହୃଦେ ପୂର୍ଣ୍ଣ ଅନନ୍ଦ ।

ଅଦ୍ଭୁତ ଶୁଣିଛୁ ପ୍ରଣୟବୀଜ । ହୃଦାଳବାଳେ ଯୋଉଟେ କାମଗଛ ।
ନବଯୁବାକାଳେ ଅଙ୍କୁର ହୋଏ । ସୁରସ ଦୃଷ୍ଟି ସଂଯୋଗକୁ ପାଏ ।
ତନ୍ତୁ କଥା ଲେଖା । ହାବ ଭାବ ପରିହାସ ଶାଖା ।
ନାନାକ୍ରୀଡ଼ା କ୍ଷୁଦ୍ରଡାଳ ପ୍ରକର । ଭଙ୍ଗୀ ଚାତୁର୍ଯ୍ୟ ପଲ୍ଲବ ବିସ୍ତାର ।
ସୁଖ ସୁମନ ରାଗାମୃତ ଫଳ । ଆନନ୍ଦ ଆସ୍ୱାଦନେ ମତ୍ତ ଭୋଳ ।
ଦୁର୍ଲ୍ଲଭ ମାଦକ । ଛାଡ଼ଇ ନାହିଁ ଜୀବ ଥିବାଯାକ ।
ସଂସାରେ ଏ ଦେହ ମନ ଆୟତ୍ତ । ସେ ମନ ପୁଣି ଗୋ ଇନ୍ଦ୍ରିୟଗତ ।
ଇନ୍ଦ୍ରିୟ ପୁଣି ଗୋ ପ୍ରକୃତିବଶ । ପ୍ରକୃତି ସ୍ୱଭାବବଳେ ପ୍ରକାଶ ।
ମଦନଅଧୀନ । ଏମାନେ ସବୁ ହୁଅନ୍ତି ସେନ ।
ସେ ମଦନ ପୁଣି ସୁରତବଶ । ସୁରତ ହୁଏ ପ୍ରୀତିରୁ ପ୍ରକାଶ ।
ଭାବ ସମ୍ବନ୍ଧ ପ୍ରୀତି ଆଲମ୍ବନ । ନାନାକ୍ରୀଡ଼ାରୁ ପ୍ରୀତି ଉଦ୍ଦୀପନ ।
ତହିଁ ସୁଖ ଜାତ । ତହିଁ ଆନନ୍ଦ ହୁଅଇ ସମ୍ଭୂତ ।
ତହିଁ ମୋହନସାଗର ସତତ । ମାଦକ ଲହରୀ ତହିଁରୁ ଜାତ ।
ଅହ୍ଲାଦାମୃତ ତହିଁରୁ ଜନମ । ତହିଁ ମୋହନ କଥା ଉତପନ୍ନ ।
ତାହା ଯେ ଲଭଇ । କିଛି ନ ଗଣେ ଗନ୍ଧେଶ୍ୱର ହୋଇ ।
ଯେ ଯେତେ ପରତେ ହୋଏ ପ୍ରୀତିକି । ସଂଯୋଗେ ସୁଖ ସେ ଲଭେ ତେତିକି
ବିଯୋଗେ କୋଟିଗୁଣେ ଦୁଃଖ ଦଏ । ଏ ଦୁଇ ସ୍ୱଭାବ ତାର ଉଦୟେ ।
ଅନୁଭବୀ ଜନେ । ଦୁଃଖ ସୁଖ କହି ନୋହେ ବଚନେ ।
କୋଟିବ୍ରହ୍ମାଣ୍ଡ ସୁଧାସିନ୍ଧୁ ସାର । ସଂଭୋଗକାଳେ ସେ ଛାର ଛକାର ।
କୋଟିବ୍ରହ୍ମାଣ୍ଡ ଦୁଃଖସିନ୍ଧୁ ଲବ । ବିଚ୍ଛେଦକାଳକୁ ତୁଲ ନ ହେବ ।
କ୍ରୋଧଗତ ସର୍ପ । ଅଗ୍ନି ଆଚ୍ଛାଦନ ତାପ ଅଳପ ।
ସେ ପୀରତି ଯେବେ ହୁଅଇ ବୃଦ୍ଧି । ଅବସ୍ଥା ଯେଉଁମାନଙ୍କରେ ସିଦ୍ଧି ।
ପର ଆପଣା ତଫାତ ନ ଦଏ । ମନକୁ ଜ୍ଞାନ ଅଗୋଚର ହୋଏ ।
ଥାଉ ସୁଖବାର । ଦେହ ପରାଣକୁ ମଣଇ ପର ।
ଜଗତେ ଅପକୀର୍ତ୍ତି ହାଟ ବସେ । କଳଙ୍କପସରା ତହିଁ ବିକଣେ ସେ ।
ଜାତି କୁଳ ଜ୍ଞାନ ମାନ ବିକଇ । ଚିନ୍ତା ଉତ୍କଣ୍ଠା ବଦନ ଜଣଇ ।
ନିନ୍ଦା-ବୋଲ କାଳେ । ନଇଡ଼େ କୃପା-ଫଳ ଜଣି ଭୁଞ୍ଜେ ।
କ୍ଷଣ କ୍ଷଣକେ କେତେପର ହୋଇ । ଭାବ-ଜଳଧି କଲ୍ଲୋଳ ଉଠଇ ।
କ୍ଷଣେ ବୁଡ଼ାଏ କ୍ଷଣକେ ଉଠାଏ । ଏକ ଯାଉଁ ଯାଉଁ ଅନେକ ପାଏ ।
ଭାବ ସାବଲ୍ୟତା । କେତେମତେ ତହିଁ ଦିଶଇ ଚିନ୍ତା ।
ସମ୍ଭୋଗେ ରୀତିମାନ ଆନ ଆନ । ରତରେ ଆନନ୍ଦ ବାହାରେ ମାନ ।
କୃପା କୃପାବେଳ ଅକ୍ଷପଲକେ । ହାସଶ୍ଳେଷ ଓଷ୍ଠେ ଜାତ ଲବକେ ।
ଦୂନଇ ସେ ଜଳ । ରାଗ ସରାଗ ଲୀଳା କଳାବଳ ।

ଅପ୍ରାକୃତ ପ୍ରେମ ଯା-ନାମ କାମ । ଅଦ୍ଭୁତ୍ ରହେ କ ସେ ହେଲେ ବାମ ।
ପରବଶ ହୋଏ ଯାହାର ଜୀବ । ତାର କ ରହେ କୁଳ କିମ୍ବା ଭବ ।
ମନେ ଘେନ ଧୀର । ପ୍ରୀତି ଯେ କଲା ସେ ଗଲାଟି ମର ।
ଅନଳ କୁହଇ ଦେହ ଦହଇ । ଅସ୍ତ୍ର କୁହଇ ମରମେ ଭେଦଇ ।
କୁହଇତ ଜଳ ବୁଡ଼ାଏ କୂଳ । କୁହଇ ମାଦକ କରେ ବିହ୍ୱଳ ।
କୁହଇ ବଡ଼ଶୀ । ବଳେ ମନ-ମୀନ ନିଏ ଆକର୍ଷି ।
ପଦାର୍ଥ ଜ୍ଞାନ କଲେ ନ ଘଟଇ । ସ୍ୱାଦୁ ଆସ୍ୱାଦନ କର କୁହଇ ।
ଦେଖି ନ ଥାଇ ରୂପ ନୟନେତ । ସତତ ମୋହିତ କରଇ ଚିତ୍ତ ।
ଦେହ ଥିଲେ ତାର । ନ ଥାନ୍ତା ଆଉ ପ୍ରୀତିର-ସଂସାର ।
ନିଜ ନିଜ ସୁଖ ମନେ ମନାସି । ସର୍ବେନ୍ଦ୍ରିୟ ରହେ ପ୍ରୀତିକ ରସି ।
ନ ପାଇ ଧନ ବିକ ହୋଏ ପ୍ରାଣ । ସଂସାର ସୁଖଯାକ ଗଣି ତୃଣ ।
ପ୍ରୀତିର ପୀରତି । ସର୍ବ ଭୂତମୟ ପ୍ରାୟ ଦିଶନ୍ତି ।
ବଡ଼ କଠିନ ଏ ପ୍ରୀତି ପାଳିବା । ତୀକ୍ଷ୍ଣଅସିଧାରେ ପଥ ଚଳିବା ।
ଶୂନ୍ୟ ଆରୋହଣଠାରୁ କଠିନ । ପବନ ଫାନ୍ଦେ ଧରିବା ଲକ୍ଷଣ ।
ପ୍ରୀତି ରକ୍ଷାଠାରେ । ଯଥା ପାରଦ ରଖିବା ମୁଠାରେ ।
ଲୌହଯୋଡ଼ା ନବନୀତସୂଅଇ । ପ୍ରଚଣ୍ଡାନଳପଥେ ଚଳିବାର ।
ତହିଁ ଉକଉ ରହିବ ଶରୀର । ତହୁଁ ଅଧିକ ପ୍ରୀତି ପାଳିବାର ।
କହୁଛୁ ଏତେକ । ବୁଝିଁ କହାର ପୀରତିସ୍ୱାଦକ ।
ପ୍ରଥମେ ପ୍ରୀତି କରିବାର ମଦ । ପର ପ୍ରୀତି କୋଟିଗୁଣେ ପ୍ରମାଦ ।
ଶୋଭାବନ୍ତ ଗୁଣବନ୍ତ ପୀରତି । ସେ ପୁଣି ପ୍ରମାଦେ ପ୍ରମାଦ ଅତି ।
ପସ୍ଥିକ ପରତେ । ଜୀବନସିକା ଅଭସ୍ପସଙ୍କେ ।
ବାରିଦ ଅନଳ ପ୍ରାୟ ପୀରତି । ସଂଯୋଗେ ବାରଣ କରି କୁହନ୍ତି ।
ଦୁହେଁ ନିର୍ବିଶେଷ ହେଲେ ସରଇ । ଉଭୟ ପ୍ରୀତିଅ ତେମନ୍ତ ହୋଇ ।
ଜୀବ ଥିବା ଯାକେ । ବାରଣ ପ୍ରୀତି କରିପାରିବ କେ ।
ଯେତେଣେ ଖୋଜିଁଲେ ତେତେଣେ ସେହି ଦିଶେ । ଚକ୍ଷୁ ବୁଜିଲେ ହୃଦରେ ପ୍ରକାଶେ ।
ନିଦ୍ରା ଆଇଲେ ସ୍ୱପନେ ଦେଖଇ । ଜାଗ୍ରତେ ଥିଲେ ଜ୍ଞାନହିଁ ନ ଥାଇ ।
କାୟ ମନୋବାକ୍ୟେ । ତା ବିନା ସାର ନ ଗଣେ ତ୍ରିଲୋକେ ।
ଯାହା ବୋଲିଲେ ତାହା ନାମ ସ୍ଫୁରେ । ନାନା କର୍ମ କରେ ସେହି ନେତ୍ରରେ ।
ପାଦ ପାଣି ମୁଖହାସ ନୟନ । ଉଦର ଉରଜ ବାହୁ ପ୍ରସନ୍ନ ।
ପଦ୍ମ ବିଲୋକନେ । ତଦଭାସ ଜ୍ଞାନ ଜନତ ମନେ ।
ଗୁରୁଜନମେଳେ ଥିଲେ ଅକଟେ । ପ୍ରୀତି ଆପତତ୍ତ୍ୱ ଦ୍ରବ ଲମ୍ବଟେ ।
ଅଶ୍ରୁଭଙ୍ଗ ହାସ ପୁଲକ ସ୍ୱେଦ । ଏକୈକ ପ୍ରଦେଶେ ଦହଇ ଦେହ ।
ଲଜ୍ଜା ସ୍ନେହ ଘେନି । ଉଦେ ହୋଏ କଳାହାରେ ସଜନ ।

ବନ୍ଧାଇବ ଯେ ସ୍ୱପ୍ନରେ ଛନ୍ଦକ । ମତ କଲାଇବ ସେହି ପ୍ରୀତିକ ।
ଜୀବନ ଯାହା ସ୍ୱ ଅଧୀନେ ଥିବ । ସେହିତ ପ୍ରୀତିପଥେ ପାଦ ଦେବ ।
ପ୍ରୀତି ମହାପାପ । କୃତାର୍ଥ ହେବୁ ପ୍ରେମମନ୍ତ୍ରଜପ ।
ଶୁଣି ମିତଣୀ ବାଣୀ ଧୀର ଧୀରେ । ପଦ୍ମଗନ୍ଧି ସ୍ନେହବରେ ଅଧୀରେ ।
କେଉଁ ଗ୍ରାମରେ ଗୋ ପୀରତି ନାହିଁ । କହିଲେ ତହିଁକି ଯିବଇଁ ମୁହିଁ ।
ବେଗେ କହ କନା । ପ୍ରୀତିପାଶୋଷ ମନ୍ତ୍ରର ଅଛି ନା ।
ଏମନ୍ତ ପାପକୁ ମନ୍ଦ ସହିଲା । କେଉଁ କୁବୁଦ୍ଧି ଏଥିକି ଆଣିଲା ।
ଅକାଳକାଣ୍ଡ ପ୍ରୀତିମୁଣ୍ଡେ ପଡ଼ୁ । ପ୍ରପଞ୍ଚ ପ୍ରୀତି ହାତ ଗୋଡ଼ ଛିଡ଼ୁ ।
ପରମ ପଦାର୍ଥ । ଧୀରେ ବୋଲନ୍ତି ପାଇ କେଉଁ ଅର୍ଥ ।
ଏକେ ଅବଳା ଦୁଃଖପରବଶ । ଜାତି କୁଳ ଲାଜ ବୁଦ୍ଧି ବିଶେଷ ।
ଦାଣ୍ଡଦେହଲୀ ଦୃଷ୍ଟି-ଅଗୋଚର । ପ୍ରୀତି ବେଦନା ତହିଁ ବଳିଆର ।
ଉପରେ ଅପଇ । ତୃଷା-ତୃଷ୍ଣା ଅନାବୃଷ୍ଟି କରଇ ।
କଣାଖା କହଇ କୃଷ୍ଣନାଗର । ପଦ୍ମିନୀ ମୂଳ ସଂଯୋଗ ହେବାର ।
ଉଷ ପଉପାକ ଘଟନା ଯୋଗେ । ଶୁଚମନ୍ତ୍ର ହୋଇ ପିଅ ସଙ୍ଗେ ।
ଦେହଦାହ-ଜ୍ୱର । ଦୁଃଖପିବପାଣି ବହନ କର ।
ହାହା ଏହା କେ କହିଦେବ ସଖୀ । ବିମୋହ ହେଲେ ପାଇ ପ୍ରେମବାଧା ।
ସଖୀ ଜଳ ସିଞ୍ଚି ସାନ୍ତ୍ୱନା କଲେ । ଧଇର୍ଯ୍ୟ କର ମନାଇ କହିଲେ ।
ବୋଲନ୍ତି କଣୋଣ୍ଡି । ଯା ଯା ଜୀବନ ବହନ ବାହାର ।
ଏତେ କଦର୍ଥନାପାଉ କାହିଁକି । ଶଶ ଶଶି ପ୍ରାପ୍ତ ହେବୁ ନାହିଁକି । *
କୁମୁଦାରଣ୍ୟକଟ † ସାକ୍ଷୀ ରୁ ବହ । କୃଷ୍ଣ ଦେହ ପାଇଁ କଷ୍ଟିନ୍ତି ରହ ।
ଶ୍ୟାମନାମଧର । ଯାଯା ଅନୁକୂଳ କର ବାହାର ।
ପୁଣି କହନ୍ତି ସଜନୀକି ମୁହିଁ । ଜୀବନ ଯିବାର ସନ୍ଦେହ ନାହିଁ ।
ସଖୀପଣପୁଣି ଏତିକି କର । ଶ୍ୟାମପଦଧୂଳି ବୋଲ ମୋ ଶିର ।
ତାଙ୍କ ଚକ୍ରମୂର୍ତ୍ତି । ଦେଖାଇ ଥାଅ ପାଉ ନେଣ୍ଡ ଗତି ।
ଜୀବନ ଗଲେ ଏତିକି କରିବ । ଶ୍ୟାମନାମ ମୋ-ହୃଦରେ ଲିହିବ ।
ଶ୍ୟାମରୂପ ମୁଣ୍ଡକାରେ ଲଦାଇ । ଶ୍ୟାମବସନ ଅଙ୍ଗରେ ଯୋଡ଼ାଇ ।
ଶ୍ୟାମଗତିପଥେ । ମୋ ଶବ ପୋତିବ ଆପଣା ହସ୍ତେ ।

---

* ଶଶ—ମୃଗବିଶେଷ [ଅର୍ଥାତ୍ ଠେକୁଆ] ଚନ୍ଦ୍ରମଣ୍ଡଳକୁ ଓ ଚନ୍ଦ୍ର କିରଣ ମଞ୍ଜୁରିକାକୁ ଜଳ ଆଶା କରି ପିଇବା ଇଚ୍ଛାରଖି କୃଷାର୍ତ୍ତରେ ଧାଇଁ ଧାଇଁ ଜଳ ଦୂରରେ ମରୁଥାନ୍ତି । ସମସ୍ତ କବେରକମାନେ ବସ୍ତୁର କଲେ ମୃଗ ଶଶର ସମ୍ମାସ୍ତି ଯିବ କେବଳ ଚନ୍ଦ୍ରକୁ ଜଳ ଆଶାରେ ଧାଇ ଧାଇ ମରୁଥାନ୍ତି ଅତଏବ ଏହି ଚନ୍ଦ୍ରଙ୍କ ଅଙ୍ଗରେ ସର୍ବଦା ବସିଥାଇ । ସେହିକଥାରୁ ଚନ୍ଦ୍ର କଳଙ୍କୀ ହେଲେ । ଏପରି କବିପ୍ରବାଦ ।

† କୁମୁଦାରଣ୍ୟକଟ ସେ ଭ୍ରମର [ଅର୍ଥାତ୍ ଯେଉଁ ଭ୍ରମର କାଳ ଉଦ୍ୟାନରେ ବାସ କରୁଥାନ୍ତି] ସେ ସେଉଁ ଖାଇଲ ପୋକ ଉଦ୍ୟାନ ମାଇ କରି ଆଣନ୍ତି ସେ ପୋକ ମଇବେଳେ ଯେଉଁରୂପକୁ ଦେଖି ଥାନ୍ତି ସେହି ଦେହକୁ ପ୍ରାପ୍ତ ହୁଅନ୍ତି । ଏପରି ପ୍ରବାଦ ଅଛି ।

ଯେବେ ଏମନ୍ତ କରି ନ ପାରିବ । ତମାନେ କୋଳ କରାଇ ଥୋଇବ ।
କୃଷ୍ଣବଂଶୀ ଶୁଣୁଥିବ ଯେଣିକି । କର୍ଣ୍ଣ ତେର ଦେଇଥିବ ତେଣିକି ।
ସବୁ ସଜନୀଙ୍କି । ହାତ ଧରି ମୁଁ ମାଗୁଛି ଏତିକି ।
ପ୍ରୀତିଆ-ପୁରେ ନାଗରୀ ବଜାଇ । ପାପ ପ୍ରୀତିକି ଦେବ ନବର୍ତ୍ତାଇ ।
ମୋପରି ପ୍ରୀତି ଦୁଃଖ କେହି ନୋହି । ପ୍ରୀତିପରଲୋଭି ସଂସାରୁ ରହି ।
ଏତେ କହି ଧନୀ । ଚଳ୍ଲୀବିମୋହେ ଭଜିଲେ ଅବନୀ ।
ତପ୍ତଲୌହପାଂଶୁ ମସ୍ୟ ପରିପ୍ରେ । ତନୁ ବଟେଷ୍ଟା ହୋଇଲା ଉଦୟେ ।
କ୍ଷୀରସିନ୍ଧୁ କ ମନ୍ଥଇ ମନ୍ଦର । ତେମନ୍ତ ହେଲା ହୃଦୟ ଭିତର ।
ପ୍ରାଣ ସନ୍ତାପିତ । ଯଥା ଗର୍ତ୍ତଜୀବ ଧୂମଧୂପିତ ।
ଦେଖି ସଖୀକୁଳ ହେଲେ ଅକୁଳ । ବହନ ଧୂଳ ଝାଡ଼ି କଲେ କୋଳ ।
ଜଳ ସିଞ୍ଚା ବଞ୍ଚା ବକ୍ଷ ଚୂର୍ଣ୍ଣେ । ଗୋବିନ୍ଦନାମ ଶୁଣାଇଲେ କର୍ଣ୍ଣେ ।
ମୃତ୍ୟୁସଞ୍ଜୀବନୀ । ସେହି କାଳକୁ ତା କଲେ ସଜନୀ ।
ଯୁବା ସିବା-ଜୀବ ବାହୁଡ଼ା ବଳେ । ଗଣ୍ଡପାଳିରେ ପୁଲକ ବରଜେ ।
ଦେଖି ସଖୀଏ ଧଇର୍ଯ୍ୟ ହୋଇଲେ । ନାନା ଉପଚାର ପ୍ରଚାର କଲେ ।
ତେବେ କହେ ଧନୀ । ମୋ ପ୍ରତି ଅଣ ଛଡ଼ ଗୋ ସଜନୀ ।
ପ୍ରାଣସଜନୀର ଶୁଣି ଏ ବାଣୀ । ଧଇର୍ଯ୍ୟ ଧରିବ କେଉଁ ମିତଣୀ ।
ଦୀନ ଅଭିମନ୍ୟୁ ଜୀବନ ଯାଉ । ପ୍ରୀତିବେଦନା ଲଗାଇ ନ ପାଉ ।
ଉମା ମହେଶ୍ୱର । ମୋ ବଚନ ଯେନ ଏତିକି କର ।

ଏକଚତ୍ୱାରିଂଶ ଛାନ୍ଦ

କୃଷ୍ଣ ନାମ କୀର୍ତ୍ତନ ; ନାମ ରୂପକ

ରାଗ—କେଦାରକାମୋଦୀ

ଗୋବିନ୍ଦ ଗୁଣାବଳୀମିଶ୍ର ଏ ଛାନ୍ଦ । ଧୀରଚିତ୍ତ ହୃଦୟପଦ୍ମ ଅନନ୍ଦ ଯେ ।
ଅଜ୍ଞାନ ଅନ୍ଧକାର କ୍ଷୟକାରକ । ଅରସିକ କୁମୁଦ ମୁଦହାରକ ଯେ ।
ଗୋବିନ୍ଦ ଶୋଡ଼ଶଗୁଣ ନାମ ରତନେ । ବାଣିଜ୍ଜାର କଣୋଦ୍ୱ ମଣି ଯତନେ ଯେ ।
ଅଣାଶ୍ରିବରେ ମେଳ ଚାରୁ-ପୋତକୁ । ଉଚ୍ଚେ ସଂଯୋଗ-ଅନୁକୂଳବାତକୁ ଯେ ।
ବୋଲନ୍ତୁ ହା ହା ଗୋପ ଗଗନଚନ୍ଦ । ଗୋପିକା-ଅଣା-ମୃଗୀ ବନ୍ଧନ-ଫାନ୍ଦ ହେ ।
ନାଗରୀଚିତ୍ତ ମତ୍ତ-ଦ୍ୱିରଦ-କ୍ଷୋପ । ଯୁବତୀପରମାଦ ମୃଦକରୂପ ଯେ ।
କାଭନସ୍ତନ ମୀନଧର ଧୀବର । ମାନ-ତରୁ ଛେଦନ ତୀକ୍ଷ୍ଣ କୁଠାର ହେ ।
ସଦା ମାନସ ଅଭିଳାଷ ସଦନ । ରସାମୃତଦାୟକ ନବୀନଘନ ଯେ ।
ପତିବ୍ରତା ମନ ସମ୍ପତ୍ତି ଚୋର । ଚେତନାହୃତକାରୀ ମୋହନାଶର ଯେ ।
ଲଜ୍ଜା-ପର୍ବତ ଖଣ୍ଡକାରକ ପବି । ମଦନାସ୍ତ୍ର-ଅନ୍ଧକାରଚ୍ଛେଦକ ରବି ଯେ ।

କଉକବୃତ୍ତି-ବ୍ରତ ସିନ୍ଧୁ କୁମ୍ଭଜ । ସୁବର୍ଣ୍ଣାଧିପ ମନ୍ତ୍ରଦୀକ୍ଷା ଅର୍ଯ୍ୟ ହେ ।
ଚେତନା-ଚନ୍ଦ୍ରମାଙ୍କୁ ସିଂହିକାସୁତ । ମନ୍ମଥ ବୃତ୍ରାସୁର ଶକ୍ରଦଇତ ହେ ।
ବର୍ଣ୍ଣକାମିନୀ ମନମୋହନମନ୍ତ୍ରର । ମଦନାନଳ ଜ୍ୱାଳିବାର ଯନ୍ତ୍ରର ହେ ।
ବିବେକ ମହାବନ-ପୋଡ଼ା ଅନଳ । ନୟନଭୃଙ୍ଗ ରଙ୍ଗସ୍ଥଳକମଳ ହେ ।
ଅଶାବିଟପୀ ପଲ୍ଲବିତ-ବସନ୍ତ । ଭାବରାଜ୍ୟ ପୀରତି-ପ୍ରଜା ସାମନ୍ତ ହେ ।
ରସ ସଂସାର ସରଜନା ଲୋକେଶ । ମଦନଶାସ୍ତ୍ରକଳ୍ପନପୁଣ ବ୍ୟାସ ହେ ।
କାମାକ୍ଷୀମାନଙ୍କ ଦୋଳାପିଢ଼ୁଳା । ସ୍ମର-ସିନ୍ଧୁତରଣେ ଅବଲମ୍ବ ଭେଳା ହେ ।
ମନ-ମୀନର ତାପହରା ଜୀବନ । ହୃଦ-ପଙ୍କଜ ମୁଦକାରୀ ତପନ ହେ ।
ମଦନ ଦ୍ୱିଜ ଇକ୍ଷୁପୂଜା ପିଢ଼ୁଳ । ପ୍ରେମ-ବନ୍ଧନ ତର୍କପଠନସ୍ଥଳୀ ହେ ।
ନୟନ-ବିମୋହନ ଚିତ୍ର ଭୂମିକା । ଶୋଭାବନ୍ତ ସୁରେନ୍ଦ୍ର ଜୟ ପତାକା ଯେ ।
ଚିତ୍ତ ଲାବଣ୍ୟ ତରଙ୍ଗସିନ୍ଧୁ କଲ୍ଲୋଳ । କେଳିକଳାକଦଳୀ ଜନ୍ମସ୍ଥଳ ଯେ ।
ଅଶେଷ ଗୁଣାବଳୀ ତାରା ଗଗନ । ସୁଖରତନ ଦାତା ଜଳନିଧାନ ହେ ।
କାମି କାମିନୀ କାମକଳ୍ପଲତା । ହୃଦୟ ବଇକୁଣ୍ଠ ପୀଠଦେବତା ହେ ।
ମଦନ ଯମ ଭୟ ବାରଣାମୃତ । ପ୍ରେମ ମହାଜନଙ୍କ ସୁଖ ବୋଇତ ହେ ।
ଅଙ୍ଗନାଅଙ୍ଗଜ୍ୱର ପିନାକଧାରୀ । ବିଯୋଗବ୍ୟାଧିହର ଶ୍ରୀ ଧନ୍ୱନ୍ତରି ଯେ ।
ଅନଙ୍ଗପ୍ରେତ ରସକେଦାର ଗଦା । ପ୍ରେମାହି ବିଷ ଭାରସମ୍ଭାର ପଦ ହେ ।
ପୀରତି ଅଙ୍ଗନାର ଭାଲ ସିନ୍ଦୂର । ଲୀଳା ନାୟିକା ହୃଦମଣ୍ଡନ ହାର ହେ ।
ରତି ରମଣୀ ଶ୍ରୁତିଯୁଗ ତାଟଙ୍କ । କ୍ରୀଡ଼ା ସୁନାରୀ ହୃଦଭୂଷା ପଦକ ହେ ।
ବିରାଗୀଅଙ୍ଗଦେଶଭୋଗ ଈଶ୍ୱର । କାକୁ ବଇଠିବାକେ ବଡ଼ ଠାକୁର ହେ ।
କୁଳୁରମଳୟଗିରି ଶମ୍ଭୁ ଅନଳ । ଅନନ୍ତ ତରୁ ବର ଲାବଣ୍ୟ ଫଳ ହେ ।
ରସକାମିମଣ୍ଡଳ କୁସୁମମାଳୀ । ଆହ୍ଲାଦ ଫୁଲବନ ସେଚନ ମାଳୀ ହେ ।
ବିଳାସ କ୍ଷୀରସିନ୍ଧୁ ବର୍ଦ୍ଧନ ଚନ୍ଦ୍ର । ବଦନାମ୍ବୁଜ ମକରନ୍ଦ ମାକନ୍ଦ ହେ ।
ସନ୍ତାପିନୀ ହୃଦୟ ଚନ୍ଦ୍ର ଚନ୍ଦନ । ଦୁଃଖିନୀ ଦୁଃଖ ବିମୋଚନ କାଞ୍ଚନ ଯେ ।
ସଂଯୋଗ ଇଚ୍ଛାବତୀ ବାଞ୍ଛାରତନ । ଅନୁରାଗ ଚନ୍ଦ୍ରମା କ୍ଷୀରନିଧାନ ହେ ।
ମାନିନୀ ମାନସୃଷ୍ଟି ପ୍ରଳୟଜଳ । ଦଶାଗ୍ରାହି ଅଗତ୍ୟ କୁଶଳ ଶୂଳ ହେ ।
ଜାନୁ-କନ୍ଦର-କେଳିପ୍ରିୟ କେଶରୀ । କଣ୍ଠଭୂତ ମାକନ୍ଦ ବିଭୋଗୀ ହଉ ହେ ।
ଯଉବନୀ ଉରଜ-କର-ମାହୁନ୍ତ । ଅଧରସୁଧାଭୋଗୀ କଶ୍ୟପସୁତ ହେ ।
ରତିସଂଗ୍ରାମ ମନଭେଦ ସାୟକ । ପଣସ୍ତ ଯଜ୍ଞବିଧି ବିପ୍ରଋତ୍ୱିକ ହେ ।
ନବଳ ଯଉବନ କୁତଙ୍କ ମଲ୍ଲ । ମର୍ମ୍ମ-ମୃଗଭେଦନ ତୀକ୍ଷ୍ଣ ଭଲ୍ଲ ହେ ।
ବକ୍ଷସ୍ତବକ ହଂସ ମାନସରସୀ । ଅମରନାରୀ ନେତ୍ର ମନ ବଡ଼ଶୀ ହେ ।
ଅନୁଗତ ଯୁବତୀ ବଧୂଜନଙ୍କ । ପ୍ରୀତିବାଣିଜ୍ୟହାଟ ଦଣ୍ଡ-ଟମକ ଯେ ।
ଦମ୍ଭ ଅରମ୍ଭ କୁଳବୁଡ଼ା ଜାଙ୍ଗଲ । ଜ୍ଞାନ ଚଢ଼ାଇଧରା ବଚିତ୍ର ଜାଲ ହେ ।
ମୃଗାକ୍ଷୀଜନତୃଷ୍ଣା-ପତଙ୍ଗ ଦୀପ । ମାନସ ରସକୂପ ଉଲ୍ଲାସରୂପ ହେ ।
ଚଞ୍ଚଳା ମନ ମତ୍ସ୍ୟାଧାର କୁବେଣୀ । ଚପଳ ଦର୍ପନଳ ବ୍ୟାଘ୍ରବାରଣୀ ହେ ।

ସୁଧାବ୍ଧିଦୟ ବର୍ଦ୍ଧିଲ କୁମାରୀ ।   ଉଜ୍ଜ୍ୱଳବସନ କଉସ୍ତୁଭା କଉସ୍ତୁଭ ହେ ।
ମର୍ଯ୍ୟାଦା ଭବ ଦ୍ରବକାରୀ ତରଣି ।   ଲୋକ ଅପେକ୍ଷା ଲୋହ ଚୁମ୍ବକମଣି ହେ ।
ପ୍ରୀତିବନ୍ଦା ଅବନୀ-ଧାରଣ ଶେଷ ।   ପ୍ରୀତ୍ୟା ଶାନ୍ତ ଭସ୍ମଭୂଷା ମହେଶ ସେ ।
ଅନୁରାଗମାଣିକ୍ୟ ଚନ୍ଦ୍ରାବଣିକ ।   ଗୋପିକା ଆଲିଙ୍ଗନ ମୋତିଗ୍ରାହକ ହେ ।
ଦେହ ପଞ୍ଜରୀ ଜୀବ ସାର ଜୀବନ ।   ପ୍ରେମ ବଣିଜାରଙ୍କ ମୁଖ ଅପନ ହେ ।
ଭବ ସ୍ୱରୂପସରଜନ ବନାଣି ।   ବଦ୍ରୋଗ ସ୍ୱର୍ଗ ଆରୋହଣ ନିଃଶ୍ରେଣୀ ହେ ।
ପୁଲିନ ରଙ୍ଗସ୍ଥଳ ଶ୍ରୀ ନଟବର ।   ସଙ୍ଗୀତବିଦ୍ୟାଗୁରୁ ହରଲୁମର ହେ ।
ଗିରୁର୍ସିଭଙ୍ଗୀ ସରସର କଲଶ ।   ହଟ ନଟ ବିଦ୍ୟାରେ ବରବିଦୁଷ ହେ ।
କାନ୍ତଅର୍ଥିନୀ କାମଧେନୁପାଳକ ।   ଚନ୍ଦ୍ରା ଭୁଜଙ୍ଗବର ମୁକ୍ତାଗଣକ ହେ ।
ଯୁବତୀ ସରସ୍ୱତୀ-ବାଦନ ବୀଣା ।   ପ୍ରେମଧନଙ୍କ ଭାବଧନରେ କଣା ହେ ।
ରାଧାବଦନ ଇନ୍ଦୁଧର କନ୍ଦର ।   ଗୋବିନ୍ଦ ନାମୋଦୟ ଅମୃତକର ହେ ।
ଧୀର ହୃଦୟାନନ୍ଦସିନ୍ଧୁ-ବର୍ଦ୍ଧକ ।   ନଶିଲ ଦୀନ ମହାତାପ ହାରକ ସେ ।
ସେ ରାଧା କୃଷ୍ଣ ପଦାବ୍ଜ କମଳ ।   ଅଭିମନ୍ୟୁ ମାନସ ତହିଁ ଭ୍ରମର ସେ ।
ବିଦଗ୍ଧଚିନ୍ତାମଣି ଏ ଛନ୍ଦ ସ୍ୱର୍ଗ ।   ଏଥି ବିହରେ ଧୀର ଅମରବର୍ଗ ହେ ।

ଦ୍ୱିତୀୟାଂଶ ଛନ୍ଦ

ରାଗ—ବସନ୍ତ ।   ଅଷ୍ଟାକ୍ଷରବୃତ୍ତବାଣୀ

ଧୀରଚନ୍ଦ୍ର ହୃଦପଦ୍ମ ମିହିର ।   ରସିକାନନ୍ଦସିନ୍ଧୁ କଳାକର ।
ଗ୍ରାହକ ପ୍ରେମରତନ ପସରା ।   ମୁମୁକ୍ଷୁ କୈବଲ୍ୟଭଣ୍ଡାରପରା ।
ଏ ଛନ୍ଦକୁ ଭାଳ ।   ପ୍ରେମବିଯୋଗି ଯୋଗଜନ ଥାଳ ।
ଗିରିବରଧର ସାର ମୋହନ ।   ରାଧାପ୍ରୀତି ବିନା ମାରେ ମଦନ ।
ଲକ୍ଷ୍ମୀ ମର୍ଯ୍ୟାଦା ଅତୁଳ ଉଲ୍ଲଙ୍ଘ ।   ଲଳସେ ବଳାବଳ ଦନୁଦନ ।
ଦିନେ ଛନ୍ଦେ ବନେ ।   ସଖୀଙ୍କୁ କହନ୍ତି ମୃଦୁବଚନେ ।
କାହିଁ ଜନମ ହୁଅଇ ପୀରତି ।   କି ଜାତି ବର୍ଣ୍ଣ ତାର ଗୁଣ ରୀତି ।
କଉବା ଜଗତବା ଶକ୍ତି କେତେ ।   କାହିଁ ରହି ସଞ୍ଚରଇ କେମନ୍ତେ ।
ଦେଶ କାଳ ପାତ୍ର ।   କହ ମୋ ଶ୍ରୁତିକି କରି ପବିତ୍ର ।
ଏହା ଶ୍ରବଣେ ହସିବୋଲେ ମଧୁ ।   ପ୍ରେମାର୍ଥ ଅକଳନା ମହାସିନ୍ଧୁ ।
ସାଧବେ ସିଦ୍ଧାନ୍ତ କରନ୍ତି ଯାହା ।   କହୁ ଶୁଣିଛୁ କହିବ ମୁଁ ତାହା ।
ଗୁଣ ଶବ୍ଦ ଅର୍ଥ ।   ଅଚିନ୍ତ୍ୟ ଅବ୍ୟକ୍ତ ନିତ୍ୟ ପଦାର୍ଥ ।
ନିର୍ମଳ ଶୁଦ୍ଧ ବୁଧ ବୋଧୋଦୟ ।   ସଦାସର୍ବଦା ଅକ୍ଷୟ ଅବ୍ୟୟ ।
ଆତ୍ମାସଂସର୍ଗୀ ଚେତନା ବିକାର ।   ମନ ବୁଦ୍ଧି ବିବେକରେ ସଞ୍ଚାର ।
କାମ-ଲୋଭସ୍ଥଳେ ।   ଉଦେ ହୋଏ ନାନା ସମ୍ଭ୍ରମ ବଳେ ।

ସ୍ୱାଦୁ ଶୀତଳ ଅହ୍ଲାଦ ଶୋଭା । ବିଧୁ ଅଧିକ ଅଗମ୍ୟ ପ୍ରଭା ।
ଚାଖିବା ଦେଖିବା ସ୍ମରଣ ନାହିଁ । ବିକାରବଳେ ଚଢ଼ାଯାଏ ସେହି ।
    ଅଗୋଚର ମୂର୍ତ୍ତି । ସ୍ୱଭାବ ଭାବବଳେ ହୋଏ ସ୍ଫୂର୍ତ୍ତି ।
ଦେହ ଦେଖି ସର୍ବେନ୍ଦ୍ରିୟାଦି ଦେବ । ପ୍ରେମ ଅପୂର୍ବ କେହୁ ଉପଜିବ ।
ଦେହ ଯହିଁକି ମାନସ ନ କରେ । ଦେଖା ଶୁଣା କର୍ମ ନକି ପ୍ରଚରେ ।
    ସେହି ବିନା ମନ । କାହିଁରେ କେବେହେଁ ନୁହଇ ଲଗ୍ନ ।
ସନ୍ଧିନୀ ସମ୍ବିଦିନୀ ଅହ୍ଲାଦିନୀ । ବିକାର ତତ୍ତ୍ୱଗୁଣ ଅଛି ଯେଣି ।
କାର୍ଯ୍ୟ କାରଣ ସମ୍ଭବ କାରଣୀ । ସର୍ବଶକ୍ତିମୂଳ ଏ ଯେଣି ଜାଣି ।
    ବିବେଚନା କଲେ । ଅଶେଷ ବ୍ୟାପ୍ତବନ୍ତ ଦାନ ସ୍ଥଳେ ।
ପଞ୍ଚ ବିଷୟେ ପଞ୍ଚେନ୍ଦ୍ରିୟ ଲୋଭି । ପଞ୍ଚ ଭୌତିକ ବିକାରକୁ ଲଭି ।
ପଞ୍ଚ ରସ ସାର ଏଯେଣି ଯେଣ । ଏ ପାଞ୍ଚ ରସେ ମଧୁର ପ୍ରଧାନ ।
    ରତି ସଙ୍ଗ ପ୍ରୀତି । ପ୍ରୀତି ନ ଥିଲେ ନ ଶୋଭଇ ରତି ।
ପ୍ରେମ ଭଙ୍ଗୀ ହାସ୍ୟ ଲାସ୍ୟାଦି ସ୍ଥିତି । କାଷ୍ଠ ପଥରେ ନାହିଁ ପୂର୍ଣ୍ଣ ସ୍ଥିତି ।
ସ୍ଥାବରେ ଏକାଙ୍ଗ ଅନୁସରଣି । ଅଚେତନ ଶକ୍ତିସ୍ୱଭାବ ଗୁଣ ।
    ଏ ଯେଣି କହନ୍ତି । ମନୁଷ୍ୟ ପ୍ରୀତି ସ୍ଥିତି ସ୍ଥିତି-ସ୍ଥାନ ।
ନାରୀରେ ନାରୀ ପୁରୁଷେ ପୁରୁଷ । ରତିସ୍ଥନେ ପ୍ରୀତି ଦିଶେ ନୀରସ ।
ନାରୀପୁରୁଷେ ରତି ପ୍ରୀତି ଜାତ । ସ୍ୱାଦୁ ସମ୍ବନ୍ଧ ମଧୁର ଅଖ୍ୟାତ ।
    ଦୁଇ ମତ ସେହି । ସ୍ୱକୀୟ ପରକୀୟ ଭେଦ ତହିଁ ।
ବିଷୟ-ସମ୍ବନ୍ଧ ପୀରତି ସ୍ଥିତି । ସ୍ୱକୀୟ ସମ ଯଣ ସେ ବୋଲନ୍ତି ।
ଏଣୁ ସେ ଜଣାପର କାନ୍ତା ସାର । ସେ ପୁଣି ହୁଅଇ ଦେନ ପ୍ରକାର ।
    ପ୍ରୟୋଜନାର୍ଥିନୀ । ସାଧାରଣୀ ସ୍ଥିତି ତାହାଙ୍କୁ ଚହ୍ନି ।
ପ୍ରାଣମୂର୍ଚ୍ଛା ରତିସମର୍ଥା ସେହି । ଦେନପ୍ରକାର ଭେଦାଭେଦ ତହିଁ ।
ସମ୍ବନ୍ଧ ଅନୁଗତ ଜଣାମତ । ସମ୍ବନ୍ଧେ ସ୍ୱକୀୟା ଅଧେ ବିଦିତ ।
    ଶୁଦ୍ଧବିଶୁଦ୍ଧାନୁଗ । ସ୍ୱଚ୍ଛ ଅଛିଦ୍ର ପ୍ରୟୋଜନ ତ୍ୟାଗ ।
ଦୁହେଁ ଅନୁରୂପ ହୁଅନ୍ତି ଯେବେ । ରତିପ୍ରୀତି ସୁଖ ବଢ଼ଇ ତେବେ ।
ମହତ୍ତ୍ୱ ଲୋଭଇ ମର୍ଯ୍ୟାଦା ବୁଦ୍ଧି । ବିଦ୍ୟାବଳେ ହୋଏ ବିଶେଷ ଶୁଦ୍ଧି ।
    ଯେତେ ଶୋଭାବନ୍ତ । ତେତେ ଚିତ୍ତ ଲୋଭ ହୋଏ ବିଦିତ ।
ଗୁଣବନ୍ତେ ପ୍ରାଣ ହୋଏ ବିକ୍ରୀତ । ଦୁଷ୍ପ୍ରାପ୍ୟ ସ୍ନେହ ବୃଦ୍ଧି ଦ୍ୱିଗୁଣିତ ।
ଯେତେଗୁପତ ତେତେ ବା ନ ବଢ଼େ । ଯେତେ ଭୟ ତେତେ ଲଜ୍ଜାଇ ଗାଢ଼େ ।
    ଲଜ୍ଜା ଥାଇଯେତେ । ପୀରତି ସୁନ୍ଦର ଦିଶଇ ତେତେ ।
ମାନ୍ୟ ଭୟ ସ୍ଥାନେ ଏଗାଢ଼ ହୋଏ । ଏଣୁ ସେ ପ୍ରୀତି ମହା ସୁଖମୟେ ।
ନବ ଯୁବା କାଳେ ଉଦୟ ପ୍ରୀତି । ପୂର୍ଣ୍ଣ ଯୁବାକାଳେ ଉଦୟ ରତି ।
    ନିତ୍ୟାନିତ୍ୟ ମିଶା । ଏ ପ୍ରୀତିମାନ ସଂସାରେ ପ୍ରଶଂସା ।

ଶୋଭା ବସ୍ତ୍ର ଭଙ୍ଗୀ ବେଶ ଭୂଷଣ । ଏକାନ୍ତ କ୍ରୀଡ଼ା ନାନା ଆଚରଣ ।
ସଙ୍ଗୀତ ଇଙ୍ଗିତ ବଂଶୀ ଝଙ୍କାର । ସ୍ରକ ଚନ୍ଦନ ତାମ୍ବୂଳ ଦେବାର ।
ଏ ଆଦରେ ଯେତେ । ଉଦ୍ଦୀପନକାରୀ ଏହି ଜଗତେ ।
ସ୍ୱାଭାବିକ ପ୍ରେମ ମର୍ଯ୍ୟାଦା ଭଲେ । ନାମ ମାତ୍ରହିଁ ପଡ଼େ ଯେବେ କର୍ଣ୍ଣେ ।
ଶୋଭା ରୂପ ଭଙ୍ଗୀ ଗୁଣ ଗରିମା । ନାମ ଅର୍ଥ ବଳେ ଆକର୍ଷେ ସୀମା ।
ନୋହି ବିଲୋକନ । ତନ୍ମୟ ଭାବେ ଲଗ୍ନ ମଗ୍ନ ମନ ।
କାର୍ଯ୍ୟକର୍ତ୍ତୃତ୍ୱ ଜ୍ଞାନେନ୍ଦ୍ରିୟମାନେ । ଅନୁଗତଜ୍ଞାନ ଜ୍ଞାନ ବିଧାନେ ।
ଜାତି ବିଦ୍ୟା ଶୋଭା ଗୁଣ କେ ଜାଣେ । କି ସମ୍ବନ୍ଧ ପରାପର ନ ଗଣେ ।
ବିନା ପ୍ରୟୋଜନେ । ଉତ୍କଣ୍ଠା ବଢ଼ୁଥାଇ ଦରଶନେ ।
ଦୈବ ଯୋଗେ ସେ ହେଲା ଘଟନା । ଦେହ ସଂସାର ପାସୋରିଏ ସିନା ।
ଅକ୍ଷି ଲକ୍ଷି ଇଚ୍ଛେ ପଡ଼ିଲା ସ୍ଥାନେ । ବିବେକର ଶୋଭା ଭଙ୍ଗି କେସଟନେ ।
ମହାନନ୍ଦେ ମାତି । ଭାବସାର ଗୁଣ ନ ପାରେ ଚେତି ।
ଲକ୍ଷେ ବୃତ୍ତି ନିରୂପଣ ପର୍ଯ୍ୟନ୍ତେ । ତେମନ୍ତ ସେ ତା ସର୍ବସୁଖମୟେ ।
ଗୁଣ ଶକ୍ତି ବିବେଚନେ କି ହେତୁ । ଅପ୍ରାକୃତ ପ୍ରେମ ଜନିତ ଚିତ୍ତୁ ।
କାମ ନାମ ତାର । ତେଣୁ ବିଦାଏ ସୁରତିବିକାର ।
ଏପା ରୂପା ବିଲୋକନେ ଉଦୟ । ବ୍ୟାଜ ଗାମ୍ଭୀର୍ଯ୍ୟ ମାନସେ ସଞ୍ଚୟ ।
ହାସ୍ୟ ଲାସ୍ୟ କମ୍ପ କୋପ ଔତ୍ସୁକେ । ଦୃଷ୍ଟ ତୁଷ୍ଟ ଭଙ୍ଗୀ ସଙ୍ଗୀ ଆସ୍ୟରେ ।
ତନୁ ପୁଲକିତ । ଲୀଳା ଲାଳସ କଳିତ ତୃଷିତ ।
ବାକ୍ୟଚାତୁରୀ କୌଶଳତା ରସେ । ହର୍ଷେଙ୍ଗିତ ଭଙ୍ଗୀ ସଙ୍ଗୀ ବିଶେଷେ ।
ଭାବଭାବିକ ଭୂଷା ଭୂଷିତ । ଆନନ୍ଦାର୍ଣ୍ଣବେ ମଗ୍ନ ହୋଇ ଚିତ୍ତ ।
ବ୍ରହ୍ମାନନ୍ଦ ସୁଖ । ସେ କାଳେ ବଳେ ମିଳିଗଲେ ଦୁଃଖ ।
ଦେଖିଲେ ତରେ ନ ଦେଖିଲେ ମରେ । ବିଯୋଗାବିଯୋଗ ଏହି ପ୍ରକାରେ ।
ପ୍ରେମସ୍ୱାଦୁ ବଦେ ସୁଧାଶୀକର । ସୁରତ ମୂର୍ଚ୍ଛାରେ ଶବ ଚାକର ।
ସ୍ନେହ ସୁଖ ପହିଁ । ରତିକ ଅବନାଶ କାହିଁ ତହିଁ ।
ମଣ୍ଡିତ୍ୟାନୁରାଗ ପର୍ଯ୍ୟନ୍ତେ ସ୍ଥାୟୀ । ମଧ୍ୟପର୍ଯ୍ୟନ୍ତେ ଦ୍ରବ ନ ତେଜଇ ।
ଛିଦ୍ର ରହିତ ନବୂତ ସଂଜାତ । ନିର୍ମଳ ସ୍ନେହ ଯେମନ୍ତ ଅନନ୍ତ ।
ଅଭେଦ ବିଦିତ । ଯେଉଁ ପ୍ରକାରେ ସାଗର ସରିତ ।
ଧର୍ମ ଚକ୍ରବାଡ଼ ଲଙ୍ଘନ କରେ । ନିନ୍ଦା-ସିନ୍ଧୁ ସ୍ନେହ ପୋତରେ ତରେ ।
କଳଙ୍କ-ମୁକୁଟ ବାନ୍ଧଇ ଶିରେ । ସହବ-ଗୌରବକୁ ଚୂର୍ଣ୍ଣ କରେ ।
ଲଜ୍ଜାକୁ ଦହଇ । କୁଳାଭିମାନକୁ ତଡ଼ିଦିଅଇ ।
ଭାବ ସାଫଲ୍ୟ କରଣକାରୀ । ନରେ ନାନାମତେ ଯତ୍ନ କରି ।
ସେ ଯା ହାକରଏ ଏ ତାହା କରେ । ବଡ଼ଶିକଗୁଣା ବାଣା ବିଧିରେ ।
ପରାଧୀନ ପରା । ସ୍ୱକ ଭାବନା ତାର ଦନସରା ।

ତା ଦାମ୍ବିକଙ୍କରେ ମଗ୍ନ ମାନସ । ଅପେ ତା ହୃଦେ କ ହୃଦେ ତା ବାସ ।
ତା ଦେହ ନେଶ କ ନେତ୍ରେ ସେ ଅଛି । କ ଶ୍ରୁତି ବଚନେ ମିଶି ରହିଛି ।
ସବୁ ଏହିପରି । କଣ ଅଛନ୍ତ୍ରିଙ୍କରେ ଅଛି ପୂରି ।

ମିତ ହେବ ଏମନ୍ତ ପୀରିତିଶ୍ରିତ । ତାହା ପାଲିଲୁ ଲୋକ ଯିବ କରିତ ।
ମନ ମୀନଙ୍କୁ ସେ ପ୍ରେମବଡ଼ଶୀ । ଲୋଭସୂତ୍ରେ କାମ ନଏ ଆକର୍ଷି ।
ପଡ଼ି ସଙ୍କଟରେ । ମୁକ୍ତିପାପ୍ତିମତ ମଣେ ଚିତ୍ତରେ ।

ଅକ୍ଷିନ୍ତୁ ଅଙ୍କ ମ୍ଳାନ ପ୍ରେମଶଶୀ । ସ୍ମର ପର୍ବତେ ଉଦେ ହୋଏ ଆସି ।
ଆନନ୍ଦ କ୍ଷୀରସିନ୍ଧୁ ଉଚ୍ଛଳାଏ । ମନ ଚକୋର ସୁଧାପାନ ପାଏ ।
ଜୀବତାପ ନାଶେ । ଅଣା ନଣା ଯୋଷା ତୋଷ ପ୍ରକାଶେ ।

ବିଯୋଗେ ସୁଧାଭାନୁ ଚନ୍ଦ୍ରଭାନୁ । ଆନନ୍ଦସିନ୍ଧୁ ତନୁ କରେ ତନୁ ।
ଅଣା ନଣା ଯୋଷା ଦେହ ଦହଇ । ହୃଦ କୁମୁଦ ପ୍ରମୋଦ କରଇ ।
ଜୀବ ତାପ ଜାତ । ଧୀର ଚକୋର ବହୁତ ଦୁଃଖିତ ।

ଦୁଃଖ ସୁଖ ବଷାମୃତ ସଙ୍ଗମେ । ଏ ଦୁଇ ସ୍ୱଭାବ ତାର ଉଦୟେ ।
ହୀର ସମାନ ହୃଦ ହୋଇଥିବ । ପ୍ରୀତ ଛୁଇଁଲେ କ ଫାଟି ନ ଯିବ ।
ବଜ୍ର ହେଲେ ଦେହ । କୃଶାନୁ ପରି କରିଦେବ ଦାହ ।

ସଂଯୋଗେ ସୁଖିତ ବଳ କୁହଇ । ବ୍ରହ୍ମା ଇନ୍ଦ୍ର ପଦ ପଦକେ ଥାଇ ।
ପଦ ଶଦକେ ବନ୍ୟାସୁ କଟକ । ବଡ଼ ବୋଲିବା ତହିଁ ମୂଲ୍ୟତକ ।
ହୋଇ କଲ୍ୟାଣି । ଆନନ୍ଦେ ଅହ୍ଲାଦ ମିଶିଲା ମଣି ।

ମନକୁ ମନ ହୋଏ ମିଶାମିଶି । ବୃକ୍ଷେ ଜୀବ ପଶିବାର ଅଭ୍ୟାସି ।
ପରସ୍ପରେ ଏ ଅଣ୍ୱାଲମ୍ବନ । ଦ୍ରବ୍ୟ କ୍ରିୟା ଗୁଣ ତା ଉଦ୍ଦୀପନ ।
ଯେବେ ଭିନ୍ନ ହେବ । ବାଲ୍ୟ ନୋହୁ କେ ଜୀବନ ଧରିବ ।

ହାବ ଭାବ ତହିଁ ଜଣା ନ ଯାଏ । ସେ ପ୍ରୀତ ପାଇବାର ଅଭେଦ୍ୟେ ।
ନିରାଧାରେ ଦ୍ରବ୍ୟ ରହିଲା ବଥା । ପ୍ରୀତ୍ୟ ପ୍ରୀତ ରକ୍ଷା ଏତେ ସିଦ୍ଧି ।
ପ୍ରେମ ପ୍ରେତଶସ୍ତ୍ର । ମନ୍ତ୍ର ଯନ୍ତ୍ରମାନ ନୋହେ ଅସ୍ତ୍ର ।

ନିତ ସଙ୍ଗେ ଥାଇ ସେ ଦେଖା ହେଲେ । ପ୍ରେମ ପ୍ରମାଦ ପଡ଼ଇ ସେକାଳେ ।
ବଳାଇଁ ଗତି ପଦ ନ ଚଳଇ । ଲୋକେ ପୀରତି କବାଦ କହଇ ।
ଦେହ ଥିଲେ ଦେଶେ । ମନ ଆକର୍ଷି ହେଉଥାଇ ଏଣେ ।

କାହାକୁ କ କହିଲା ପରି ହୋଇ । ଟିକଏ ଟିକଏ ସେ ରହି ରହି ।
ବାକ୍ୟ ଖୁଣ୍ଟୁଯିଂଙ୍କେ ମଣିଯାଇ । ପଦେ ପଦେ ଅଧେ ଅଧେ କହଇ ।
ନ ସୁହିଁଲା ହୋଇ । ଯୋତ ମଥା କଥା ନସ୍ୟନେ କହି ।

ସୁନା ଶୁଣିତକୁ ଲୋଭ ବାଦ ନୋହେ । ବାରିଁ ବାରିଁ କଥା ଜନତ ଦେହେ ।
ଅଶ୍ରୁ ଅଶ୍ରୁ ଅଣ୍ଟୁକ ଅକ୍ଷିରେ । ଦସି ନ ଦଶଇ ହାସ ଧରେ ।
ଲାଲସ ଅଳସେ । ଶାନ୍ତ ବଚେଷ୍ଟିତ କ୍ଷମା ପ୍ରକାଶେ ।

ନାଗରୀ ନାଗର ଚାଲି ଏମାନ । ମାନରେ ମିଶିଥାଇ ସନମାନ ।
ରାଗ ସରାଗ ପ୍ରେମାମୃତ ଘୋଳ । ଶ୍ରୀମୁଖ ଚାଲ ଦେଇଯାଏ ତାଳ ।
    ଭ୍ରୂଭଙ୍ଗୀ ଚଳାଇ । ସ୍ୱୀକାର ନକାର ଦଏ ଚହଲାଇ ।
କମ୍ପେ ଅଧର ଜାତ ହାସ ଭାଷା । ପକାଇ ଶ୍ୱାସ ଡୋଲୁଥାଇ ନାସା ।
ନବ ଭ୍ରୂବଙ୍କ ଦୃଷ୍ଟିପାତବନ୍ତ । ହାସ କୁଞ୍ଚିତା ଏକଯୋଗେ ଖ୍ୟାତ ।
    ସୁଖ ଦୁଃଖ ଦୁଇ । ଆଶା ନିରାଶାକୁ ଦଏ ଚହଲାଇ ।
ଉଭୟ ସୁଖଦାନୀ ପରସ୍ପରେ । ତନୁ ସଜାଡ଼ନ୍ତି ସେହି ହେତୁରେ ।
ମନକୁ ଜ୍ଞାନ ଅଗୋଚର ଥାଇ । ବୁଦ୍ଧି ବିବେକକୁ ବଶ ହୁଅଇ ।
    ଯେ ବୋଲଇ ଯାହା । ଶୁଣିଲେ ଜାଣି ନ ପାରଇ ତାହା ।
ଖାଉଥିଲେ ଦ୍ରବ୍ୟ ସ୍ୱାଦୁ ନ ଜାଣି । ଗନ୍ଧ ଘେନଇ ଉଦାସୀନ ଯେନ ।
ଦେଖୁଥିଲେ ଅକ୍ଷି ଚାହଇ ନାହିଁ । ଏ କର୍ମ ବୋଲି ସେ କର୍ମ କରଇ ।
    କହୁଁ ଆନ ଭାଷା । ବଳେ ବାହାରେ ପ୍ରୀତିର ପ୍ରଶଂସା ।
ନୀର କୁହଇ କରେ ଜରଜର । ଧନୀ କୁହଇ ମହାଗର୍ବେଶ୍ୱର ।
ତପୀ କୁହଇ ସୁକୃତ ବହୁତ । ପାପୀ କୁହଇ ଲଭଇ ଦୁରନ୍ତ ।
    ଅମର କୁହଇ । ସ୍ୱର୍ଗସମ୍ପତ୍ତିକି ଭୋଗ କରଇ ।
ବନ୍ଧୁ କୁହେ ସୁଧାଶୀତଳ ଦାୟୀ । ଜ୍ୱର କୁହେ ତାପ କମ୍ପ ବଢ଼ାଇ ।
ବୈଦ୍ୟ କୁହଇ ବ୍ୟାଧି ବିନାଶଇ । ପିତ୍ତ କୁହଇ ତ ବାଇ କରଇ ।
    କୁହଇ ମାଦକ । ବିହ୍ୱଳ କରେ ଜୀବ ଥିବାଯାକ ।
ଚାଖ ଦେଖା ନାହିଁ ସ୍ୱାଦୁ ସୁନ୍ଦର । ସର୍ବେନ୍ଦ୍ରିୟାକର୍ଷେ ଲୋଭ ବିସ୍ତାର ।
ଏପରି ବଚଳତା ଅଛି ଯେତେ । ଅନ୍ୟେ ପ୍ରାଣମିତ କହିବ କେତେ ।
    ପ୍ରୀତି ମହାଖଣ୍ଡ । କେବଳ କରଏ ପ୍ରାଣସଙ୍କଟ ।
ବେଦବାଦୀ ବିଧି ଏ ବେଦବାଦୀ । ଅପଣା ସଂସାର ବଣ ସମ୍ବାଦ ।
ଧର୍ମ କର୍ମ କୁଳ ବିବେକ ନାଶେ । ଅପବାଦ କୁପିଙ୍ଗଳିକା ଭଷେ ।
    ସେ ପ୍ରୀତିକଣ୍ଟକ । ଯେ ଗଲା ସେ ମଲା ପାଇ ଶାସ୍ତ୍ରିକ ।
ଦୁଇହିଁ ତାକୁ କର ନମସ୍କାର । ଆମାନୀ ନୋହୁ ମାନ ଅମ୍ଭ ଗିର ।
ଶ୍ରବଣେ ହସି ବୋଇଲେ ଅଚ୍ୟୁତ । ଅହା କି ବୋଇଲ ପରାଣମିତ ।
    ଜୀବ ଥିବାଯାକେ । ସାର ପ୍ରୀତିକି ତେଜି ପାରିବ କେ ।
ମୋ ମନ ଲୋଭ ଯହିଁ ତାହା ଜାଣ । ତା ଲାଗି ଗଲେ ଯାଉ ପାପୀ ପ୍ରାଣ ।
ପ୍ରେତ ହୋଇ ସିଦ୍ଧ ଏ ବନେ ଥିବ । ତାହା ଦରଶନେ କୃତାର୍ଥ ହେବ ।
    ମନେ ଅଛି ଭାବ । କନ୍ତୁ ଶ୍ରୀଅଙ୍ଗରେ ଅବେଶି ହେବ ।
ଜୀବପସଂସ୍କୃତ ସାକ୍ଷୀତ ଅଛୁ । ଶଗିତକୁଳୁହିଁ ଶଣ ପାଇଛୁ ।
ମରଣ ଭୟ ନୋହିଲା ଏଥିକି । ହାତ ଧର ମୁଁ ମାଗୁଛି ଏତିକି ।
    ଜୀବ ଗଲେ ଶବ । ତା ଗଳିପଥରେ ପୋତାଇ ଦେବ

ବହନ୍ତ ମନାଇଁ ମାଧବୀ ହେବ । ବାନ୍ଧବୀ ଶ୍ରୀଅଙ୍ଗ ଭୋଗ ପାଇବ ।
ମୃଗଶାବକାକ୍ଷୀ ପାଦ ଯାବକ । ହେବାକୁ ତୋଷିବ ଲୋକନାୟକ ।
ଥିବାକୁ ଅଙ୍ଗରେ । ମନାସି ଝାସିବ ଗଙ୍ଗାସାଗରେ ।
ଏମନ୍ତ ବାଞ୍ଛିତ ମିତ ଶୁଣନ୍ତେ । ପ୍ରେମ ଲୋତକକୁ ପ୍ରଶଂସିଲେ ଚିତ୍ତେ ।
ଅଶ୍ୱାସ କହି କଲେ ପ୍ରବୋଧ । ଯେସନ ହେ ପ୍ରେମଗ୍ରାମବାସୀ ବୁଧ ।
କବି ଅଭିମନ୍ୟୁ । ଜୀବନ ଯାଉ ଚିତ୍ର ସଧା କାହ୍ନୁ ।

ସପ୍ତଚତ୍ୱାରିଂଶ ଛନ୍ଦ

ଯଶୋଦା ସଖୀ ସ୍ଥଳରେ ଶୋଭା କଥନ

ରାଗ—କେଦାରଗୌଡ଼ା

ପ୍ରଣୟରେ ଦୁଃଖୀ ହୋଇ ପଦ୍ମଲାକ୍ଷୀ ସଖୀପାଣୀ ଧୀରେ ଧରି ।
ଆନନ୍ଦ ଉତ୍କଣ୍ଠା ଗଦ୍‌ଗଦ ମିଶାଇ କହନ୍ତି ଲାଳସା କରି ଗୋ । ମିତ ।
ବଦନେ କ ଶୋଭା ଦେଖିଲଇଁତ ଗୋ । ସେ ତ ମଦନସାମନ୍ତ ସତ ଗୋ ।
ମନ ଧନ ଚୋର ପରଖିତ ଗୋ ।
କଳାକାନ୍ତିବଳା ଅଞ୍ଜନ ମରକତ ଇନ୍ଦ୍ରନୀଳମଣି ଘନ ।
ସୁଧାଆନନ୍ଦ ଅହ୍ଲାଦ ମାଦକ ଶୃଙ୍ଗାର ପ୍ରେମ ମିଳନ ଗୋ । ପୁଣି ।
ଶୋଭାସମୁହମନ୍ଥା ଲବଣୀ ଗୋ । କୋଟି ସକ୍ଷିକାନ୍ତି ସାରଶ୍ରେଣୀ ଗୋ ।
ମହା ଲାବଣ୍ୟରତନଖଣି ଗୋ ।
କେତେକାଳ କଳ୍ପି କଳ୍ପି ବିଧି ସିଦ୍ଧ କଲା ବଚନ ପ୍ରତିମା ।
ମୋହନମନ୍ତ୍ରେ ଜୀବନ୍ୟାସ କରି ଭୂଷିତ କଲା ଭଙ୍ଗିମା ଗୋ । ଭାବ ।
କଲା ଲଳିତମାଧୁର୍ଯ୍ୟାର୍ଣ୍ଣବ ଗୋ । ହେଲାଗୁଣନିଧିରଣା ଠାବ ଗୋ ।
ମାର ଦେବାର୍ଚ୍ଚନ-ଦେବ ହେବ ଗୋ ।
କେତକୀପାଖୁଡ଼ା ଗୋଷ୍ଠାମଲ୍ଲୀ କେଡ଼ା ଚୂଡ଼ା ଭୂଡ଼ାଇଛି ଘର ।
ଅର୍ଦ୍ଧଚନ୍ଦ୍ରକ ପରେ କେକୀଚନ୍ଦ୍ରକ ସାର ଦେଉଛି ସଂସାର ଗୋ । ତହିଁ ।
ନବ ଜାମୁଡ଼ାଳ ଖୋସା କେହି ଗୋ । ଝଞ୍ଜା ଗୁଞ୍ଜ ଗୁଞ୍ଜିଗମ୍ଭୁଣ୍ଡହ ଗୋ ।
ପୁଷ୍ପଇଂଗ ତୋଷ ଲକ୍ଷ କାହିଁ ଗୋ ।
ଲଳିତ ମାଧୁର୍ଯ୍ୟ ଅହ୍ଲାଦ ପ୍ରସବ ସୁଧା ସ୍ୱାଦୁ ଗୁଣ ଥିଲା ।
କୋଟି ପର୍ବ ଶଶିଶତ ଖତ ଶ୍ରୀମୁଖ ଦେଖା ଦକୁ ହେଲା ଗୋ । ଯେସନ ।
ତହିଁ କଳଙ୍କ ଏ ଚଢ଼ଙ୍ଗନ ଗୋ । ସେତ କ୍ଷୟ ଏ ଅକ୍ଷୟ ସ୍ଥାନ ଗୋ ।
କଳାକର ସେ ଏ କାଳପୂର୍ଣ୍ଣ ଗୋ ।
ନିବୃତ୍ତଥିବାକୁ ଇଚ୍ଛା କ ବଳିବ ଅମଳ କଳାକମଳ ।
ଅନନ୍ତ ପ୍ରସନ୍ନ ଜଣଜନ-ମନମୋହନ ମାଦକସ୍ଥଳ ଗୋ । ସଖି ।

CENTRAL LIBRARY

ଭଙ୍ଗୀ କଷ୍ଟନ କାହିଁକି ଦେଖି ଗୋ । ମୁଖସ୍ତୁତିଁକି ମର୍ତ୍ତିବ ଆଖି ଗୋ ।
ଥିକ ଯେ ବୋଲେ ମୁକୁର ଲକ୍ଷେ ଗୋ ।
ଲୀଳ ବ୍ୟାଳ ଓଜ ଗାମ୍ଭୀର୍ଯ୍ୟ ଭଙ୍ଗିମା ପ୍ରସନ୍ନାନ୍ତନ ପୂର୍ଣ୍ଣନ ।
ଶ୍ରୀ ମୃଦୁ ମାଦକ ଲାଳସ ଅଳସ ପ୍ରୀତ ଲୋଳ ଲୀଳା ସ୍ଥାନ ସେ । ନେତ୍ର ।
ସୁଧା ଅନୁରାଗ କଳାପାତ୍ର ସେ । ତନ୍ତ୍ର ଶତପତ୍ରଗୋତ୍ର ମିତ୍ର ସେ ।
ଲକ୍ଷ ଲକ୍ଷଲକ୍ଷ ମୋକ୍ଷକ୍ଷେତ୍ର ସେ
ବସାମୃତ ମିଣା ବସମ ବଣିଷ ଲୁଣ୍ଠନଗତ ସୁଭୁଗ୍ରୀ ।
ଦୃଷ୍ଟି ବୃଷ୍ଟି ହେବା କୋଟିପୁବା ସୃଷ୍ଟି ପ୍ରଳୟ ପାରନ୍ତି କର ତା । ତୋଳା ।
ରଣଭୁରଙ୍ଗ ତରଙ୍ଗଲୀଳା ତା । ଟେଳା ଖଞ୍ଜନ ରଞ୍ଜନ କଳା ତା ।
ରଙ୍ଗେ କୁରଙ୍ଗ ନୋହିବେ ତୁଳା ତା ।
ଂଗାମୃତଗୋଳା କଳାପଦ୍ମ ତୁଳା ବୋଲିବାରେ କେଉଁ ଅଣି ।
ବୁଲିଭବା ବେଳେ ରୁକ ଲବା କେହୁ କାମଲୁବ୍ଧକସାରଣୀ ଗୋ । ମିତ୍ର ।
ଶ୍ରୀଙ୍ଗରୁ ମୂର୍ତ୍ତିମନ୍ତ ସେତ ଗୋ । କୋଟି ଲକ୍ଷ୍ମୀ ଜାତ ପଦ୍ମ ସତ ଗୋ ।
ଲୋକ କଲ୍ଲୋଳ ମାଧୁର୍ଯ୍ୟବନ୍ତ ଗୋ ।
ସୁତନୁ ତନୁ ଦାରଣ ଫୁଲଧନୁ ଅତନୁଠାରୁ ଛଡ଼ାଇ ।
ଘନ ଘନ ଅନଞ୍ଜନ କଳା ଶୋଭା ଫାଶିଲୁ ହସିଦଅଧ ତା । ଭୃରୁ ।
କାଳବ୍ୟାଳବାଳଖେଳା ଗୁରୁ ତା । ଧୈର୍ଯ୍ୟ କଦ୍ରୁଗ କଦ୍ରୁଗ୍ରୀ ସ୍ୱରୁ ତା ।
କାତପତ୍ର ଅଣିତ ବାଜିରୁ ତା ।
ନାସା ପ୍ରଶଂସା ଭାଷାରେ ଧନ୍ୟ ହେବ ତଳସୁମନ ତୂଣୀର ।
ଅତନ୍ତ୍ରୋଦ୍ଧ ମୋଦ ବସଣୀକସଣୀ ଥିଅ କି କାମଦେବର ସେ । ଦୋଗ୍ର ।
କବ କନ୍ଦଳୁଚ କଦରେ ପଦ୍ମ ସେ । ବଧୂ କୋଳେ କି ବେହଣୀ ତାଗ୍ର ସେ ।
କି ସେ ଦେବଗୁରୁ ଅଗ୍ର କାଗ ସେ ।
କସ୍ତୁରୀତଳକ ଗୋରଚନା ଚନ୍ଦ୍ରା ଉର୍ଦ୍ଧ୍ୱରେଖା-ରେଖା ହରେ ।
କଣ୍ଠାଗ୍ରୀ କର୍ଣ୍ଣ ଉଷ୍ଣୀଷ ଥୋଇବାର ନେତ୍ରଶଳର ସ୍ଥାନ କରେ ସେ । ଶୋଭା ।
ରଭ-ପଦ୍ମମନ୍ତ ଅନ୍ତଲୋଭା ସେ । ରମା ଦେଖି ବଳେ ହେବେ ବନ୍ଧା ସେ ।
ଯହିଁ କେ ରଖିବ ଦମ୍ପତ୍ତି ସେ ।
ମଞ୍ଜୁଳ ନୀଳ ଅଳକ ଲୋଲ ଲୀଳା ଝଳ ଭାଲଦେଶେ ଦଶେ ।
ଅମଳ କଳାକମଳକୁ ଉପଳନ୍ତୁଅ ବେଢ଼ିଛନ୍ତି କି ସେ ସେ । ଭାଲ ।
କର୍ଣ୍ଣିବାର କେ କରବ ମୂଲ୍ୟ ସେ । ଅର୍ଦ୍ଧଫଳକ କଇବା ତୁଲ ତା ।
ଅର୍ଦ୍ଧଚନ୍ଦ୍ରହିଁ କି ଲକ୍ଷ ଟୁଲତା ।
ଅହ୍ଲାଦବ ମନ୍ଦ ସୁନ୍ଦର ମଧୁର ସ୍ୱଚ୍ଛ ମନୋହାରୀବଦନ ।
ପ୍ରସନ୍ନ ସନମତ ମଦମାଦକ ସୁଶୀତ ଅନନ୍ଦପଦ ତା । ହାସ ।
ନନ୍ଦେ କର୍ପୂର ଦର ପୀୟୂଷ ତା । କଣେ କାଣ କୁଣ କଇଳାସ ତା ।
ବଳେ ଶଶିକିରଣ ସାରସ ତା ।

ରାଗ ଅନୁରାଗ ଅମୃତ ମାଧୁର୍ଯ୍ୟ ଶ୍ରୀଧରପର ଅଧର ।
ପତିବ୍ରତାଧୃତ ଭୂତ କୂରପାଇଁ ଚଳନ ସ୍ଖଳନ ତାର ଗୋ । ଦନ୍ତ ।
କୁନ୍ଦ କୁଡୁବନ୍ଦ ହୀରବନ୍ଦ ଗୋ । ଜ୍ୟୋତି ମୋତି ପନ୍ତି ଉପମିତ ଗୋ ।
କୁନ୍ଦକଳୀ କରକବଳିତ ଗୋ ॥
ସ୍ମିତ ଅଧର ପରସ୍ପର ସୁନ୍ଦର ଦର୍ପକ-ଦର୍ପବର୍ଦ୍ଧନ ।
ପ୍ରବାଳ ଆଲବାଳରେ କଳ ସୁଧା କନ୍ଦଳ ଜାତ ଶୋଭନ ତା । ଓଷ୍ଠ ।
କ୍ଷୀରେ କ୍ଷାଳିତ ମାଣିକ୍ୟ ପରି ତା । ପ୍ରବାଳରେ ବୃଷ୍ଟି ସୁଧାଧାର ତା ।
ଶଶି-ସୂର ଆଲିଙ୍ଗନ ଧାରି ତା ॥
ସୁଧାପିଣ୍ଡ ଚିକଣଗଣ୍ଡ ପଦ୍ମାଗଣ୍ଡ ବନ୍ଧୁକ ଫୁଲ୍ କି ତୁଲ୍ ।
କନ୍ଦ ମାକନ୍ଦ ଆନନ୍ଦ ମକରନ୍ଦ ଥୁଅ କେ କରିବ ମୂଲ୍ ଗୋ । ସଖି ।
ଚମ୍ପକେ କି କ୍ଷୀଣଚନ୍ଦ୍ର ଲକ୍ଷ୍ମୀ ଗୋ । ଅର୍ଦ୍ଧମାତ୍ର ଦେଖିଲେ ଦେବ ସାକ୍ଷୀ ଗୋ ।
ଦେଖି ଲେଉଟି ନ ପାରେ ଆଖି ଗୋ ।
ଶ୍ରୁତିକୀର୍ତ୍ତି ପରସ୍ପର ଚତ୍ୱର ବନ୍ଧପାଶ ମନୋହର ।
ମକରାକୃତ କୁଣ୍ଡଳ ଆନ୍ଦୋଳନ ଦରବକେ ମଦନର ଗୋ ।
ଶୋଭା କନ୍ଦେ ଚନ୍ଦ୍ରାର୍କମଣ୍ଡଳ ପ୍ରଭା ଗୋ । ଗୁରୁ କବି କି ବର୍ଣ୍ଣିବେ ଆଭା ଗୋ ।
ପତିବ୍ରତାପଣ୍ଡ ମତ ଲୋଭା ଗୋ ।
ଶଙ୍ଖୀ ଶଙ୍ଖ ଶକ୍ତି କପୋତ ପ୍ରମତ୍ତ ଜିତ ବେଳ ମଞ୍ଜୁଳ ।
ବିଜୟଗନ୍ଧୋଦ୍ଭବା ଗାମ୍ଭୀର୍ଯ୍ୟଗ୍ରୀବା ତ୍ରିବଳୀରେଖା ଦେଖା ପରି ଛଳ ଗୋ । ତହିଁ ।
ପତ୍ର ରତ୍ନ ସାର ହାର ବହି ଗୋ । ବନମାଳା ଶୋଭା ଦରେ କେହି ଗୋ ।
ସୁବା କେ ବା ବକାଣିବ ନାହିଁ ଗୋ ॥
ବାହୁଦଣ୍ଡ ପୁଣ୍ଡରୀକ ଶୁଣ୍ଡ ପୁଣ୍ଡରୀକ ଷଣ୍ଡଦଣ୍ଡକର ।
ବାହୁଟି ବାଘଟି ବାହୁଟିଆ ପର ନାଶି କରନ୍ତି ବାଦର ଗୋ । କରେ ।
କଳା କଳାରତ ମୋହି ପାରେ ଗୋ । ମୁଦା ମୁଦ୍ରିତ ଉଦିତ କରେ ଗୋ ।
ଲୀଳାପଦ୍ମ ଧରି କି ହୃଦରେ ଗୋ ॥
ବର ମରକତ ସାଣ୍ଟିଲ କବାଟ ମୁଦା ଉରତଟ ଭାତି ।
ରଙ୍ଗ ମୁକୁତା ଚଳିତ ଅନୁସ୍ୱାରଲତା ପଦ୍ମ ପରିଣତି ଗୋ । ସ୍ତନେ ।
କଉସ୍ତୁଭବରମଣି ଲମ୍ବେ ଗୋ । ପରିସ୍ଫୁଟିତ କମଳମାଳେ ସେ ।
ଲମ୍ବ କଦମ୍ବମାଳା ଲଗ ତଳେ ସେ ।
ବନ୍ଧ୍ୟ ଝଟଝଟ ପର ପୀତପଟ କଟି ତଟରେ ବରକେ ।
ପିଣ୍ଡା ପରିପାଟି କଦଳୀକୋଟିପାଟି ଦେଖିଲେ ବର୍ଣ୍ଣିବ କି ଦେଖକେ ଗୋ । ଯେଣ ।
ମୋଡ଼ା ଦୋଷଡ଼ା ଭଡ଼ା ଯତନ ଗୋ କୁଞ୍ଚା ବଞ୍ଚା ଧଡ଼ି କି ଶୋଭନ ଗୋ ।
ଜଣି କଙ୍କିଣୀ ହରେ ଜୀବନ ଗୋ ॥
ପୁରପର-ପର ଚୂର କି ନୂପୁର କେୟୂରକାତର ସ୍ୱର ।
ଚରଣାର ପୁରନ୍ଦର ଦ୍ୱିରଦର ଗତି ମତ୍ତବୃଷଭର ଗୋ । ପଦ ।

ଅରୁଣଙ୍କୁ ଅରୁଣ ଚରଣ ଗୋ ।   ମରଦଇ ସାରସର ମଦ ଗୋ ।
      ରମା ଅମ୍ବୁଜ ସମ୍ପଦ ପଦ ଗୋ ।
ଚରଣର ନୂପୁରର ମନୋହର ସୁସ୍ୱର ମଧୁର ତର ।
କଣ୍ଠଜନ ମନମୋହନ ମାଦକ ଦକ ପଦ୍ମବନ୍ଧୁଙ୍କର ଗୋ । ସଖୀ ।
ବଶୀକରଣ ଅଞ୍ଜନ ମିଶି ଗୋ ।   ପଞ୍ଚଶର ପୁରେ ଥାଇ ବସି ଗୋ ।
      ଲକ୍ଷିତକେ ପଟେ ଥିଲେ ଖୋଷି ଗୋ ।
ତ୍ରିଭଙ୍ଗିମା ଭଙ୍ଗୀ ସଙ୍ଗୀତ ଲଙ୍ଗୀତ ନଟବର ମନୋହର ।
କଟି ପାଦ ପାଣି ଗ୍ରୀବା ମୁଖ ଠାଣି ଚାହାଣି ବଙ୍କିମା ତାର ଗୋ । ସହି ।
ଲୁଚିକି ଲୁଚ ଚାହୁଁଥିଲେ ରହି ଗୋ ।   କେତେ ଅଣସ ନୟନର ତହିଁ ଗୋ ।
      କଣ୍ଠମୋହନ ମୋହନ ସେହି ଗୋ ।
ମର୍କତ ଦରପଣେ ସ୍ୱଗ ମାଣିକ୍ୟ ଇନ୍ଦୁ ନୀଳମଣି ଜ୍ୟୋତ ।
ଖଞ୍ଜନଗଞ୍ଜନ ଜଗତରଞ୍ଜନ ପାଇ କବୁ ରତପନ୍ତ ଗୋ । ମିତ ।
ଲୁଚିକି କରଥିଲା କ ବୃପତ ଗୋ ।   ମୋର ପ୍ରାଣ ଆକର୍ଷଣ ସେତ ଗୋ ।
      କ କହିବା ତା ଶୋଭା ସେମନ୍ତ ଗୋ ।
କେଲୀ ଟେକ ତାକିବାରେ ମୁଁ ସେକ୍ଷଣ ଈକ୍ଷଣ ଦେଖିଲ ଦେଲି ।
ଚାହାଣି ବଶୀଖ ବନଲୁବ୍ଧ ବ୍ୟାଧ ସାଦଲୁ ହରଣୀ ହେଲି ଗୋ । ସ୍ୱିତ ।
ଜାଲା ଗବାକ୍ଷ ରନ୍ଧ୍ରେ ଢାକବତ ଗୋ ।   ବନ ପଣ୍ଡରେ କ ରୂପାମୃତ ଗୋ ।
      ଜାଲବାଟେ କ ସ୍ୱାଗ ଲୋକତ ଗୋ ।
ତମ ବାମରେ କ ରାମଚନ୍ଦ୍ର କାମ ମଦ ବର୍ଣ୍ଣ ଅଙ୍ଗୀକୃତ ।
ତଥାପିତ ଚତ୍ତ ସ୍ୱାତ ହତ ନୋହେ କୃଷ୍ଣାମ୍ବରେ କ ଗୋପିତ ଗୋ । ଅବା ।
ନୀଳ ଚନ୍ଦ୍ରଉଦୟ ଜାଇବା ଗୋ ।   ସବ କଳାକର ବଶ୍ୟ ହବା ଗୋ ।
      ମାର ହରଙ୍କୁ ଲୁବ୍ଧ ସେଣବା ଗୋ ।
ନୀଳେନ୍ଦ୍ରମଣି କିରଣ ମର୍ଣ୍ଣ କସଳସ୍ମ ସନ୍ଧ ଭେଦକର ।
ବନଲୁବ ପଶୁ ପକ୍ଷୀ ସନ ପଡ଼କମ୍ପିଲା ପର ମାଧୁର୍ଯ୍ୟ ଗୋ । ସେନ ।
ପ୍ରେମାମୃତ ସିଞ୍ଚେ ସନ ସନ ଗୋ ।   ବ୍ୟାପିଲା କ କାଇନୀ କର୍ବନ ଗୋ ।
      ରଙ୍ଗ ଲାବଣ୍ୟ ଭଙ୍ଗୀ ଶୋଭନ ଗୋ ।
ସନ ସନ ସନଶ୍ୟାମସନ ରସ ବୃଷ୍ଟି ସୃଷ୍ଟି ବୁଡ଼ାଇଲା ।
ଜ୍ଞାନ ବବେକ ଶଶୀ ସୂର୍ଯ୍ୟ ଅସ୍ତରେ ଲୁମ ତମ ଆଚ୍ଛାଦଲା ଗୋ । ମିତ ।
ନ ପାଇଲି ଦୃଢ଼ ଧୈର୍ଯ୍ୟ ପୋତ ଗୋ ।   ହେଲି ଅଥଳ ବ୍ୟାକୁଳ ଚତ୍ତ ଗୋ ।
      ସରଗଲା କୁଳବତୀ ବ୍ରତ ଗୋ ।
ସେ କାହିଁ ମୁଁ କାହିଁ ସତ କ ସ୍ୱପନ କହି ଶାହି କର ମିତ ।
ଜାଣିଲି ଭାବନା ହେଲା ଜୀବସେନା ଭସ୍ମ କଲା କ ନମିତ୍ତ ଗୋ । ଜୀବ ।
ସଦ୍ୟ ସଦ୍ୟ ନ ପାଇଲେ ଯିବ ଗୋ ।   ବ୍ରହ୍ମକୁଳ ପାଇ ନ ରହିବ ଗୋ ।
      ମରଣେ ଅନ ସୁଖ ପସ୍ମରିବ ଗୋ ।

ମିତ ଉତ୍ତର କଲେ କୃଷ୍ଣ କାହିଁ ଇତର କଥା ସେ ନୋହେ ।
ଭାଗ୍ୟ ବଶ୍ୟକାତ ହେଲେ ରସସୃଷ୍ଟି ସର୍ଜନା ହୋଇବ ରହେ ତା । ଭାବ ।
ଦୀନ ସାମନ୍ତସିଂହାର କବ ତା । ଜୀବ ଥିବାଯାକ ଧନ ନେବ ତା ।
ସିବ ରସିକହୃଦୟ ଦ୍ରବ ତା ।

ଅଷ୍ଟଚତ୍ୱାରିଂଶ ଛନ୍ଦ

ରାଗ—ଚକ୍ରମାଳିଆ

ରାଧା ଧର ସଖୀକର । ବୋଲନ୍ତି ଅକଟ ଥାଉ ନ କର ଗୋ ।
ଲାଜ ଭୟ ଛାଡ଼ିଲି ନକର । ସଜନ ଗୋ ।
ଘନଶ୍ୟାମ-ଗୁଣମାନ । ରଖିଅଛୁ କି ମୋ ଧୈର୍ଯ୍ୟ ଗୁମାନ ଗୋ ।
ମନ ଦହୁଛୁ ତା ସନମାନ । ସଜନ ଗୋ ।
ଭୁଜ ମୋହିବା ମୁନିଙ୍କି । ତାଙ୍କୁ ପ୍ରୀତିପଣେ ଯୋଗ୍ୟ ମୁଁ ନକି ଗୋ ।
ଅଳଙ୍କାର ସେତ ଅବନୀଙ୍କ । ସଜନ ଗୋ ।
ଶୁଣି ତାଙ୍କ କଥା ପଦେ । ରମା ଉମା ପ୍ରାଣ ବଳିବେ ପଦେ ଗୋ ।
ଶଚୀ ନ ରସିବେ ଇନ୍ଦ୍ର ପଦେ । ସଜନ ଗୋ ।
ଅନାଇ ଯାହା ବଦନ । ପବ ହେଲେ ହେବ ମୋହ ମଦନ ଗୋ ।
ସୁଖାନନ୍ଦ ଅମୃତ ସଦନ । ସଜନ ଗୋ ।
ଦେଖିଲେ ପତିବରଙ୍ଗୀ । ଦମ୍ଭ ଦେଇ ଅଟରବେ ପୀରତି ଗୋ ।
ନାଗନାରୀ ଇଚ୍ଛିବେ ସୁରତି । ସଜନ ଗୋ ।
ଗତ କରନ୍ତି ପଥରେ । ଦ୍ରବ ହୋଇ ବହି ସିବେ ପଥରେ ଗୋ ।
ନ ଭୁଲିବ କେ ମନମଥରେ । ସଜନ ଗୋ ।
ଦିନେ ମୋ ନେତ୍ରପଥରେ । ପଡ଼ିଗଲା ବାଙ୍କଚୂଳିଆ ଥରେ ଗୋ ।
ଅଳିଯାଏ ମୋ ହୃଦୟ ଥରେ । ସଜନ ଗୋ ।
ଦମ୍ଭ କଲଟେ ପବଳ । ଅଣି ରଖିବ କେ ସ୍ୱହିଁ ଛବଳ ଗୋ ।
ମୁଁତ ସାଉଳିଣି ମାନ ବଳ । ସଜନ ଗୋ ।
ନାହିଁ ପୂର୍ବେ ପୁଣ୍ୟ କରି । ସୁମନେ ମନାଇ ନାହିଁ ଶଙ୍କରୀ ଗୋ ।
ହେବ କି କର ତାଙ୍କ କିଙ୍କରୀ । ସଜନ ଗୋ ।
ଯହିଁ ମୁଖ ଦରପଣେ । ବସ୍ତୁଇଲି ହେଲେ ମୋପର ପଣେ ଗୋ ।
ଶୋଭା ନ ଦଶିବେ ଦାସୀପଣେ । ସଜନ ଗୋ ।
ମୁରଲୀ ମୁଖେ ସୁନ୍ଦର । ତୋଳାଖେଳାଇବା ଭଙ୍ଗୀ ହୃଦର ଗୋ ।
ଜାତସ୍ଥଳ ସେତ ଅନ୍ତରେ । ସଜନ ଗୋ ।
ସ୍ମିତ ରଙ୍ଗିମା-ଅଧରେ । ବିଭଙ୍ଗୀ ଛନ୍ଦରେ ମୁରଲୀ ଧରେ ଗୋ ।
ନାହିଁ ସେ ଶୋଭା ଅଧ ଉର୍ଦ୍ଧ୍ୱରେ । ସଜନ ଗୋ ।

ଅଳକାବୃତ ଲପନ । ବେଳେ ବେଳେ କରଇ କମ୍ପନ ଗୋ ।
ଦେଖି ନ ଦେଖିବ କେ ସ୍ୱପନ । ସଜନି ଗୋ ।
ମକରକୁଣ୍ଡଳ ଗଣ୍ଡ । ଶ୍ରୁତିରେ ଅଗମ୍ୟ ଶ୍ରୁତିସଙ୍ଗତ ଗୋ ।
ଦେଖି ନେଣ୍ଡ ପାଇଯାଏଗତ । ସଜନି ଗୋ ।
ଗୁଞ୍ଜା ଗୁଞ୍ଜର ଖଞ୍ଜିତ । ଗୋଷ୍ଠମଣ୍ଡଳୀ ବେଢ଼ା ଚୂଡ଼ା ରଞ୍ଜିତ ଗୋ ।
କେକପୁଚ୍ଛ ତହିଁ ବଶ୍ୱକୃତ । ସଜନି ଗୋ ।
ଯାମୁନାନ୍ତ ଖୋଷିବାର । କଥାପଣ୍ଡ ବେଢ଼ା ତହିଁ ଦେବାର ଗୋ ।
ଦମ୍ଭନାଶନ ତ ସେ ସୁବାର । ସଜନି ଗୋ ।
ନାଶେ ଗଜମୋତିବର । ଥୋପ ମେଲିଛୁ କି କାମଧୀବର ଗୋ ।
ଭେଦକ ସେ ନେତ୍ରଗ୍ରୀବର । ସଜନି ଗୋ ।
ଭାଲେ ଉତା ଗୋରୋଚନା । କସ୍ତୁରୀ ତିଳକ ତହିଁ ରଚନା ଗୋ ।
ବିନାଶକ ମୋ ବାମଲୋଚନା । ସଜନି ଗୋ ।
କଣ୍ଠେ କଉସ୍ତୁଭମଣି । କଳାଘନେ ଉଦେ କି ଦିନମଣି ଗୋ ।
ଉରହାର ନବଗ୍ରହ ମଣି । ସଜନି ଗୋ ।
ଶୋଭା ପୀତବସନରେ । ବିଜୁଳି ଶୋହେ କି ନବଘନରେ ଗୋ ।
ଦେଖି ମାନ ନ ରହେ ମନରେ । ସଜନି ଗୋ ।
କଟିତଟରେ କିଙ୍କିଣୀ । କି ନାଦ ମଧୁର ଶୁଭେ ଝାଣ-କଣି ଗୋ ।
କଳାହାରେ ମନ ନିଏ କିଣି । ସଜନି ଗୋ ।
ପଦେ ରଣିତ ନୂପୁର । ନାଦେ ଚମକଇ ଅମରପୁର ଗୋ ।
କାହା ହୃଦେ ନୋହେ ରସପୁର । ସଜନି ଗୋ ।
ନଟବର ମନୋହର । ଦେଖିଲେ ମୋହିତ ହୋଇବେ ହର ଗୋ ।
ନାରୀ ବାଞ୍ଛା ହେବ ଅଦେହର । ସଜନି ଗୋ ।
ଅଲକ୍ଷ ସନ୍ଦନନର । ଶୋଭା ନର ନାରୀ ନାଗ କିନ୍ନର ଗୋ ।
ପୂଜାପ୍ରତିମା କି ମଦନର । ସଜନି ଗୋ ।
କନ୍ଦର ନରତରୁଣୀ । ଦେବସ୍ତ୍ରୀଏ ହେବ ସୁରତେ ରୁଣୀ ଗୋ ।
ଶୋଭା ଦେଖି ରସିବେ ବାରୁଣୀ । ସଜନି ଗୋ ।
ସେଶୋଭାଦୃଷ୍ଟି ସାମନ୍ତ । ଅଛଇ ତହିଁର ଗୁଣ ଦେମନ୍ତ ଗୋ ।
ଦେନ ପ୍ରଶାନ୍ତଅପଣ କେମନ୍ତ । ସଜନି ଗୋ ।
ମୋତେ ଲଭିବା ହୃଦରେ । ଅକୁସଥାନ୍ତ କେତେମତରେ ଗୋ ।
ବଶ ନୋହିବ କେ ତେମନ୍ତରେ । ସଜନି ଗୋ ।
ମୋ ଗତାଗତ ବାଟରେ । ଜଗି ବସିଥାନ୍ତି ସେ କପଟରେ ଗୋ ।
ମାଣ୍ଡ ଦରଶନ ଲମ୍ପଟରେ । ସଜନି ଗୋ ।
ଲେଖନ୍ତି ଗତିପଥରେ । ପ୍ରାଣବଳା ସରେ ମନମଥରେ ଗୋ ।
ଡାକୁ ମାର ମୋର ବୋଲ ଥରେ । ସଜନି ଗୋ ।

ମୋ ପଦପଦ୍ମଧୂଳିକି । ବୋଲି ଦଅନ୍ତି ସେ ହୃଦସ୍ଥଳୀକି ଗୋ ।
        ଲୁଚିଯାଇ ସେ ସ୍ନେହାବଳି କି । ସଜନି ଗୋ ।
କୁସୁମବୋଲି ବନରେ । ଲେଖନ୍ତି କେତକୀ ସ୍ୱଚ୍ଛଦଳରେ ଗୋ ।
        ଗଣସଙ୍ଗେ ଗଣା ମୁଁ ଧ୍ୟାନରେ । ସଜନି ଗୋ ।
ମଧୁପକୁ ମାଧବିକା । ଯେମନ୍ତ ତେମନ୍ତ ଏ ମୋ ଜୀବିକା ଗୋ ।
        ସ୍ୱଇଚ୍ଛାରେ ହୋଇଛି ମୁଁ ବିକା । ସଜନି ଗୋ ।
ଏହା ପଢ଼ିଲା ଦିନରୁ । ପାସୋର ନ ଗଲା ଦଣ୍ଡେ ମନରୁ ଗୋ ।
        ସେତ ଅଧିକ ମୋ-ଜୀବନରୁ । ସଜନି ଗୋ ।
କହନ୍ତି ମିତ ଅଗରେ । ଝାସ ଦେବ ଯାଇଁ ଗଙ୍ଗାସାଗରେ ଗୋ ।
        ଛାଇ ହେବ ବନ୍ଧୁଶ୍ରୀଅଙ୍ଗରେ । ସଜନି ଗୋ ।
ତା-ନାମ ଗାଇକୁଣ୍ଡରେ । ପ୍ରେମଡମ୍ବରୁ ବଜାଇ ଦାଣ୍ଡରେ ଗୋ ।
        ଭିକ୍ଷା ମାଗୁଥିବ ବ୍ରହ୍ମାଣ୍ଡରେ । ସଜନି ଗୋ ।
ତା-ନାମ ଲେଖା ଛପାରେ । ଛଇ ହୋଇଥିବ ହୃଦ ଉପରେ ଗୋ ।
        ଝାପିଥିବ ତା ହାସ୍ୟରୂପରେ । ସଜନି ଗୋ ।
କେହି ଯାଇ ସନ୍ନିଧିରେ । ଜଣାଇବ ଯାଇ କୃପାନିଧିରେ ଗୋ ।
        ଦୟା ହୋଇବ ନାହିଁକି ଧୀରେ । ସଜନି ଗୋ ।
ଏହା ଯେବେ ଶୁଣାଯିବ । ପଥର ହେଲେ ତ ତରଳି ଯିବ ଗୋ ।
        ପରିବୃଢ଼ କେବା ନ ଡେଇବ । ସଜନି ଗୋ ।
ଭଙ୍ଗ ଭୋଗ ଚନ୍ଦ୍ରମଲ୍ଲୀ । ଦେଖି ଦେଖାନ୍ତି ତାଉଦେଇ ମଲ୍ଲି ଗୋ ।
        ଏହା ଦେଖି କାହିଁକି ନ ମଲ୍ଲି । ସଜନି ଗୋ ।
ରଜନୀ ତୋଷି ଧନରେ । ବୋଲୁଥାନ୍ତି କେତେ ଜନମାନରେ ଗୋ ।
        ମୋ ବସନ ଅଙ୍ଗମିଳନରେ । ସଜନି ଗୋ ।
ମୋ ସ୍ତନ କଳସାଙ୍କରେ । ଭ୍ରମିଲି ବୋଲି ପ୍ଲାବନ୍ତି ହଟରେ ଗୋ ।
        ଛଡ଼ାକୁଙ୍କୁମ ଲବ୍ଧଲଟରେ । ସଜନି ଗୋ ।
ଛଡ଼ାମାଳାକୁ ଲୋଡ଼ାଇ । କି ସ୍ନେହେ ନେଇ ଚୂଡ଼ାରେ ଗୁଡ଼ାଇ ଗୋ ।
        ହେଲି ଭଦ୍ର କରନ୍ତି ବଡ଼ାଇ । ସଜନି ଗୋ ।
ଭୃଙ୍ଗପଙ୍କଜ ପତର । ହୃଦରେ ଲଗାନ୍ତି ହୋଇ କାତର ଗୋ ।
        ଦାସ ପଦ୍ମଧ୍ୟାନ ହୃଦତର । ସଜନି ଗୋ ।
ସ୍ୱୋଚନା ଚଡ଼ା ଡାଲରେ । ବସନ୍ତି ପକ୍ଷୀ ଧରନ୍ତି ଜାଲରେ ।
        ନେଏସ୍ଥକଡ ଷଣ୍ଫୁଲରେ । ସଜନି ଗୋ ।
କ୍ଷପଳସ୍ ଭାଙ୍ଗି କରେ । ଅଦରେ ଖୋସନ୍ତି ସେ ମସ୍ତକରେ ଗୋ ।
        କରନଦେଶନ୍ତି କରକରେ । ସଜନି ଗୋ ।
ଧନ୍ୟ ଅଳ ନନ୍ଦନରେ । ମିଳାନ୍ତି ପୁଣି କି ଯେନ ମନରେ ଗୋ ।
        ସୁଖୀ ଦେଖି ହେଲା ଖଞ୍ଜନରେ । ସଜନି ଗୋ ।

ଶୁଣି ପିକସ୍ୱରଶ୍ରୀକ । ଧୀରେ କହେ ଶତ୍ରୁ ଦକ୍ଷଶ୍ରୁତିକ ଗୋ ।
କେଡ଼େ ପ୍ରଶଂସା ହଂସଗତିକ । ସଜନି ଗୋ ।
ଦେଖିଲେ ନବଦମାଳ । ଖଣ୍ଡି ଦେଉଥାନ୍ତି କୁସୁମମାଳ ଗୋ ।
କରୁଥାନ୍ତି କୋକିଳକୁଳମାଳ । ସଜନି ଗୋ ।
ସ୍ନିଗ୍ଧ ପଦ୍ମ ବଣୀଧର । ଗୋଳ ହୋଇ ଯାଉଥାଇ ଅଧର ଗୋ ।
କେଶ ହୋଇଯାଏ ଜଳଧର । ସଜନି ଗୋ ।
ଏଣୁ ତ ମମତାମାନ । କରୁଛ ଏହାକେ କ ଅନୁମାନ ଗୋ ।
ମୁଁ ଦେଖୁଛି ଏତ ସନମାନ । ସଜନି ଗୋ ।
ଦେଖିଶୁଣି ଜାଣିକରି । କେଉଁ ଗୁଣେଁ ଶ୍ରୀ ନୋହିବ କଙ୍କରୀ ଗୋ ।
ମାନସତ ଅକାରଣ-ବଇରୀ । ସଜନି ଗୋ ।
ଧରୁଛ ଭ୍ରମର କର । ସଖିଗଣ-ଗୁଣ ଏବେକି କର ଗୋ ।
ନେଇ ଜଗଂଥ ତା-ପଦଜର । ସଜନି ଗୋ ।
ସେ ଯେ ତେ ସ୍ୱର ରତଇ । ହୃଦଭିତରେ ତ ମୋର ନାଚଇ ଗୋ ।
ତାହା ବନାକି ଦ୍ୱିଧା ବଞ୍ଚଇ । ସଜନି ଗୋ ।
ତାକୁ ଦୂଷଣ ପୋଷଣ । ହେଲେ ହେବ ପଛେ ନାନା କଷଣ ଗୋ ।
ମୁଁ ତ କରିଣି କନାଭୂଷଣ । ସଜନି ଗୋ ।
ଭସ୍ମକୁ ଦେଇ ବହନ । କେବେ ଦେଖାଅ ସେ କାମମୋହନ ଗୋ ।
ହେଲା କଲେ ତ ହେଇ ଦହନ । ସଜନି ଗୋ ।
ଶୁଣି କଣ୍ଠୋଦ୍‌ଗାରଣ । ସଖୀସମୂହ ହୋଇଲେ ଅରଣ୍ୟ ଗୋ ।
ହୃଦଭିତରେ ହେଲେ କରତ । ସଜନି ଯେ ।
ଦୀନ ଅଭିମନ୍ୟୁ ଜୀବ । ସ୍ୱଧାଜୀବ ଜ୍ୱର ତାହାର ଯିବ ହେ ।
ସତେ ଏ ଭାଗ୍ୟ କି ଦେଖାଯିବ । ଗୋବିନ୍ଦ ହେ ।

ଏକପଞ୍ଚାଶ ଛାନ୍ଦ

କଣୋପରକ୍ଷଣା ଉକ୍ତି ଶୃଙ୍ଖଳା

ରାଗ—ଭୈରବୀ

ଏଥୁଅନ୍ତେ ସେନ ରସ ରସବତୀ ସଖୀଗଣ ବସନ୍ତବାସ କଣ୍ଠଶୁଣି କଥନ ।
ଥନଥନ କଲୋଳ ନ କନକନ ଶୁଣି ମନ ମନମଥରେ ଅବଶ ନାଗରତନ ।
ତନମନ ପ୍ରେମରେ କହ । କଣ୍ଠାନ୍ତ ଗତ କହନ୍ତ କର୍ମ ଅଦର ।
ଦଣ୍ଡ ସମାନତ ବାସ ବାସ ନାଗର ସଦୃଶ ଦୃଶ୍ୟରେ ଦୃଶ୍ୟ କେବଳ ଏକା ସେହିତ ।
ହିତ ହେବ ନାହିଁ ଅନ ଅନନ ଦେବାକୁ ଦାନ ଦାନବ ମାନବଦେବ ଯକ୍ଷ ନାଗତ ।
ଗତ କଲୁ ମୁକୁତବଣି । ଗୁଣିରେତ ନାହିଁ ହେବ କି କର ଦାସୀ ।
ଦାସୀକର୍ମେ ଥିବା ପାଇଁ ପାଉଛୁ ଭୂଷି ଭଜାଇ ସାଇଁ କରଥିଲା କେ ତେ ପୁଣ୍ୟ ସଞ୍ଚିତ ।

ତନୁରେ କର ଅନୁରୀ ମୁଗ୍ଧସାର ସ୍ୱର୍ଣ୍ଣପୁତ୍ତଳୀ ପୂରଣ ଶାରଦ ଚନ୍ଦ୍ର କୋଳକୁ ଗତ ।
ଗତ ଜଳୁ ସୁରୂତ ବନା । ବନାଶିଲା ଇନ୍ଦୁଜକୁ ଏବା ନବୀନା ।
ବନାଶନ ବୁଦ ଧର ଧରଣୀରେ ସେହୁପର ପରୀକ୍ଷା ଦେଖାଇବ ମୁଁ କୃଷ୍ଣ ଅଗତରେ ।
ଗରେତ ଦହୁଛୁ କାମ କାମନା କର ଜନମ ନ ମତ ହୋଇବ ଶ୍ୟାମ ଅଛୁ ମନରେ ।
ନରେ ହେବ କୃଷ୍ଣ ମୋ ପତି । ପରାଧୀନ ଦୁଃଖ ଦେବେ ଜାଣିବେ ଧୀରା ।
ଧୀରା ଧୀରମଧ୍ୟା ଭାବେ ଭାବେ ସଖୀଏ କରନ୍ତେ ରସେ ମଜ୍ଜିବାକୁ ହେଉଛୁ ଏ କାମନା ।
ମନାସିଲେ ନକ ହେବ ହେ ବରହବେଣି ଭାବ ଭାବବେଦନା କହିବ-ଛଡ଼ ଭାବନା ।
ବନାନଳ ଦାହକୁ କଳା । କଳାସ୍ୱାଦମୋହନୀ ଇ ଚକ୍ରାକଦୁଳା ।
ଭୁଲାଙ୍ଗୀ ଭାଷିଲେ ହର ହରଷେ ଦେବାକୁ କର ବରଅଙ୍ଗୀ ସୁଦ୍ୟୁମ ପାଲଟି ହୋଇଛୁ ।
ଇଚ୍ଛିପ୍ରଣାରେ ଝାସିବା ଶିବାଙ୍କୁ ପୂଜା ତୋଷିବା ଶିବାପତିଙ୍କ ବର ଦେବା ମନରେ ଅଛୁ ।
ଅଛୁତ୍ ଏ ବାଞ୍ଛା ହେବ କି । କଣ୍ଠାପ୍ରାଣପିଅ କରବେ କି ସେବକା ।
ବଙ୍କିମା ସ୍ୱହାଣି ତାର, ତାରକ ମାରକ ଶର ଶରଣ ଅଶରଣ ଲୋକର ବସ୍ତୁ ।
ଷଡ଼ବର୍ଗ ସୁଖପଦ ପଦକେ ଅଛୁ କପଦ ପଦଦାସୀ ହୋଇଲେ ବାଞ୍ଛିବ କି କହ ।
କଣକର-କଣ ଶ୍ରୀମୁଖ । ଦୂକଙ୍କଶଙ୍କବେଶ କନକ ସହଜ ।
ହସାଇ ବଦେକମାନ ମାନବୀ କି ସେ ସମାନ ମାନ କରିବେ ଲୋକନେ ସୁରଭରୁଣୀ ।
ତ୍ରଣୀ ସୁରଭରେ ନାଗନାଗରୀ ହୋଇବେ ଅଗ ଅଗ ଅରକ୍ଷେ ଇଚ୍ଛି କାମସରଣୀ ।
ରଣିତ ନୂପୁର ନାଦରେ । ଦରେ ଦାସୀ ହେବେ ରମା ଉମାଦ ଭରେ ।
ଖରେ ଭୂରେ ଅଧଃପୁରେ ପୁରେ ଯଣ ମୂର୍ତ୍ତିମାରେ ମାରେ ସାଉ ହୋଇବ କେ ଦେଖି
ମୂରତ ।
ରତି ଇଚ୍ଛି ପତିବ୍ରତା ବର୍ତ୍ତିବେ କି ସନମତ ମଦନରେ କେ ବାଞ୍ଛା ନ କରିବ ପୀରତ ।
ରତିପତି ନାରୀ ହେବାରେ । ବାରେବାରେ ମନାସି ଝାସିବ ସାଗରେ ।
ଗରେ ଯେମନ୍ତ ଅଦର ଦରପଣେ ମୋ ମୁଖର ଦରଶନେ ତେମନ୍ତ ମଣିଲି ସଜନ ।
ଜନତ ବସ୍ତୁର ବାର ବାରିଧରକଳେବର କରଣ ନ କଲେ ଶିରେ ପଡ଼ୁ ଅଶନ ।
ଶବ୍ଦିପାଣି ପତି ଲୋଭିତ । ଉଦର ମନେ ହେଉଛୁ ରସ ଭାବିତ ।
ତଭୁପତି ମସବାର ବାରପତି ଭମାବର ବରଭୃତ ପଶୁପତି ମଣେ ଇତର ।
ତରଣିକାତଟେ ବସି ବଂଶୀଧର ଯେତେ ରସି ରସିକଣୀ ହେବାପାଇଁ ଲୋଭ ଅପାର ।
ପାର ଯେବେ ଏମନ୍ତ କର । କର ଧରୁଛୁ ଏ ଅନାଶ୍ରୀକ ତାର ।
ତାରପତିମୁଖ ତାର ତାରତମ ମନୋହର ହରଷ ହୋଇବ ତାହା ଦେଖି କ୍ଷଣ ।
କ୍ଷଣକାମୁକ ସମାନ ମାନସ ଚଞ୍ଚଳ ଅନ ଅନଳ ବନା କାହିଁକି ହେବ ସ୍ମରଣ ।
ରଣରଣ ଦହୁଛୁ ଦେହ । ଦେହଳୀ ବଢ଼ ତଟନୀ ହେଲା ଦୁର୍ବହ ।
ବହନ ତା ପଦରଜ ରଙ୍କି ମୋ ଦେହର ସଜ ସଂସାରରେ ହୋଏ କାବ ସିବାକୁ ଅସି ।
ଅଣୀବଣ ଭ୍ରମ ବାସ ବାସହିଁ କାଶ ସଦୃଶ ଦୃଶରେ ଶ୍ୟାମକଲୁପ ସାଏ ଅଭ୍ୟସି ।
ଭାସିଗଲି କାମଧନରେ । କଲେଶ ପଦ୍ମରେ ରଖ ସଜନ ଥରେ ।
ଥରେ ଅନାଅ କରିକ ଲଜ୍ଜ କଉଛୁ ଅଦେହ ଦେହ ସେ ଯେତଲ ବଡ ହେବ କଦାନ ।

ଦାନ ଏତେ ମାଗ କର କର ଧରୁଛି ମିତର ତରଣିଜାରେ ପକାଅ ହେବ ପାବନ ।
ବନଜନୀ ହୋଇଛି ହେବ ।   ହେ ବଦେକୀ ତେବେ ତାଙ୍କ ବକ୍ଷ ଲଭିବ ।
ଙ୍କି ବଗତ ହୋଇ ସିବ ଜୀବଥବପୁର ଜୀବ ଜୀବ ତହିଁକି ବସ୍ତୁର ନାହିଁ କଷ୍ଟତେ ।
ଚତୁରେ ହୋଏ କେଉଣେ ସିବ ଜୀବନେ ନାମ ଲଜବ ଜୀବକା ଭାବକୁ କହିଥିବ ଉସତେ ।
ଶତେଜନ୍ମ ଯାଏ ସଂକଳ୍ପ ।   କଳ୍ପତରୁ ତଳେ ବସି ସାଧିବ ତପ ।
ତପର ସିବ କାମର ମରକତକାନ୍ତ ବର ବରଣ କରିବ ଅବା ପର୍ଣ୍ଣ ଦେବ ।
ଦେବୀଙ୍କି ମନାଇ ବରବର ମାଗିବଧିଁ ସାର ସାରସ ପଦ ପାଦୁକା ହୋଇ ସେବନ ।
ବବଧ କାମନା ଏପରି ।   ପରିପୂର୍ଣ୍ଣ କେ କରିବ କହ ବସ୍ତୁର ।
ଲୁଡବେଦେ ଯଣ ସାର ଶାରଙ୍ଗପିନାକଧର ଧରଣୀରେ ପୀରତିଅ ସେହି ଗ୍ରାମର ।
ମାରଦର ନାଶିବାରେ ବାରେ ସେବନ୍ତ ପଦ୍ମରେ ଭୃଙ୍ଗରେ ପ୍ରସ୍ତର ସେ ତାତ ତତ୍ତ୍ଵଜ୍ଞଙ୍କର
କରମକୁ ସେହି ବପକ୍ଷ ।   ପକ୍ଷପାତ କେ କରିବ ହେଲ ଅରକ୍ଷ ।
ରକ୍ଷନାସ୍ତ୍ର ରସିବାକୁ ବାରୁଣୀକି କଲେ ଗୁରୁ ଗୁରୁ କବ ବନମାସ୍ ଜ୍ୟାତ ଲୋକରେ ।
କରେ ଶୀତବେଦ ଅଙ୍ଗ ଅଙ୍ଗନା ପୀରତ ସଙ୍ଗ ସଙ୍ଗ ଲଙ୍ଗ ତେବେହେଁ ନ କଲେ
ବଥିବେ ।
ଧୀରେ ପ୍ରଶଂସିଲେ ପଦ୍ମରେ ।   ଭୃଙ୍ଗେ ଗୀରତ ରହିଲା ପ୍ରୀତିଲୋକରେ ।
କରେ ଶଶୀ ଗଙ୍ଗାଭୂଷ ଭରଗ ମଣ୍ଡନ ଯାର କାରଣ କ ନ କରିବେ ମୋର ବପଣ୍ଡ ।
ପଦକାମେ ପୂଜ ହର ହରସେ ମାଗିବ ବର ବରଦ ହେବେ ନାହିଁକି ସେନ ଲଗତ ।
ଗତବାଧା ଅଉ ନାହିଁତ ।   ହିତ କେ ହେବ ? ଉପାୟ ଯହିଁ ନାହିଁତ ।
ହିତ ବବେକନ ସହି ସହି ଦୁଃଖ ହେବ କେହି କେ ସ୍ଵାନଭାଗ୍ୟବେଲକୁ ହେବ ସାନ୍ଧାତ ।
ହାତ ଧରୁଛି ଭ୍ରମର ଭ୍ରମ ସାରଳୀ ମାର ମାରକତଦ୍ୟୁତରଦ ମତ ଇଚ୍ଛିତ ।
ଛି ତ କଳ ସବୁ କାମନା ।   ମନାନନ୍ଦ ହିତେ ହୁଏ ନାନା ଭାବନା ।
ବନାନଳ ଦାହ ବଳା ବଳାତ୍କାରରେ ବକଳା କଳାନିଧି କୃପା ବନା ନୋହିବ ହେଳା ।
ହେଳା ଲୀଳା ହାବ ଭାବ ଭାବନ୍ତି ହେବ ସମ୍ଭବ ଭବପର ପରମାର୍ଥ ସୁରତି କଳା ।
କଳା ମାଙ୍ଗଲ୍ୟଭବ ସତେ ।   ଶତେ ଜନ୍ମ ଦୁଃଖ ନ ରହିବ କଷ୍ଟତେ ।
ଚତୁରେ ଭାବନ୍ତେ ଏପରି ପରିପୂର୍ଣ୍ଣ ସ୍ନେହ ଧରି ଧରଣୀ ପତନ ବମୋହରେ ଗ୍ରଥିକା ।
ଅକୁମାର ବଥିକ ମିତେ ଅଶ୍ୱାସନ୍ତି କେତେ କେ ଦେମତ ହୋଇ ମିତେ ନାହିଁ
ପ୍ରେମାଗ୍ରଥିକା ।
ଧୀକାତରେ ଦେଖି ବଶେଷେ ।   ଶେଷେ ଚନ୍ଦ୍ର ଦୃଷ୍ଟି ଗଲା ଗୋବନ ପାଶେ ।
ପାଶେ ବାନ୍ଧି କ୍ଷୁମନ ମନମଥ ପନପନ ପନଲତାପରି ତେଣେ କମ୍ପାଉଅଛି ।
ଅଛନ୍ତି ପ୍ରୀତି ହେବାର କାରଣ ନୋହେ ସ୍ଵଧାର ଧାର ଲୁବ୍ଧ ହାର ହୃଦୟରେ
ହୋଇଛି ।
ଇଚ୍ଛି ବଦଗଧା ପୀରତ ।   ରତକଣ ହୋଇ ନାନା ଚିନ୍ତା କରନ୍ତି ।
ରହିଏ ନୋହିବ ତାର ତାର ସମାନକୁ ତାର ତାର ବୋଲି ଶରଣ ପଶିବ ପାଦରେ ।
ଦରେ କମ୍ପିବ ଧୀରତ ରତ କଉତ ପୀରତ ରତରଙ୍ଗେ ସଙ୍ଗେ ରଖ ବୋଲବ ଷରେ ।
ଷରେ ସେତେ ଅନ ନାବସ୍ତୁ ।   ରଉମାପଣ ରଖିବେ ଅଉ କ କଉ ।

ନସ୍ୟ-ବଳିତ ସୁଗନ୍ଧ ଗନ୍ଧ ଦେବ କ ସ୍ୱାବନ୍ତ ବର୍ତ୍ତିଣଦ୍ୱିଗୁଣ କେଉଁକଳା ସ୍ପୃଷ୍ଟ ।
ଚିତ୍ତରେ ଭାଉଛେ ସଂଜ୍ଞା ସଂଜ୍ଞା ଦେଖିବାକୁ ବଞ୍ଚା ବଞ୍ଚାଣ ହୋଇବେ ଅରୁନ୍ଧତୀ ସହିତ ।
ହିତ ମଣି ସେ ଅନସୂୟା । ସୂୟାଭାବ ଯେନ ହେବେ ପ୍ରୀତିଉଦୟା ।
ଦୟା ଇଚ୍ଛା କରି ବାଣୀ ବାଣୀକି ବୋଲିବେ ଅଣି ଅଣି କି ରଖିବେ କଳାନିଧି ରମଣୀ ।
ମଣିବେ ନୋହିବା ଯେବେ ଶରୀରେ ରହିବେ ଶିଶୁ ଶିଶୁ ବଢ଼ାଇ ରଖିବେ କେଉଁ ତରୁଣୀ ।
ଋଣୀ ହୋଇ ଗଉରୀ ସତ । ସତତ କାନ୍ତ ଅଙ୍ଗରେ ହେବେ ଗୋପିତ ।
ପୀତବାସ ଶ୍ରୀପଦରେ ବରେ ଲୁଚିଲେ ବକ୍ଷରେ ଧୀରେ ସତ ହେବାପାଇଁ କରି ଗୁମାନ ।
ମାନରେ ଫେରି କିପୁର ପୁରଷ୍ଟଅଙ୍ଗୀ ସୁନ୍ଦରୀ ଦରଶନ ନାହିଁ କାହିଁ ହେବ ସମାନ ।
ମାନସରେ ଭାବି ରସଦା । ସଦାଶିବ ଶରେ ଗୋପ୍ୟ ଲକ୍ଷେ ବଶଦା ।
ସଦା ସନକେ ବୋଲେ ଶମ୍ପା ସମ୍ପାଦନେ ଅନୁକମ୍ପା କମ୍ପାସ୍ୱମାନ ହେଉଛୁ ବାଞ୍ଛାବଗତେ ।
ଗତେ ଯେତେ ଅପସରୀ ସତ ନୋହୁ ଅପସରି ଶରୀର ରଖିଲେ ପରଲୋକ ଗତେ ।
ଚନ୍ଦ୍ରେ ସେ କି ହୋଇବେ ତୁଲା । ତୁଲାଙ୍ଗୀ ସୁଶୀଳାତି ଅତୁଲା ପିତୁଳା ।
ତୁଳାକୋଟି ବାଜେ ଯାର ଲାଗି ହେବେ ଲୁଷିବାର ବାରବେନିବୟସୀ ଅମୂଲ୍ୟ
ଦରବ ।
ରବ ଯେ ଶୁଣିବେ ତାର ତାରଣ କି ହେବ ତାର ତାରପତିମୁଖୀତ ମୁକୁତମନ୍ଦର ।
ଦ୍ୱିରଦର କର ସୁଗତ । ଗତି ମୋତେ ଦେବ ସତେ କରି ପୀରତ ।
ରଭିପଦଦାନ୍ତକର କରନ୍ତି ସେବା ଅପାର ପାରବଶଙ୍କି ପୂଜନ୍ତି ବଦଦାନରେ ।
ନରେ ଖ୍ୟାତ ସେ ଅରଭ ଉନ୍ନ ହେବା ଦୁଃଖମାନ ମାନବର କି କରି ଜାଣିବେ
ବକ୍ଷରେ ।
ଧୀରେ ହୋଏ ଏ ଶଙ୍କା ଜାତ । ଯାତନା କାମର କରିବେ କି ନପାତ ।
ପାତନା ସୃଷ୍ଟି ଧାତାର ଦବେକ ବସ୍ତାର ତାର ତାରପତି କଳଙ୍କ ହେବାକୁ ଗୋଚର ।
ଚର ଅଚର ଉଦର ଦରସ୍ତନଟିମା ଦର ଚରଣୀ ତରୁଣୀ ବିନା ନାହିଁ ସୁସାର ।
ସାରସାକ୍ଷୀ ଚରଣଯୁଗ । ଯୁଗତେ ଲକ୍ଷଣ ଲୁଚାଇବ ମୋ-ଅଗ ।
ଅଗ ସ୍ତୁତିଚ୍ଛି ଲୁଚିଲ ଥିଲ ନାଗର ଗିରିକି ଥିଲ ଥିଲ କାମାନଳ ଜଳେ ଶଳରେ ।
ପୀତରେ ଶମନ-ସ୍ୱସାର ସାରବାଲ୍ଲି ଅଳିବାର ବାରବୃନ୍ଦ ଫଳେ ମିଳିଥିଲେ ପାଶରେ ।
ସରେ ନାହିଁ ଦନ ଯା ପାଇଁ । ପାଇବାକୁ ତାକୁ ହେଲ ନାହିଁ ବନସ୍ତୀ ।
ନଇଲା ଭୃଙ୍ଗେ ଉତ୍ତର ଦରଜାକ୍ଷି ପତ୍ରକର କରି ହେଲିନ ଲଙ୍କର ବନା ଧନରେ ।
ନରେନ୍ଦ୍ର ହେବା ସୁକୃତ ଲୁଚ ବନେ ଜ୍ଞାନତ୍ୟୁତ ଚୁତ ଫିଙ୍ଗି ଦେଇ ବାଇଫଳ-ଲୁଚିରେ ।
ଧୀରେ ମୋର ରସିକପଣ । ପଣକର ମୂଲଇବେ ସେନ ଦୂର୍ଗୁଣ ।
ଗୁଣନିଧି ନାମ ଧରି ଧରଣୀ ଅଟନ ସାର ସାଉବା ବିନା କି ଇଚ୍ଛି ସାଧୁବ ତପ ।
ତପରି ସିଦ୍ଧ କାମର ମରନ୍ଦ କେଶୀବର ବରଣ ନ କଲେ ନାଶ ହେଉ ସ୍ୱରୂପ ।
ରୂପ ଧ୍ୟାନ କରି ସୁଧୀର । ଧାରଣ ଯୋଗେ ପରୁଣ ଦେବ ନକର ।
କରନ୍ତି ଚନ୍ଦ୍ରା ଏପରି ପରିପୂର୍ଣ୍ଣ ପ୍ରେମେ ହରି ହରିତାଳୀଗୋସ୍ତ ଧ୍ୟାନେ ସାରନ୍ତି ଦିନ
ଦୀନ ସାମନ୍ତ ସିଂହାର ହାର କରି ଲୁବବାର ବାରଗୁଣି ଲୁବଲ କରିବ ଲେଫନ ।
ଘନଶ୍ୟାମ ପ୍ରଶସ୍ତ ଭାବ । ଭାବ ସାଧନେ ଲଭିବ ମହା ଉତ୍ସବ ।

CENTRAL LIBRARY

ତ୍ରିପଞ୍ଚାଶ ଛାନ୍ଦ

ବୃନ୍ଦା ସୁବଳ ଅନୁସ୍ମର କଥନ

ରାଗ—ଶୋକକାମୋଦ

ଶ୍ରୀରାଧାବାଉଳୀ ପ୍ରେମରସାଉଳୀ ଯେନ ଚତୁର ଗ୍ରାହକମାନେ ।
କୃଷ୍ଣ ଅନ୍ତର୍ଧାନେ ବୃନ୍ଦକାଙ୍କୁ ଦିନେ ପଚାରନ୍ତି କର ଧରି ଲୁଚେ ।
  ପ୍ରାଣବନ୍ଧୁ ଶୁଣ । କହ ମୋ ଶ୍ରୀହରିଙ୍କ କର ଗତ ।
ହସି ବୃନ୍ଦା ଭାଷେ ପ୍ରେମଜଳେ ଭାସେ ବରହିଉତମତ୍ତ ଦବା ଗତ ।
କାନ୍ତଅଙ୍ଗକମଳ ଦେଖିଲେ କମଳ ନୟନରେ ହୋଏ ଜରଜର ।
ଦେଖି ନବଘନ ତାର ଅପଘନ ପୁଲକ ହୁଅଇ ଥରଥର ।
  ଘନସୁନ୍ଦର ହେ । ଯମୁନା ପିବାକୁ ତରତର ।
ଏ ଅତି ବଡ଼ଣ କନ୍ଦୁଳରେ ତଣ୍ଡ ଲେଖି ଚୁମ୍ବ ଦିଏ ବାରବାର ।
ଦେଖି ତମାଳକୁ ବକ୍ଷର କୋଳକୁ ଯକ୍ତ ହେଉଥାଇ ବାହୁଯୁଗ ।
ଶ୍ୟାମସୁବାସରେ ଅଣ ମାନସରେ କଳାବତୀ ସଙ୍ଗେ ଅନୁରାଗ ।
  ରସଶେଖର ହେ । କୃଷଣ ନୀଳେନ୍ଦ୍ରମଣିବାର ।
ବସି ଶ୍ରମାବର ଫିଟାଇ କବର ଦେଖୁଥାଇ ଥୋଇ ହୃଦେ ତାର ।
ହେମ ମରକତ ଯୋଖି ଅଣକତ ପରି ନେଣ୍ଡ ମୁଦ ରହେ କ୍ଷଣେ ।
ଦଇବସନ୍ତନ ମୟୂରନର୍ତ୍ତନ ଦେଖି ସୁଖୀ ହୋଏ କେଉଁ ଗୁଣେ ।
  ଭାବବିନୋଦ ହେ । କୃଷ୍ଣବର୍ଣ୍ଣଶେଷେ ମାତେ ନଦ ।
ଶ୍ରୀଅଙ୍ଗଚଳକୁ ଶୁଙ୍ଘିବା ବେଳକୁ ଚିତ୍ତରେ ଜାତ ହୁଅଇ ମୁଦ ।
କେ ଜାଣେ ଭାବନା କୃଷ୍ଣେ ସମ୍ଭାବନା କେତେ କରେ ବୃନ୍ଦାବନ ଗଲେ ।
ବୋଲଇ ଅଳୀକି ଏ ବନଧୂଳିକି ବୋଳିଦିଅ ମୋର ହୃଦସ୍ଥଳେ ।
  ନବନାଗର ହେ । ଉଗ୍ରକମଳରେ ସ୍ନେହ ତାର ।
ଲଗାଇ ହୃଦରେ ଅତ୍ୟାନନ୍ଦରେ ଲହୁଥାଇ ଶିରେ ବାରବାର ।
ରସି ମଦାଳସୀ ସୁମନା ତୁଳସୀ ଗନ୍ଧ କଣ୍ଠ ସେନୁଥାଇ ନତ ।
କସ୍ତୁରୀପଙ୍କକ କରବା ଚନ୍ଦକ ବୋଲି ସଖୀ ରହେ ମୁଖ ପୋଛି ।
  କାମମୋହନ ହେ । କରୁଛି ନିତ ସାସ୍ତ୍ର ପଠନ ।
ଦେଖିଲେ କେତକୀ ବୋଲେ ଏ ପାତକୀ ହେଲା କିମ୍ପା ଭୃଙ୍ଗବିନୋଦନ ।
ସୁବଳ ପାଣିକି ଧରି ସେ ପୁଣି କି ମନତାରେ ପୁଚ୍ଛେ ଥିଲୁ କାହିଁ ।
ଗୋବିନ୍ଦପାଶରେ ଥିଲ ଏ ଭାଷରେ ଉଲ୍ଲସି ଉଠଇ ବୃନ୍ଦମୁଖୀ ।
  ଅହେ ଗିରିଧାରୀ । ନନ୍ଦଗ୍ରାମ ଯାଏ ଯେଉଁ ନାରୀ ।
ତାଙ୍କ ପଦ ଧରି ବୋଲେ ବୃନ୍ଦାଧରୀ ତୁମ୍ଭେ ମୋର ଗୁରୁଜନ ପରି ।
ଦେଖି ଗୁଞ୍ଜଫଳ ବୋଲଇ ସୁଫଳ ତୋହ ଅନୁରାଗ ଏକା ହେଲା ।
ଗୁଞ୍ଜସ୍ଫାଟିକ ତାହାର ଫାଟିକ ଅଛି ସେ ଯେତେ ବର୍ଣ୍ଣିଦେଲା ।

ଅହେ ଗୋପୀନାଥ । ଭକ୍ତର ଏ କେଉଁ ମନୋରଥ ।
ହସଇ ଭାସଇ ସ୍ୱଗୁଣ ନଦଇ ହା ଭୂମ୍ୟରେ ଘୋଷଇ ମାଥ ।
ଶୁଣି ସେ ଚରିତ ବୋଇଲେ ହରି ତ ହା ହା ଲୁଛ ମରଯାଏଁ ବନ୍ଧୁ ।
ତୋ ପ୍ରୀତିପଣକୁ ମୁଁ ନକି ପଣକୁ ବିକା ହେବ ସତେ କୃପାସିନ୍ଧୁ ।
ଅରେ ଗୁଣଗ୍ରାହି । କି କି କହ ନ ପାରଇ କହି ।
ମୁଁ ଅତି ଦାରୁଣ ତବ ପ୍ରେମଋଣ କୋଟିଜନ୍ମେ ଶୁଝା ସିବ ନାହିଁ ।
ତୋ ଗୁଣ ସୁମରି ଯେବେ ସିବ ମରି ସଂସାରେ ପ୍ରଶଂସା ହାର ହେବ ।
ଦାସବତ୍ସଳୀକି ପଣସ୍ତୁଳୀକି ବାଧିବା ତରେ ରହିଛୁ ଜୀବ ।
ଅରେ ଗୁଣବନ୍ତ । ଏ କ୍ଷରକୁ ବଳାଇଲୁ ମତ ।
ତୋତେ ଷ୍ଟନ୍ଦମୁହିଁ କେଉଁ ଗୁଣେ ମୁହିଁ ଯୋଗାଇବ ଏହା ଭାଳେ ଚିତ୍ତ ।
କଲେ ଭୁ ସେବକ ଲେଖିବ ଯାବକ ଦେଣିକ ଅହ୍ନାବ ପାରୁ ନାହିଁ ।
ମୋ ହୃଦପୀଠକୁ ହେବ ତୋ କୋଠକୁ ଯାହା ଇଚ୍ଛା ତାହା କର ଭାଇ ।
ଅରେ ପ୍ରେମବାନ । ସେ ଯାଏ ଥିଲେ ଏ ଜୀବ ଯେନ ।
ଜାଣଇଁ କୃପଣ ନୋହି ପ୍ରକୃପଣ ମୋଠାରେ କେତେ କଉଡ଼ି ଧନ ।
ଗୋବିନ୍ଦ ଅଧୀର ଦେଖି ବୃନ୍ଦା ଧୀର କରି କହି ବେଗେ ଚଳିଗଲା ।
ଶ୍ରୀରାଧାପାଶରେ ସୁଅବକାଶରେ ଗୋବିନ୍ଦ-ବିପଦ ଶୁଣାଇଲା ।
ଅରେ ରସବନ୍ଧୁ । ଭାଗ୍ୟକୁ ମିଳଇ ସବୁ ସିଦ୍ଧି ।
ତୋ ପ୍ରେମପସରା କୃଷ୍ଣ ଦାନସରା କେବଳ ତୋ-ଗୁଣେ ବାଢ଼-ବୃଦ୍ଧି ।
ତୋ ପଦ ପଦ୍ମ-ଧୂଳି କି ଯତନ ତିଳକ ଯେନଇ କପାଳରେ ।
ତାର ମନ୍ମଥରେ ତୋ-ଗନ୍ଧପଥରେ ଲେଖିଛି କଙ୍କଣ କର ବାରେ ।
ଅରେ ଭାବଭୋଳ । ତବ ଝୁଡ଼ା ପଡ଼ା ଫୁଲ ତୋଳ ।
ଚୂଡ଼ାରେ ଗୁଡ଼ାଇ କରଇ ବଢ଼ାଇ ଏବେ ରସିକେନ୍ଦ୍ର ହେଲ ବୋଲି ।
ତୋ-କେଳିବନରେ କି ଅଚ୍ଛାଦନରେ ଲେଖିଛି କଜ୍ଜଳ ବର୍ଣ୍ଣାବଳୀ ।
ହେଉଛି ନିଧନ ଦସ୍ୟୁ ଧର୍ମ ଧନ ଦେଇ କଣ ମୋତେ ଜଳବାଇ ।
ଅରେ ପ୍ରେମଶୀଳା । ଗଣି ତୋ ଗଣକି ସଙ୍ଗେ ବାଳା ।
ସରୁଛି ମୁଁ ଭୂରେ ତୋ ପଣ୍ଡ ପଲ୍ଲ ରେ ଥାଇଁ ଥାଇଁ କୁଡ଼ୁଛିତ ବେଳା ।
ତବ ଚଷ୍ଟ କରେ ଲେଖି ବାଞ୍ଛି କରେ ପଦ ଧର କହେ ଶୀଘ୍ର କର ।
କ୍ଷଣକାନ୍ତି ଗତ ଦେଖି ବୋଲେ ଗତ ବେଳେ କର ମୋତେ କ୍ଷମାବର ।
ଅରେ ପ୍ରେମୋନ୍ମାଦ । ପିଞ୍ଜାପୀଡ଼ ବାସ ହୃଦେ ଲୁବ୍ଧ ।
ନୟନରୁ ବାରି ବହେ ବାରବାର ଯେମନ୍ତେ ଝରଇ ଗିରିନଦୀ ।
କି ଯେନ ମନରେ ସଂଶ ସୁମନରେ ନୟନ ପଡ଼ିଲେ ନ ଟଳଇ ।
ସେ ଅତି ଆଦରେ କୁଙ୍କୁମ ହୃଦରେ କରିବଧି ବୋଲ ହେଉଥାଇ ।
ଅରେ ପ୍ରୀତିବନ୍ତ । ରଜନୀରେ କେତେ କର ସ୍ତୁତ ।
କଳାଇ ଅଣଲୁ ତୋ ପିଞ୍ଜାବାସକୁ ଶ୍ରୀଅଙ୍ଗେ ଲଗାଏ ଏ କି ସ୍ତ୍ରୀତ ।

ଯେନ ରେ ସୁମନା କଲାଇ ସୁମନାମାଳା ଲାଗି ହେଉଥିଛ ସ୍ନେହେ ।
ଏ କି ରେ ସୁନାଇ ଦେଖିଲେ ସୁନାକ୍ଷୀ କୋଳ କରୁଥାଇଁ ହା ହା କହେ ।
ଅରେ ରାଗଲତା ।   ପିକବଚନେ କି ଅବିରତା ।
ସାରସଗତିକ ସ୍ପୃହଁ ମୁକତିକି ପାଇଲା ପରମ ପ୍ରମୋଦ ତା ।
କମଳସଙ୍ଗରେ ମିଳାଇ ଭୃଙ୍ଗରେ ବୋଲେ ଏପରି କି ସତେ ହେବ ।
ଚୂଡ଼ାରେ ପ୍ରବାଳଅଧର ପ୍ରବାଳ ଖୋଷିବାର ମହା ମହୋତ୍ସବ ।
ଅରେ ପ୍ରେମ ମୂର୍ତ୍ତି ।   ରାଗପୁଞ୍ଜେ ଅନୁରାଗ ଅତି ।
ସ୍ନେହ ଲମ୍ପଟରେ ତୋ ସ୍ତନପାଠରେ ଅବଗାହନ ଅତରେ ନତି ।
ଚମ୍ପକମାଳିକ ଲମ୍ବାଇ ଡାଳ କି ମିଶ୍ରରେ ପତ୍ରରେ କି ମାନିଲା ।
ଫୁଲକୁନ୍ତାମାଳ ସଙ୍ଗେ ବନମାଳୀ ମିଶ୍ର ପୁଣି କାହିଁ ପାଇଁ ହେଲା ।
ଅରେ ପ୍ରେମକଳା ।   ନାପିତ୍ତିଠାରୁ କି ଶିକ୍ଷା କଲୁ ।
ବେଣିକାରୀମାନେ ଏବେ ସନମାନେ ଧନ ନେଲେ ବୋଲି ଶୁଣାଗଲା ।
ହୃଦୟ-ପଦକେ ତୋ ରୂପ-ପଦକେ ଆପଣା ନାମକୁ ଲେଖାଇଛୁ ।
ମିଥିଲି ଝୁଲିକ ତା ବକ୍ଷସ୍ଥଳୀକି କେଉଁ ମମତାରେ ସଖା ଦିଛୁ ।
ଅରେ ପ୍ରେମଜ୍ଞାନ ।   ବନାଇଛୁ ଦାମ୍ପଦରଶନା ।
ବସନ ଲୋହିତ ତମ୍ଭୁ ସହିତ ଗୃପତେ କାହିଁକି ସଞ୍ଜୁଳାଇ ।
ଶୁଣି ଏ ବଚନ କିଶୋରୀ-ଲୋଚନକମଳ ଜଳରେ ବୁଡ଼ିଗଲା ।
ଭାଳଇ ରମଣୀ ପ୍ରୀତିଗୁଣମଣି ଦୁଃଖ ଏବେ ସରୁଯାଏ ଗଲା ।
ଶୁନ ଶୁନ ସହି ।   ଏଥିକି ସତ ବଇଲା କେହି ।
ଏବେ ସରୁଯାଏ କଥା ପୁଣି ଯାଏ ଏହା ଶୁଣି ପ୍ରାଣ ଅଛି ରହି ।
ମୋହନର ପଣେ ହେବଲେ ଦାସୀପଣେ ପାଦସେବା-ଯୋଗ୍ୟ ହେବେ ନାହିଁ ।
ଏଡ଼େ ଅଭାଗିନୀ ହେବାକୁ ଦେଇଗିଣି ଏଡ଼େ ଆଶା ବଳାଇବ କେହି ।
ଅହେ ପ୍ରାଣପତି ।   ପ୍ରଣୟ-ଆନନ୍ଦ-ସୁଖବଳୁ ।
ଏ ଛାର କୁମତିଠାରେ ଦେଇ ମତି ନ ଜାଣି କରୁ କି ଲୀଳା ଲୋଭିଁ ।
ହେବ ଯେବେ ତବ ନୂନାକ୍ଷୀ କଷ୍ଣିତ ରମା ଉମା ରତି ଦାସୀ ହେବେ ।
ସ୍ପୃହିଲେ ମୂରତି ବାଞ୍ଛିତ ବନାଣୀ ରତିଅଣେ ଧୃତି ନ ରଖିବେ ।
ଅହେ ପ୍ରାଣେଶ୍ୱର ।   ଅମୃତସାଗର ନାମ ଯାର ।
ଶୁଣିଲେ ଗୁଣକୁ ବିବେକପଣକୁ ବେଦମାତା କରିଦେବେ ଦୂର ।
ଏମନ୍ତ ଦୁର୍ଲ୍ଲଭ କି କରୁ ସୁଲଭ ହେବ ବୋଲି କଲି ଆଶା ଦୂର ।
ଏ ଭାଗ୍ୟ କରାଣ୍ଡ ଭାଳେ ଅଳ୍ପ ଗତ କି କରୁ ଜାଣନ୍ତୁ ନାରୀଗଣ ।
ଅହେ ପ୍ରାଣବନ୍ଧୁ ।   ସ୍ୱତଃସିଦ୍ଧ ଭୁବେ କୃପାସିନ୍ଧୁ ।
ଧାନରେ ମଦନ୍ତ ହୋଇଛି ଉଦୟ ଯେମନ୍ତ ନଟିକ ରତେ ବନ୍ଧୁ ।
ପାଇ ଚିନ୍ତାମଣି ଶିଳକଣା ମଣି ମୁଁ ପାପିଷ୍ଠୀ କଲି କି କାରଣ ।
ଯେମନ୍ତ ଦ୍ୱିଜସ୍ୱାତନ୍ତ୍ୟ ପ୍ରୀତିଅର୍ପଣ କଲି ଭୁବେ ପରିକାଣ ।

ଅହେ ପ୍ରାଣଧନ । ବୁଝି କଲ ବନ୍ଦୁବନ ଗମନ ।
ମୋ-ହୃଦକୁମୁଦ କଳାକରମୁଦ କଲ ନ ବିଚାରି ଗୁଣ ଦୋଷ ।
ଏମନ୍ତ ବଚନୁଁ ରାଧାମୁଖଚନ୍ଦ୍ରୁ ଅରୁଣ ପରାସ୍ତ ଦିଶିଗଲା ।
ପୁଲକ ଗଣ୍ଡରୁ ହା ବନ୍ଧୁ ତୁଣ୍ଡରୁ ବାରୁବାରୁ ବଚନ ବାହାରିଲା ।
ବୋଲେ ଶୁକ ଶୁକ । ହା ହା ରେ ଜୀବନ ଅବିବେକ ।
ନ କଲୁ ସଂସାର ଏ କେଉଁ ବିଚାର ବୁଡ଼ାଇଲୁ ତାଳେ ପ୍ରୀତିଟେକ ।
ଅମୃତ ବାରିଧି ତେଜିଲୁ ଅବଧି ଅଛୁ ତୁଚ୍ଛ କୁଳ ଲାଜ ଧର୍ମ ।
ପ୍ରଣୟ-କନ୍ଦଳୀ ବନ୍ଧୁ ଦେଲୁ ବଳ ପୋଡ଼ୁ ପୋଡ଼ୁ ଅଭାଗିନୀ କର୍ମ ।
ଅରେ ପାପିମନ । ନେତ୍ରସଙ୍ଗେ ଥିଲୁ ଦେଖାଦନ ।
ବନ୍ଧୁ ରଖ କରି ଶ୍ରୀପଦେ କଙ୍କଣ ଲୁହାଇଲୁ ନାହିଁ ଏ ବଚନ ।
ଏପରି ଭାବନା କରୁଁ କରୁଁ ବନାନଳ ପରି ହୃଦ ଦହେ ପ୍ରୀତି ।
ସ୍ୱେଦଜଳାତଟକୁ କମ୍ପିଲା ସ୍ତନକୁ ଅଚେତନା ଭୂତାବେଶ ସ୍ଥିତି ।
ଏ ଦଶାକୁ ଦେଖି । ଦୁଃଖରେ ମଳିଲେ ପ୍ରିୟସଖୀ ।
ବୋଇଲେ ଦୂତୀକ ତୋ ଯୋଗୁଁ ଏତିକ ଲାଭ ପାଇଲା ଅଳନ୍ଧମୁଖୀ ।
ସେ ବୋଲେ ଗୃଧ୍ନକା ପ୍ରେମଅରାଧିକା ମୋ ବଚନ ମନେ ଥିଲେ ଯେବେ ।
କେବେ ବଇଭବ ହୃଅନ୍ତା କି ଭବପରାଭବ କି କରନ୍ତା ମାନ ।
ଅଗୋ ସଖୀବୃନ୍ଦ । ଅଙ୍ଗୀକାର ଲେଖ ଲେଖ ଅଜ ।
ମଦନ କଦନ କରିବ ଛେଦନ ଦେହୋଭି ଦେବ ରସିକରାଜ ।
ମନ୍ତ୍ର ଉପଦେଶ ପରାୟ ସନ୍ଦେଶ ମଣି ଗୁଣମଣି ଗୁଣି ଗୁଣି ।
ପ୍ରଣୟ ପିଢ଼ିକି ଲଜ୍ଜାକଳାଥିକି ବଳେବଳେ ବଳାଇଲା ପୁଣି ।
ମର୍ଯ୍ୟାଦାକୁ ରଖି । ସ୍ନେହେ ସ୍ୱହୁଁ ମନ ଜାଣି ସଖୀ ।
ବୋଇଲେ ଦୂତୀକ ଦେଶ ଏ ଶ୍ରୀତିକ କଗ୍ରାଅ ବୋଧିବା ଚନ୍ଦ୍ରମୁଖୀ ।
ଭାଳ ଏ ବଧିକ କୃଷ୍ଣସନ୍ନିଧିକି ଅତିବେଗବେଗି ଚଳିଗଲା ।
ବୋଲଇ ସାମନ୍ତସିଂହାର ସାମନ୍ତ ପୁଣ୍ୟ ଅଜ ମୋର ଧନ୍ୟ ଟି ହେଲା
ଅହେ ଧୀରଜନେ । ଯେତେବାର ହେଉ ସାବଧାନେ ।
ପ୍ରସଙ୍ଗ ଛାଡ଼ିକ ଦେବ ମୁକତିକ ଅରି ଛନ୍ଦକୁ ରସିଲେ ମନେ ।

ଦ୍ୱିପଞ୍ଚାଶ ଛନ୍ଦ

ଅରବିନ୍ଦର ଶୃଙ୍ଖଳା

ରାଗ—ବଙ୍ଗଳାଶ୍ରୀ

ଧୀରେ ଧୀରେ କର ଶ୍ରବଣ ଶ୍ରବଣରଞ୍ଜନ ବଚନରସ ।
ଥରଥର କୁଞ୍ଜେ ବଜେ ବନେ ଛନ୍ଦେ ମଦନେ ହୋଇ ଅବଶ । ମିତର ।
ଭର ଅପସର କର ।
ବାଉ ଝରଝର ଝରଇ ନୟନୁ ସୁଦନୁଭାବ ସୁମର ।

ମଧୁର ମଧୁର ବଚ ବଞ୍ଚନା ଯେ ରଚନା ଶୋଚନା ମୁଞ୍ଚ ।
ଅଧୀର ଧୀର ହେବାର ବାଉଳାକ୍ଷୀ ପାଉବାର ପାଞ୍ଚ ପାଞ୍ଚ । ମିତ ହେ ।
ଶିବ ଶିବ ଏବେ ଭଜ ।
ନବୀନା ବନା ବନାଶନ ନାଶନ ସନମତ ମତ ତେଜ ।
ଦୁର୍ଘଟ ଘଟନାସଂଘଟ ଘଟନା ଘଟ ଥିଲେ ହେବ ବଧ ।
ବଇତରଣୀର ନରମ୍ଭକ ତରତର ହେବା ଯିବା ବଧି । ମିତ ହେ ।
ଶ୍ରୁତ ସ୍ମୃତରେ ପଢ଼ିଛୁ ।
ବନ୍ଧୁ କଉ କଉଗତ ଗତ ଦେବ ଦେବବର-ବର ଅଛୁ ।
ଦୁଦର ଦର ଦରଶନ ସନକମୋକ୍ଷ ହେଲେ ହେବ ଦୂର ।
ମିତରେ ମିତରେ ଦ୍ୱାପକ୍ର ଦ୍ୱାପକ୍ର ରସରେ ସରେ ସଂସାର । ମିତ ହେ ।
ସୁଧାରଧାର ବଚନ ।
ବାରଣ ରଣରଣ ରଣବାଣକୁ ଜଉ ରଖିଲା ଜୀବନ ।
ରସିବ ଶିବ ମୋହିତରେ ହିତରେ ବନ୍ଧୁ ବହିବ କି ସଦେ ।
ଜୀବନ ବନକମୁହିଁକ ମୁହିଁ କି ବୋଲିବ ନୋହୁଛୁ ପ୍ରଦେ । ମିତ ହେ ।
ସୁକୃତକୃତ ମୋ କେତେ ।
ଦାସ ତ ସତ ହେବାର ବାରପତ ପତତ ହେବ କେମନ୍ତେ ।
ପଦ ପଦବୀକି ବଞ୍ଚ ଯିବ ଜୀବ ଜୀବନକାଙ୍କ୍ଷୀକି ପାଇ ।
ଛିମୁଦରପଣ ପଣପଣ ବୃତଫଳରୁ ଫଳ ମିଳଇ । ମିତ ହେ ।
ଶ୍ରୀପଦ ଶ୍ରୀପଦଦାୟୀ ।
ସାର୍ଥ ଲୋକର କର କର କରକଦମ୍ବ ସେବା ମାଗିବଇଁ ।
ଭବୁକରଭୁଜା ଭୁଜାଅଙ୍ଗୀ ଅଙ୍ଗୀକାର ଉରଜ ରଞ୍ଜନ ।
କଚଏ ଚଏକର କର ସୁକୃତକୃତ ବଧି ଅଲେଖନ । ମିତ ହେ ।
ସୁମନେ ସୁମନେ କଉ ।
ସୁବେଣୀ ସୁବେଣୀ ନବଭବନନ ଧନଦପଦ କି ସଉ ।
ଅବଳା ବଳା ବଳାଇ ଖଣ୍ଡିବାର ବାରପତ ଯିବି ବଳେ ।
ବାସ ବାସବପଦ ପଦତଳରେ ତଳ କଉ ଦେଇ ଛଳେ । ମିତ ହେ ।
ତା-ମୁଳ ତାମ୍ବୁଳ ସେବା ।
ବସନ ସନମାନ ମାନବରତ ବରଫଳ ଗଣିବା ।
ଯୋଗରଙ୍ଗୀ-ରଙ୍ଗୀମାନ ମାନବତୀ ବଣିଶଦ୍ୱିଗୁଣ ଭାବ ।
କଙ୍କିଣୀ କଣିକଣି କଣିବ ହରପର ପରମାଦ ଯିବ । ମିତ ହେ ।
ଜର-ଜରଜ ଶୃଜବ ।
ଯା ଯା ଅପରାଧୀ ଭ୍ରମିକା ଅନ୍ଧାର କାରଣ ଶୁଣିଲେ ହେବ ।
କେତ କବୁକବୁ କରୁଣାନ୍ୟରେ ଧୀରେ ଏବେ କହିବେବ ।

CENTRAL LIBRARY

ବିବସନ ସନମତ ମଦ୍କାଶିନୀର କରତେ ଦେଖିବ । ମିତ ହେ ।
ମନ୍ଦମନ୍ଦ ହାସ କରି ।
ଭାସିବ ଶିବର ବର ବରଦର ଦରଶନ କରିପାରି ।
ଭାବ ଭାବନ ବନଜବଦନୀର ନ ରହେ କରି ଏପରି ।
ବାତୁଳ-ତୁଳ ହେବାରେ ବାରେ ସଖା ଶଙ୍କା ଉକ ବୋଧ କରୁ । ମିତ ହେ ।
କାମ କାମନା ପୂରିବ ।
ଆସିବ ଶିବ ହେଲ୍ଲି ଦୃଷ୍ଟି ଭାସିବ ଶିବପର ହୃଷ୍ଟିସିବ ।
ସୁରନାଗରୀ ଗରିମାମାନ ସତ ମାନସ ତ ଝଙ୍କସିବ ।
ନାଗରମଣିଙ୍କ ନାଗରମଣୀ ଙ୍କ ମଣି ନ ଦେଇ ପୂଜିବ । ମିତ ହେ ।
ସୁନ୍ଦର ଦରଶନରେ ।
ମାନବୀ ଙ୍କ ବଙ୍କ ମାନ ମାନସର ସରଜବେ ପ୍ରୀତି ଖରେ ।
ଉମା ରମାର ମାର ମାରଣରେତ ଧୀର ଧୀର ଦୂର ହେବ ।
ଶଶତ ତତ୍ତ୍ୱର ତରସ୍ତ୍ର ଲଭିବା ରଙ୍ଗ ରତ ଯାତ ଦେବ । ମିତ ହେ ।
ଭାବ ଭାବନରେ ନରେ ।
ତରୁଣୀ ତୁଣିଭାବର ବରଧନ ଧନ ଲୋଭେ ହେବେ ଖରେ ।
ଝେକାଇ ଛଣି ଛତଣଛଳବଧୂ ବନ୍ଧୁତା ରସିକପଣେ ।
ଧ୍ରୁବ ଧ୍ରୁବ ଲୋକ ଲୋକ ଲୋକନରେ ବଙ୍କ ହେବେ ନାସ୍ତିଗଣେ । ମିତ ହେ ।
ଦର୍ପ ଦର୍ପକର କେତେ ।
ଦରଶନ ସନକାଦ ଜନ ଜନକାଦ ଭୁଲିବେ ସୁରତେ ।
ଏ ବସ୍ତୁରେ ଧୀରେନ୍ଦ୍ରଙ୍କୁ ସଖା ବୋଧ୍ୱ ବୋଧ୍ୱଦ୍ରୁମ ତଳେ ବସି ।
ପ୍ରେମ ଅଶ୍ରୁକା ଶ୍ରୀକାଉଦନ୍ତ ଦତ୍ତ କଲା ଦୃଷ୍ଟି ଅସି । ବୋଇଲା ।
ହେ ବନ୍ଧୁ ବଧୂର ତେଜ ।
ବଣ ବସନ୍ତପଲ୍ଲବାଧରୀ ଧରଣୀଶସୁତା କଲଅଙ୍ଗ ।
ଅଲେଖା ଲେଖପଦ ପଦତଳରେ ଲେଖ ଲେଖ ପ୍ରାପ୍ତ ହେବ ।
କାରଣ-ରତ ପଣର ତରସ୍ତୁତପତାକାଙ୍କୁ ଉଡ଼ାଇବ । ଗୋବନ୍ଦ
ହରଷରସ ଶୁଣିଲେ ।
ବାହାର ହାର କର କରଗମନା-ମନାଇଲାଜନେ ଦେଲେ ।
ପାଇ ପରସାଦ ସାଦର ସର୍ବାଙ୍ଗୀ ବ୍ରହ୍ମବର୍ଗବାଳିଙ୍କର ।
ଉଙ୍ଗୀର ଗିର ପରବ୍ରହ୍ମରଙ୍କ ହୋଇ କଲ୍ପ ତତ୍ତ୍ୱହାର । ନାଗର
କଳ୍ପ କଳ୍ପଲତା ପୁଣି ।
ନରତ ରତରତନଙ୍କୁ ନଦାନ ଦାନ ଦେବ ହେବ ଉଣୀ ।
ସେ ବାସେ ବାସ୍ତୁଜାନମୀଙ୍କ ନଙ୍କ ତା କତଦବସ୍ତ ସ୍ନାନ କରି ।
ମୁକତ କଳଙ୍କ ଯିବ ଶାବତରେ ସିନା ପ୍ରକାଶିଲେ ହରି । ଦ୍ରୁତ ଗୋ
ସୁଅଙ୍ଗୀ ଅଙ୍ଗୀକାରରେ ।
ଜୀବନ ବନଜମୁଖୀଙ୍କ ମୁହିଁ କ ବଳୁଥିବ ଜନ୍ମାନ୍ତରେ ।

ଦୃଷ୍ଟି ଉତ୍ତର ତରସ୍ତ ହର ହର ଲେଖ ବରତନ କର ।
ପାଇ ସାହା ସାହା ଉତ୍ତମାର ମାର ମାରଣାକୁ ତତପର । ଏମନ୍ତ
ଶ୍ରବଣେ ଶ୍ରବଣେ ହର ।
ଭୂଷା ଭୂ-ସାଦକ୍ଷମ୍ କ୍ଷମ୍ସ୍ତମାଙ୍କ ଦେବା କି ମିଛେ ପଚ୍ଚର ।
ମଧୁମଙ୍ଗଳ ମଙ୍ଗଳ ପ୍ରକାଶିତ ଶିତହାସିତ ସିହାଣୀ ।
ମୂଢ ମୂଢପଠନକୁ ନ ରୁଚେଟି ଚେଷ୍ଟୀ ଭଙ୍ଗିଦେବ ଜାଣି । ମିତନ୍ତେ ।
ବାଣୀ ବାଣୀଶୀତପାର ।
ସଙ୍ଗୀ ସଙ୍ଗୀତବଦକୁ କି ବଚ୍ଚର ଚ୍ଚର କେ ହେବେ ପଚ୍ଚର ।
ଭାବ ଭାବନା ସରଥ କଥାଙ୍କାଉଁମନ୍ତ ଭୂଷା ଲେଖି ଦେଲେ ।
ସଂସ୍କୃତ ସ୍କୃତମୁଖ ହୁଅ ସୁମୁଖ ମୁଖରେ ଉଚ୍ଚାରି ଚଳେ । ସେ କାଳେ
ମାଧବ ମାଧବ ଭାଷେ ।
ଶ୍ରୁତ ଶ୍ରୁତକ କି ସ୍ତୁତ ଦେବ ଦେବ-ଋଣ ଯେନଲେ ଏ ଅଣେ ।
ପ୍ରାଣ ଅସି ଅସି ଆବଣେ ବଣେ କି ଏମନ୍ତ ମତ ଶ୍ରୀଧର ।
ଚପଳ ବଳ ଭାବ ଧୀରେ ପ୍ରେମର ମରନ୍ଦ ଧୈର୍ଯ୍ୟ କୃଷ୍ଣର । ଅନେକ
ଘୀରଛ ରଚ ଦେଇବ ।
ଅଭିମନ୍ୟୁ ମନୁ ମନ୍ୟୁ ମଲେ ନନ୍ଦନନ୍ଦନ ଭାବ ନ ସିବ ।

ଚତୁଃଷଷ୍ଠୀ ଛନ୍ଦ

ଗୋଷ୍ଠରଣ ବର୍ଣ୍ଣ

ରାଗ—ଦକ୍ଷିଣ ଦେଶାକ୍ଷ

ଏ ଉତ୍ତରୁ ଯେନ ଧୀରେ ସାବଧାନ ହୋଇ ଧୀରେ
କୃଷ୍ଣ ଗୋରକ୍ଷଣେ ଗିବାବେଳେ ହେ ।
ଆଗରେ କର ଗୋକୁଳ ପଛେ ସର୍ବ ସଖାକୁଳ
ବେଣୁ ଶଙ୍ଖ ରଙ୍ଗେ ବଜାଇଲେ ହେ ।
ଶୁଣି ସର୍ବ ନଗ୍ରଜନ ମାନସ ହେଲା ରଞ୍ଜନ
ଦରଶନ ଉତ୍ସାହେ ଧାଇଁଲେ ହେ ।
ବ୍ରଜମନ ଆକର୍ଷିତ କଲା ମୋହନ ବଂଶୀତ
ସ୍ଥିର ଚର ଶୁଣି ମୋହି ହେଲେ ହେ ।
ବିଯୋଗୀ ଦେଖିଲେ ଯୋଗ ସଂଯୋଗୀ ଦେଖିଲେ ଯୋଗ
ଭୋଗୀଏ ଦେଖିଲେ ଭୋଗବନ୍ଧ ହେ ।
ରୋଗୀ ରୋଗ ନ ଗଣିଲେ ରାଗିଏ ରାଗ ମଣିଲେ
ସକଳ ଦେଖିଲେ ଯେଝା ସିଦ୍ଧି ହେ ।

କେ ନେଉଥିଲା ସୁବେଶ ବଂଶୀନାଦରେ ଅବେଶ
ହୋଇଗଲା ନୋହିଲା ଅଭୋଗ ହେ ।
ସିନ୍ଦୂର ଯାବକ ଭାବ ବିପରୀତ କଲା ଭାବ
କଜ୍ଜଳ କସ୍ତୁରୀ ତଥା ଭୋଗ ହେ ।
ନାନା ବିଚିତ୍ର ଭୂଷଣ ବିପରୀତରେ ଭୂଷଣ
ବିବେକକୁ କାଳ ନ ସହିଲା ହେ ।
ନାଗବଲ୍ଲୀ ବନା ଦଳ ଭୁଞ୍ଜିଲା କେ ତା ବଦଳ
ବୀଣା ବୋଲି କୁଚ ଆଉଁସିଲା ହେ ।
ସଇନ୍ଦ୍ରୀ ସୁବେଶ କରେ କଙ୍କତିକା ଧରି କରେ
ଭ୍ରମରକୁ ଭ୍ରମେ ଶ୍ୟାମଳାଲା ହେ ।
ଯାର ଯାଇଥିଲେ ବନେ ଦୂର କରି ନିଥିବନେ
ଗତ କଲେ ହୋଇ ଅତି ଭୋଳା ହେ ।
ବାଳ ବୃଦ୍ଧ ଏ ବୟସରେ ଧାଇଁଲେ ଅତି ବର୍ଷାରେ
ମଦନମୋହନ ଦେଖିବାରେ ହେ ।
ଛାଡ଼ି ଗୁରୁ ଗଉରବ କରି ଶ୍ୟାମ ଶ୍ୟାମଗବ
ନ ମଣିଲେ ପଥ ଅପଥରେ ହେ ।
କୃଷ୍ଣ ମୁଖ ପରସନ୍ନ କରିବାରେ ଦରଶନ
ଯାଉଛି ଅନନ୍ଦ ଅଶ୍ରୁ ଗଳି ହେ ।
ଗାତ୍ର ନେତ୍ର ସ୍ତମ୍ଭୀଭୂତ ଚିତ୍ର ନାରୀ କି ସମ୍ଭୂତ
ଭୂତଗ୍ରସ୍ତ ବତ ଚେଷ୍ଟା ତହିଁ ହେ ।
କେ ତହିଁ ଅଶ୍ରୁ ମୁଞ୍ଚଇ କେ ତହିଁ ନାଚ ରଚଇ
କେ ହସଇ କେ ଭାଷଇ ଅହା ହେ ।
କାହା ଛାତି ଦୁଲକଇ କାହା ତନୁ ପୁଲକଇ
ଉତ୍ସାହରେ କେ ଦୋଳଇ ବାହା ହେ ।
କେ ଗଡ଼ଇ କେ ପଡ଼ଇ କେ ଓଷ୍ଠେ ରଦ ଛଡ଼ଇ
କେ ବାସବସ୍ତ୍ର ନ ଜାଣଇ ହେ ।
ଯେ ସାହାଠାରେ ଅଣାୟତ୍ତୀ ନ ପାରୁ ଥିଲେ ରସାଳ
ସେ ତାଙ୍କୁ ଦେଖିଲେ ନ ଲୁହାଁଇ ହେ ।
ଯୁବତୀକୁଚରେ କର ପଡ଼ିଥିଲେ ରସିକର
ଲାଜ ଲୋଭ ବିବେକିବା ନାହିଁ ହେ ।
ଭୁଟି କଣ୍ଠ ରତ୍ନହାର ଦାଣ୍ଡେ କରୁଛି ବିହାର
ସାଉଁଟିବା କଥା ତହିଁ ନାହିଁ ହେ ।
ଚର୍ମପାଦ ସୁବେଣୀଙ୍କ ଲକ୍ଷତ ଖେଳା ଫଣୀକ
ମୁକ୍ତକେଶ ଭ୍ରମର ସମାନ ହେ ।

CENTRAL LIBRARY

ଲମ୍ବିଛି ସୁମନ ମାଳ ଛନ୍ଦନ ଅଙ୍ଗ-ତମାଳ
ବଳେ କାହ ଛଡ଼ିବା ଶୋଭନ ହେ ।
ଗଳାରୁ ପଡ଼େ ସୁମନ ଯେଣୁଛୁ ଏ ପରି ମନ
ନଖସକୁ କି ତାର ପତନ ହେ ।
ଉଡ଼ୁଛି କାହା ଅଞ୍ଚଳ ମଦନ-ରଥେ ଚଞ୍ଚଳ
ପତାକା ପରାଏ ଅନୁମାନ ହେ ।
ବଗଡ଼ ହୋଇ ଅମ୍ବର ନାଚେ କୁଚ ଦିଗମ୍ବର
ସମ୍ମୁଖବାଦନ ବଳା-ଗାନେ ହେ ।
ଖେଳୁଛି ହୃଦରେ ହାର ପଞ୍ଚିତ ଗଙ୍ଗା କହ୍ନାର
ସ୍ୱେତ ଅସି ହୋଇ ପଡେ ମନେ ହେ ।
ମୋହନରେ ବନ ତରୁ ଛଡ଼ିଲେ ଶମ୍ଭୁ ଉଚିତ
ପରାସ୍ତରେ କଥନ ପ୍ରଶ୍ନର ହେ ।
ଦେଖ ଏ ଗୋପନଗର ଦାଣ୍ଡମାନେ କି ସାଗର
ଧେନୁ-ବାର ବାର ମନୋହର ହେ ।
ଗୋମୟଶ୍ରେଣି ପଙ୍କଦ ମହଣୀ ମକର ବଡ
ମେଷ ଛଗଳାଦି ସୁଣମ୍ବର ହେ ।
ଅଛି ଲଗୁଡ଼ ସ୍ଖଳନ ହୁଣ୍ଡିର ଛନ୍ଦ କଳନ
ଗୋଫେନ ପତନ ରହୁବାର ହେ ।
ରକ୍ଷକ ଗୋକୁଳ ରଙ୍ଗ ତହିଁ ମାନଇ ତରଙ୍ଗ
କଳୁଷ ଗୋମୟ ଉଚ୍ଛଳିତ ଗୋ ।
ଅଙ୍ଗଲୁଣ୍ଠିତ ରତନ ବଡ଼ବାନଳ ଯତନ
ଶିଂଗା ଧ୍ୱନି ଘୋଷା ପରଖିତ ଗୋ ।
ବାଳକ ଡକାରଉଁଶୀ ପଞ୍ଚିତ କଳଲଉଁଶୀ
ଧେନୁ ପୁଚ୍ଛବାଳ ଶଇବାଳ ଗୋ ।
ଶ୍ରୀରାମ କୃଷ୍ଣ ଅଗମ ଗଙ୍ଗା ଯମୁନା ସଙ୍ଗମ
କଳ ତରୁ ଯୋଡ଼ନ୍ତି ସମେଳ ଗୋ ।
ନେତ୍ର ମୀନ ଅନିମିଷେ ମଗ୍ନ ହୋଇ ତହିଁ ମିଶେ
ଆଶା ହଂସ ବଶ୍ରାମ ସଦନ ଗୋ ।
ଶ୍ରବଣେ କେଉଁ ମୁକ୍ତବେଣୀ ବୋଇଲା ଏତ ତ୍ରିବେଣୀ
ସଙ୍ଗମ ସଙ୍ଗକୁ ଇଚ୍ଛେ ମନ ଗୋ ।
ଅଙ୍ଗଦାହ ତାପ ସିବ ଶୁଢ଼ପଦ ଅରଳିବ
ରସରେ ମଜ୍ଜନ ଯେବେ ହେବ ଗୋ ।
ଅମୃତ ସଦନ ସତ ନୋହିବ କେ ବା ଉଷତ
ଦେଶ ପରୁପତ ହେବାର ଭାବ ଗୋ ।

ଯାଉ ଜାତି ପତି କୁଳ ହେଲେ ହେବ ଲଜ୍ଜାକୁଳ
ଏ ଉତ୍ସବ ଲକ୍ଷ୍ମୀ କେ ଦେଖିବ ଗୋ ।
ଦଣ୍ଡିଲେ ଦଣ୍ଡନ୍ତୁ ପତି ଦେହାନ୍ତରେ ଜନ୍ମପତି
ଗୁରୁଗଞ୍ଜନେ କି ଛଡ଼ାଯିବ ଗୋ ।
କୁମାରୀଏ ସନ୍ଧ୍ୟାରେ ଯୋଗ-ଦେବୀଙ୍କୁ ଯାଗରେ
ମନାସିଲେ ବର କରିବାକୁ ଯେ ।
ପୁଣ୍ୟବତୀଏ ଅନନ୍ତ ବୋଇଲେ କି କହି ନନ୍ଦ
ବରଗିଲେ ଗୋକୁ ରକ୍ଷଣକୁ ଗୋ ।
ହୋଇଥିଲେ ଅମ୍ଭ ମୃତ ଗଲେ ବାହାରି ଅମୃ
ତ କେ ଦେଖନ୍ତା ନୟନ-ପଥକୁ ଗୋ ।
କେ ବୋଇଲା ଅଗୋ ମିତ ଲକ୍ଷ ଲକ୍ଷ ପରମିତ
ରକ୍ଷକ ରଖନ୍ତି ନନ୍ଦ ଗୋକୁ ଗୋ ।
ଜନେ ଏ କରନ୍ତି ଗତ ଜନକ ଜନନୀ ଗତ
ଏଥିଁ ଅଛୁ ଆନ ପୁଣି କାହିଁ ଗୋ ।
ଏହାଙ୍କ ଶୀତ ଉଦଣ୍ଡ ଦେବାକୁ ଅସୁର ଦଣ୍ଡ
ଅକାରଣ ସ୍ୱୀତ ଛନ୍ତି ବହୁ ଗୋ ।
କେ ବୋଲେ ଶୁଣିଛୁ ମୁହିଁ ଋଷିବାଣୀକି ସୁମୁହିଁ
ନାରାୟଣ ଅନୁସଙ୍ଗୀ ଏହୁ ଗୋ ।
ଅବନୀ ଭାରକୁ ହରି କଣ୍ଟକନ ତାରି ହରି
ହେବେ ଭକ୍ତଜନ ଭାବଗ୍ରାହୀ ଗୋ ।
ପତିବ୍ରତ ସତୀଙ୍କ ଅପବାଦ ଉପୁଜିବ
ଜୀବ ଥିଲେ ପୁଣି ଶୁଣାଯିବ ଗୋ ।
ଧନ୍ୟ ପୁଣ୍ୟ ବୃନ୍ଦାବନ ଧନ୍ୟ ଗୋକୁଳ ଜୀବନ
ଦେଖୁଛନ୍ତି ଶ୍ରୀପଦ ପଲ୍ଲବ ଗୋ ।
ଏହା ଶୁଣି କେ ଭାଷିଲା ସତେ ମତେ ଅଭାସିଲା
ନୋହିଲେ କି କଷ୍ଟ ଦଇତଇ ଗୋ ।
ଏ ଯେବେ ହୋଇବ ସତ ଅବନୀ ହୋଇ
ଉଷତ କଣ୍ଟା ପାଦଶୁଦ୍ଧ ଗମନର ଗୋ ।
ପାଇବ କେତେ ଶ୍ରୀପଦ ଦୁଃଖୀ ନୋହୁବ ଶ୍ରୀପଦ
କଲ୍ପମନ୍ତ୍ରେ ଉଣ ପାଷାଣରେ ଗୋ ।
କଇ ଏପରି ବନ୍ଧୁର ଗୋବିନ୍ଦ ସଙ୍ଗେ ସଞ୍ଚାର
କରୁଛନ୍ତି ପ୍ରେମଲମ୍ପଟରେ ଗୋ ।
ଯଶୋଦା ଏହି କାଳରେ ଗୋବିନ୍ଦ ଧରି କୋଳରେ
ନେତ୍ରଜଳେ ଗାତ୍ର ଧୋଇ ଦେଲେ ଯେ ।

ଚୁମ୍ବ ଦେଇ ଶ୍ରୀମୁଖରେ ସ୍ନେହରେ କହନ୍ତି ଏବେ
କେଉଁ ଲାଭ ମୋଠୁ ରଖିଗଲେ ରେ ।
କ୍ଷତହରଣୀ ବସ୍ତ୍ରରେ ଉବଅସ୍ତ୍ରକୁ ବଧୁବେ
ତୋ ଆସିବା ବେଳ ଚାହିଁ ଥାଇଁ ରେ ।
ଦାଣ୍ଡକୁ ଯାଏଁ ଦଉଡ଼ି ତୁ ମୋର ଅଙ୍କ ଲଉଡ଼ି
ତୋହ ବିନା କରଇ ଖାଅଇ ରେ ।
ତୁ ମୋର ରଙ୍କପଣସ୍ୱ ତୋ ବିନୁ ନାହିଁ ଦୋସର
କାହା ମୁଖ ଚାହିଁ ନେବ ଦିନ ରେ ।
ବୃଦ୍ଧକାଳରେ ନନ୍ଦନ ତୁ ମୋର ହୃଦଚନ୍ଦନ
କଣ୍ଠହାର ଜୀବର ଜୀବନ ରେ ।
କି ସୁଖ ପରେ ନାହିଁକି ମୋ ମୁଖ ଚାଲୁ କାହିଁକି
କାନନକୁ ଯାଉ କାହିଁ ପାଇଁ ରେ ।
ତୁ ମୋର ହୃଦପଦକ ହେଉଥାଇଁ ଦକ ଦକ
ଅସୁରଙ୍କ ଚରିତ ଚରେଇ ରେ ।
କଣ୍ଟା ପାଷାଣ କାନନେ ଖଗ ଲାଗି ସଂହନନେ
ଦୁଃଖହେବ ଭାଳୁଥାଇଁ ମନରେ ।
ନ ନେଇ କଠାଉ ଛଡ଼ ଯେବେ ମୋତେ ରଖିଲୁନ୍ତ
ବାଇ ନୋହେ କେହି ତୋ ସମାନ ରେ ।
ମୋ ଗଣ୍ଠିରେ କଢାଇଁ ପାୟସ ଦେବ ବନାଇଁ
ଭୁଞ୍ଜିବୁଟି କ୍ଷୁଧା ସମୟରେ ରେ ।
ଦେଉଛୁ ପିତାଙ୍କ ଅଜ ନୋହୁବୁଟି ଅଗିଅନ
ନ ପଶିବୁ କାନନଭିତରେ ରେ ।
ଅସିବା ଯାଏ ତୋହର ସ୍ୱନ ନାହିଁଟି ମୋହର
ଏ କଥାକୁ ସତ ଜାଣିଥିବୁ ରେ ।
ଏତେ କହି ରାମଙ୍କରେ ସମର୍ପେ ସ୍ନେହଅଦରେ
ବୋଲେ ଏ ତୋତେ ଲାଗଇ ବାବୁ ରେ ।
ହେ ବାବୁ ମଧୁମଙ୍ଗଳ ଏ ଘନଶ୍ୟାମ ମଙ୍ଗଳ
କରବ ତୁମ୍ଭଙ୍କୁ ସମର୍ପିଲି ହେ ।
କହୁଲହେଁ ସୁନ ସହିବ ମୋହ ଅଗରେ କହିବ
କାନନେ ନ ପଶି ବସ୍ତ୍ର କେଳି ହେ ।
ବିବିଧ କଥନାନ୍ତରେ ଜନନୀ ସ୍ନେହପଟ୍ଟରେ
ଅରସ୍ତ ମୁଦ୍ରାକୁ ପକାଇଲେ ଯେ ।
ନୃସିଂହ ରକ୍ଷକୁ ବଦନେ ବରାହ ରକ୍ଷକୁ ସ୍ତନେ
ଅଙ୍ଗରେ କବଚ ନ୍ୟାସ କଲେ ଯେ ।

ଏମନ୍ତ ଜାଣି ବନ୍ଦନ ମାତାଙ୍କୁ ବନ ମୋହନ
ମନ୍ଦେ ହସି ଛନ୍ଦରେ ବୋଇଲେ ଗୋ ।
ତୁମ୍ଭର ସ୍ନାନ ଭୋଜନ ଶୁଣିଲେ ମନ ରଞ୍ଜନ
ଆସିବ ନ ଆସିବ ନୋହିଲେ ଗୋ ।
ଦେବ ଯାହା ମୋ ନମିତ୍ତେ ବାଣ୍ଟି କର ଦେବ ମିତେ
ଭୁଞ୍ଜିବ ନାହିଁଟି ଅନ ଅଛୁ ଗୋ ।
ଯେବେ ରଖିବା ଗୋଧନ ଆୟୁଃ ଶ୍ରୀ ଯଶ ବର୍ଦ୍ଧନ
ଏଥିରେ ବଳୁତ ନାହିଁ କିଛୁ ଗୋ ।
ଏମନ୍ତ ବାକ୍ୟେ ଶ୍ରୀହରି ମାତାଙ୍କର ଚିତ୍ତ ହରି
ପ୍ରଣାମି ପୁରକୁ ଯାଅ କହି ସେ ।
ଗୋବୃନ୍ଦ ପଛେ ରଙ୍ଗରେ ଗଲେ ସଖାଙ୍କ ସଙ୍ଗରେ
ବ୍ୟାକୁଳ ଜନନୀ ଏହା କହିଁ ସେ ।
ଅମ୍ବା କମ୍ବା ରୋହିଣୀଙ୍କ ଆଦି ଗୋପତରୁଣୀ କ
ବ୍ୟାକୁଳରେ ମନ୍ଦିରକୁ ଗଲେ ସେ ।
ଯଶୋଦା ଗଲେ ସ୍ୱପୁରେ ସେମାନଙ୍କୁ ନୟନେ ପୂରେ
ଜଟିଳାଙ୍କୁ ଭେଟି ଜଣାଇଲେ ସେ ।
ଯଶୋଦାଙ୍କ ସନମାନ ଯେତେ ଦେଲେ ଧନମାନ
ଦେଖି ଶୁଣି ବୁଢ଼ୀ ସୁଖୀ ହେଲା ସେ ।
ବୋଇଲା କୁନ୍ଦଲତାରେ ଲେଖା ଭୁ ପତିବ୍ରତାରେ
ମିତ୍ରପୂଜା ଅସମସ୍ତ ହେଲା ଗୋ ।
ଶୁଣି ସଖୀଏ ସୁଖରେ ପୂଜାର ସାମଗ୍ରୀ ଖରେ
ସଜାଇଲେ ଉତ୍କଣ୍ଠିତମନେ ସେ ।
ଯଶୋଦା ଅନ୍ତରଚିତ୍ତ ନୋହେ କବରେ ରତତ
ଯେନ ସାଧବଜନେ ସୁମନେ ହେ ।
ଦାନ ସ୍ନାନ ଅଭିମନ୍ୟୁ ସାମନ୍ତସିଂହାର ମନ୍ତୁ
ନ ଯାଉ ଯଶୋଦା କୃଷ୍ଣ ଭାବ ହେ ।
ବ୍ରଜଉପାସିକଜନ ଭାବେ ହେବ ସୁରଞ୍ଜନ
ସବୁଲାଭ ଏହି ମୋର ହେବ ହେ ।

ପଞ୍ଚସପ୍ତି ଛାନ

ରାଗ—ଯାହାଡ଼ିଆ କେଦାର

ଯେନ ସୁଧୀରେ ଏ ରସ ଧାରେ ସଦା ବସ୍ତୁରେ ବନ୍ଦ୍ୟବସ୍ତୁରେ
ହେବ୍ୟ ନାସ୍ତିରେ ବଳବେ ଧାରେ ବକ୍ଷାବସ୍ତୁରେ ସେ ।

ମନ୍ଦହାସରେ ପରିହାସରେ ମୃଦୁହାସରେ ବେଣୁଘୋଷରେ
ଚକ୍ଷୁର୍ଦଶରେ ନୋହେ ବର୍ଣ୍ଣରେ କେ ମାନସରେ ଯେ ।
ଶ୍ରୀରାମ କୃଷ୍ଣ ଗୋଚାରଣ କାଳରେ ଯେ ।
ମୁରନାଶୀ ଶ୍ରୀଦାମେ ପ୍ରେମଖେଳରେ ଯେ ।
ଗୋପନଗରେ କଳରଙ୍ଗରେ ବସି ନାଗରେ ଅଶ୍ୱବେଗରେ
ସେହି ନାଗରେ ଧେନୁ ସଙ୍ଗରେ ମଲ୍ଲି ଶ୍ରାଗରେ ଯେ ।
ଯୋଏ ସଜାଡ଼ି କାଛକଟା ଭିଡ଼ି ଧାଡ଼ିକ ଧାଡ଼ି ଅନେକ ଦଉଡ଼ି
ଯୋଡ଼ିକ ଯୋଡ଼ି ଖେଳନ୍ତି ବାଡ଼ି ତନୁକ ଅଡ଼ି ଯେ ।
କେହୁ ଲଉଡ଼ି ନଯାଇ ତଡ଼ି କେହୁ ବାହୁଡ଼ି ମାରଇ ଓଡ଼ି
କାହାକୁ ମୋଡ଼ି ଛଡ଼ାଇ ରଡ଼ି ଶିବକୁ ଝାଡ଼ି ଯେ ।
କେ ମାଲବନ୍ଧାଣରେ ଯାଉଛି ଗଡ଼ ଯେ ।
କେ କାହା ଉରେ ପୁଣ ବସଇ ମାଡ଼ି ଯେ ।
କେ ମୋଡ଼ାମୋଡ଼ି କେ ଭିଡ଼ାଭିଡ଼ି କେ ଜଡ଼ାଜଡ଼ି କେ ଛଡ଼ାଛଡ଼ି
କେ ପଡ଼ାପଡ଼ି କେ କୋଡ଼ାକୁଡ଼ି କେ ହୁଡ଼ାହୁଡ଼ି ଯେ ।
କେ ଭଙ୍ଗୀ କରି ଗୋବର୍ଦ୍ଧନଧର ଶ୍ରୀତ ବସ୍ତ୍ରାର କେ ତହିଁ ନାରୀ
ପାଣି ଅଧର କେ ଗର୍ବଧାରୀ ତର୍ଜ୍ଜନା କରି ଯେ ।
କେ ତହିଁ ନର-ବଧୂକ ଧରି କେହୁ ଅଘାର କେହୁ ବକାର
କେହୁ ଷଣ୍ଢାର କେ ଯାମଳାର କେହୁ ତୃଣାର ଯେ ।
କୃଷ୍ଣ ପ୍ରେମବହୁଳ ସଖା ଅଦର ଯେ ।
ଶେଷ ବର୍ଣ୍ଣନା କଲେ ନ ସିବ ସର ଯେ ।
ସବୁ ସୁରୂପୀମାନଙ୍କ ପୁଣ ତହିଁ ମାଧୁରୀ ନୋହିବ ବାଦ
ସୁଶୀଲହସୀ ମୁରଲୀଧାରୀ ସର୍ବହାରୀ ଯେ ।
ଶ୍ରୋଣୀକ ଶ୍ରେଣୀ ନାଚନ୍ତି ପୁଣି କଟିକିଙ୍କିଣୀ ମଧୁର କଣି
ଶ୍ରବଣେ ଶୁଣି ସ୍ୱରଧରଣୀ ହୋଇବେ ଜାଣି ଯେ ।
ସ୍ମରକୃପଣିସ୍ଥିତ ତରୁଣୀ ଦେଇ ସ୍ୱହାଣି କହନ୍ତି ବାଣୀ
ଦେଖ ମିତଣି ମନହାରଣୀ ଯାଣ ଏ ପାଣି ଗୋ ।
ବକା ନ ସିବେ ଏଥେଁ କେଉଁ ପରଣୀ ଗୋ ।
ବଲ୍ଲୋକନେ ଭୁଲିବ ମଦନରାଣୀ ଗୋ ।
ଭ୍ରୂଧାରଣୀ କାର୍ମୁକ ଅଣି ସ୍ମରୁ ସ୍ୱହାଣି ବାଣକୁ ଶାଣି
ବସିଛୁ ଠାଣି କେଉଁ ସୁବେଣୀ ରକ୍ଷିବ ଅଣି ଗୋ ।
ପସରା ସେହି କୃଷ୍ଣଙ୍କୁ ତହିଁ ଭଙ୍ଗୀକି ବହୁ ସଖୀଏ କହୁ
ସୁନ୍ଦର ବହୁ ମନକୁ ମୋହୁ ଦେଉଛୁ କେହୁ ଯେ ।
କନକଶ୍ୟେଣୀ ସୁପୀନା ବହୁ ରମ୍ଭା କେ ରହୁ ସୁନାଶୀରହିଁ
ଅଛନ୍ତି କେହୁ ଐରାବତହିଁ ସ୍ୱର୍ଗକ ଏହୁ ଯେ ।

ସ୍ୱଚ୍ଛ କମଳା ଦେଖା ଯାଉଛୁ ଯହିଁ ଯେ ।
ତାକୁ ବଦନୁଣ୍ଡ କି ବୋଲିବା ନାହିଁ ଯେ ।
କପର୍ଦ୍ଦୀ ଯହିଁ ଶିବସଂଗହୁ କଇଳାସହିଁ ଅଙ୍ଗେ ଏହୁ
ଦଗର ବଡ଼ାଏ ଭାବଗ୍ରାହୀ ମଣ୍ଡ ସହ ଯେ ।
କେ ବୋଲେ ଲାଷ ଏ ନୀଳବାସ ଦେଖି ମଣିଲି ମୁଁ ନୀଳବାସ
ହରିତାମ୍ବର ନଇତାମ୍ବର ବେନପ୍ରକାରେ ଯେ ।
ଶର୍ଙ୍ଗାର ପର ଦଣ୍ଡେ ଶର୍ଙ୍ଗାର ପାଏ ଦେଖିକେ ରାଜା କଂସାର
ଥିବାରୁ ନାଗ ପରତେ ନାଗର ଉରପୁଣ୍ଡ ଯେ ।
ପାଟବାଣୀଏ କାହିଁ ଅଛନ୍ତି ବସି ଯେ ।
ପାଟବାଣୀଙ୍କ ମାନ ଦଅନ୍ତି ଧ୍ୱଂସି ଯେ ।
ସୁଚର ବର୍ଣ୍ଣିଜାକୁ କରନ୍ତି କ୍ଷୀରୋଦସ୍ଥାନ ଦେଖାଉଛନ୍ତି
ଅଙ୍ଗୀ ହେବ ନା ସଙ୍ଗୀ ବୋଲିଲା ଭଙ୍ଗୀରେ ହସି ହେ ।
କେ ଦହିଁ ହାସେ କେ ଦହିଁ ଭାଷେ ରତ୍ନାକର କି ରତ୍ନାକର ମୋ
ବହୁ ଶିଖର ମେରୁଶିଖରୁ ଲୁଚ ଅଙ୍ଗେ ଯେ ।
କେ ବୋଲେ ମିତ ବ୍ରଜକଳିତ ବାସବ-ବଦ ହୋଏ ପ୍ରଣିତ
ମାରକାନ୍ତକ କଲ ମାନସେ ଯେ ।
ପଦ୍ମରାଗ-ପଦ୍ମ କରେ କି ରଞ୍ଜନ ଯେ ।
ପଦ୍ମରାଗ-ପଦ୍ମକରେ କି ରଞ୍ଜନ ଯେ ।
କେ ବୋଲେ ନାସ୍ତି ଉଦନ ସହ କାନ୍ତି ଦଶନ ଓଷ୍ଠ ସ୍ମୃତି
ହାସ ନୟନ ନଖ ଯଦନ ଥିବାରୁ ସେନ ଯେ ।
କେ ଭଣି କଇ କହେ ସୁନାସ୍ତି ଉରକପସର କି ଭୂମ୍ବଳ
ମିଳିଲେ ଧନ କରନ୍ତ ଗୋଜଦେବହିଁ ଲେଖି ଗୋ ।
ବାସ୍ତ ସ୍ମୃତି ବୋଲେ ତନୁଶ୍ରୀ ସୁବର୍ଣ୍ଣ କାମ କାମକୁ କର
ନାଗସ୍ୱାମିନୀ ଶାଣ ବକାତ ସଦା ଅମୃତ ହେ ।
କନକ ତଳେ ଲୁଚ ରହେ ସେ ବାସେ ଯେ ।
ତାକୁଧନ ମିଳିବ କାହୁଁ କି ଅଣେ ଯେ ।
ରସିକ ଭାଷେ ତନୁ ସୁବର୍ଣ୍ଣ ଦେବାକୁ ନିଜ କୁହ ଭଜନ
ରତ୍ନଗୁଳନା ନାହିଁ ବଦନ ନାଗସ୍ୱୀ ଭାଷେ ଯେ ।
କେ ଗନ୍ଧବଶ ପସଗ୍ର ଦେଖି କୃଷ୍ଣଙ୍କୁ ଠାର ଦେଉଛୁ ଅଷ୍ଟ
ଲକ୍ଷ୍ମୀ ଗଉରୀ ଶାରଦା ରତି କି ଶୋଭା ଦେଖ ଯେ ।
କୃଷ୍ଣ ଭାରତୀ ତାହାଙ୍କ ପଦ ସଙ୍ଗରୁ ଲୁହାଇଛି କୁନ୍ତ
ବନ୍ଦର କୃଷ୍ଣ ଏବେହେଁ ଛନ୍ତି କୁହତ ମୂର୍ଖ ଯେ ।
ଶୁଣ ଗୁଣିଣ ସଖୀ ବୋଲେ ଜାଣିଲି ଯେ ।
କଳଦେଶ୍ୱ ଦୂର୍ଜ୍ଜନ ଅଛନ୍ତି ମିଳ ଯେ ।

କୃଷ୍ଣ ବୋଇଲେ ସୁରଭି ଅଛୁ ଅପୂର୍ବ ନୋହେ ପଦାର୍ଥ କହୁ
ସରଳଗନ୍ଧାମୋଦ ମାନସ ହରଣ ସୁକୀ ଯେ ।
ଏମନ୍ତ ଶୁଣି ବୋଲେ ରସିକା ପନରୁଚକ ଏକାନ୍ତ ବକା
ଆନ ଜୀବକା ନାହିଁ ଅଥିକା ଦେବ କି ନେବ ହେ ।
ବୋଇଲେ ହର ବକା ସୁନାସ୍ତି ଯାଉଛୁ ହତ ଗୁମାନ କର
କହ ଏପର ନୋହେ ତ ହରଭଦ୍ର କି ଦେବ ଯେ ।
   ଛଳ ଛଇଳୀ କହେ ଯେବେ ନ ଥିବ ଯେ ।
   ଉରଜ ରଞ୍ଜନ କଜ୍ଜଳ ଦଶିବ ଯେ ।
ମୋ, ବାଣୀ ଅର୍ଥ କଲକ ବ୍ୟର୍ଥ ହବ କଥନ ହୋଇବ ସ୍ୱାର୍ଥ
ଭବ୍ୟ ପ୍ରଭାବ ମାନସେ ଭାବ କର୍ପା ନୋହିବ ଯେ ।
ଜାଣି ଗୋବନ୍ଦ ହେଲେ ଅନନ୍ଦ ଶ୍ରୀମୁଖ ଚନ୍ଦ ମୋହନଫାନ୍ଦ
ହୃଦକୁମୁଦ କର ପ୍ରମୋଦ ସେଠାରୁ ଗଲେ ଯେ ।
ଗନ୍ଧନୀ ଚାହିଁ କହନ୍ତି ରହ ସର୍ବଦା ମୁହିଁ ସୁମନା—ପ୍ରେମ
ଜାତିପଦ୍ମନୀ ହୃଦରେ ବହି ଥିବାକୁ ଭାଳେ ଯେ ।
   ଫୁଲକାନ୍ତ ବଣିଜ ପସରା ଦେଖି ଗୋ ।
   କିଛି ଦେବ ସୁମନ ଭାବ କି ଦେଖି ଗୋ ।
ଅଶୋକ ଭଙ୍ଗଣୀରେ ମନୀଷା କୃତମାଳକୁ କରୁଛୁ ଆଶା
କରୁଣା କର ପାଇଲେ ହେବା ଅତ୍ୟନ୍ତ ସୁଖୀ ଗୋ ।
ଗନ୍ଧନୀ ଗିର କି ଅଟେ ମୋର ହେବ ଦେବାର ଏତକ କର
କଥା ବସ୍ତୁର ରସିକସାର ନାଗରବର ହେ ।
କେତକୀ ଅଙ୍ଗୀକୃତ ବନ୍ଧୁଶ୍ରୀ ହେଲେ କି କରୁଣବ ମାଧୁରୀ
ସୁରଭି ମେଳ ହେବାରୁ ବରଭାବ ପ୍ରସ୍ତୁର ହେ ।
   କୃଷ୍ଣବାଣୀ ରସିକ ଲେଖା ଭ୍ରମରେ ଗୋ ।
   ହେବ କି ସୁଖ ବୋଲ୍ଲି ଛଳି ଭ୍ରମରେ ଗୋ ।
ଗନ୍ଧନୀ ଦତ୍ତ କଳା ଉଦନ୍ତ ଗଣିକରେତ ମଧୁପର ତ
ଏ ସେନି ହାତ୍ତ କରୁଛୁ ସତ ସେନ ଅଦରେ ହେ ।
ସୁମନସରେ ସୁମନସରେ ସୁମନଶରେ ସୁମନ ସରେ
ସେବା ସ୍ଥାନରେ ଲେଖା ସ୍ଥାନରେ ଯେ ।
ଶ୍ରୀ ନନ୍ଦସୁତ ବାତ ପଙ୍କଟ ଅଚ୍ଛୁତ ଗନ୍ଧ କେହି ଲମ୍ପଟ
ପ୍ରୀତିଚହ୍ନଟ ହେଲେ ସଙ୍କଟ ହେବ କଥରେ ଗୋ ।
   ସଦା ମୋଦା ନବାସରେ ମୋ ମାନସ ଯେଁ ।
   ବନ୍ଧୁଜୀବ ବନେ କି ହେବ ଉଲ୍ଲାସ ଯେ ।
ରମଣୀଗିର ମଣି ତ ଗଣ ଭସ୍ତୁ କି କର କୃମୁଦମାର
ସୁମଧୁପର ପ୍ରୀତିପ୍ରସ୍ତୁର ନୋହେ କି ଭାଷ ଯେ ।

ଶ୍ରୀ ବନମାଳୀ ବୋଇଲେ ଛଳ ଅଗୋ ଛଇଳ ଲୁଚ ନାୟକ
ଲୋକଙ୍କ ଜଳ ଏଥିକି ଭଲ ହେବ କେ ବଳ ଯେ ।
କର ଦୋହଦ କଦମ୍ବ ମୁଦ କୁରୁଣ୍ଟକଦ ହେଲେତ ଖେଦ
ହୋଇବ ଛେଦ ଅଉ ପ୍ରମୋଦ ନୋହିବ ଭଳ ଯେ ।
ନାଗ୍ର କେହି ଦାସୀରେ ପ୍ରୀତକି ବନ୍ଧ ଯେ ।
କେଉଁ ଦୋହଦେ କାହା ପ୍ରମୋଦ ବନ୍ଧ ଯେ ।
ପରସ୍ପରଣ ଚୁମ୍ବ ବିଶେଷ କୋଳରେ ରମ ସୁମନାବଣ
ହେବ ବିକାଶ ଛୁଙ୍କାରେ ମୁଦ କି ଅଶେ କହ ଯେ ।
ଗୋବିନ୍ଦ ଗିର ମାନସେ ସ୍ବର ମନ୍ତ୍ର ଅଙ୍କାର ଦାନ ଦେବାର
ପ୍ରୀତସଞ୍ଚାର ହେଉ ପ୍ରଚୁର ଲଳନାବର ଗୋ ।
ସୁଗନ୍ଧଗନ୍ଧେ ମାନସ ମନ୍ତ୍ରେ କରବୀରରେ ମନ ସୁମନ୍ତ୍ରେ
ନନ୍ଦଣୀ କର କେତେ ସ୍ପୃଶ୍ୟ ହେବ ବକୁର ଯେ ।
ଅନୁପମ କସ୍ତୁରୀ ଚମ୍ପକମାନେ ଯେ ।
କାମ ପୂର୍ତ୍ତି ହେବ ତ ମନ୍ଦାର ଦାନେ ଯେ ।
ସ୍ପୃତ ବଢ଼ିଛ ଅଙ୍କୁର ସ୍ପୃହ ବସନ୍ତଦାତ ଦେଖାଉଅଛି
ଏଥି ପଢ଼ିବା କାମନା ସତ ନୋହିବ ଗାନେ ଯେ ।
ବାସ ଭୂଷିତ ଦମନକର କୁଞ୍ଜଅନାତ ପାରିବ ସତ ଦେଖି
ପାଟଳୀ ଯିବ ପା ଝଳ କେହି କାହାର ଗୋ ।
ତୁଳସୀଗତ ଲଟ୍ଟେ ନିରତ ଅନୁପମାତ ଶିର ଭୂଷିତ
ସଦା ପ୍ରସନ୍ନ କାଞ୍ଚନ ତନୁ ଦାନରେ କର ଗୋ ।
ବାଲୀ ବୋଲେ ଚମ୍ପାବରଣ ଉଜ୍ଜଳ ଗୋ ।
ରସିଲେତ ଜଣ ବୋଲାଇବ ଭଲ ଗୋ ।
ମଲ୍ଲିକା ମଧୁରେତ ନ ରସ ମଧୁପରତ ଘଣ ପ୍ରକାଶ
ପଦ୍ମିନୀ ବନେ କୁଟଜରଙ୍ଗ କେତେ ମଙ୍ଗଳ ଯେ ।
ବନଚରର୍ଭି-ରସଭାରତୀ ଶ୍ରବଣେ ମୁଦ ଗୋକୁଳପତି
ନାଗକେଶର ପାଦତଳକୁ ପକାଇ ଦେଲେ ଯେ ।
ମୁଁ କି ବନତ ଯୋଗ୍ୟ ଭାରତୀ କହ ସୁବର୍ଣ୍ଣ ପୁଷ୍ପ ସେବତୀ
ପାଦେ ଝିଣ୍ଟିତ ଦେଇ ଏ ଶିଖ କରିବ ବୋଲେ ହେ ।
ଅନନ୍ତରେ ଗୋବିନ୍ଦ ସେଠାରୁ ଗଲେ ଯେ ।
ତାମ୍ବୁଳୀ ବାମା ପ୍ରସଙ୍ଗ ପାଶେ ହେଲେ ଯେ ।
ବୋଇଲେ ପର୍ଣ୍ଣ ଏ ନାଗ ବଲ୍ଲୀ କଳାପି ନକ ହୋଇଲେ ଲୁଳ
ସୁଧାଂଶୁଯୋଗେ ସ୍ବାଗ କଲାଇ ମହୁଳା ଛକେ ଯେ ।
ସେଠାରୁ ଯାଇ ପାଟରାଣୀଙ୍କି ବୋଇଲେ ତୁମ୍ଭେ ପାଟରାଣୀ କି
ସୁଗନ୍ଧ ବାସ ପିଟାଇ ଅଟେ ଦେଖାଅ କନା ଗୋ ।

ସୁବର୍ଣ୍ଣ ଗିରି ସୁ-ବଦନରି ବର୍ଣ୍ଣିଲି ମୋର ହୃଦୟାମ୍ବର
କଳା ଚନ୍ଦ୍ରର ନେବ କି ସାର ଧନର କଳା ହେ ।
  ମଞ୍ଜୁଳ ବୋଲାଅ ପଦ୍ମ ରସିକାରେ ହେ ।
  ମଞ୍ଜୁଳ ଭ୍ରମ କି ଦେଖୁ ରସିକାରେ ହେ ।
ହରି ବୋଇଲେ ବୋଇଲ ଭଲ ଦେଖିଲେ ଗିନା କରିବା ମୂଲ
ଦଧିଅଛି ଦେଉ ନାହିଁତ କର ବାସରେ ଥରେ ଗୋ ।
କଂସାରୁଣୀଙ୍କ ବୋଇଲେ ହରି ଭଲ ପାଶକୁ ଅଦ୍ଭୁତ
ରସି ଭାଷେ ଯୋଷିତ ବନ୍ଧା ବନ୍ଧୁତ ଏ ବର୍ଣ୍ଣିକରେ ଯେ ।
ଶଙ୍ଖାରୁଣୀଙ୍କ ବୋଇଲେ ଲୋଡ଼ା ଦେବ କି ସଉବନ ବାହୁଡ଼ା
ସୁବର୍ଣ୍ଣ ଗିରି ଦର କର ତା ବେପାର କରେଁ ହେ ।
  ଗୁଡ଼ିଆଣୀଙ୍କ ବୋଲୁଛନ୍ତି କହାଇ ଯେ ।
  ଅଲୋ ରସିକା ଗଜା ପଣ୍ଡ ମଣଇଁ ଗୋ ।
ସାମୁଦ୍ରକାନ୍ତ ହୀରା ପରସ୍ପେ ମଣିଲ ମୁହିଁ ଉଜ୍ଜ୍ୱଳମସ୍ତେ
ସେ ବୋଲେ ବଧୁକେଉ ବର୍ଣ୍ଣିଲ ଝଳଦା ଥାଉ ଯେ ।
ଭଙ୍ଗାଳୀବଙ୍କ ବୋଲନ୍ତି ଗିରି ଚନ୍ଦ୍ରପଞ୍ଚଳ ବଧୂକି କରି
ସେ ବୋଲେ ସୁବାବକା ବର୍ଣ୍ଣିଲ ଏକା ମୋହର ଯେ ।
କାଚରାଣୀଙ୍କ ବୋଲନ୍ତି ଗିରି ରଙ୍ଗ ପଥରେ ବେପାର କର
ସେ ହାସେ ଭାଷେ ବରମାଳତ ଅଛି ସୁନ୍ଦର ହେ ।
  ଶିଳ୍ପକାରୀଙ୍କ ପୁଣି କହୁଅଛନ୍ତି ଯେ ।
  ସଦା ବାଞ୍ଛିତ କାଞ୍ଚାବଳୀ ମୂରତି ଯେ ।
ମଥୁରେ ହରି ବୋଲେ ବଢ଼େଇ ବରଣ କୃଷ୍ଣମୂରତି ବନା
ବନେ ଜୀବକା ଅନ କଥାରେ ନ ରସେ ମତି ଯେ ।
ବୋଇଲେ ପୁଣ ହରି ଗୋପୀଙ୍କି ମୋଦେ ଗୋ-ରସ କିଛି ଦେବ କି
ସେ ଦେଲ କହ ଦେବା ଯେ ଦହ ପୂର୍ଣ୍ଣକାମରେ ଯେ ।
ବାଣକାରୀଙ୍କ ବାତ ଚନ୍ଦ୍ରର ସୁଗନ୍ଧିତ ସଦା ସୁମନସର
ନେବ କି ବାଣ ଦେବ କି ବାଣ ଏ ପ୍ରଶ୍ନୋତ୍ତର ଯେ ।
  ଏହି ଲୋହକୃତଙ୍କ କଲେ ବଞ୍ଚନା ଯେ ।
  ମୁହିଁ ଅନ ନ ଦେବ କୃପାଣ ବନା ଯେ ।
ସେ ବୋଲେ କର୍ପୂ ଅକାର ନାଶ ତେମନ୍ତ ହେଲେ ହେବ କି ପଣ
ଧନବନ୍ତେ ପୂର୍ଣ୍ଣ ହୋଇବ ନିଜ କାମନା ଯେ ।
ଭାବର ସିଦ୍ଧ ଶ୍ରେଷ୍ଠେ କହୁଛି ପିହାଣୀକତ ସିଦ୍ଧ ଉଚ୍ଛିତ
ମୁଁହର କାମ କରଣେ କ୍ଷମ ହେବ କି ଭାଷ ଗୋ ।
ସେ ଭାଷେ ସୁବେଶଯବେତ ଫୁଲ ପକାଇ ସୂତ୍ରକମକୁ ଦଳ
କରିବାରେ ମୁଁ ସଦା ନିପୁଣ ଦୋଷତ କସ ଯେ ।

CENTRAL LIBRARY

ଶ୍ୟାମ ସୁଭଗ ବାନା ଉଡ଼େ ଯତନେ ଯେ ।
ମୋହ ହେବେ ବିଟପ କାମରଙ୍ଗନେ ଯେ ।
ସ୍ୱବଳସୁତା ବଶ ନ ହେଲେ ସୁକାମବୃତ ପ୍ରଶଂସା ମିଳେ
ରଙ୍ଗବାସରେ ବର ଅବେଶ ସହକେ ମାନେ ଯେ ।
କେ ବୋଲୁ ଅଛୁ ବହୁ ଭଙ୍ଗିକ ବୋଲାଅ ତୁମ୍ଭେ ସଚ୍ଚପାଳିକ
ବିବେକ ନେବା ପନରଶର ବ୍ୟବହାରକୁ ଯେ ।
ସେ ବୋଲେ ତନ୍ତ୍ରୀ ବଙ୍କୁ କରତେ ଏ ଦ୍ୱନ୍ଦ୍ୱ ପଣ କର ସୁରତେ
ଅମୂଲ୍ୟପାତ୍ର ଭୁଲଲେ ନାଥ ଚଢ଼ି ମନକୁ ଯେ ।
କେ ହସି ବୋଲେ ନାପିତାଣୀକି ଶୁଣ ଗୋ ।
ସୁରଙ୍ଗପଦକୀ କୁଚରେ ନିପୁଣ ଗୋ ।
ସେ ସେହି ଭାବେ କୁଳଳା ହାସେ ସବ ବତୁଳା ବଣିକ ଅଟେ
ସଦା ରଞ୍ଜନକାମିନୀ ପୁଣ ହେବାର ଜାଣ ହେ ।
କଇବର୍ତ୍ତିକ ମାଧବ ଶିର କି ସ୍ୱର୍ଣ୍ଣବଳ ବଣିଜ କର
ସେ ଚହିଁ ଭାବେ ଧୀବର-ପଦ ଅଞ୍ଜିତ ଦାସୀ ଯେ ।
ଦେଖି ରଙ୍ଗିଣୀ ବୋଇଲେ ବାଣୀ କି ସୂକ୍ଷ୍ମ ତତ୍ତ୍ୱବସ୍ତ୍ରକାୟଣୀ
ସେ ଭାବେ ଗୁଳସୁତା ଗଣକୁ ସଦା ପ୍ରକାଶି ଯେ ।
ମଧୁ ସଦାଦାସୃଷ୍ଟା ପସସ୍ତ୍ର ସ୍ପୃହି ଯେ ।
ମଧୁବ୍ରତ ବିଦା ତୃଷ୍ଣା ହେବ କି ଏହି ଯେ ।
ହୃଦ ଭାରତୀ ଶୁଣି ସୁଦଶ୍ମ ବୋଲେ ଗାହକ ଅଭ
ନାହାନ୍ତି ଶ୍ରୀପଦ ବଟେ ଏ ବକା ସିଦ୍ଧ ବହୁତ ଏହି ତପ ।
ନବନାଗର ପ୍ରେମସାଗର ପାଇବ ପାର କି କବଳର
ତତ୍ତ୍ୱ ପୋତର ବଣିକ ମୋର ଚହିଁ ପ୍ରକର ହେ ।
ପ୍ରେମ ପ୍ରକର ଭଜନାକାର ପ୍ରାପ୍ତି ହେବାର ଇଚ୍ଛା ଅପାର
ବ୍ରଜ-ବନଚବାସୀ ଦେବାର ଶୁଣିଛୁ ସାର ହେ ।
ସାଧବେ ଏ ଦୀନକୁ ସଙ୍ଗତ କର ହେ ।
ସୁଗତ ମାର୍ଗରେ କରାଅ ସଂସ୍କାର ହେ ।
ଯେଉଁ ବଣିଜ ମହାଉତ୍ସବ ପାଇ ଅତନ୍ତ୍ରା ହେଲେ ଉଦ୍ଧବ
ତାହା ଦାୟକ ଶ୍ରୀରାଧାଧବ ପଦ ମୁନର ହେ ।
ଯେଉଁ ରସିକ ଏ ଛନ୍ଦ ଟେକ ବିଜ୍ଞବୋଧକ ଅଜ୍ଞବାଧକ
ଭସୋଦଣ୍ଡିର ଫଳ ପ୍ରାପ୍ତିକ କର ବିବେକ ହେ ।
ବାହ୍ୟ କର୍କଶ ସୁଘନରସ ପୂର୍ଣ୍ଣ ବିଶେଷ ଭଙ୍ଗେ ମାନସଂ
ତୃଷା ବିନାଶ ହେବ ତା ବଶ ହେଲେ ଗାହକ ହେ ।
ଏଥି ଶ୍ରମ କଲେ ଯାତନା ହେବ ବିନାଶ ହେ ।
କୃଷ୍ଣକଥା ଏ କରି ଶ୍ରବଣ ଅଣ ହେ ।
ଦୀନ ସାମନ୍ତ ସିଂହାର ତତ୍ତ୍ୱ ଗତ କରତ କଲ ରଚିତ
ଗୀତ ଯେନ ହେ ଧୂତ-ଧୀମନ୍ତ ନ ଯେନ ଦୋଷ ହେ ।

ଷଟ୍‌ପଦୀ ଛନ୍ଦ

ରାଗ—ଶରଭ

ଏ ଉତ୍ତରୁ ଶୁଣ ଧୀରେ । କୃଷ୍ଣ ବଚନ୍ତି ସୁଧୀରେ ।
ସର୍ବସଖାକୁଳ ସହିତେ ଗୋକୁଳ ମିଳିଲେ ବନରେ ।
କୃଷ୍ଣ କହନ୍ତି ରାମଙ୍କୁ । ନିଦ୍ରା ଯାଉଛ ଆମ୍ଭଙ୍କୁ ।
ଗୋଚାରଣ ପାଇଁ ଯାଅ ଆଗ ହୋଇ ସେନାଇଁ ସଖାଙ୍କୁ ।
ହସି ବୋଇଲେ ଶ୍ରୀରାମ । ଏକା ଥିବ କି ଏ ଶ୍ୟାମ ।
ଆଅ ହେ ସୁବଳ ହେ ମଧୁମଙ୍ଗଳ ଶ୍ରୀଦାମ ସୁଦାମ ।
କୃଷ୍ଣ ବୋଇଲେ ବଚନ । ସ୍ତୋକ କୃଷ୍ଣ ଅରଜୁନ ।
କିଙ୍କିଣୀ ମରନ୍ଦ ଆଦି ସଖାବୃନ୍ଦ ମୋ ବଚନ ମାନ ।
ଯାଅ ଅଗ୍ରଜ ସଙ୍ଗରେ । ଗୋଚାରଣକୁ ରଙ୍ଗରେ ।
କ୍ଷଣେ ନିଦ୍ରା କରି ଦେଇ ଶ୍ରାନ୍ତି ଯାଇ ଯିବ ମୁଁ ବେଗରେ ।
କହି ରହିଲେ ଶ୍ରୀହରି । ଗଲେ ପ୍ରଲମ୍ବଅରି ।
ସେନ ସଙ୍ଗ ମିତ ଗୋବୃନ୍ଦ ଦ୍ରୁତ କାନନେ ବିହରି ।
ବନ ବନ ଉଦ୍ଦୀପନ । କାମ ମୋହନ ମୋହନ ।
ତରୁ ଲତା ପକ୍ଷୀ ଜୀବ ପୁଷ୍ପ ଦେଖି ବୋଇଲେ ବଚନ ।
କହ କହ ପ୍ରାଣମିତ । ବନେ ଯିବ କି ଜୀବତ ।
ପ୍ରେମଅଗ୍ରଥିକା ମୋ-ବନ୍ଧୁ ରାଧିକା ପରାଏ ପଣ୍ଡିତ ।
କାନ୍ତି କେତକୀ କି ଦେଖେ । ମୃଦୁ ଶିରୀଷ ବିକାଶେ ।
ବଦନ କମଳ ନେତ୍ର ନୀଳୋତ୍ପଳ କି ମୁଦ ଅଭ୍ୟାସେ ।
ଦେଖି ଅଧର ପ୍ରବାଳ । କୋକନଦ କରତାଳ ।
ଚରଣଯୁଗଳ ସ୍ଥଳକମଳ ପରାଏ ମଞ୍ଜୁଳ ।
ସ୍ତନୁ ସୁରଙ୍ଗ ଫୁଲ । ମାନ ଅଚ୍ଛ ମୁକୁଫୁଲ ।
ଉରଜ ସ୍ତବକ ଗଣ୍ଡ ମଧୁକ ଉପମା କି ଭଲ ।
ବାଳ ସୁଦମାଳଦଳ । ନଖ ନଅଳୀ କି ଭାଳ ।
ପାଟଳୀକୁସୁମ ଶ୍ରବଣ ସୁଷମ କୁନ୍ଦ ଦନ୍ତକୁଳ ।
ନାକ ଶୁକଚଞ୍ଚୁ ଟେକ । ବାଣୀ ପ୍ରଦେପିକ ଡାକ ।
ହେବ ପୂର୍ଣ୍ଣକାମ ବାହୁଡମାବାମ ଦେବ କି ବିବେକ ।
ମିତ୍ର ବୋଇଲେ ଉତ୍ତର । କାହିଁ ପାଇଁକି କାତର ।
ସଙ୍ଗ ଲୋକଶିରୀ ଏ ବନରେ ପୂରି ଅଛନ୍ତି ବହୁର ।
ସବୁ ସୁଖ ଅନୁଭବ । ଏହି ବନରେ ପାଇବ ।
ବୋଇଲେ ଶ୍ରୀହରି ସାକ୍ଷ୍ୟ ଲକ୍ଷ୍ୟ କରି ଦେଖାଇ କି ଦେବ ।

ମଧୁ ବୋଇଲା ହେ ଦେଖ । ଶଙ୍ଖ ଦେଉଛି କି ସୁଖ ।
ରମ୍ଭା ଐରାବତ ବାସବ ଜୟନ୍ତ ସ୍ୱର୍ଗ କି ନ ଲେଖ ।
ବୋଲେ ସୁବଳ ଏ ଗିରି । ଦେଖ ଏ କରୁଣାକରି ।
ଅଛନ୍ତି କମଳା ସଙ୍ଗତେ ବିମଳା ଏଣୁ ବିଷ୍ଣୁପୁରୀ ।
ରୁଦ୍ରାକ୍ଷ ତହିଁ ଦିଶୁଛି । ଶିବା ସଙ୍ଗତରେ ଅଛି ।
ନନ୍ଦୀ ମହାକାଳ ବୃଷସ୍କନ୍ଧ ମେଳ କୈଳାସ ମଣୁଛି ।
ନାଗେଶ୍ୱର ବିରାଜିତ । ବିରକୁଣ୍ଡଳ ଅଛନ୍ତି ।
ଅକଳିତ ବଳ ଭାର୍ଗବହିଁ ମିଳି ଅଧ ଅପ୍ସରି ।
ସୋମ ସୂର୍ଯ୍ୟ ସୁମନ୍ଦାର । ବୁଧତାରକ ନିକର ।
ତମାଲ ବିପ୍ରବ ପୁରୁ ଅଛି ଶୋଭା ଯେନ ଇନ୍ଦ୍ରପୁର ।
ମୁନିକଦମ୍ବ ବିବେକ । ବୋଧିବାରେ ଶୁକ ବାକ୍ୟ ।
ଦେଖିବାରୁ ତହିଁ ନୈମିଷାରଣ୍ୟ କି ଆନନ୍ଦ ଦାୟକ ।
ନିବୁ ବାରେ ମଧୁଗତେ । ଅଛି ବରାହ ପୁରତେ ।
ବରୁଣ ସଙ୍ଗତେ ସୁଶୀତ ବସତେ ଇନ୍ଦ୍ରାଙ୍କର ପଦେ ।
ଶୂଳୀପ୍ରିୟହିଁ ଥିବାରେ । ଯେନ ଅଳକା ଡକାରେ ।
ଶ୍ରୀହରି କଥିତ ମର୍ତ୍ତ୍ୟର ଚରିତ ଦେଖ ମିତ ଥରେ ।
ବୋଲେ ଶ୍ରୀଦାମ କି ଶୋଭା । ବର କନ୍ୟାଙ୍କର ବିଭା ।
ବରକାତ ଫଳ ହୋଇଛି ସୁଫଳ ଉତ୍ସବ କି ଶୋଭା ।
ଶତ ଶତ ଝିଙ୍କୁ ସ୍ଥିତ । ବାଙ୍କସୁବାସରେ ମୁକ୍ତ ।
ଗଜ କୃଷ୍ଣଦାସ ଭକ୍ତନେ ବିଶେଷ ତାଙ୍କହିଁ ବ୍ୟକ୍ତ ।
ତାଳ ତାଳସ ହିଁ ଅଛି । ତାଳମୂଳୀ ବିରାଜିଛି ।
ସୁମଧୁର ଦେଖୁ ବାଜିବାରୁ ଏବୁ କି ସୁଖ ହେଉଛି ।
ମିତ୍ର ବୋଲେ ଦେଖ ଭଙ୍ଗ । ସୁମନାରୁ ତମ୍ଭେ ଭଙ୍ଗ ।
ଅରଣ୍ୟତ ଗିରି ପଞ୍ଚମ ପ୍ରସ୍ତର ବନ୍ଧନରେ ଯୋଗ ।
ରାଜବଦ୍ଧ ବସ୍ତର । କର୍ଣ୍ଣ ଜନରେ ସୁନ୍ଦର ।
ଲକ୍ଷ୍ମୀ ଯହିଁସ୍ଥିତ କିବା ନାହିଁ ତଥି ଦେଖ ଭଦ୍ରଶାଳ ।
ଦଣ୍ଡ ଯୋଜନ ଅମାପ । ରାଣୀ ସୁମନା କଳାପ ।
ଦାସୀ ଅପମିତ ହୋଇଛନ୍ତି ପୂତ ଅଛି କି ବିକଳ୍ପ ।
ବର ନାଗର ନିକୁଞ୍ଜ । କାନ୍ତା ସୁମନା ମେଳରୁ ।
ବର ବିଟପୀର ରାଜି ହୋଇବାର କେ ତୁଳନା କରୁ ।
ଦେବଦାରୁ ଦେଖ ତୁଙ୍ଗେ । ବ୍ରହ୍ମଦଣ୍ଡିବାରୁ ପୂର୍ବେ ।
ଶ୍ରୀପୁରୁଷୋତ୍ତମ ବିଳାସ ସୁଷମ ହୋଇବ ବର୍ଣ୍ଣିବେ ।
ବିଭାସ୍ତୁ ନାଗଧବ ଏ । ଭୂତବାସଙ୍ଗେ ଉଦୟେ ।
ମୃଣାଳର ସଙ୍ଗେ ବରଶାଖା ଲାଗେ ଉପଗୀତ ପରସ୍ପେ ।

ବେଣି କଳ ତସ୍କରଙ୍କୁ । ଭ୍ରମର ଏତ ଶୋଭାକୁ ।
ଜାଳବୃନ୍ଦମାନ ଖଦର ଖଳନ ମାଡ଼ ପ୍ରଭାବକୁ ।
ସେ ନଗରେ ସୁମନସେ । ଏ ନଗରେ ସୁମନ ସେ ।
ସେ ଭୁବନେ ଜାତ ପଦ୍ମିନୀ ଅଛନ୍ତି ଏଥିରେ ସ୍ଥିତ ସେ ।
ନନ୍ଦସାମନ୍ତ ବ୍ରତଶୀ । ତଥି ଏଥି ସେ ଅଛନ୍ତି ।
ଗଣିକା ସୁମନା ଦୁଇଠାରେ ସିନା ମୁଦଙ୍କୁ ବଦାନ୍ତି ।
ବରବରେ ତ ବସନ୍ତ । କେଉଁ ଦୁଇଠାରେ ଭିନ୍ନ ।
ଉଷାଳବନ୍ଦପୀ ତଥି ଏଥି ବ୍ୟାପି ନାହାନ୍ତି କ କହ ।
ତଥି ମାଗଧ ସଂସ୍କୃତ । ଏଥି ମାଗଧ ପ୍ରସ୍ତୁତ ।
ତଥି ନେଣ କର ଏଥି ବେଣୁକର ଥିବାର ବସ୍ତୁର ।
ବାଲ୍ୟପଣ ତହିଁ କେତେ । ବଦପଣ ଏଥି ସେତେ ।
ବଦପଣ ହେବ ଏଥି କଲେ ଭାବ ନ ବସ୍ତୁର ଚରେ ।
ମିତ କେତେମତେ ହସ । ଅନଙ୍ଗାର କୋଳ ନଅ ।
ବୋଇଲେ ସୁମନା ବନା ମୋ କାମନା ପୂର୍ଣ୍ଣକୁ କେ ସହ ।
ହସି ବୋଇଲା ମାଧବ । ତୁମ୍ଭେ ବୋଲାଅ ମାଧବ ।
ହେଲଣି ମାଧବ ଶ୍ରୀମୂରତ ଧବ ଅବଶ୍ୟ ହୋଇବ ।
ହସବାକ୍ୟ ଜୀବ ସିଦ୍ଧ । ଅନଙ୍ଗକଳ୍ପ ସିନା ହେବ ।
ଶ୍ରବଣେ ଏ ଭାଷ ମିତ ଲଭି ପ୍ରାସ ବୋଲେ ଏକ ଭାବ ।
ଧୀରେ ମେଲୁ ତ ଅଲକ୍ଷ । ସିନ୍ଧୁ ଗମ୍ଭୀର ପ୍ରତ୍ୟକ୍ଷ ।
ମନ କଲେ ବଶ ହେବ ଚତୁର୍ଦ୍ଦଶ ନାଗରୀ ଏ ଦକ୍ଷ ।
ଅସି ଦେଖାଇବ ଅଜ । ଶୁଣି ମୁଦ ଦେବରାଜ ।
ସଖୀ ସଙ୍ଗେ ରଙ୍ଗେ ବଜ୍ରେ ଉଭ ସଙ୍ଗେ ମୋହନମନୋଜ ।
ଧନୀ ମିଶ୍ର ପୁଞ୍ଜ ଅସେ । ଦେଖି ଭ୍ରମ ହେଲ ତୋଷେ ।
ପରସ୍ପରେ ପ୍ରଭା ପ୍ରତିବିମ୍ବ ଶୋଭା କହିତ ନ ଅସେ ।
ଉମା ହର ହେଲେ ଏ କ । ଭେଦେବଦା ନୋହେ ତର୍କି ।
ଏ କାଳରେ ରାମ ଡାକିଲେ ହେ ଶ୍ୟାମ ନ ଅସ କାହିଁକି ।
କରଦୁଃଖ ପଦ ଯାତ । ଶ୍ଳେଷ ତହିଁରୁ ଥିଲାତ ।
ମୁଦ ସିନ୍ଧୁ ପାନେ ପଣ୍ଡିତ ସମାନେ ରାମ ଡାକବାତ ।
ପ୍ରେମରଙ୍ଗେ ହସ ଗଲେ । ସଖୀ ଅଗଣେ ବୈଠିଲେ ।
ଧନିଷ୍ଟା ପୀୟୂଷ ଅଣିଥିଲେ ଶ୍ରାସ ମିଳ ସବେ କଲେ ।
ସେନ ସାଧିବେ ଏ ରସ । ହେବ ମାନସ ଉଲ୍ଲାସ ।
ଦୀନ ଅଭିମନ୍ୟୁ ଚନ୍ଦ୍ରେ ରାମ କାତୁଣୀପଦ ସାରସ ।

CENTRAL LIBRARY

ଚତୁଃଷଷ୍ଟୀ ଛାନ୍ଦ

କଳାବାଈର ବାଣୀରେ ଗାଇବ

ରାଗ—କଲ୍ୟାଣ

ଧୀରେ ଦେଇ କାନନରେ କୃଷ୍ଣ ବଳମିତ ।
ବାତ୍ସଲ୍ୟ ମମତା ଦେଇ ଭାଳୁଛନ୍ତି ମାତ । କଳାମାଣିକ ରେ ।
ନଥିଲ ଶଙ୍କାଇ ମୋର ଦଉଦ୍ରପସବ ।
ଅଳ୍ପ ଲଉଡ ବାଳୁ ରେ ହୃଦରହ୍ ହାର । କଳାମାଣିକରେ ।
ମୋ ଜୀବ-ଜୀବନ ତୁହି ନୟନ ପ୍ରତିମା ।
ତୋତେ କି ପାଶୋରି ହେବ ମୋର ସୁଖସୀମା । କଳାମାଣିକ ରେ । ଧୃ ।

ଡରୁଥାଇ ଅନ୍ଧାରକୁ ଭଣି ଯାଉ ଗୋରୁ ।
ଜନକ ଜନନୀ ସୁଖ କାହିଁ ପାଇଁ ସାରୁ ।
ବୃଦ୍ଧକାଳେ ତୁ ମୋହର ଏକଇ ନନ୍ଦନ ।
ହୃଦତାପ ବିନାଶନେ ତୁ ହରିଚନ୍ଦନ ।
ଗୋଷ୍ଠିକା ଅଧାମ ଘର ନ ବୁଝଇ ତୋତେ ।
ନାଚ ଲାଞ୍ଚ ମାଗୁଥାଉ ଲବଣୀ କେମନ୍ତେ ।
ଭୋଳ ମୁଁ ଧଇଲେ ଗୋଳ ହୋଇଯାଉ ତୁହ ।
ତୋ ଦୁର୍ବଳ ଦେଖି କାହିଁ ପଶିବଇଁ ମୁହିଁ ।
ଡାକଣୀ ଲୋଭନ୍ତି ବୋଲି ଡରୁଥାଇଁ ମନେ ।
ବାର ବାର ବାରୁଥାଇଁ ଯିବାପାଇଁ ବନେ ।
ନିଶାଚର ମାରିବାର ଶୁଣୁଛୁ ଶୁତକ ।
ମୁଁ ଡାକୁଣୀ ଛାଡ଼ିଦେଇ ବନକୁ କାହିଁକି ।
ଝାଳ ବହୁଥିବ ଅଙ୍ଗ ଲାଗି ଝାଞ୍ଜିଖରା ।
ଶ୍ରମ ପାଇ ତରୁତଳେ ବସିଥିବୁ ପରା ।
ନେଇଲୁ ନାହିଁ କାହିଁପାଇଁ ତୋ କଠାଉ ଛତା ।
ବନେ କଣ୍ଟା ଲାଗି ହୋଏ ମୃଦୁ ପାଦ ତଳା ।
କାନ ଡେରିଥାଇଁ ଏକା ତୋ ବେଣୁ ଗୀତକୁ ।
ଆଜ କର୍ପା ଶୁଣୁ ନାହିଁ ଭାବୁଛି ମନକୁ ।
ତୋଠାରୁ ଅଧିକ ବାଇ ତୋର ବଡ଼ଭାଇ ।
ବୋଧ କରିଗଲା ନାହିଁ କାହିଁକି ରଖାଇ ।
ତୋ ମାଧୁରୀ ମୂର୍ତ୍ତିଭୂରି ଦେଖି ମୁଣୀ ଅକ୍ଷି ।
ଅଳ କଲ୍ଲଗଲୁ ବଳା କି ମମତା ରଖି ।
ଛାଇକି ଅନାଇ ଛାଡ଼ ଫୁଲାଇ ବିଭଙ୍ଗେ ।
ମୁରଲୀ ବଜାଉଥାଉ କି ସ୍ୱଭୂତୀ ରଙ୍ଗେ ।

କୋଳପାଇଁ ଅଳି କରି ଗଡ଼ୁଥୁ ଧୂଳିରେ ।
ବେଶ ହୋଇଥାଉ ରସି କୁସୁମମାଳରେ ।
ନଟବର ପରିପାଟୀବେଶ ମନୋହର ।
ରଙ୍ଗିମା ଅଧରେ ହାସ କି କାନ୍ତି ସୁନ୍ଦର ।
ନୟନସୁନ୍ଦର ମାନେ ଭୁଲିତା ନାଟକୁ ।
ଅଳକା ଆବୃତ ଶୋଭି ଲଲାଟପଟକୁ ।
ନାକେ କାବ୍ୟଦାର ମୋତିବଣଣୀ କି ଶୋଭା ।
ମୋ ଅକ୍ଷି ଦେଖିବା ପାଇଁ କରିବଧି ଲୋଭା ।
ମକର କୁଣ୍ଡଳ ସୁଗ ଅନ୍ଦୋଳେ ଗଣ୍ଡରେ ।
ଦେଖି ଆନନ୍ଦରେ ଭାଷା ନ ଆସେ ତୁଣ୍ଡରେ ।
ଗୁଞ୍ଜବେଢ଼ା ବାଙ୍କଚୂଡ଼ା ଖୋସା କାମୁଡ଼ାଇ ।
କି ସୁନ୍ଦର ଦିଶୁଥାଉ ଅମ୍ଭ ଚଳି ଚଳି ।
ନେତ୍ରେ ସ୍ୱଚ୍ଛ କେକୟୂଚ୍ଛ ସୁଗୁଞ୍ଜଗପାନ୍ତି ।
ଅସିବ କାହା ପାଇଁକି ତେତେ ପରିପାନ୍ତି ।
କସ୍ତୁରୀତିଳକ ନାସେ ଭାଲେ ଗୋରଚନା ।
ଭାଲରେ ଚନ୍ଦନପାନ୍ତି ମନବଶୀକନା ।
ରଙ୍ଗମାନ୍ତି କି ରଙ୍ଗରେ ହୃଦରେ ରଞ୍ଜିତ ।
କଉସ୍ତୁଭ ବନମାଳ ସୁଷମା ବର୍ଦ୍ଧନ ।
କାଞ୍ଚଣ କଙ୍କଣ କରେ କଟିରେ କିଙ୍କିଣୀ ।
ନୂପୁର ଶବଦ ମୋର ମନ ନିଏ କିଣି ।
ସୁନ୍ଦର ତ୍ରିଭଙ୍ଗ ଭଙ୍ଗୀ ନ ଦେଖି ତୋହର ।
ବାଉଳି ହୋଇଲାଣି ଅମିତ ମୋହର ।
କଷ୍ଟ କରୁଥିଲୁ ପଶୁ କାହିଁକି ନଇଲୁ ।
କାହା ସଙ୍ଗତରେ ଏବା ପୁଣି କଳ କଲୁ ।
କି ଦୂରବନକୁ ଗଲୁ ତଥ୍ୟ ନ ଜାଣିଲି ।
ମୁଁ ପାପିଷ୍ଠୀ କାହିଁପାଇଁ ତୋ-ସଙ୍ଗେ ନ ଗଲି ।
ବନକର ଖୁନ୍ଦି ଅଛୁ କ୍ଷତମୃଗୀପଦ ।
ତନ ସବୁ ନାହିଁ ଲବ ହେଲା ସୁଗ ଶବ୍ଦ ।
କେ ଯାଇଁ କହନ୍ତା ତୋତେ ମୋହର ବେଦନା ।
ଅବଶ୍ୟ ହୃଦୟରୁ ତୁଟ ମାତା-ସ୍ନେହ-ସେନା ।
ଦଉଡ଼ିଯିବ କି ବନେ ହେଉଛ ଅଧୀର ।
ପୟୋଧରୁ କ୍ଷୀର ସ୍ରବପଡ଼େ ଧାରଧାର ।
ମନ ଛଟପଟ ବନ ନେଇଁ ନ ରହିଲା ।
ତୋ ଅଭାବ ପଶୁ ଛାଇ ମୋତେ ଘେରି ହେଲା ।

ଖଗମାନେ ମୃଗମାନେ ରହିଲା ନୟନ ।
କୃଷ୍ଣବଂଶୀସ୍ୱରେ ମୋର ବଧୀ ହେଲା କାନ ।
ଅନେକ ଅପଦୁଁ ତୋତେ ରଖିଲେ ଅମ୍ବିକା ।
ନାମ ଦେଇଅଛୁ କାହ୍ନୁ କହ୍ନା କଣା ବଜା ।
ଅପଦ୍ୟାଣି ବୋଲି ମୁଁ ବନ୍ଧାଇ ନାକ କାନ ।
ଖଣ୍ଡିଲି ବଣଶୀ ବାଳୀଲୋକଙ୍କ ଶୋଭନ ।
ମନଦୃଷ୍ଟି ନ ବାଧିବ ବସ୍ତ୍ରରେ ମୋହର ।
କଳାବିନ୍ଦୁ ଦେଇଥାଇଁ କପାଳେ ତୋହର ।
ଗୋ ରକ୍ତ ଲେପଇଁ ଅଙ୍ଗେ ଅପଦ ହରଣେ ।
ପାଦରକ୍ଷ ଦେଉଥାନ୍ତି ବୃଦ୍ଧଗୋପୀଗଣେ ।
ରଙ୍ଗବାଛି ନ ଦଅଇଁ ଡାକିନୀଙ୍କ ଡର ।
ତୁଚ୍ଛ ବେଶ କରୁଥାଇ ଲୋକଙ୍କୁ ନ ବାଉ ।
କୋଳେ ଶୋଇଥାଉ ନିଦ ଭାଙ୍ଗିଗଲେ ତୋର ।
ଚମକ ମୋ ଗଲା ଛନ୍ଦ ଡାକୁ ମାତା ଗିର ।
ଏମନ୍ତ ନନ୍ଦନ ପୁଣି ବନବାସୀ ହେବ ।
ଜନନୀ ଜୀବନ ଧରି କକର ରହିବ ।
କାହାକୁ କି ସୁତ ଦେଇ ନାହିଁ ରେ ଦଇବ ।
ତୋପରି ଅବୁଝା ପୁଣି କେ କାହିଁକି ହେବ ।
ବାଲ୍ୟମରେ ସନ୍ନିକଟ ଦୂର ନ ଜାଣିଲେ ।
ଅସ ବାପ ଭାଇ ଧନ ଛଇକା ବୋଇଲେ ।
ଅୟନେ ନୟନ ଦେଲେ ଦଉଡ଼ି ଦାଣ୍ଡକୁ ।
ନୁହେ କର ମାଉ ଯତ୍ନ ନ କଲେ ପିଣ୍ଡକୁ ।
ରୋହିଣୀ କାଉରେ ଅସ କହି ବୋଧ କଉ ।
ଧୀରେ ସେନ ଏ ବାତ୍ସଲ୍ୟ ବଚନ ମାଧୁରୀ । କଳାମାଣିକ ରେ ।
ସାମନ୍ତସିଂହାର ଦୀନ କରୁଛି କାମନା ।
କୃଷ୍ଣପ୍ରେମରସ ବନା ହୋଇବ ଭାବନା । କଳାମାଣିକ ରେ ।

ଊନସପ୍ତତି ଛନ୍ଦ ।

ରାଗ—ଶୋକକାମୋଦୀ

ବ୍ୟଥିତ କଥିତ ଧନୀ ଗିଁର । ମିତ ମୋତେ ପ୍ରତୀକାର କର ।
ଲୋକ୍ଷ୍ମୀ କ୍ଷୁପଣକୁ ଅଣାଭୃପଣକୁ କୃଷ୍ଣ ଘାଁଟକଲା ପରଶୁର ଗୋ । ପ୍ରାଣସଖି ।
ଶ୍ରେଷ୍ଠରେବୀବତ ଦୃଷ୍ଟା ଅଛୁ ବହୁ ଗୋ ।
ପିତ୍ତରେଗୀବତ ଭବ୍ୟାବଳୀ ମୁହିଁ ଗୋ ।

ପୀରତିର ପୁଣି ଏଡ଼େ ଗୁଣ । କେ ଜାଣିଥିଲା କ ମନେ ପୁଣ ।
କ୍ଷଣକେ ବୁଡ଼ାଏ କ୍ଷଣକେ ପୋଡ଼ାଏ ଲୋହକାର ସଣ୍ଡୁଆସି ଗୁଣ ଗୋ । ପ୍ରାଣମିତ
ପରବ୍ରହ୍ମ ହେଲା ଭୂତଗ୍ରସ୍ତ ବଶ ଗୋ ।
ପ୍ରାଣ ସ୍ଥିତ ଧୂମଗତ ଅହିବଶ ଗୋ ।
ନ ଛାଡ଼ିଲେ ଅଉ ଗତି ନାହିଁ । ଛାଡ଼ିଲେତ ଛାଡ଼ି ହେଲା ନାହିଁ ।
ଚୂଡ଼ାନ୍ତାକୁ ନାଗ ଧରିଲା ଦୁର୍ଯୋଗ ଦରବ ସଖ୍ୟାପଥ ଥିଲା କାହିଁ ଗୋ । ପ୍ରାଣସହି ।
ସୁଧାଚଖା ଜିହ୍ୱ ପରା ହେଲା ମୁହିଁ ଗୋ ।
ଭଗ୍ନପୋତ କାକଗତି ଅଛି ବହି ଗୋ ।
ଯହିଁରେ ପଡ଼ିଲା ମନ ଆଖି । ସେହି କରାଇଲା ମୋତେ ଦୁଃଖୀ ।
ନବେ କଳାଘନ ଭ୍ରୂ-ରେ ପାଦ ଚଳ ଶ୍ରବଣଗତରେ ତମାଳ ଶାଖୀ ଗୋ । ପ୍ରାଣମିତ ।
ଇନ୍ଦ୍ରଜାଲିକ ଶ୍ୟାମ ପୀରତି ସତ ଗୋ ।
ଦରଶେ ଦରଶେ ମୁକ୍ତମିକା ପରଗତ ଗୋ ।
ଯାପୀ ଶୁଦ୍ଧ ହେଲା ମୋ ଲଗାର । ବଂଶୀନାଦ ଶୁଣିବାକୁ କର ।
ସୁଖ ଦୁଃଖ ଜାତ ଉପେକ୍ଷ ନିର୍ବେଦ ହେଲାବେଳେ ହୋଏ ଯୋଗୀପଦ ଗୋ । ପ୍ରିୟସଖି ।
ନାସା ଗନ୍ଧ ଆଶା ନ ପାଇଲା ବଶ ଗୋ ।
ହେଲା କେତକୀ ପତନ ଅଳି-ଭଳ ଗୋ ।
ଶୁଣିଲା କଥାକୁ ନ ଜାଣିଲି । ଦେଖୁଥିଲେ ଚିହ୍ନି ନ ପାରିଲି ।
ହେଲେହେଁ ପମର ମାଦଙ୍କ ସଂଳାପ ଶୁଣି ପୁଣି ତହିଁ ଲୋଭ କଲି ଗୋ । ସଖୀଗଣ ।
ଶ୍ୟାମଶୋଭା କରାଇଲା ବାଇପଣ ଗୋ ।
କହ ଏଥିକି କେ କ ଉପାୟ ଜାଣ ଗୋ ।
ବୋଲିବ ଅବା ପୀରତି କର । କେହି ହେଉ ନାହିଁ ଭ୍ରମ ପର ।
ଛାଡ଼ିଲେ ଜୀବନ ଛାଡ଼ିବ ଜୀବନ କେହି ନକ ଅଉ ମୀନ ସର ଗୋ । ସଖୀବ୍ରାତ ।
ଦ୍ରବ୍ୟ ଦେଖିଲେତ କ୍ଷୁଧା ନୋହେ ହତ ଗୋ ।
ସ୍ତୋକ ମୁଦ କ ତୃଷ୍ଣର କେଶିକତ ଗୋ ।
ଶ୍ୟାମ ଶୋଭା ଗୁଣ ଭଙ୍ଗୀପ୍ରେମ । ବଂଶୀନାଦ ଅତ ହେଲେ ବାମ ।
ଅଗ୍ନିକି ପବନ ସପକ୍ଷ ସମାନ ବଳ ପାଇଲା ଲଗାଇ କାମ ଗୋ । ସଖୀବ୍ରଜ ।
କେତି ହାଣନ୍ତି ମନକୁ ଦଶାୟୁକ୍ତି ଗୋ ।
ଜନ୍ମା-ମନ୍ଦା ପାଦଙ୍କ ହିଙ୍କାରି ହେଲ ଗୋ ।
ବୋଲିବ ବା ପ୍ରୀତି ହେଲେ ନେଉ । ହୋଇ ନ ପାରିଲେ ଛାଡ଼ ଯାଉ ।
ଭଙ୍ଗ କାଷ୍ଠ କୋପେ ବନୀ ହୋଏ କ ସେ ମଲେହେଁ ପୋଡ଼ିଯାଏ କ ଅଉ ଗୋ ।
ସଖୀକୁଳେ ।
ଅଗ୍ନି ଜାଳକର ବାସ ଭୁଲି ଦେଲେ ଗୋ ।
ଖରସା କ ମଧୁ ଅଣ ଛଡ଼େ ଚଳେ ଗୋ ।
ବୋଲିବ ବା ଅବା ଅନୁଭବୀ । ଭୂତ କାହିଁକି ମନୁକୁ ଭାବି ।

ଜୀବ ପରମର ପୀରତି ବସ୍ତୁର ଅଗ୍ନି ବୋଲିଛନ୍ତି ମହାକବି ଗୋ । ସୁରଙ୍ଗିନି ।
ଦେଖ ଅକ୍ଷିକି ଅକ୍ଷି ନ ଥାଇ ଚାହିଁ ଗୋ ।
ପରିଚୟେ ଯେନାଯେନ ଯେନ ବେନ ଗୋ ।
ବୋଲିବ ଶ୍ୟାମ ନ କଲେ ପ୍ରୀତି । ତୁମ୍ଭେ କର୍ପା କଲାଇଲୁ ମତି ।
ମିତ୍ର ଅନାଦର କଲେ ପଦ୍ମିନୀର ସଂସାରେ ଅଉତ ନାହିଁ ଗତି ଗୋ । ମିତମୁଦ୍ରି ।
ଶ୍ୟାମ କଥ ମୁହିଁ କୁମୁଦିନୀ ସତ ଗୋ ।
ଯାହା ଦେନ ଯାହା ସୁଖ ଏଥି ଚନ୍ଦ୍ର ଗୋ ।
ବୋଲିବ ପ୍ରୀତିରେ ବଡ଼ ବାଧ । ଏଥିରେ କର୍ପା କରିଛ ସଧ ।
ସ୍ତ୍ରୋକ ଘନ ଅଣ ଛାଡ଼ିଲ କି ଚାଷ କୃଷକଣେ ଅନ୍ତର ହେଉ ବଧ ଗୋ । ସଖୀଗଣ ।
ଅଛୁ ଯଦ୍ୟପି ଉକ୍ଷିବ ସମୀରଣ ଗୋ ।
ନ ବହିବ କି ମଳୟାଚଳେ ପୁଣ ଗୋ ।
ବୋଲ ଦା କୁହନ୍ତି ସେ ଭ୍ରମର । ତୁମ୍ଭେ କର୍ପା କିମ୍ବା ଏତେ କର ।
ଲହଣୀ ସିନ୍ଧୁର ପିନ୍ଧୁ ଲହଣୀର କେ ବୋଲଇ ଏହା ମନେ କର ଗୋ । ସଖିଶ୍ରେଣୀ ।
କାନ୍ତା ବୋଲାଏ କାନ୍ତର ସିନା ପୁଣି ଗୋ ।
ଗନ୍ଧ ନାମରେ ବକାଏ ଫୁଲ ଜାଣି ଗୋ ।
ଦଳିବପୁରୁଷ କି କାରଣ । ଦେଇ ବୃକ୍ଷିବାକୁ ସୁଧାରସ ।
କାଳିବେଳେ ଗାଗ ପକାଇ ପାଉଁଶ ପହାରିଲା ପୁଣି ସେ କୃଷଣ ଗୋ । ସଖୀଚୟ ।
ମନ ଲୋଭ ଅଗ୍ନିକି ପତଙ୍ଗ ପ୍ରାୟ ଗୋ ।
ଦେହ ଜଳିଲେ ଅଣା ନୋହିଲା କ୍ଷୟ ଗୋ ।
ଅବଶ୍ୟ ବଧ କଲେ ସେହି । ଛାଡ଼ିବାର କଥା ହେବ କେହି ।
ଯୋଡ଼ାଏ ଭାଡ଼ାଏ ଯେବେ ଧନଚୟେ ପାଣି ପାବକ ନ ଛାଡ଼େ କେହି ଗୋ । ସଖୀବାଗ
ଅଗ୍ନି ବାରିବ ସଂଯୋଗ ପରକାର ଗୋ ।
ଦୁହିଁ ଶେଷ ହୋନ୍ତି ନୋହେ ବାରବାର ଗୋ ।
କଣ୍ଠାଇ ଖେଳିଲା କାହ୍ନୁ ମୋତେ । ଅନୁସରିଥିଲେ କେତେମତେ ।
ସାହୁ ଧନେ ରଣୀ ଦଇବୁ ପଶ୍ଚିଣୀ ପଶ୍ଚାତେ ହୋଇଲି ଅବଗତେ ଗୋ । ମିତେ ଚନ୍ଦ୍ର ।
ଲାଗିଛନ୍ତି କାମପ୍ରେମ ବଇର ତ ଗୋ ।
ହେଲା ଦକଦକ କରିବଣ ଚତ୍ ଗୋ ।
ନାଗର ସାଗର ବୋଲି ମୁହିଁ । ପ୍ରେମପୋତ ମେଲିଥିଲି ତହିଁ ।
ଦୁର୍ଯୋଗ ବତାସ ଉଡ଼ାଉଛୁ ଅଣ ତୀରଠାରୁ ପର ଅଛୁ ରହି ଗୋ । ମୃଗନୟନି ।
ମିତ୍ର କାନ୍ତ ଥାଉଁ ପଦ୍ମ ହୃଦେ ମ୍ଳାନ ଗୋ । •
କର୍ମଦୋଷ କେବେହେଁ ନୁହଇ ହାନ ଗୋ ।
ଯମୁନାରେ ଦେବ ବୋଲି ଝାସ । ନିକଟେ ହୋଇଲି ପରବେଶ ।
ପ୍ରାପ୍ତି ଅଣାବନ୍ଧ କରଇ ନିଷେଧ ସ୍ୱପ୍ନଧନ ପାଇ ଯଥା ତୋଷ ଗୋ । ପ୍ରାଣସଖି ।
ପୂର୍ଣ୍ଣଚନ୍ଦ୍ରେ ଚକୋର ଅଣାକୁ ରଖି ଗୋ ।
ଯଥା ଦିଆବେଳକୁ ହେଉଛି ଦୁଃଖୀ ଗୋ ।

ନିରବଧି ହୃଦ ଜଳୁଥାଇ । ଦୁଷ୍ଟ ଅନଳ ପରଶେ ହୋଇ ।
ନଇ ବଳୀ ଶୁକ ପରଶେ ବିବେକ ଖୋଜିଲେହେଁ ଅଉ ନ ଦିଶଇ ଗୋ । ସ୍ୱପନଙ୍କାର
ଦଣ୍ଡେ ଦଣ୍ଡେ ଦଣ୍ଡେ ଶ୍ୟାମବନ୍ଧୁ ବଢ଼ ଗୋ ।
ଦୃଷ୍ଟିକଲେ ନିଶ୍ୱ-କାନ୍ତା ଦଶା ଜାତ ଗୋ ।
ବୋଲିବ ବା ଅଣା କହ କହ । ଜୀବ ଗଲେ ଯିବ ସବୁ ସହ ।
ଶଶ ଶଶୀ ସ୍ୱାଦ ଯେବେଛୁ ମୋ ମତ ଅବଶ୍ୟ ଲଭିବ କେଶଧାରୀ ଗୋ । ହିତକାରୀ ।
ଜୀବ ଯିବ କି ବନ୍ଧୁଙ୍କୁ ଧ୍ୟାନ କରୁ ଗୋ ।
ହେବ କୃଷ୍ଣକାରଙ୍କ ହୃଦ ପରି ଗୋ ।
ମନ ପଡ଼ିଅଛି ପ୍ରେମାମ୍ବୁରେ । କେତେ ବର୍ଣ୍ଣିବ ପ୍ରଣ୍ଡୁର ତଟେ ।
ବନ୍ଧୁଙ୍କର ପାଦ ସମ କୃପାଶ୍ରୀତ ପଦମା ବରଷ ଏ ଜଗତେ ଗୋ । ସଖୀପୁଞ୍ଜ ।
କୃପା ଅନୁସାରେ ଶ୍ରୀରସିକରାଜ ଗୋ ।
ତାଙ୍କ ଦୋଷ କି ବାଛିବ ମନେ ହେଜ ଗୋ ।
ଘନ ରସ ବୃଷ୍ଟି କରିବାରେ । କେ ମୁଦ କହିଲ ଏ ସଂସାରେ ।
ମୌକ୍ତିକ ଶୁକ୍ତିରେ କର୍ପୂର ରମ୍ଭାରେ ଗରଳ ବଢ଼ାଏ ଅହିତାରେ ଗୋ । ମିତ୍ର ଚିନ୍ତା ।
ମୋହ ଦଶା ପରସ୍ପର ସ୍ନେହମତ ଗୋ ।
ତାଙ୍କୁ ବାଛିଲେ ହୋଇବ ନାରକୀତ ଗୋ ।
କୃଷ୍ଣିଣୀ-ପଦ୍ମାପଣ୍ଡି କର । ପ୍ରେମ ନଷ୍ଟ ଭିଛି ନାନାପର ।
ତଟେ ଅତିକାତ ଭାବନା କରଇ ହୋଇଲା ନିନ୍ଦୁଲହସ୍ତାପଦ ଗୋ । ସଖୀବୃନ୍ଦେ ।
ପରସ୍ପର ଜଣୀ ହେଲେ ଅନୁବାଦେ ଗୋ ।
ଅନାସ୍ଥାର ବନ୍ଧ ଲୃଷ ନାଶାହେବେ ଗୋ ।
ବୀଜମଧ୍ୟେ ଯଥା ତରୁ ଖ୍ୟାତ । ତଥା ମୋ ହୃଦରେ ଭାବଯୁତ ।
କୃଷ୍ଣକାର ଭିନା ହୋଏ ଅନ୍ତର୍ଯାମୀ ବାହ୍ୟେ ପଙ୍କ ଦେଲେ କେଉଁ ହିତ ଗୋ ।
ସଖୀବାର ।
ମୋତେ ସ୍ନେହପର ତୁମ୍ଭ ଉପକାର ।
ଅଜନ୍ତକୁ ପ୍ରାଣ ଅଣା ଦୂର କର ଗୋ ।
ସଜନୀ ବୋଇଲେ ଅଣକ୍ଷଣ । ମନ କଲେ ନ ମିଳଇ ଜଣ ।
କମଠ ମଣ୍ଡକ ଧ୍ୟାନରେ ବିବେକ କୋଟିଏ ପଣେ ଦୂର କର ଅଣ ଗୋ । ଧାରାମ୍ବରୀ ।
ଜାହ୍ନବୀଲେ ସିନ୍ଧୁ ତଳୁ ହେଲା ପର ଗୋ ।
ଜୀବଂ ଥିଲେ କାଲି ହେବ ଦୁଃଖହର ଗୋ ।
ନିତବୀର ଶୁଣି ଧୀର ଧନୀ । ଧୀରେ ଯେଣ ହେବ ପାପ ହାନି ।
ଦୀନ ଅଭିମନ୍ୟୁ ଚନ୍ଦ୍ରେ ନନ୍ଦନାଡୁ ଚନ୍ଦ୍ର-ଚକୋର ଭାବନା ଯେଣ ହେ । ଶୈଳଧାରୀ ।
ପାଖେ ରଖ ଏ ଦୀନଙ୍କୁ ଦାସ କରି ହେ ।
କୃପାସିନ୍ଧୁ କୀର୍ତ୍ତି ଅଛି ବେଦେ ଲଭି ହେ ।

ଏକସପ୍ତତି ଛାନ୍ଦ

ସ୍ୱର—ଭୂପାଳ

ବଦନେ ବଦନେ ଚାହୁଁଛି ।   ପ୍ରେମେ ହୋଇ ଅବୁଝି ।
        ମିଳେ ଏକାନ୍ତେ କଦମ୍ବ ବଣୀ ସ୍ମରୁଛି ।
ଗତ ସରସେ ଜାତ ।   ସରଳତା ସଂଜାତ ।
        ଯତବୃତ୍ତିଙ୍କ କରାଉଅଛି ଲଜ୍ଜିତ ।
ମହାଦରେ କଳିତ ।   ବାଜୁଅଛି ଲଳିତ ।
        କି ବେକ କୁଳବତୀ ମାନ ଦର୍ପ ଦଳିତ ।
ମନ ନଏ ରସାଇ ।   ଧୈର୍ଯ୍ୟ ଦଏ ଭସାଇ ।
        ତା ଛାଇରେ ନେବ ଯଦି ଏବେ ମିଶାଇ ।
ତନୁ ପୋଡ଼ାଇଲା ତ ।   ମନ ବୁଡ଼ାଇଲା ତ ।
        ଶ୍ରବଣ ତା ମଧୁରତା ଜୋଡ଼ାଇଲାତ ।
ବାସ ପଡ଼ାଇଲାତ ।   ମତି ଗଡ଼ାଇଲାତ ।
        ବିବେକ-ଚେତନା-ବେକ ମୋଡ଼ାଇଲା ତ ।
ଲଜ୍ଜା ଗଡ଼ାଇଲା ତ ।   ଇଚ୍ଛା ଜଡ଼ାଇଲା ତ ।
        ଦମ୍ଭତରୁ ସମୂଳରେ ଉଡ଼ାଇଲା ତ ।
ଲୋଭ ବଢ଼ାଇଲା ତ ।   ବଳେ କଢ଼ାଇଲା ତ ।
        କଳଙ୍କପଙ୍କେ ଗଡ଼ାଇ ଶଡ଼ାଇଲା ତ ।
କାମେ ଚଢ଼ାଇଲା ତ ।   ଅଣି ଛେଦାଇଲା ତ ।
        ପ୍ରଳୟ ଅଚଳ ହୃଦେ ଲଦାଇଲା ତ ।
ବାଦ ବସାଇଲା ତ ।   ନୀବୀ ଖସାଇଲା ତ ।
        କରଜ ଲାଗିଲେ ମଧ୍ୟ ଚଷାଇଲା ତ ।
ତାପେ ତପାଇଲା ତ ।   ନାମ ଜପାଇଲା ତ ।
        କରବକ୍ଷ ହୃଦୟକୁ କମ୍ପାଇଲା ତ ।
ଜ୍ଞାନ ହରାଇଲା ତ ।   ନତ ଡରାଇଲା ତ ।
        ଅପଖ୍ୟାତି ଲୋକେ ଅଣି ଭରାଇଲା ତ ।
ମଧୁ ପିଆଇଲା ତ ।   ଭ୍ରମ ଦିଆଇଲା ତ ।
        ନୂଆ ହଟହଟା-ହାଟ ଥୁଆଇଲା ତ ।
ଅଣା ଜଗାଇଲା ତ ।   ଅଶ୍ରୁ ଭଙ୍ଗାଇଲା ତ ।
        କେ ଜାଣେ କି କୁହୁକାଠ ଲଗାଇଲା ତ ।
ଧୀର ଶିଖାଇଲା ତ ।   ମୁଖ ଚଖାଇଲା ତ ।
        ମନମୋହନ-ମୂରତି ଦେଖାଇଲା ତ ।
କର୍ଣ୍ଣ ଶୁଖାଇଲା ତ ।   ମୁଖ ରଖାଇଲା ତ ।
        କଳଙ୍କବାପଙ୍କ ବଳେ ଲେଖାଇଲା ତ ।

ନବ ବଞ୍ଚାଇଲ ତ ।   ପାଞ୍ଚ ପଞ୍ଚାଇଲ ତ ।
 କେବେ କାହା ହଟ ନାଟ ଭଙ୍ଗାଇଲା ତ ।
ଧୈର୍ଯ୍ୟ ଲୁଟାଇଲା ତ ।   ବଳ ଛୁଟାଇଲା ତ ।
 ଗଞ୍ଜିତ ଭଞ୍ଜିତ ଏବେ ଘଟାଇଲା ତ ।
ପଥ ହୁଡ଼ାଇଲା ତ ।   ଭେଦା ଭୁଡ଼ାଇଲା ତ ।
 ଅନ ଅଭିଲାଷ ଭଲୁ ଛଣ୍ଡାଇଲା ତ ।
ସେ ଗୋ ଏଡ଼େ ମହତ ।   କାହିଁ ଥିଲା କହତ ।
 ମୋ ଜୀବନ ନଷ୍ଟେଁ ଏବେ କରିବ ହତ ।
ନିଜ କହେ ଦୁଷ୍ଟ ।   ଶୁଣ ବଂଶୀ ଦରଦ ।
 ମୁଁ କହୁଥିଲେ ବଚନ କେତେପର ତ ।
କର କାହିଁ ବହତ ।   ଅଲୌକିକ ସେହ ତ ।
 ନାରାୟଣ ପଣ୍ଡିତଙ୍କୁ ସେ ପ୍ରସ୍ତ ବହତ ।
ଧ୍ୱନ ଯାହାର ବଳ ।   ଭେଦେ ବ୍ରହ୍ମାଣ୍ଡାବଳୀ ।
 ଅବଳା ମାନ୍ୟ କେ ଦହନ୍ତୁ ପାରିବ ବଳ ।
ଯାହା ଶ୍ରବଣେ ବଧି ।   ସରଜଲା ଅବଧି ।
 ଅଭ କେ ରଖିପାରିବ ଅବା ପ୍ରବଧି ।
ଶୁଣି ବ୍ରହ୍ମା ମୁଖରେ ।   ବେଦ ନ ସ୍ଫୁରେ ଖରେ ।
 ସୋମ ସୂର୍ଯ୍ୟାଦି ଗମନ ସ୍ତମ୍ଭନ ଖ-ରେ ।
ଯାହା ଯଶ ସ୍ମରଣେ ।   ଶୀତ ଗଙ୍ଗା ସୁରଧେ ।
 ତେଣୁ ଶିରେ ବହୁଛନ୍ତି ହର ହରଷେ ।
ଜଗତ୍ତ୍ରୟକାରିଣୀ ।   ପାପତାପ-ହାରିଣୀ ।
 ବ୍ରହ୍ମ ଦ୍ରବ ସେବ ବିଷ୍ଣୁପଦ ଧାରିଣୀ ।
ଏଡ଼େ ଗୁଣ ଯାହାର ।   କଥନ ସେ କାହାର ।
 ବଣ ଦ୍ରବ ହେବ ଏକତ୍ରରେ ଯାହାର ।
ଗୁଣ ଅଛ ଗହନ ।   ନାଦ ବଣମୋହନ ।
 ଅସାଧ୍ୟ ସାଧନ୍ତି ଯାହା ସେବ ମୋହନ ।
ଜୀବ ଦେଲେ ସଜୀବ ।   ଜୀବ ପାଏ ଅଜୀବ ।
 ଜଳ ଶିଳ ବିପରୀତ ଧର୍ମ ଅର୍ଜିବ ।
ଅଚେତନଙ୍କୁ ହତ ।   ଚେତା ହୋଏ ମୋହିତ ।
 ଜଗତରେ ରହିବ କେ ସୁମ୍ଭ ନୋହୁ ତ ।
ଅଛ କର ଗୋଲୋକ ।   ଯେତେ ଅମର ଲୋକ ।
 ଯା ଧ୍ୱନି ଶ୍ରବଣେ ଅସି ହୁଅନ୍ତି ଲୋକ ।
ପାଏ ଭ୍ରମେ ତହିଁକ ।   ଅନ ଲକ୍ଷ୍ୟ କେହ କ ।
 ପରମ ମରମ ନର୍ମ ଲୀଳ ନାହିଁକ ।

ଏହା ଶୁଣି ଶ୍ରୀରାଧିକା । ହେଲେ ପ୍ରେମାଗ୍ରସ୍ତିକା ।
ବୋଇଲେ ଲୁହାଏ ନ ବୁଝ ସେ ଅଧିକା ।
ବାଦ ଲାଗିଛି ତାର । ମୋତେ ଚହିଁବୁ ତାର ।
ମୋ ନାମ କେ ତାହାଠାରେ କଲା ବିସ୍ତାର ।
ଗୋପେ କେବା ନାହିଁ ତ । ମୋତେ ହେଲା ଅହିତ ।
ନିରବଧି ରାଧା ରାଧା ଡାକେ ସେହି ତ ।
କହ ଯାଇଁ ତହିଁକି । ପଲ୍ଲିବାସୀ ମୁହିଁକି ।
କୁଞ୍ଜବନକୁ ଡାକଇ ମୋତେ କାହିଁକି ।
ବିନୟରେ କହିବ । ମୋତେ ଦୟା ବହିବ ।
ଗୁରୁଜନ ଥିଲେ ଡାକିବାର ନୋହିବ ।
କାହିଁପାଇଁ ବଧିବ । ଏତେ ମାଂସ କୋଥିବ ।
ଗଞ୍ଜନ କାଳେ ବାଜିଲେ ବଡ଼ ବାଧିବ ।
ନ ଚେଇଁଲେ ଭାରତୀ । କି ରହିବ କୀରତି ।
କରଗତ ହେଲେ ଖାଉଦେବ ମୁରତି ।
ବସି ସଖୀ ଉଠନ । କଲା ଭଗୀବଚନ ।
ତାହା ଯୋଗୁଁ ହେବ କେବେ ସୁଖ ଉଠନ ।
ରାଧା ନାମ ତାହାର । ନିରବଧି ଅହାର ।
ଥାଉ ସେ ଭଜିବ ପୁଣି ନାମ କାହାର ।
କି କରିବ ବର୍ଣ୍ଣନ । ସେ ତ ଦୁଃଖ ଖଣ୍ଡନ ।
ପାଇବ କେବେ କାହାରେ ସେ ତ ମଣ୍ଡନ ।
ଶୁଣି ମୃଦୁ କଥାରେ । ଯେବେ ଏ ଭଷ ଧୀରେ ।
ଅଭିମନ୍ୟୁ ବଣୀଭାବ କହେ ବଧିରେ ।

ବାସ୍ତୁବା ଛନ୍ଦ

ରାଗ—ପଞ୍ଚମବରାଡ଼ି

ଧୀରେ ବଚନେ ବନମାଳୀ ପ୍ରିୟସଖା ସଙ୍ଗେ ନିଜ ଶ୍ରୀରାଧିକା ପ୍ରୀତି ପ୍ରାପ୍ତି ଭଜ ।
ଦେଖି ବୃନ୍ଦାବନ ଶୋଭା ନିଜର ଭରକୁ ତଳ ବୋଲି ଛନ୍ଦ କୀକ ଯିବ ହେଲ ହେ ।
ପ୍ରାଣମିତ ।
ଋତୁବଜ ଇନ୍ଦ୍ର ହେବ କଳ ।
ଉଦ୍ଦୀପନ ଅଗ୍ନି କାଳ ପଲ୍ଲବ ହବିକ କାଳ ବରଣି କରିବ ଏଭୁବଳ ହେ ।
କି ଏ ରାମାୟଣ ରଣ ରାମଚନ୍ଦ୍ର ସଲକ୍ଷଣ ଚାରକାଦ ହରିତଭୂଷଣ ।
ବାତ ବଳନଦବୃଣ ପରଭଞ୍ଜନ କପୁଣ ମନ୍ଦ ଗନ୍ଧମାଦନହିଁ ପୁଣ ହେ । ପ୍ରାଣମିତ । ଦୋଷ
ଜାମ୍ବବାନ ବଧିକ ପ୍ରମାଣ ।
ଶୁଭ୍ରବନରେ କପୁଣ ଦଣଇତ ବଦ୍ଧାଗଣ କାରମଣି ଅଗ୍ରକଟି ପୁଣ ହେ ।

ଯେଉଁକର ସୁବର୍ଣ୍ଣ ପନସ ଚନ୍ଦନ ଶତଦଳ ବଦନ କି ବିଚିତ୍ର ।
କୁନ୍ଦ ଡାଳିମ୍ବ ବଦରି କଞ୍ଚନ କୁମୁଦ ହୁଡ କାମୋଦ ଗୁଣ କି କହିବା ତି ହେ ।
ଶୋଭା ବିବିଧ ତରୁ ବହିତ ।
ବଣ୍ଣିବବରେ ତ ହିତ କି ଲୁଟିକେ କେଶରୀତ ଶବସ୍ ଧାଉଡ଼ି ଅବିରତ ହେ ।

ନୀଳସୂତ ଅଗରୁର ଅପୂର୍ବ ନଳ ପଞ୍ଜର ସରସେ ଭୁରଙ୍ଗ ଶତଙ୍କର ।
ସୁଷେଣ ଭୁଜାରେ ଗିରି ସୁଶୋଭିତ ମନୋହର ବନ୍ଦ୍ରୁମରେ ହୋଇଛି ବିସ୍ତର ହେ ।
ଲକ୍ଷ୍ମଣଙ୍କ ନଗରେ ପ୍ରସ୍ତର ।
ଦେଖ ଦେଖ ହରିବାର ଅସୁର ସଂହାର କରି ମୁଁ ହେଲି ଏଥି ଅଙ୍ଗଦବୀର ହେ ।

କାହିଁ ଲଙ୍କାରେ ଶମନ ହରି ଯବଳରେ ଯେଉଁ ପ୍ରତିବାସ ପୁରହି ନିଦାନ ।
ପରି ଭୁତ୍ୟର ବଦନ ସେନାନୀ ହେଲେ ନିଧନ ସୁତମାଳ ବସୁଭବ ଭଲ ହେ ।
ଗ୍ରହଣ ତରୁ ତ ବିଭଞ୍ଜନ ।
ମୁମନ ବମାନେ ପୁନ କପି ମଧୁପ ନିସ୍ତନ କରେ ହରେ ସେ ହିତ ଜୀବନ ହେ ।

କି ଏ ଭାରତ କୁମିତ ଏ ବନ ହୋଏ ପ୍ରତୀତ ଲକ୍ଷ୍ମ ଥିବାରୁ ଯେସନ୍ତା ସତ ।
କୃଷ୍ଣ ସଙ୍ଗେ ହୋଇ ପ୍ରୀତ ଅର୍ଜୁନକାଣ୍ଡ ବଦିତ ମନ ମାରୁତ ଗତି ବଦିତ ହେ ।
ଦ୍ରୋଣଦେବ ସୁଭରେ ରହିତ ।
ନକୁଳରେ ଅକର୍ଷିତ ହେବାରେ ଦ୍ରୋଣ ସହିତ ଅବଲେଶସ୍ତୁ ବିକ୍ଷୁବ୍ଧ ହେ ।

ଦର୍ପକର ବିଶାଳତ ଦ୍ୱିଜରାଜହିଁ ଉଦିତ ନାଗଗ୍ରହଙ୍କେ ବାଳିବାର ଖ୍ୟାତ ।
ପରାଭୂତରେ ମଣ୍ଡିତ ମହାସେନ ଦ୍ରୁମନନ୍ଦ ପଦେ ଶୋହେ ପତିତ ସ୍ୱନ ତ ହେ ।
ନାଗସ୍ତକେ ବାଳିବାର ହିତ ।
ବିରାଟ ଉତ୍ତର ଯୁଦ୍ଧ କରୁ ବୀର ଶ୍ରୀଖଣ୍ଡିତ ଦୁର୍ଜୟ ପାଦ ମଣି ଅଛୁ ତାର ହେ ।

ଶୁକଣେ ନିତ କଥିତ ଗଉର୍ଷୀ ମହସ ରତ ସମରେ ବିଜୟୀ ହୋଇବତ ।
ବରବଣେ ବାସବତ ହେବ ହେବ ବଳେଙ୍କତ ଚଣ୍ଡୀ ତାର ହୋଇବ ରକ୍ଷିତ ହେ ।
ତହିଁରେ ଶତବୀଳ ବ୍ୟାପିତ ।
ଜୀବନନାଶିନୀ ଯେତ କାମିନୀରତ ଅଚ୍ୟୁତ ସୁଦ ହେବ ଦେବୀର ସେ ଖ୍ୟାତ ହେ ।

ଶୁଣି ହେ ମିତ ବସିଲି କୃଷ୍ଣଙ୍କ ଶୁହି ଭାସିଲି ଏ ସ୍ଥାନେ ପ୍ରତୀତ ନାଟ୍ୟଶାଳା ।
ବାଜ ସୂତ୍ରଧାର ହେଲା ରତ୍ନରାଜ କରେ ଲୀଳା ସୁଦ ଗଣିକା ନର୍ତ୍ତକୀ ଭଲା ହେ ।
କାସ କମଣ୍ଡନହିଁ ମାନିଲା ।
କଳକଣ୍ଠ ରତ ହେଲେ ପଞ୍ଚମସ୍ୱର ଜଣିଲ ଅଭିନୟ କି ପଦ ଚଳିଲା ହେ ।

କୁମ୍ଭାଣ୍ଡ ଅ କରେ ସ୍ୱର ମୁରଜ ବାଦ୍ୟ ପ୍ରସ୍ତର ବୀଣାନାଦି କି ଝିଙ୍କିଝଙ୍କାର ।
ମଧୁସ୍ରୀ ନାଦ ଭ୍ରମର କରୁଅଛୁ ପରସ୍ପର ନାନା ବିକଳତ ବାଦ୍ୟବାର ହେ ।
ବାଜତକି ଲଭିଁଣୀ ବସ୍ତର ।
କଷ୍ଟକୁପକ୍ଷୀର ଗିରି ଧୃ ବପଦ ବଷ୍ଟାମର ମାନ ତାନ ଧାରଣ ଯଥାର ହେ ।

ରାଜାନଙ୍କ ପାର୍ଶ୍ୱେ ରାଣୀ ନବ ସଦ୍ମମଧ୍ୟେ ବସି ଇଙ୍ଗିତରେ କହାଇ ଅଭିଳାଷୀ ।
ତୁମ୍ଭେ ରାସରସେ ରସିବାର ଯାଉଛ ଅଦ୍ୟାପି ଦେଖା ଯିବ ପୁଣି ମୁଖଶଶୀ ହେ ।
ଏ କାଳ ଏଥିକି ଅଛୁ ଆସି ।
ଏ ରଙ୍ଗକୁ ପରଶଂସି ତାଙ୍କ ସଙ୍ଗେ ଯିବ ମିଶି ହୋଇଛନ୍ତି ବୃନ୍ଦାବନବାସୀ ହେ ।

ଶୁଣି କହେ କେଉଁ ମିତ୍ର ହେଲେ ପ୍ରବୀଣା ସଙ୍ଗୀତ କେତେ ବନ ନାଟ ଉତ୍କଟ ।
ମାନ ହେଲେ ବଳକର ରାଗ କୋହିବ ଖଣ୍ଡିତ କର ଚଳନାୟିକାସ୍ ସତ ହେ ।
ହୁଙ୍କାର ଶାନରେ ବନ୍ଧାମିତ୍ର ।
ମୂର୍ଚ୍ଛନା କଳା ତାଳର ଲୟ ଭେଦ ବକଳିତ ମୁଦ ଭଣି ରାଜନାର ସ୍ୱରେତ ହେ ।

ଏମନ୍ତ ସଂଳାପକାଳେ ଦୂତୀ ଆସି ତହିଁ ମିଳେ ଦେଖି ହରି ମୁଦ କଥା କଲେ ।
ଯମୁରେ ତାକୁ ଭାସିଲେ ବଦେହରେ ଦେହ କଳେ ଘନରସେ ବଲହରି ଭଳେ ଗୋ ।
ସଙ୍କାଭଙ୍କା । ତୋଷ
ମୋ-ପ୍ରାଣକୁ ଶୀଣକର କେବେ ।
ଶ୍ରବଣେ ଦୂତିକା ଛଳେ ରାଧିକା ସେନେହ କଳେ ଭାସିବାର କେ ବାଉବ କଳେ ହେ ।

ଚନ୍ଦ୍ରାବଳୀ ରସିବାର ଶ୍ରବଣେ ଧନୀ ଉତ୍ତର ଶତଶିରୋମଣି କେଶଧର ।
କୋବଳ ପ୍ରତଉତ୍ତର ମୁଖ ହାସ କାଲି ତାର ଗଣ୍ଡ ଚମ୍ବକ କରନ୍ତି ତାର ଗୋ ।
ଏ ଚନ୍ଦ୍ରାବଳୀକି ମନୋହର ।
ଏଥି ଅଭିଳାଷ ମୋର କରୁଛି ମାନସ ଦର ଅନ ମୋତେ ତାହା ନ ବସ୍ତ୍ର ଗୋ ।

ଶ୍ରବଣେ ବୋଲେ ସଖୀଗ୍ରୁ ପ୍ରତେ ହେଲା ମିଥ୍ୟାପର ପରଖ ଦେବ କ କେଶ୍ୟାଘ ।
ହସି ବୋଇଲେ ମୁରାରି ଧନୀକୁତ ପଟପରି ରୋମାଞ୍ଚକା ଅଛ ଅଛୁ ଭଲ ଗୋ ।
କଂସଙ୍କେ ମୁଁ ତହିଁ କର ଭଇ ।
ଏଥିରେ ପ୍ରତୀତ କରିବ ନାହିଁ କି ସହଚରୀ ଏ କ ତୁମ୍ଭ କୁହା ଅବଳୟ ଗୋ ।

ବୋଇଲେ ବଣାକ୍ଷୀ ମିଳ ଦାବାନଳ ହେଲେ ଗିଳି ଗରଳ ଶୋଷି ମାଇଲେ ନାଗ ।
ଇନ୍ଦ୍ର ବଳକୋଳା କୁଞ୍ଜି କାଳୀୟ ଗରବ ଗଞ୍ଜି ଅସମଣି-ଚୂଡ଼ଦର୍ପ ହର ଗୋ ।
ସେ ଭୁଜଙ୍ଗରାଜ ଏହି ହର ।
କେତେ ଜାତ ରୂପ ଧରି ପିତାମହ ଗର୍ବ ହରି ମାୟାରେ ବଞ୍ଚିଲେ ଗର୍ଭିଧାରୀ ଗୋ ।

ବୋଇଲେ ମାଧବ ହସି ଚତୁର୍ଥ ଭୂମ୍ଭ-ବସ୍ତ୍ରୀ ନେଲେ ମିତ୍ର ଚତ୍ର ବଡ଼ଭଗିଣି ।
ଲାଗିଲେ ପ୍ରଣୟ ପାଶୀ ନ ହେବ କି ଲୋକହାସୀ ସମର୍ପଣ ହେଲି ହୃଦ ଅସି ଗୋ ।
ଯାଇଁ କୁହାଇ କହ ବଶେଷି ।
ଉବ ଲହକୁ ସୁକେଶୀ ନ ହେଲେ କହାଇବ କେଶୀ ଦଣାଦୂତ ଅଣିବେ ଅଙ୍କଶି ଗୋ ।

ଶୁଣି ଦୂତୀ କହେ ବେଗେ ନ୍ୟାୟ କାମରାଜା ଅଗେ ହେବାର ହେଲା ଏ କଥା ରାଗେ ।
ଜଣାଇ ପଡ଼ିବ ଯୋଗେ ଯେ ହାଇବ ପରସଙ୍ଗେ ତେତେବେଳେ କାହିଁଥିବ ସଙ୍ଗେ ହେ
ପ୍ରିୟମିତ୍ର ।

ଧର ଲବାଷିବ ହୃଦଙ୍କରେ ।

ବୃଦ୍ଧି ହେମ ଜଳ ଯୋଗେ ପାଇବେ ତାଡ଼ନା ଅଙ୍ଗେ ବଢ଼ାଇବେ ପୁଣି
ମାନ-ଉଙ୍ଗେ ହେ ।

ଚତୁରାଚପଳ ଗିରି ଚତୁର୍ଗୁଣ ସ୍ମରୁଣ ତାର ସ୍ୱଭ ସନ ଚଉଦଟେ ବଳ ।
ବଳଷ ଯୋଗେ ପ୍ରକୃତ ଶୋଭିଲା ଦେହ ସଞ୍ଚାର ଦଶେନ୍ଦ୍ରିୟେ ବିକଳ୍ପାଦ ପୂର ଗୋ ।
ସଞ୍ଚାରକା ।

ହେଲା ପୃଥ୍ୱୀସହ ମଳିବାର ।

ହେବ ପ୍ରଳୟ ପାଣିର ମନ ମାର୍କଣ୍ଡେୟ ସ୍ଥିର ଧଣୀ କୋଳ ବଟ ପଡ଼କାର ଗୋ ।
ଦୃଶ୍ୟ କହିଲା ପ୍ରବୋଧ କହୁଲଣି ପ୍ରେମବଧ୍ୟ ହେବ ନବରସ ସୃଷ୍ଟି ସିଦ୍ଧି ।
ଭୂମେ ସ୍ୱାୟମ୍ଭୁବ ବଧ୍ୟ ଶତରୂପା ଉଷକଥ୍ୟ ଭୋଗୀ ହେବ ମନ୍ୱନ୍ତର ବଧ୍ୟ ହେ ।
ନାଗରେନ୍ଦ୍ର । ଘୋଷ ।

ଦନ୍ତସ୍ୱରେ ଦେବାପାଇଁ ଅଧ୍ୟ ।

ନିଜ ନିଜ ମୁଖ ସିଦ୍ଧି ଭୁଞ୍ଜିବେ ସେହୁ ଅବଧ୍ୟ ପ୍ରଳୟ ଦୁଃଖଦ ହେବ ବଧ୍ୟ ହେ ।
ହର କୋଇଲେ ସଂସାର ହେଉଛନ୍ତି ମୁଁ ଏପର ପାଣବନ୍ଧୁ ରହିଛୁ କି କର ।
ଦୃଶ୍ୟ କହେ ଅଣୁ ହୃଦ ହୃଦୟ ଦ୍ୱିହଗ କର କାଳଯୁଗେ ଅଣୁର ସେ ଗାର ହେ ।

ନରହରି ପାଇଁକି ବସ୍ତୁ ।

ଶମିକ ଜରତ କର ଅଣିଅଛୁ ଶମ୍ଭୁରର ବଧ୍ୟମନ୍ତ୍ର ଯେଉଁ ଦେବ ଚର ହେ ।
ହର ହସି ଅଧୋଗତ ହେଲ ଯାହା ଉଷବନ୍ତ ତୋ-ସଙ୍ଗ ଗଙ୍ଗା ନୋହିଲା ପ୍ରାପ୍ତି ।
ନଦୋଷ କହିଲା ଦୃଶ୍ୟ ସନ୍ମତ ଉଦ୍ଧାରପୀଡ ରହି ହେବ ଉଷ ମୁରପଦ ହେ ।

ସାର୍ତ୍ତିକ ହୋଇବ କନ୍ୟାର ।

ଘନରସ ଉଦୟର ବହ୍ନିପୁର ବଣ ବୃଷ ହୋଇବାର ଦେଖାପିବ କଡ ହେ ।
ଗୋବନ୍ଦ କୋଇଲେ ଅହା ମୋତେ କେବା ହେବ ଏହା ପାପୀ କେହୁ ହେବ
ମହ୍ମନାହା ।
ଦୃଶ୍ୟ କୋଲେ ହର ଯାହା ନୋହୁବ କଳ ପାପହା ବାଟେ ମୋକ୍ଷ ଲଭ ମାଗ ଲୁହା ହେ ।

ତ୍ରିବର୍ଗ ରହିଲା ଅଭ ଯାହା ।

ଯହିଁ କଳି କାମଦୁହା ଅପୂର୍ବ କି ହେବ ତାହା ଯହିଁ ହର ଉପର ମନ ହେ ।
ହର କୋଇଲେ ହରକ ଘଟେ ଉଳବ ହରକ ସିବ ଦୁଃଖସାଗର ତର କ ।
ଦୃଶ୍ୟ କୋଇଲା ହରକି କାଇ ପୂଜିଲେ ହରକ ପ୍ରାପ୍ତ ହେବ ମୁଖଲହରୀକ ହେ ।

ଭକ୍ତ ରସ୍ତ ନ କର ହରକି ।

କହୁଅଛୁ ଯେଉଁ ହର ବହୁଅଛୁ ଯେଉଁ ହର ଦୁଃଖ ଦେବାର ନୋହିବ ହର ହେ ।
କୋଇଲେ ଗୋବନ୍ଦ ହସ ଅଙ୍ଗୀକାର କାର୍ଯ୍ୟ କେଣ କଲ ଉଷକଣରେ ବଦେଶ ।
ଦେବେନ୍ଦ୍ରେ ତୋଷ ମାନସ ନ କଳତ ଲୋକରଣ ଅଣା ସନେ ଦୁର୍ଯ୍ୟୋଗ ବଢାସ
ଗୋ । ସଞ୍ଚାରକା ।

କଲା ଜୀବ ଯଉଁକେ ନରଣ ।
ବୃନ୍ଦା ବୋଲେ ନାଗରେଣ ଶୁଣିବେ ଧନି ଅବଶ୍ୟ ଭାବେ ହେବେ ନାହିଁ କପୁରୁଷ ହେ ।
ସ୍ୱବଶେ ଗୋବିନ୍ଦ ଅଣା ବଢ଼ାଇ ପାଇ ଲଳିତା ଯୋଷାମାନେ ବଖାଣିଲେ ଜଣା ।
ରସରାଜ ରସାଳସା ଯୁଗଳପାଦାବ୍ଜେ ବସା କଲେ ଅଭ ନାହିଁଟି ଦୁର୍ଦ୍ଦଶା ହେ ।
ସାଧୁଜନେ ।
ଭଣେ ଅଭିମନ୍ୟୁର ମନୀଷା ।
ଧନ୍ୟ ସ୍ୱାଦୁ ଗଙ୍ଗମିଶା କେ କହିବ ପରଶଂସା ଲୋଭ ହେଲା ଦହି ଦବା ଲଣା ନି ।

ଦେବୁଣୀ ଛାନ

ରାଗ—ମାଳଶ୍ରୀ

ମାଧବ ଯେସନ ହେ କହିଁ ଭଷ । କୃଷ୍ଣ ଦୁଃଖ ଦେଖି ବୃନ୍ଦା କରଷ ।
ରାଧା ସନ୍ନିଧିରେ ହେଲା ପ୍ରବେଶ । ସ୍ୱଭାବ ଉତ୍ତରି କଲା ପ୍ରକାଶ ।
ଧନ୍ୟ ଧନ୍ୟ ପ୍ରୀତି କି ନ କରଇ ହେ ମୋହନ ମୋହନ ପାଇଁ ।
ପୁଣି ସହି ରହିବ କେ ବ୍ରହ୍ମାଣ୍ଡେ କାହିଁ ।
ଧୀର ଧରଧର ଧରିଲୁ ଭଇ । ବୁଦ୍ଧିସ୍ତ ଅପାର ଅପାର ବହ ।
କହିଲ ମୁହିଁ ଯେତେ କହଇ । ଦଇବାକୁ ଅନ ନାହାନ୍ତି ବଳୀ ।
ଯୋଗ ତେଜ ଯୋଗ ଭଜିଲେ କରଚେ ଶିବା ଶିବ ପ୍ରୀତିବଶେ ।
ପୁଣି ଗଙ୍ଗା ଦ୍ରବ ସ୍ନେହ ମିଳନ ଅଶେ ।
କହି ମିତ କେହି ତେବ ମିଳନ । ହେବ ଜନ ଦୁଃଖ ହେବ ଦହନ ।
ଥିବାରୁ ଅମ୍ଭେ ଏତେ ପରିଜନ । ହେଲାଇଁ ଅବା କେଉଁ ପ୍ରୟୋଜନ ।
ଶୁଣି ପ୍ରାଣମିତ କଲା ପ୍ରତିଭାଷ ଉପାୟେ କି ଅଛି ହେଲା ।
ପୁଣି ଦଇବଙ୍କୁ ନାହିଁ କେହିତ ବଳା ।
ଭାବ ଭାବ ଭାବବତୀ ଲୀଳରେ । କହି କହୁଥିଲା କେଉଁ ଭୁଲରେ ।
ରସାଳସା-ଦଶା ରସାଭିତରେ । ନାସ୍ତି ସହ ଜଳ ନାହିଁ ଲକ୍ଷରେ ।
ଜୀବ ଶିବ ବନା ନସାନା ଆନନ୍ଦ ଅନ ନ ଅଶଇ ସ୍ୱିଷ ।
ପୁଣି କରତେ ବୋଲଇ ଛାଡ଼ ମୋ ଅଣ ।
ବୃନ୍ଦା ବୋଲେ ଷ୍ଟଲ୍ ପୂଜବା ହର । ପାମର ମାର ଦର ହେବ ଦୂର ।
ଏମନ୍ତ ବଚନ ଯେଉଁ ସମ୍ଭାର । ବନେ ବେଷ୍ଟିଲେ ଘାଇଁ ଗୋପେଶ୍ୱର ।
ଧୀରା ଶିବ ପୂଜାବସ୍ତୁ ପରମିଷ୍ଟି ପୂଜକ ଖୋଜନ୍ତେ ତହିଁ ।
ପୁଣି ବୃନ୍ଦା ବୋଲେ ଦ୍ୱିଜ ଅଣିବ ମୁହିଁ ।
କହି ସଖୀ ବଶାଖିକାଙ୍କୁ ଯେବେ । ଭୂଦେବ ଅଣି ଦେଲେ କାମସେନା ।
କୃଷ୍ଣେ ବଟେ ମଧୁ ମାଧବ ବେଶ । ବେଷ୍ଟି ଏଣ୍ଟିରେ କଲା ଦକ୍ଷିଣା ।
ଶିବ ହେବ ଶିବବେଶ ପୂଜା ଶିବ ଭୂଦେବମୂରତି ଧର ।
ପୁଣି ବୃଷଭାନୁ ଜେମା କଲାକ୍ଷ ହର ।

କଣାଖିକା ଦେଖି ତାହା ସଙ୍ଗରେ । ସ୍ତୁତି ନାଗସ୍ୱର କଲେ ରଙ୍ଗରେ ।
ସରସ୍ୱ ପୂଜିବା ଅନୁରାଗରେ । ଚଣ୍ଡୀ ଶାସ୍ତ୍ର କହାଇବା ଯୋଗରେ ।
ପୂର୍ଣ୍ଣ କାମପୂର୍ତ୍ତି ହୋଇ ହେବ ସିନା ଅନ ଦେବେ କେ କ ଦେବେ ।
    ପୁଣି ପ୍ରତିକ୍ଷଣେ ରସାନନ୍ଦ ଲଭିବେ ॥
ଦୂର୍ଗା ଭାବେ ଶମ୍ଭୁ ଅଙ୍ଗଦେଶରେ । ପୂଜନ କରିବ ପାଣିପଦ୍ମରେ ।
ଚନ୍ଦ୍ରଚୂଡ ପାଠ କରାଇବାରେ । ବର କି ନୋହିବ ଏବା ଶିବରେ ।
ଭଗବାନ୍‌ଙ୍କ ଦରଶନ କରିବାର ସୁକୃତର ସୀମା ନାହିଁ ।
    ପୁଣି ଦକ୍ଷିଣା ପାଇଲେ ଦୁଃଖତ କାହିଁ ॥
କଣାକ୍ଷୀ ବୋଲେ ବ୍ରହ୍ମଯୋଗ କଲେ । କାମଦହନତ ହୋଇବ ବଳେ ।
ତପମ ସାତ୍ତ୍ୱିକ ଦଶା ଅଙ୍ଗ ଛୁଇଲେ । ବରକଢ ଅନ୍ୟାଭିଳାଷେ ଛୁଲେ ।
ଯୋଗୀ ହେଲେ ଭୋଗୀ କୁହନ୍ତି କ ପୁଣି ଲଭି ବନେ ଫଳ ମୂଳ ।
    ପୁଣି ହୁଇ ରସ ଆସ୍ୱାଦନରେ ଭୋଳ ॥
ନିଜ ଉତ୍ତରତ ଏ ଦ୍ୱିଜରାଜ । ଶାସ୍ତ୍ର ଶୁଚ କର କୀର୍ତ୍ତି ସହଜ ।
ନବଗୁଣ ସୂତ୍ରେ ଉଜ୍ଜ୍ୱଳ ହେଜ । ଅମୃତଦାୟକ ହେବଟି ପୂଜ ।
ସତ ବ୍ରହ୍ମପଦ ଲଭତ ଅନ୍ତକ୍ତ ଲବପରତାପ ହର ।
    ପୁଣି କାମ ପୂର୍ତ୍ତିକର କେତେ ମାତର ॥
ଦୀନ ତାପହର କୃପାଳୁବର । ତାର ନାମରେତ ସ୍ନେହ ବିସ୍ତାର ।
କଟୋର ଗିରିଜୃମ୍ଭଣ ବକ୍ଷର । ସତତ ଶ୍ରୀବତ୍ସ ଲକ୍ଷଣଧର ।
ଶୁଣି ପୁଣି ବାଣୀ ଭଣିଲା ମିତଣୀ ହସତ ଭଳକଥିବାରେ ।
    ପୁଣି ସବୁ ଶିରୋଧାର୍ଯ୍ୟ ସିନା ଶ୍ଳୋକରେ ॥
ଏମନ୍ତ ସଂଳାପ ହେବା ବେଳରେ । ଚନ୍ଦ୍ରାବଳୀ ସଖୀ ମିଳିଁ ତହିଁରେ ।
କଣାକ୍ଷୀ ବୋଲଇ ତାଙ୍କୁ ଛଳରେ । ପଡ଼ିଲୁ କି ଗୋ ଅଯି କେତେ ଗୋଳରେ ।
ଏ ପଥ ଯଶୋଦାରାଣୀଙ୍କ ନନ୍ଦନ ହୃଷ୍ଟିଅ ନାଗର-ସ୍ୱାତ ।
    ପୁଣି ଦୁବ ସଙ୍ଗୀ ଭ୍ରମେ ମୋତେ ପୁଚ୍ଛନ୍ତି ॥
ଗଉରୀ ସେବା କରିବା ବନିରେ । ଚନ୍ଦ୍ରାବଳୀଙ୍କ ଅମିନ୍ତନ୍ତ୍ର ସଂଗେ ।
ମୁଁ ଏହା କ[illegible] ଆନା କେମନ୍ତେ । ମନ୍ତ୍ର-ସ୍ନାନଭାଇ ହେବ ସୁଗତେ ।
ହୃଦ କ ଉଙ୍ଗ କେ ଜାଣଇ ମିତ୍ର କ ଦେବ ପରଭବର ।
    ପୁଣି ଏ ଦଣ୍ଡକୁ ବାହ ବନ୍ଦନ କର ॥
ସନ୍ତୋଷିବା ପାଇଁ ଚନ୍ଦ୍ରାବଳୀକି । ଯାଉଥିଲ ମୁହିଁ ହୋଇ ଏକାକୀ ।
ପଥରେ ଭେଟିଲ କାମସେନାକ । ଯାଉଥିଲ ସିନା ମନ୍ତ୍ରପୁଷ୍ପକ ।
ବାଟେ ଏ ଲମ୍ପଟ କପଟସାଠ ଭେଟ ପ୍ରକଟ ଲାଗିଲା ହଠ ।
    ଏବେ ତୁମ୍ଭ ଆଗମନେ ଗଲା ସଂକଟ ॥
କହ ତୁମ୍ଭ ସଖୀକୁଶଳ ସ୍ୱତ । ବାହୁଡ଼ି ବାରତା ଦେବ ତ୍ୱରିତ ।
ସୂର୍ଯ୍ୟପୂଜାକୁ ଆସିବେ ଶ୍ରୀମତୀ । ପଡ଼ିଥିଲା ମୋତେ ମହାବିପତ୍ତି ।

ଶୁଣି ପୁଣି ବ୍ୟାଜ ଜାଣି ସେବ୍ୟା ଭଣି ସେ ସ୍ତବ ଛନ୍ଦାନୁବାଦେ ।
ଶୁଣି ମୁହିଁ ଅସି ପଡ଼ିଥିଲି ପ୍ରମାଦେ ।
ଶୁଣୁଥାଇଁ କୃଷ୍ଣ ନନ୍ଦନନ୍ଦନ । ନ ପୁଣ ବୋଲଇ ମନ୍ଦ ବଚନ ।
ପଠଅଥିଲେ ରାମାରତନ । ଶୁଣି ବୃଷଭାନୁସୁତା ବଦନ ।
ଭଲ ହେଲା ଭେଟ ପାଇଲି ଭ୍ରମର ଶୁଣି ଯିବ ଶୁଭମାନ ।
ପୁଣି ହେବ ଆଜ ଗୋ ଗଉରୀ ଅର୍ଚ୍ଚନ ।
ପରୋକ୍ଷାନୁବାଦ ବରୋଧ ବାଣୀ । ଶଠଶିରୋମଣି ଗୋବନ୍ଦ ଶୁଣି ।
ଶଠତା ବଚନ ବୋଇଲେ ପୁଣି । ଧନଷ୍ଟା କହିଗଲା ଏହିକ୍ଷଣି ।
କଂସଦୂତ ଆସିଛନ୍ତି ଗୋକୁଳକୁ ମୋତେ ଧରନେବା ପାଇଁ ।
ପୁଣି ସ୍ଥାନ ଖୋଜୁଇଁ ମୁଁ ଲୁଚିବା ପାଇଁ ।
ଜନକ ଅଙ୍ଗ ଚନ୍ଦ୍ରସେଣାପୁରରେ । ନୋହିଲେ ଅଥବା ମଞ୍ଜନଗରେ ।
ଗୋପନୀୟ ହେବୁଁ ଯାଇଁ ବେଗରେ । ଏହି ପେଖ ପୁଚ୍ଛୁଁ ଉଦବେଗରେ ।
ଭଲ ହେଲା ଭେଟ ହେଲା ଏକଠାରେ ସନ୍ଦେହ ରହିଲା ନାହିଁ ।
ପୁଣି କାହିଁକି ଯିବ ପାଞ୍ଚ ମୋତେ କହି ।
ସେ କୃଷ୍ଣେ ଶ୍ରବଣେ ବୋଇଲେ ଗିର । ଅମ୍ଭେ କି ଜାଣିବୁଁ ଏତେ ବିସ୍ତର ।
ଚନ୍ଦ୍ରସେନାଦ ମଉଳା ଭ୍ରମର । ଗୋବର୍ଦ୍ଧନମଲ୍ଲ କେଉଁ ସୋଦର ।
ଭଦ୍ରା ଯହିଁକି ତହିଁକି ବଳେ କର କହି ଗଲେ ଏ କଥରେ ।
କୃଷ୍ଣ କମ୍ପିଲେ ତହୁଁ ମହା ଅଭୁତରେ ।
ମଧୁସଙ୍ଗ କର ବ୍ରାହ୍ମଣ ଗଲେ । ଗୋପେଶ୍ୱର ସ୍ଥାନେ ପ୍ରବେଶ ହେଲେ ।
ସେଠାରେ ରାଧା ଦରଶନ ସୁଖେ । ମୁଖର ଆସି ହେଲା ତାଙ୍କ ସମ୍ମୁଖେ ।
ପଚାରଇ ଦ୍ୱିଜ କାହିଁକି ପୂଜିବ ଶିବଙ୍କୁ ଏମନ୍ତ ବଳେ ।
ମଧୁ ମାଧବ ଅସି ସେକ୍ଷଣି ଭେଟିଲେ ।
ବୁଢ଼ୀ ପୁଛେ ମଧୁ ଏ ଦ୍ୱିଜ ବାସ । କେଉଁଠାରେ ଅଛ ବରଣ ବେଶ ।
ସେ ଭାଷିଲେ ଗାର୍ଗ୍ୟ ଋଷିଙ୍କ ଶିଷ୍ୟ । ସୂର୍ଯ୍ୟକୁଣ୍ଡବନେ ସଦା ନିବାସ ।
ବୁଢ଼ୀ ବୋଲେ ଦେଖିଥିଲି ପରାମ୍ଭେଡ ଅଭାସୁଛି ମନେ ମୋର ।
ପୁଣି ଦୁର୍ବଳତ ମୋର ଚକ୍ଷୁ ବିକାର ।
ଅହେ ବାବୁ ମଧୁ ନାତୁଣୀ ମୋର । କି ବ୍ୟାଧି ହୋଇଛି ନୋହେ ଗୋଚର ।
ହର ପୂଜା କର ସେ ହେଉ ଦୂର । ଦକ୍ଷିଣା ପାଇବ ହେଳା ନ କର ।
ମଧୁ କହେ ଶୁଣ ଆପସ୍ମାର ଏହି ଉନ୍ମାଦ କରାଏ ମନ ।
ପୁଣି କର ଘନରସ ଔଷଧ ଦାନ ।
ବୁଢ଼ୀ କହେ ପଛେ ହେବ ସେ ଚିନ୍ତା । ଅବେ କର ଯାଇଁ ପୂଜା ଦେବତା ।
ଶ୍ରବଣେ ପୂଜିଲେ ବ୍ରହ୍ମବନ୍ଦିତା । ପ୍ରସାଦ ପାଇଲେ ବରବନିତା ।
ବୃନ୍ଦା କହେ ମୂର୍ଚ୍ଛା ନତ କର ରାଧା ସ୍ତୁତ କର ଦେବତାଙ୍କୁ ।
ପୁଣି ଅଭିଳକୁ ଲଭିବ ନାହିଁ ଚିନ୍ତାକୁ ।

ଏତେ ସୀଉକାର ପାଇ କଳେଶାଙ୍ଗୀ । କରପଦ୍ମ ଯୋଡ଼ି ସ୍ତୁତି ଉଚ୍ଚାରି ।
ଜୟ ଗୋପେଶ୍ୱର କମଳଧାରି । ସଦା ଅଙ୍ଗୀକାର କର ଗଉରୀ ।
ପୂର୍ଣ୍ଣ କାମ କର କାମ ଦର୍ପ ହର ଶିବ ନାମ ଘଣ ରଞ୍ଜ ।
ପୁଣି ପଶୁପତି ଅଙ୍ଗ ହେଲ ନରେଶ ।
ବନାସ୍ତ୍ର କଷିବି ପ୍ରକାର କର । ଶମା ଅଙ୍ଗୀକାର ଯଶବସ୍ତ୍ରାଗ ।
କାର୍ଯ୍ୟସିଦ୍ଧି ପଦେ କଣ୍ଟକ ଯାର । ମୋ ଦସ୍ତିନୀ ଯୋଗ ହୃଦରମ୍ବର ।
ନମୋ ନମୋ ଯୋଗ ବନ୍ଧ ସିଦ୍ଧି ଦାତା କୃପା ଏତେ ମାତ୍ର କର ।
ପୁଣି ଶରଣରକ୍ଷଣ ବଧୂତ୍ରଣେଶ୍ୱର ।
ଶ୍ରବଣେ ଶବ୍ଦ ବୋଲେ ମହାଦେବ । ଅନୁଗତ ଜନେ ଏ ବର ଦେବ ।
କଣ୍ଟ୍ରାକ୍ଷପାତେ କାମନା ହରବ । ଦଗମ୍ବର ଭାବେ ପ୍ରସନ୍ନ ହେବ ।
ଗୋପେଶ ନାମହିଁ ପ୍ରସିଦ୍ଧି ତୁମ୍ଭର ଗୋପେ ଯିବା ପରମାଣି ।
ପୁଣି କାଳେ କାଳେ ରହୁ ଏ କୀର୍ତ୍ତିଶ୍ରେଣୀ ।
ପୁଣି କହିଲେ କୃଷ୍ଣ ବହ୍ନିମୂର୍ତ୍ତି । ଅସ୍ତୁ ହେଉ ତୁମ୍ଭ ମନବୃତ୍ତି ।
ଶୁଣନେ ଧନୀ ମୁଦ କଲେ ମତି । ବେଗେ ବେଗେ ଜଲେ ପୁରକୁ ଗତି ।
ବୃନ୍ଦା ବରୁଣ ହେଲା ରସବୃଦ୍ଧିଙ୍କ ଅନୁବନ୍ଧେ ବନପଥ ।
ପୁଣି କଷ୍ଟେ କଷ୍ଟେ ଗଲେ କର୍ମ ଅଦର ।
ସ୍ୱମନ୍ଦିରେ ମିତ କଳେଶାଙ୍ଗମଣି । ମିତଣୀମାନଙ୍କୁ ଭଣିଲେ ବାଣୀ ।
ତୁମ୍ଭଠାରୁ ହେଉଅଛୁ ମେଲାଣି । ସଞ୍ଜୁ ସଞ୍ଜୀବନୀପୁର ସାଜେଣି ।
ଜୀଉବା ଜୀବନ ମୋହର ନଦାନ ହର-ହରଣିରେ ଯିବ ।
ପୁଣି ହର ହରଷ ହୋଇଲେ ନ ଯିବ ।
ମିତ କହେ ହୃତ ନାହିଁତ ଆଉ । କେତେ ସହିବ ମାରଣର ଦାଉ ।
ଧୀଗ୍ ଅଧୀଗ୍ ଏତେପର ହେଉ । ବଇର ଏପର ଦୁଃଖ ନ ପାଉ ।
କହିଲେ କି ହେବ ଦଇବ ଘଟନା ଆନ କାହାବଲେ ହେବ ।
ପୁଣି ସନ୍ମୁଖ ଜୀବ ଥିଲେ ଘଟିବ ।
ଚୋଥ ରଥନାଥ ନିତ୍ୟପୂଜନେ । ବଜେ ବସାଇଲେ ଶ୍ରୀ ବୃନ୍ଦାବନେ ।
କୃଷ୍ଣଙ୍କୁ ଲୋଡ଼ିଲେ ଦେବପୂଜନେ । ନ ଥିଲେ ଗଲେ ଗଉରୀ ଅର୍ଚ୍ଚନେ
ଏ ବାରତା ଶୁଣି ରସଲତା ଚନ୍ଦ୍ରା ଚତୁଷ୍ପାଦ କୃଦ୍ଧି ହେଲା ।
ପୁଣି ବଚେତନ ବଉର୍ଜେ ଜଳ ।
ନାଭ ଇଚ୍ଛା କର ବୋଲନ୍ତି ହର । ହେ ନରହର ଦର ପାଅହର ।
ଦୀନବନ୍ଧୁ ନାମ ଯଶ ତୁମ୍ଭର । ଦୀନ ବଧୁଅଛୁ କେମନ୍ତ କର ।
ଅପୂର୍ବ ଏକଥା ମିତ୍ର ଦେଲେ ବ୍ୟଥା କହିବ କାହାକୁ ଆଉ ।
ପୁଣି ଚରଣୀ ବଦାଇ ଉଣା ନ ପାଉ ।
କମଳାନାପ୍ରିୟ ବୋଲଉଅଛୁ । କମଳିନୀ ବଧ କେହି ସହୁଛୁ ।
ଅନନ୍ତପ୍ରିୟ ସବୁଙ୍କେ ହୋଇଛୁ । ଅନନ୍ତପ୍ରିୟ ସଙ୍ଗତେ ବାଞ୍ଛୁଛ ।

ମାରଦଣ୍ଡ ହୋଇ ମାର୍ତ୍ତଣ୍ଡକାର ଦଣ୍ଡକୁ ଲଗାଉଅଛୁ ।
ପୁଣି ବିକର୍ତ୍ତନ ବିକର୍ତ୍ତନ ଦେଖୁଛୁ ।
କହୁ ଏପରି ବିନତି ବଚନ । ବିଜୟ ନିଜପୁରକୁ ବହନ ।
ଚନ୍ଦ୍ରାଗ୍ନିରେ କାମ କରେ ଦହନ । ବେଦନା ନିବେଦନ ପୁନଃପୁନଃ ।
ମିହିରେ ମିହିରେ କହନ୍ତି କାହିଁରେ ଅକଥନ ସେ କଥନ ।
ପୁଣି ବୋଲନ୍ତି ଯା ଯା ରେ ପାପିଜୀବନ ।
ଅବେନୀଙ୍କର ଦଶା ଦେଖି ଅରତେ । ଦୂତୀ ଚଳିଗଲା କୃଷ୍ଣପୁରତେ ।
ବେଢ଼ିଲା କାନନେ ମିତସଙ୍ଗତେ । ଚତୁ କେମନ୍ତ ଲୁଚିବା କମନେ ।
ବାଟ ଭଙ୍ଗି ଯାଉଁ ଲମ୍ପଟଶେଖର ଦ୍ୱାର ପଛୁ ଯାଇ ଧରୁ ।
ପୁଣି ବୋଇଲେ ଗୋବିନ୍ଦ ଦଣ୍ଡିମା କରୁ ।
ଦୂତୀକି କହିଲେ ଯେବେ ମୋହନ । ସେ କଥା ରସିକ-ମନ ମୋହନ ।
ଏ ଛନ୍ଦ ବାଉଣ୍ଡା ଭକ୍ତି ବିଧାନ । ଅଭ୍ର ଛନ୍ଦରେ ଶୁଣିବ ବିଧାନ ।
ଗାନ ଅଭିମନ୍ୟୁ ମନୁ ସଦାହନେ ନ ଯାଉ ସେ ଭାବମାନ ।
ପୁଣି ରାଧା କୃଷ୍ଣ ପଦେ ବିକା ଜୀବନ ।

ଚତୁସ୍ତ୍ରିଂଶ ଛନ୍ଦ

ରାଗ—ଶାରଙ୍ଗ

ଦୂତୀକର ଧରି କହି ବୋଇଲେ କିଶୋରୀ ।
ମିତ୍ର ପୂଜି ଅଭିଷିଲା ଗଲୁ ତ ପାସୋରି । ଦୂତୀ ଗୋ ।
କହିବୁ ବନିକୁ । କ ଦୋଷରେ ଫିଙ୍ଗି ଦେଲା ମଦନସିନ୍ଧୁକୁ ।
କଣି ପୁଣି ଗୁଣମଣି କଲାତ ନିଗଣ ।
ଏ ଭାବ ଭାବନା ସିନା ଦେଉଛୁ ପରାଣ । ଦୂତୀ ଗୋ ।
କହିବୁ ଧନୀକି । ପରିଜନ ଗୀନ ହେଲେ କାହାକୁ ହାନି କି ।
ଉଷାଳସା ଅଣା ଧରି ରହିଛି ମୋ ଜୀବ ।
ଶମ୍ଭାଗୋପୀ ଅନୁକମ୍ପା । ନ ପାଇଲେ ସିବ । ଦୂତୀ ଗୋ ।
କହିବୁ ଗୋପୀକି । ଦାସ ଦୋଷୀ ହେଲେ ଏତେ ସହିକ କରି କି ।
ବାଳକକାଳକୁ କାଳେ ହେଲା ଅନୁଭବ ।
ଲଜ୍ଜା ଇହାରେ ଅଟି ଯାଉଅଛୁ ସବୁ । ଦୂତୀ ଗୋ ।
କହିବୁ ପ୍ରେୟସୀକୁ । କାହିଁପାଇଁ କରିଥିଲା ଲଗାଇଛାଡ଼ିକୁ ।
ମାନବଳେ ଦର୍ପ ବଚନ ଥିଲା ଯେଉଁବାରେ ।
ଏବେ ମୋ ଭାଗ ବୋଲି ଗଲଲତା ଏ ବେଳରେ । ଦୂତୀ ଗୋ ।
କହିବୁ ଧୀରାକୁ । ମହତ ଉତ୍ତର ବଳେ ପାଷାଣ ଗିରାକୁ ।
କୁମାର କୁମାରୀ ଯେବେ ଯୋଉବା ବୟସରେ ।

ବର ମୁହିଁ କନ୍ୟା ସେହି ହୋଇଛୁ ନଅରେ । ଦୂତୀ ଗୋ ।
କହିବୁ ସଖୀକି । ସେ ଦିନର ସନମାନ ମନରେ ନାହିଁକି ।
   ମଧୁଶଯ୍ୟା ହେବ ପରି ପଚାରିଲେ ମୁହିଁ ।
ଅନନ ଲଜ୍ଜାରୁ ନାହିଁ କଲା ଚନ୍ଦ୍ରମୁହିଁ । ଦୂତୀ ଗୋ ।
କହିବୁ ସଙ୍ଗୀକି । ଯାସୋଉପାଉଛି ନାହିଁ ସେ ଦିନରଙ୍ଗୀକି ।
   ବଧୂଲୀସୁମନ ବୋଲେ ଲେଖାଇ ଯାବକ ।
ସେହି ଦିନୁ କରିଅଛୁ ଶ୍ରୀପଦ ସେବକ । ଦୂତୀ ଗୋ ।
କହିବୁ କାଳୀକି । ଛଡ଼ାଇଲେ ଛଡ଼ିବ କି ମୋହର ଅଳକ ।
   ଅଙ୍କାଳୁ ଅବଜ୍ଞା ବଚନେ କରି ନାହିଁ ମୁହିଁ ।
ଅଣି ଦେଉଥାଏ ଯାହା ମାଗେ ଚନ୍ଦ୍ରମୁହିଁ । ଦୂତୀ ଗୋ ।
କହିବୁ ସଖୀକି । ଏଥର ଥରେ ମନରେ ନ କଲା ଦୁଃଖିକି ।
   ପଡ଼ି ଭିଡ଼ି ଯାଉଥିଲା ଥିଲ ଲପନରେ ।
ଲୁଚଯାଇ ବୋଲି ପୋଛୁଦେଲା ବସନରେ । ଦୂତୀ ଗୋ ।
କହିବୁ ରାଧାକୁ । କି କରି ପାସୋରିଦେଲା ଦେବେନ୍ଦ୍ରଣରାଧାକୁ ।
   ଏହି କୃପା ରହିଥିବ ତାଙ୍କ ବଡ଼ବଦନେ ।
ପଚାରନ୍ତେ ଅଶ୍ରୁ ଅନର୍ଥନ କଲା ବଦନେ । ଦୂତୀ ଗୋ ।
କହିବୁନି ତାକୁ । ଏବେତ ଉପାଡ଼ୁଅଛୁ ପୀରତି ଲତାକୁ ।
   ଶ୍ରୀପଦେ ନୂପୁରବଦନେ ଝଙ୍କିବାରେ ମୁହିଁ ।
ନାହିଁ ନାହିଁ କଲା ଅନ ପକାଇ ସୁମୁହିଁ । ଦୂତୀ ଗୋ ।
କହିବୁ ପ୍ରିୟାକୁ । କାଳକାଳି ଉପାଡ଼ି କି ପୀରତି ପୁଥାକୁ ।
   ନୀଳାମ୍ବୁଜ ସେଜ ବିହୁଁଥାଇ ମୋ ଅନନ ।
ପୁଲକ ପୁରୁ କି ଶୋଭା ମାନେ ସଂହନନ । ଦୂତୀ ଗୋ ।
କହିବୁ ଏଣକ । ଏବେ କାହିଁ ଶିକ୍ଷା କଲା କଷ୍ଟୁର ଗୁହକ ।
   କୃପାଳୁ ହୃଦକୁ ଲାଜ ହେଲା ପରବଶ ।
କାହିଁକି ନୋହିବ କଷ୍ଟୁରତା ପରବଶ । ଦୂତୀ ଗୋ ।
କହିବୁନି ଥରେ । ପାଣବନ୍ଧା ପ୍ରାଣ ବସିଅଛୁଇ ପଥରେ ।
   କନ୍ୟାସଞ୍ଚକାଳେ ବଚନେ ଲୁଙ୍କଅସ୍ନନରେ ।
ଗଣାବଣା ଏଣୀ-ଅଣି ରସି ନୟନରେ । ଦୂତୀ ଗୋ ।
କହିବୁ ପୀଡକ । ଏକାବେଳେ ସେ କାଳେ ବନ୍ଧବେଉଛୁ ମଦକ ।
   ମନ ଜାଣିବାକୁ କଟାଉଛି ନଥିବନ ।
ଭ୍ରମରେ ରସାଇ କଣି ନେଉଛୁ ଜୀବନ । ଦୂତୀ ଗୋ ।
ଦେଇ କୁରଳୀକି । ବୋଇଲା ଅଛି କି ରୁମେ କମଳକଳୀକି ।
   ଅଣା ରସି ମାଳୀ ହୋଇ ନ ବିଏ କଳୀକି ।
ବଳାଣିଲେ ହୋଇବାକୁ ଅନ ନେ ଭଳ କି । ଦୂତୀ ଗୋ ।

କହ ଅଳ୍ୟଳୀକ । କୋଇଲ ଯେପିଲା ପ୍ରୀତ କନ୍ଦଳୀ ଦଳିକ ।
ସେ ଭ୍ରସକୁ ଅଣା କରି ରଖିଛୁ ଜୀବନ ।
ସ୍ଵର ପର ପଲ୍ଲବରେ ହୋଇ ଲଭେ ଦୀନ । ଦୂତ ଗୋ ।
କହ ସୁକେଶୀକ । କୃପାଳୁ ତ ପାଳୁ ନାହିଁ କହିଲା ବାଣୀକ ।
ନ ଥିଲି ପଥିକ ହୋଇ ବଦେହପଥରେ ।
